# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୨୨/୨୦୧୯ (୧୬ ପୃଷ୍ଠା) | Bhubaneswar, Monday, July 22/2019 | ★★★★★★

୪୫ଶ ଭାଗ ୨୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଫିଲ୍ମ ନିର୍ମାଣ ପାଇଁ ସଲମାନ୍‌ଙ୍କ ପ୍ରସ୍ତୁତି**

ବଲିଉଡ୍ ଅଭିନେତା ତଥା ପ୍ରଯୋଜକ ସଲମାନ୍ ଖାନ୍ ତାଙ୍କ ଏସ୍‌କେଏଫ୍ ବ୍ୟାନରରେ ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି।

୦୩

୧୫

**ରାହୁଲ ଚହର ନୂଆ ମୁହଁ**

ୱେଷ୍ଟଇଣ୍ଡିଜ ଗସ୍ତ ପାଇଁ ରବିବାର ଘୋଷିତ ଭାରତୀୟ ଟି୨୦ ଦଳରେ ଏକମାତ୍ର ନୂଆମୁହଁ ଭାବେ ସ୍ଥାନ ପାଇଛନ୍ତି ଯୁବ ଲେଗ୍ ସ୍ପିନର ରାହୁଲ ଚହର।








# ନାବାଳିକାଙ୍କୁ ବଳାତ୍କାର

ଅନୁଗୋଳ ଅଫିସ୍, ୨୧।୭

## ଅନୁଗୋଳରେ ଲଜ୍ଜା

- ମୃତ ଭାବି ଅଳିଆଗଦାରେ ଫିଙ୍ଗିଦେଲେ
- ଅବସ୍ଥା ସଙ୍କଟାପନ୍ନ, କଟକ ସ୍ଥାନାନ୍ତର
- ଆହାର କେନ୍ଦ୍ର ପଛପାର୍ଶ୍ୱରୁ ନମୁନା ସଂଗ୍ରହ
- ଘଟଣାସ୍ଥଳରେ ଏସ୍‌ପି, ଡିଆଇଜିଙ୍କ ତଦନ୍ତ
- ପୋଲିସ ହାତରେ ସୁରାକ, ୫ ଅଟକ



ଅନୁଗୋଳରେ ଲଜ୍ଜା। ପରିବାର ସହ ଶୋଇଥିବା ଜଣେ ୮ ବର୍ଷୀୟା ନାବାଳିକାଙ୍କୁ ଉଠାଇ ନେଇ ଦୁର୍ବୃତ୍ତ କରିଛନ୍ତି ବଳାତ୍କାର। ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ ଆହାର କେନ୍ଦ୍ର ପଛପାଖରେ ଘଟିଛି ଏପରି ସ୍ୱର୍ଶକାତର ଘଟଣା। ରବିବାର ସକାଳୁ ବସଷ୍ଟାଣ୍ଡ ନିକଟ ଅଳିଆ ଗଦାରୁ ସଂଜ୍ଞାହୀନ ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏପରି ସଙ୍ଗିନ ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବାବେଳେ ପୋଲିସ ନିଜଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁଇଦିନ ତଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ମୃତ ନାବାଳିକାଙ୍କ ଆଖି ଗାଏବ ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ସହରରେ ଏହି ବଳାତ୍କାର ଘଟଣା ଆଲୋଡ଼ନ ସୃଷ୍ଟି କରିଛି।

ଘଟଣାରୁ ଜଣାପଡିଛି, ମହାରାଷ୍ଟ୍ର ନାଗପୁର ଅଞ୍ଚଳର ଏକ ଶ୍ରମିକ ପରିବାର ଅନୁଗୋଳରେ କାମ କରିବା ସହ ବାଳସୁଧାର ଗୃହ ନିକଟରେ ରହୁଥିଲେ। ଶନିବାର ରାତିରେ ବର୍ଷା ହେବାରୁ ଘରକୁ ଯାଇ ନ ପାରି ବସ୍‌ଷ୍ଟାଣ୍ଡ ନିକଟରେ ଫାଣ୍ଡିଠାରୁ ୪ ଶହ ମିଟର ଦୂରରେ ଏକ ଦୋକାନ ବାରଣ୍ଡାରେ ଆଶ୍ରୟ ନେଇଥିଲେ। ନାବାଳିକା ଜଣକ ମଧ୍ୟ ପରିବାର ସହ ସେଠାରେ ଶୋଇଥିଲେ। ରାତି ପ୍ରାୟ ୨ଟା ବେଳେ କେହି ଦୁର୍ବୃତ୍ତ ତାଙ୍କୁ ବସ୍‌ଷ୍ଟାଣ୍ଡରେ ଥିବା ଆହାର କେନ୍ଦ୍ର ନିକଟକୁ ଉଠାଇ ନେଇ ବଳାତ୍କାର ପରେ ହତ୍ୟା ଉଦ୍ୟମ କରିଥିଲେ। ନାବାଳିକା ଜଣକ ସଂଜ୍ଞାହୀନ ହୋଇଯିବାରୁ ତାଙ୍କୁ ମୃତ ଭାବି ସେଠାରେ ଥିବା ଏକ ଅଳିଆ ଗଦାରେ ଫିଙ୍ଗି ଦେଇଥିଲେ। ସକାଳେ ଖୋଜାଖୋଜି ପରେ ପରିବାର ଲୋକ ଅଳିଆଗଦାରୁ ନାବାଳିକାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସିଡିଏମ୍‌ଓ ପ୍ରତାପ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ, ଶଲ୍ୟ ଚିକିତ୍ସକ ଏବଂ ଜଣେ ନିଶ୍ଚେତକ ବିଶେଷଜ୍ଞଙ୍କୁ ନେଇ ଏକ ଟିମ୍ ତାଙ୍କର ଚିକିତ୍ସା ଆରମ୍ଭ କରିଥିଲେ। ପୀଡିତାଙ୍କୁ ୨ ଘଣ୍ଟା ଅବଜରଭେଶନରେ ରଖାଯାଇଥିଲେ ମଧ୍ୟ ଅବସ୍ଥାରେ ସୁଧାର ଆସି ନ ଥିଲା। ଅପରାହ୍ନରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଘଟଣାସ୍ଥଳରେ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଏସ୍‌ଡିପିଓ ଅଶ୍ୱିନୀ ସାହୁ, ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ପହଞ୍ଚି ତଦନ୍ତ କରିଛନ୍ତି। ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରୁ ସିମେନ୍, ରକ୍ତ ଛିଟା ସହ ତଦନ୍ତ ପାଇଁ ଆବଶ୍ୟକ ନମୁନା ସଂଗ୍ରହ କରିଛନ୍ତି। ଉତ୍ତରକେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ପରସ୍ଥିତି ଅନୁଧ୍ୟାନ କରିବା ସହ ଜିଲା ମେଡିକାଲକୁ ଯାଇ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏ ସଂକ୍ରାନ୍ତରେ ଡିଆଇଜି କୁହନ୍ତି, ଘଟଣା ଅତି ସମ୍ବେଦନଶୀଳ। ଏସ୍‌ପି ନିଜେ ତଦନ୍ତର ମନିଟରିଂ କରୁଛନ୍ତି। ଘଟଣାସ୍ଥଳରୁ ଅପରାଧୀଙ୍କ ସୁରାକ ମିଳିଛି। ସନ୍ଦେହରେ ୫ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚାଲିଛି। ଖୁବ୍ ଶୀଘ୍ର ମୁଖ୍ୟ ଅଭିଯୁକ୍ତ ଧରାପଡିବେ ବୋଲି ସେ କହିଛନ୍ତି। ଶେଷ ଖବର ସୁଦ୍ଧା ରାତି ପ୍ରାୟ ସାଢେ ୧୧ଟାରେ ପୋଲିସ ଅମଲାପଡାରୁ ଜଣଙ୍କୁ ତାଙ୍କ ଘରୁ ଥାନାକୁ ଉଠାଇନେଇଥିଲା। ସେ ହିଁ ମୁଖ୍ୟ ଅଭିଯୁକ୍ତ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିବା ସତ୍ତ୍ୱେ ଏ ନେଇ ପୋଲିସ କୌଣସି ତଥ୍ୟ ଦେବାକୁ ମନା କରିଛି। ପ୍ରାଥମିକ ପର୍ଯ୍ୟାୟରେ ପୋଲିସ ନିଜ ପକ୍ଷରୁ ନଂ. ୫୫୨/୧୯ରେ ଏକ ମାମଲା ରୁଜୁ କରିଥିଲା। ପରେ ନାବାଳିକାଙ୍କ ମାଈଁ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ଦିଆଯାଇଛି।

# ସବୁଠି ମରୁଡ଼ି ଆଶଙ୍କା

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

- ଫାଟିଲା ବିଲ, ଶୁଖିଲା ତଳି
- ବର୍ଷା ଅଭାବରୁ ଆଗେଇପାରୁନି ଚାଷ
- ମୁଣ୍ଡରେ ହାତ ଦେଲେଣି ଚାଷୀ

ଆରମ୍ଭ ହେଲାଣି ଶ୍ରାବଣ। କିନ୍ତୁ ବର୍ଷାର ଦେଖାନାହିଁ। ରାଜ୍ୟର ଯେଉଁ କିଛି ଅଞ୍ଚଳରେ କାଁ ଭାଁ ବର୍ଷା ହେଉଛି, ତାହାକୁ ବି ଖରାତାତି ଶୋଷି ନେଉଛି। ଏବେ ତାପମାତ୍ରା ଅଧିକ ରହୁଥିବାରୁ ଅଧିକାଂଶ ଜିଲାରେ ଖରାଦିନ ଭଳି ଅନୁଭବ ହେଉଛି। ବର୍ଷା ଅଭାବରୁ ଚାଷ କାମ ଆଗେଇପାରୁ ନ ଥିବାବେଳେ ଚାଷୀର ଚିନ୍ତା ବଢ଼ିଯାଇଛି। ଯଦି ଆଉକିଛି ଦିନ ଭିତରେ ଆବଶ୍ୟକ ବର୍ଷା ନ ହୁଏ ତେବେ ଏଥର ସବୁ ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି।

ଏଥର ବିଳମ୍ବରେ ମୌସୁମୀ ଓଡ଼ିଶା ଛୁଇଁଥିଲା। ଆଶା କରାଯାଉଥିଲା ଭଲ ବର୍ଷା ହେବ। ହେଲେ ହଠାତ୍ ବର୍ଷା ଉଭାନ ହୋଇଯିବାରୁ ରାଜ୍ୟସାରା ଚାଷକାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି। ଧାନ ବିଲ ଏବେ ପଡ଼ିଆ ହୋଇ ପଡ଼ିଛି। ଅଧିକାଂଶ ଜିଲାରେ ବିଲ ଫାଟି ଆଁ କରିଛି। ଏହି ସମୟରେ ଚାଷୀ ବିଲରେ ଧାନ ରୁଆ କାମ ଆରମ୍ଭ କରିବା କଥା। କିନ୍ତୁ ଚଳିତ ବର୍ଷ ତଳିପକା ଆରମ୍ଭ ହୋଇପାରିନାହିଁ। ବର୍ଷା ଭରସାରେ ଚାଷୀ ପକାଇଥିବା ଧାନ ତଳି ଏବେ ଶୁଖିବାକୁ ବସିଲାଣି। ରାଜ୍ୟର ଅନେକ ସ୍ଥାନରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ବିଲରେ କେବେ ପାଣି ହେବ ଓ ଚାଷ କାମ ଆରମ୍ଭ ହେବ, ସେହି ସମୟକୁ ଚାହିଁ ବସିଛନ୍ତି ଚାଷୀକୁଳ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ରବିବାର କୋରାପୁଟରେ ୧୫ ମିଲିମିଟର ଓ ଫୁଲବାଣୀରେ ୬ ମିମି ବର୍ଷା ହୋଇଛି। ସୋମବାର ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ନୟାଗଡ଼ ଓ ଖୋର୍ଦ୍ଧା ଆଦି ୧୧ ଜିଲାରେ ଝଡ଼ ତୋଫାନ ଓ ବଜ୍ରପାତର ଆଶଙ୍କା ରହିଥିବାରୁ ସତର୍କ କରାଯାଇଛି। ତେବେ ୨୪ ତାରିଖରେ କୋରାପୁଟ, ଗଜପତି, ରାୟଗଡ଼ା, ନବରଙ୍ଗପୁର ଓ ସୁନ୍ଦରଗଡ଼ ଏବଂ ୨୫ ତାରିଖରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଆଦି ଜିଲାରେ ବର୍ଷା ହେବ ବୋଲି କେନ୍ଦ୍ର ପୂର୍ବାନୁମାନ କରିଛି।



କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ମିକ୍ସଡ ଡବଲ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତର ଅର୍ଚ୍ଚନା କାମାଥ ଓ ଜି. ସଥ୍ୟନ୍। (ରିପୋର୍ଟ: ଖେଳ ପୃଷ୍ଠାରେ)

## ଆଜିର ସମ୍ପାଦକୀୟ

**ଗୁରୁତ୍ୱ କେଉଁଠି**

## ଆଜିର ମନ୍ତବ୍ୟ

“ ୨୦୧୯ ସାଧାରଣ ନିର୍ବାଚନ ଇତିହାସ ନୁହେଁ, ବରଂ ଏକ ରହସ୍ୟ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## କିଛି ତଥ୍ୟ

ଚଳିତ ମାସ ବର୍ତ୍ତମାନ ସୁଦ୍ଧା ଦେଶର ପୁଞ୍ଜି ବଜାରରୁ ବିଦେଶୀ ନିବେଶକମାନେ ୭,୭୧୨ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି।

**–ଷ୍ଟକ ବଜାର ଡିପୋଜିଟୋରୀ ତଥ୍ୟ**


ଅନିଶ୍ଚିତତା ମଧ୍ୟରେ ତାଳଚେର–ଡୁବୁରୀ–ଚଣ୍ଡିଖୋଲ ୪ ଲେନ ନିର୍ମାଣ କାର୍ଯ୍ୟ

**ଲୁଟ୍ ସମ୍ପତ୍ତିର ମିଳୁନାହିଁ ପତ୍ତା** ........୭........

ବିଧାୟକ ପାଣ୍ଠିରୁ ଖର୍ଚ୍ଚ ହୋଇଛି ମାତ୍ର ୬୫ ପ୍ରତିଶତ

**ଖର୍ଚ୍ଚ ହୋଇପାରୁନି ବିଜୁ କେବିକେ ଅର୍ଥ** ........୩........

**ବିଦ୍ୟୁତ୍ ଆଘାତରେ ୩ ମୃତ** ........୭........


### ମୁଖ୍ୟମନ୍ତ୍ରୀ ବଦଳାଇବା ପ୍ରସ୍ତାବକୁ ବିଦ୍ରୋହୀଙ୍କ ପ୍ରତ୍ୟାଖ୍ୟାନ

# ମେଣ୍ଟର ଶେଷ ଉଦ୍ୟମ ବିଫଳ

ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୨୧।୭

## କର୍ଣ୍ଣାଟକ ସଙ୍କଟ

- ଆଜି କୁମାରସ୍ୱାମୀ ସରକାରଙ୍କ ଭାଗ୍ୟପରୀକ୍ଷା
- ଜିଦ୍‌ରେ ଅଟଳ ୧୫ ବିଦ୍ରୋହୀ ବିଧାୟକ
- ତୁରନ୍ତ ଆସ୍ଥାଭୋଟ କରାଇବା ପାଇଁ ସୁପ୍ରିମକୋର୍ଟ ଗଲେ ୨ ସ୍ୱାଧୀନ ବିଧାୟକ
- ସୋମବାର ମେଣ୍ଟ ସରକାରଙ୍କ ଶେଷ ଦିନ: ୟେଦ୍ଦୁରପ୍ପା



ଏଚ୍.ଡି. କୁମାରସ୍ୱାମୀ

କର୍ଣ୍ଣାଟକ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ବିଧାନସଭାରେ ସୋମବାର ଆସ୍ଥାଭୋଟ ହେବାକୁ ଥିବାବେଳେ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)–କଂଗ୍ରେସ ମେଣ୍ଟ ସରକାର ବଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ଶେଷ ଉଦ୍ୟମ ବିଫଳ ହୋଇଛି। କୁମାରସ୍ୱାମୀ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ପାଇଁ ପ୍ରସ୍ତୁତ। ତେଣୁ କଂଗ୍ରେସର ୩ ଜଣ ନେତାଙ୍କ ମଧ୍ୟରୁ ଜଣକୁ ମୁଖ୍ୟମନ୍ତ୍ରୀ ଭାବେ ବାଛିବା ପାଇଁ ଶାସକ ମେଣ୍ଟ ପକ୍ଷରୁ ୧୫ ବିଦ୍ରୋହୀ ବିଧାୟକଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଏହାସହ ଆସ୍ଥାଭୋଟରେ ସାମିଲ ହୋଇ ସରକାର ସପକ୍ଷରେ ଭୋଟ ଦେବାକୁ ଅନୁରୋଧ କରାଯାଇଥିଲା। ହେଲେ ଇସ୍ତଫା ପ୍ରତ୍ୟାହାର କରିବା କିମ୍ବା ପଛଘୁଞ୍ଚା ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ବିଦ୍ରୋହୀ ବିଧାୟକମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଫଳରେ ୧୪ ମାସିଆ ସରକାରର ପତନ ପରେ ଭାଜପା ନେତା ବି.ଏସ୍. ୟେଦ୍ଦୁରପ୍ପାଙ୍କ ପୁନର୍ବାର ମୁଖ୍ୟମନ୍ତ୍ରୀ ହେବା ପଥ ଏକପ୍ରକାର ପରିଷ୍କାର ହୋଇଯାଇଛି।

୨୦୧୮ ମେ’ରେ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱରେ ଜେଡିଏସ୍–କଂଗ୍ରେସ ମେଣ୍ଟ ସରକାର ଗଠନ ହେବା ପରଠୁ ସବୁକିଛି ଠିକ୍‌ରେ ଚାଲୁନାହିଁ। ନିକଟରେ ମେଣ୍ଟର ୧୫ ଅସନ୍ତୁଷ୍ଟ ବିଧାୟକ ଇସ୍ତଫା ଦେଇଥିଲେ। ଏହାସହ ୨ ସ୍ୱାଧୀନ ବିଧାୟକ ଆର୍. ଶଙ୍କର ଏବଂ ଏଚ୍. ନାଗେଶ ସରକାରରୁ ସମର୍ଥନ ପ୍ରତ୍ୟାହାର କରି ଭାଜପା ଆଡ଼କୁ ଢ଼ଳିଥିଲେ। ଫଳରେ କର୍ଣ୍ଣାଟକରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି। ରାଜ୍ୟପାଳ ଭଜୁଭାଇ ଭାଲା ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ପାଇଁ କୁମାରସ୍ୱାମୀଙ୍କୁ ଗୁରୁବାର ନିର୍ଦ୍ଦେଶ ଦେଇଥିଲେ। ହେଲେ ହଟ୍ଟଗୋଳ ଓ ଅଚଳାବସ୍ଥାର ଆଳ ଦେଖାଇ ବାଚସ୍ପତି କେ.ଆର. ରମେଶ କୁମାର ସୋମବାର ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ସୋମବାର ଆସ୍ଥାଭୋଟ ହେବାକୁ ଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ବିଦ୍ରୋହୀ ବିଧାୟକମାନଙ୍କୁ ଫେରାଇ ଆଣିବା ପାଇଁ ଶାସକ ମେଣ୍ଟ ପକ୍ଷରୁ ଜୋର୍‌ଦାର ଉଦ୍ୟମ ହୋଇଥିଲା। ମୁମ୍ବାଇର ଏକ ହୋଟେଲରେ ଥିବା ୧୫ ବିଧାୟକ ବିଧାନସଭାକୁ ଫେରିଆସନ୍ତୁ। ସେମାନଙ୍କ ସବୁ ସମସ୍ୟା ସମାଧାନ କରିବାକୁ ପ୍ରସ୍ତୁତ ବୋଲି କୁମାରସ୍ୱାମୀ ଟୁଇଟର୍‌ରେ ଆବେଗପୂର୍ଣ୍ଣ ଅନୁରୋଧ କରିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର ଏବଂ ଜଳସମ୍ପଦ ମନ୍ତ୍ରୀ ଡି.କେ. ଶିବକୁମାରଙ୍କ ମଧ୍ୟରୁ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରିବା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା। ହେଲେ ବିଦ୍ରୋହୀ ବିଧାୟକମାନେ ଏହାକୁ ପ୍ରତ୍ୟାଖ୍ୟାନ କରିବା ସହ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ☞ପୃଷ୍ଠା–୪

# ୪ ଜଣଙ୍କୁ ପିଟି ହତ୍ୟା

ଗୁମ୍‌ଲା, ୨୧।୭(ପି.ଟି.)

## ଗୁଣି ଗାରେଡ଼ି ସନ୍ଦେହ

ଦେଶରେ ଭିଡ଼ହିଂସା ଘଟଣା ଦିନକୁ ଦିନ ବଢ଼ିଚାଲିଛି। ଦୁଇ ଦିନ ତଳେ ବିହାରର ସରନ୍ ଜିଲାରେ ଗୋରୁ ଚୋରି ଅଭିଯୋଗରେ ୩ ଜଣଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେଇଥିବାବେଳେ ଶନିବାର ମଧ୍ୟପ୍ରଦେଶରେ ମୟୂର ଚୋରି ଅଭିଯୋଗରେ ଜଣକୁ ଲୋକେ ବାଡେଇ ମାରିଦେଇଥିଲେ। ପୁଣି ଏକ ଘଟଣାରେ ଶନିବାର ରାତିରେ ଝାଡ଼ଖଣ୍ଡର ଗୁମ୍‌ଲା ଜିଲାରେ ଗୁଣିଗାରେଡ଼ି ସନ୍ଦେହରେ ୨ ମହିଳାଙ୍କ ସମେତ ୪ ଜଣ ବରିଷ୍ଠ ବ୍ୟକ୍ତିଙ୍କୁ ପିଟିପିଟି ମାରିଦିଆଯାଇଛି। ନଗର ସିସ୍କାରି ଗ୍ରାମରେ ଏହି ଘଟଣା ଘଟିଛି। ମୁଖା ପିନ୍ଧିଥିବା କିଛି ଲୋକ ଉପରୋକ୍ତ ୪ ଜଣଙ୍କୁ ଘରୁ ଘୋଷାଡ଼ି ନେଇ ଠେଙ୍ଗାରେ ପିଟି ମାରିଦେଇଥିବା ଏସ୍‌ପି ଅଞ୍ଜନୀ କୁମାର ଝା କହିଛନ୍ତି।

ମୃତକମାନେ ହେଲେ ସୁନା ଓରାଓଁ (୬୫), ଚମ୍ପା ଓରାଓଁ (୭୯), ଫାଗ୍‌ନି ଓରାଇନ୍(୬୦) ଓ ପିରୋ ଓରାଇନ୍(୭୪)। ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି। ପୋଲିସ କହିବା ଅନୁଯାୟୀ ୧୦–୧୨ ଜଣ ଲୋକ ଶନିବାର ବିଳମ୍ବିତ ରାତିରେ ଗୋଟିଏ ପରିବାର ଉପରେ ଆକ୍ରମଣ କରିଥିଲେ। ଗାଁରେ କେତେକ ଅଶୁଭ ଘଟଣା ଘଟିଚାଲିଥିବାବେଳେ ଏଥିପାଇଁ ଗ୍ରାମବାସୀ ଉକ୍ତ ପରିବାରକୁ ଦୋଷ ଦେଇଆସୁଥିଲେ। ରାତି ୩ଟାରେ ଗାଁରେ ପଞ୍ଚାୟତ ବସି ଗୁଣିଗାରେଡ଼ି କରୁଥିବା ଉପରୋକ୍ତ ୪ ଜଣଙ୍କୁ ଦଣ୍ଡଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗାଁରେ ବରିଷ୍ଠ ପୋଲିସ ଅଧିକାରୀମାନେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଥିବାବେଳେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତେବେ ରବିବାର ଅପରାହ୍ନ ସୁଦ୍ଧା କାହାକୁ ଗିରଫ କରାଯାଇ ନାହିଁ। ଝାଡ଼ଖଣ୍ଡରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଗୁଣିଗାରେଡ଼ିରେ ୧୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଭିଡ଼ହିଂସା ଘଟଣା ବଢ଼ିଚାଲିଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏହାକୁ ରୋକିବା ଲାଗି ଆଇନ ପ୍ରଣୟନ ନିମନ୍ତେ ସରକାର ପାର୍ଲାମେଣ୍ଟର ଚଳିତ ଅଧିବେଶନରେ ବିଲ୍ ଆଣିବେ ବୋଲି ଜଣାପଡିଛି।





NECC NATIONAL EGG CO-ORDINATION COMMITTEE | 21.07.2019 | Venkys CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 60 | 106 | 116 |
| BLS | 60 | 106 | 116 |
| ANG | 59 | 105 | 115 |
| BHM | 60 | 106 | 116 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୨ ଜୁଲାଇ ,୨୦୧୯



"ସଶସ୍ତ୍ର ବଳ ଉପରେ ଦେଶବାସୀଙ୍କ ଆସ୍ଥା ବଢ଼ିଛି। ଆମ ଯବାନମାନଙ୍କ ଗର୍ବ ଓ ସମ୍ମାନହାନି ନ ହେବା ପାଇଁ ସବୁ ପ୍ରକାର ଉଦ୍ୟମ କରିବୁ।"
-ରାଜନାଥ ସିଂ,
ପ୍ରତିରକ୍ଷାମନ୍ତ୍ରୀ



## ସଂକ୍ଷେପରେ

### ରାମଚନ୍ଦ୍ର ପାଶ୍ୱାନଙ୍କ ପରଲୋକ



ନୂଆଦିଲ୍ଲୀ,୨୧।୭(ପି.ଟି.): ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ର ବିହାର ସମସ୍ତିପୁର ଏମ୍‌ପି ରାମଚନ୍ଦ୍ର ପାଶ୍ୱାନଙ୍କର ରବିବାର ଅପରାହ୍ନରେ ପରଲୋକ ଘଟିଛି। ତାଙ୍କୁ ୫୭ ବର୍ଷ ହୋଇଥିଲା। ସେ ହେଉଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ଏଲ୍‌ଜେପି ଅଧକ୍ଷ ରାମବିଳାସ ପାଶ୍ୱାନଙ୍କ ସାନଭାଇ। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ନୂଆଦିଲ୍ଲୀର ରାମମନୋହର ଲୋହିଆ ହସ୍ପିଟାଲରେ ଅପରାହ୍ନ ୧ଟା ୨୪ ମିନିଟରେ ରାମଚନ୍ଦ୍ର ଶେଷନିଃଶ୍ୱାସ ତ୍ୟାଗ କରିଥିବା ତାଙ୍କ ପୁତୁରା ତଥା ଏଲ୍‌ଜେପି ନେତା ଚିରାଗ ପାଶ୍ୱାନ କହିଛନ୍ତି। ମରଶରୀର ତାଙ୍କ ବାସଭବନ ଏବଂ ଏଲଜେପି କାର୍ଯ୍ୟାଳୟରେ ଶେଷଦର୍ଶନ ପାଇଁ ରଖାଯିବ। ସୋମବାର ପାଟନାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ରାମଚନ୍ଦ୍ର ୪ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ।

### ମାଙ୍ଗେ ରାମ୍ ଗର୍ଗଙ୍କ ଦେହାନ୍ତ



ନୂଆଦିଲ୍ଲୀ,୨୧।୭(ପି.ଟି.): ଦିଲ୍ଲୀ ଭାଜପାର ପୂର୍ବତନ ସଭାପତି ମାଙ୍ଗେ ରାମ ଗର୍ଗଙ୍କର ରବିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିବା ଗର୍ଗଙ୍କର ଉତ୍ତର ଦିଲ୍ଲୀର ପଶ୍ଚିମ ବିହାରରେ ଥିବା ଆକ୍ସନ ବାଲାଜୀ ହସ୍ପିଟାଲରେ ଦେହାନ୍ତ ହୋଇଛି। ତାଙ୍କର ଶେଷ ଦର୍ଶନ ପାଇଁ ମରଶରୀରକୁ ଅଶୋକ ନଗରସ୍ଥିତ ତାଙ୍କ ବାସଭବନ ଓ ପନ୍ତ ମାର୍ଗରେ ଥିବା ଭାଜପା କାର୍ଯ୍ୟାଳୟକୁ ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବରିଷ୍ଠ ଭାଜପା ନେତାମାନେ ଗର୍ଗଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି। ଦିଲ୍ଲୀ ସହ ଘନିଷ୍ଠ ଭାବରେ ଜଡ଼ିତ ଗର୍ଗ ନିଃସ୍ୱାର୍ଥପର ଭାବେ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିଲେ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି।

### ତସ୍‌ଲିମାଙ୍କ ରହଣି ଅବଧି ବୃଦ୍ଧି



ନୂଆଦିଲ୍ଲୀ,୨୧।୭(ପି.ଟି.): ବିବାଦୀୟ ବାଂଲାଦେଶୀ ଲେଖିକା ତସ୍‌ଲିମା ନାସରିନ୍‌ଙ୍କ ଭାରତ ରହଣି ଅବଧି ବର୍ଷେ ବୃଦ୍ଧି କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତସ୍‌ଲିମା ସୁଇଡେନ୍‌ର ନାଗରିକତ୍ୱ ଗ୍ରହଣ କରିଛନ୍ତି। ସେ ୨୦୦୪ରେ ଭାରତରେ ରହି କ୍ରମାଗତ ନିଜର ରହଣି ଅବଧି ବୃଦ୍ଧି କରାଇ ଆସୁଛନ୍ତି। ତାଙ୍କର ଭାରତ ରହଣି ଅବଧି ୨୦୨୦ ଜୁଲାଇ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ଇତିହାସର ଆଇନାରେ

### ଜୁଲାଇ ୨୨ର ପ୍ରମୁଖ ଘଟଣା

୧୯୯୭ ଜୁଲାଇ ୨୨ରେ ମିଶିଗାନ୍‌ର ପୋର୍ଟ ହ୍ୟୁରନ୍ ଏବଂ ଅଣ୍ଟାରିଓର ସାର୍ନିଆ ମଧ୍ୟରେ ଦ୍ୱିତୀୟ ବ୍ଲୁ ୱାଟର ବ୍ରିଜ୍ ଖୋଲିଥିଲା। ସେଣ୍ଟ କ୍ଲେୟାର ନଦୀରେ ନିର୍ମିତ ଏହି ବ୍ରିଜ୍ ଆମେରିକାର ପୋର୍ଟ ହ୍ୟୁରନ୍ ଏବଂ କାନାଡାର ସାର୍ନିଆକୁ ସଂଯୋଗ କରୁଛି।

୨୦୧୩ ଜୁଲାଇ ୨୨ରେ ଚାଇନାର ଡିଙ୍ଗସିରେ ଭୂମିକମ୍ପରେ ୮୯ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୫୦୦ରୁ ଅଧିକ ଆହତ ହୋଇଥିଲେ। ଏହାର ତୀବ୍ରତା ୬.୬ ଥିଲା ଏବଂ ଏହାର କେନ୍ଦ୍ରସ୍ଥଳ ଭୂପୃଷ୍ଠଠାରୁ ୨୦କିଲୋମିଟର ଗଭୀରତାରେ ରହିଥିଲା।

■ ପଶ୍ଚିମବଙ୍ଗରେ କର୍ନାଟକ ଘୋଡ଼ାବେପାର ସୂତ୍ରର ପ୍ରୟୋଗ କରୁଛି ଭାଜପା

# ପ୍ରଲୋଭନ ନଚେତ୍ ଜେଲ ଭୟ

କୋଲକାତା,୨୧।୭(ପି.ଟି.)



**ଶହୀଦ ଦିବସରେ ବର୍ଷିଲେ ମମତା**

- ■ଟିଏମ୍‌ସି ବିଧାୟକଙ୍କୁ ୨ କୋଟି ଟଙ୍କା ଓ ପେଟ୍ରୋଲ ପମ୍ପ୍‌ର ପ୍ରଲୋଭନ ଦେଖାଯାଉଛି
- ■ଭାଜପାରେ ନ ମିଶିଲେ ମିଥ୍ୟା ଚିଟ୍‌ଫଣ୍ଡ ମାମଲାରେ ଜେଲ୍ ପଠାଇବାର ଭୟ ଦେଖାଉଛନ୍ତି କେନ୍ଦ୍ରୀୟ ସଂସ୍ଥା
- ■ଭାଜପାର ହଡ଼ପ କଳାଧନ ଫେରସ୍ତ ଦାବିରେ ୨୬ରେ ରାଜ୍ୟବ୍ୟାପୀ ବିକ୍ଷୋଭ

ଭାଜପା କର୍ନାଟକ ସୂତ୍ର ପ୍ରୟୋଗ କରି ପଶ୍ଚିମବଙ୍ଗରେ ମଧ୍ୟ ସମାନ ଶୈଳୀରେ ଘୋଡ଼ାବେପାର ଉଦ୍ୟମ ଚଳାଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକମାନଙ୍କୁ ଅର୍ଥ ଓ ଅନ୍ୟ ପ୍ରଲୋଭନ ଦେଖାଇ କିଣିବାକୁ ଉଦ୍ୟମ ଚଳାଇଛି। ଯେଉଁ ବିଧାୟକମାନେ ଭାଜପାରେ ଯୋଗଦେବାକୁ ମଙ୍ଗୁନାହାନ୍ତି, ସେମାନଙ୍କୁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଜରିଆରେ ବ୍ଲାକ୍‌ମେଲିଂ କରାଯାଉଛି। ଟିଏମ୍‌ସି ନେତା ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ଫସାଇ ଜେଲ୍‌ରେ ପୂରାଇବାକୁ ଧମକ ଦିଆଯାଉଛି ବୋଲି ରବିବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଛନ୍ତି।

କୋଲକାତାରେ ଶହୀଦ ଦିବସ ପାଳନ ଅବସରରେ ଟିଏମ୍‌ସି ସୁପ୍ରିମୋ ମମତା ଭାଜପା ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, କ୍ଷମତା ଅକ୍ତିଆର ପାଇଁ ଗୈରିକ ଦଳ ସବୁଠି ଘୋଡ଼ାବେପାର କରୁଛି। କର୍ନାଟକର ଘୋଡ଼ାବେପାର ମଡେଲ ପଶ୍ଚିମବଙ୍ଗରେ ମଧ୍ୟ ଆପଣେଇଛି। କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଟିଏମ୍‌ସି ନେତାମାନଙ୍କୁ ସମନ କରୁଛନ୍ତି। ଭାଜପାରେ ମିଶ, ନଚେତ ଜେଲ୍ ଯାଅ ବୋଲି ତଦନ୍ତକାରୀ ଅଧିକାରୀମାନେ ଭୟ ଦେଖାଉଛନ୍ତି। ଭାଜପା ପକ୍ଷରୁ ଟିଏମ୍‌ସି ବିଧାୟକମାନଙ୍କୁ ଜଣପିଛା ୨ କୋଟି ଟଙ୍କା ଓ ଗୋଟିଏ ଲେଖାଏ ପେଟ୍ରୋଲ ପମ୍ପ୍‌ର ପ୍ରଲୋଭନ ଦେଖାଯାଉଛି। ଗ୍ରାମସଭା ସ୍ତରରେ ୨୦ ଲକ୍ଷ ଟଙ୍କାର ଲୋଭ ଦେଖାଯାଉଛି। କର୍ନାଟକ ଭଳି ସବୁଠି ଘୋଡ଼ାବେପାର କରି କ୍ଷମତା ହାସଲର ଉଦ୍ୟମ ଚାଲିଛି। ଭାଜପା ସବୁକିଛି କିଣିପାରିବ ବୋଲି ମନେକରୁଛି। ଗରିବଙ୍କୁ ଉଜ୍ଜ୍ୱଳା ଯୋଜନାରେ ମାଗଣାରେ ଏଲ୍‌ପିଜି ସଂଯୋଗ ଦେବାବେଳେ ଭାଜପା ନେତାମାନେ ବିପୁଳ କମିଶନ ଖାଇଛନ୍ତି। ଭାଜପା ଯେତିକି କଳାଧନ ହଡ଼ପ କରିଛି ତାହା ଫେରସ୍ତ କରିବା ଦାବିରେ ଟିଏମ୍‌ସି ପକ୍ଷରୁ ଆସନ୍ତା ୨୬ ତାରିଖରୁ ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ମମତା ଚେତାବନୀ ଦେଇଛନ୍ତି। ତେବେ ଘଣ୍ଟାଏ ଧରି ଦେଇଥିବା ଭାଷଣରେ ମମତା କୌଣସି ଭାଜପା ନେତାଙ୍କ ନାମ ଧରି ନ ଥିଲେ। ଭାଜପା ଇଭିଏମ୍ ଜାଲିଆତି କରି ୨୦୧୯ ସାଧାରଣ ନିର୍ବାଚନ ଜିତିଛି। ଏହି ନିର୍ବାଚନ ଇତିହାସ ନୁହେଁ, ବରଂ ଏକ ରହସ୍ୟ। ନିର୍ବାଚନ କମିଶନ (ଇସି) ଇଭିଏମ୍ ବଦଳରେ ବାଲଟ୍ ପେପର ଜରିଆରେ ନିର୍ବାଚନ କରାନ୍ତୁ। କେନ୍ଦ୍ରରେ ଭାଜପା ସରକାର ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ତିଷ୍ଠିପାରିବ ନାହିଁ। ସୁରୁଖୁରୁରେ ପାର୍ଲାମେଣ୍ଟ ଚାଲିବା କ୍ଷମତାସୀନ ଦଳର ନୁହେଁ, ବରଂ ବିରୋଧୀ ଦଳଗୁଡ଼ିକର ଶ୍ରେୟ। ଲୋକ ସଭାର ୪୨ ଆସନରୁ ମାତ୍ର ୧୮ଟି ଦଖଲ କରି ଭାଜପା ଏପରି ବ୍ୟବହାର କରୁଛି ଯେମିତିକି ଏହି ଦଳ ସମଗ୍ର ପଶ୍ଚିମବଙ୍ଗକୁ ଜିତିଯାଇଛି। ସିପିଆଇଏମ୍ ଏବଂ କଂଗ୍ରେସର ପ୍ରତ୍ୟାଖ୍ୟାତ ନେତା ଓ ଗୁଣ୍ଡାଙ୍କୁ ନେଇ ଚଳୁଥିବା ଭାଜପା ଏକ ପରଜୀବୀ ବୋଲି ମମତା କଡ଼ା ସମାଲୋଚନା କରିଛନ୍ତି। ପ୍ରକାଶ ଯେ, ୧୯୯୩ ଜୁଲାଇ ୨୧ରେ ବାମ ସାମ୍ମୁଖ୍ୟ ସରକାର ବିରୋଧରେ ବିକ୍ଷୋଭ କରୁଥିବାବେଳେ ପୋଲିସ ଗୁଳିରେ ଯୁବକଂଗ୍ରେସର ୧୩ କର୍ମୀ ପ୍ରାଣ ହରାଇଥିଲେ। ମମତା ସେତେବେଳେ ଯୁବକଂଗ୍ରେସ ନେତା ଥିବାରୁ ଟିଏମ୍‌ସି ପକ୍ଷରୁ ପ୍ରତିବର୍ଷ ଏହି ଦିନକୁ ଶହୀଦ ଦିବସ ଭାବେ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଲୋକେ ଯେପରି ଯୋଗଦେଇ ନ ପାରିବେ ସେଥିଲାଗି ରେଲୱେ ପକ୍ଷରୁ ଅନେକ ଟ୍ରେନ୍‌ର ଚଳାଚଳକୁ ବାତିଲ କରିଦିଆଯାଇଛି ବୋଲି ମମତା ସମାଲୋଚନା କରିଛନ୍ତି। ଲୋକ ସଭା ନିର୍ବାଚନ ପରେ ଏହା ହେଉଛି ମମତାଙ୍କ ପ୍ରଥମ ବଡ଼ଧରଣର ରାଲି।



ହଂକଂରେ ସରକାର ବିରୋଧୀ ବିକ୍ଷୋଭ ସପ୍ତମ ସପ୍ତାହରେ ପହଞ୍ଚିଛି। ରବିବାର ବିକ୍ଷୋଭକାରୀମାନେ ପାର୍ଲାମେଣ୍ଟ ଅଭିମୁଖେ ଶୋଭାଯାତ୍ରା କରୁଛନ୍ତି।

## ହଂକଂରେ ସରକାର ବିରୋଧୀ ବିଶାଳ ର୍‌ୟାଲି

ହଂକଂ,୨୧।୭(ଏଏଫ୍‌ପି)

ହଂକଂରେ ସରକାର ବିରୋଧୀ ଆନ୍ଦୋଳନ ଥମିବା ନାଁ ଧରୁନାହିଁ। ରବିବାର ହଜାର ହଜାର ଲୋକ ସରକାର ବିରୋଧୀ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରିଥିଲେ। ଚାଇନା ଶାସନ ବିରୋଧରେ ବର୍ଷ ବର୍ଷ ଧରି ରହିଥିବା ପୁଞ୍ଜୀଭୂତ ଅସନ୍ତୋଷକୁ ସେମାନେ ପ୍ରକାଶ କରିଛନ୍ତି। ଦୀର୍ଘଦିନ ଧରି ଏହି ଅର୍ଥନୈତିକ କେନ୍ଦ୍ରରେ ଆନ୍ଦୋଳନ ଓ ଉତ୍ତେଜନା ଲାଗି ରହିଛି। ବିଭିନ୍ନ ସମୟରେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହିଂସାତ୍ମକ ରୂପ ନେଉଛି। ଏଭଳି ସଙ୍କଟ ନିକଟ ଅତୀତରେ କେବେ ଦେଖାଦେଇ ନ ଥିଲା। ମୁଖ୍ୟ ଭୂଖଣ୍ଡ ଚାଇନାକୁ ପ୍ରତ୍ୟର୍ପଣ ବିଲ୍‌କୁ ନେଇ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଫଳରେ ସରକାର ଉକ୍ତ ବିଲ୍‌କୁ ସ୍ଥଗିତ ରଖିଛନ୍ତି। ଏହା ସତ୍ତ୍ୱେ ଆନ୍ଦୋଳନ ଅଧିକ ତୀବ୍ର ହୋଇଛି। ଗଣତାନ୍ତ୍ରିକ ସଂସ୍କାର, ସାର୍ବଜନୀନ ମତାଧିକାର ଏବଂ ଅର୍ଦ୍ଧସ୍ୱୟଂଶାସିତ ଅଞ୍ଚଳରେ ହ୍ରାସ ପାଉଥିବା ସ୍ୱାଧୀନତାକୁ ରୋକିବା ଆଦି ଦାବି ନେଇ ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଆହୁରି ଜୋରଦାର କରିଛନ୍ତି। ଆନ୍ଦୋଳନକାରୀମାନେ ପାର୍ଲାମେଣ୍ଟ ଅଭିମୁଖେ ଅଗ୍ରସର ହେବାରୁ ପୋଲିସକୁ ଲୁହବୁହା ଗ୍ୟାସ୍ ଓ ରବର ବୁଲେଟ ମାଡ଼ କରିବାକୁ ପଡିଥିଲା। ୧୯୯୭ରେ ହଂକଂ ଚାଇନା ପରିଚାଳନାକୁ ଆସିବା ପରଠାରୁ ବେଜିଂ କର୍ତ୍ତୃପକ୍ଷ କେବେ ଏଭଳି ଗୁରୁତର ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ନ ଥିଲେ।



କେରଳର ତ୍ରିଶୂରରେ ମାଲୟାଲମ୍ ମାସ 'କର୍କିଡ଼କମ୍' ଆରମ୍ଭ ହୋଇଛି। ଏହି ଅବସରରେ ବାଡ଼କ୍କୁନାଥନ୍ ମନ୍ଦିରରେ ଶ୍ରଦ୍ଧାଳୁମାନେ ହାତୀଙ୍କୁ ଖୁଆଉଛନ୍ତି।

## ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ: ୯ ନିହତ

ପେଶାୱର,୨୧।୭(ପି.ଟି.)

ଉତ୍ତରପଶ୍ଚିମ ପାକିସ୍ତାନରେ ରବିବାର ଆତଙ୍କବାଦୀ ଆକ୍ରମଣରେ ୬ ପୋଲିସ କର୍ମଚାରୀଙ୍କ ସମେତ ୯ ନିହତ ଓ ୪୦ ଜଣ ଆହତ ହୋଇଛନ୍ତି। ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ଆତଙ୍କବାଦୀମାନେ ଖାଇବର ପାଖତୁନ୍‌ଖ୍ୱାର ଡେରା ଇସ୍‌ମାଇଲ ଖାନ ଜିଲାର ଏକ ଚେକ୍‌ପୋଷ୍ଟ ଉପରକୁ ଗୁଳି ଚଳାଇବା ପରେ ଏକ ହସ୍ପିଟାଲରେ ଜଣେ ବୁର୍ଖା ପରିହିତା ମହିଳା ଆତ୍ମଘାତୀ ବିସ୍ଫୋରଣ ଘଟାଇଥିଲେ। ଦୁଇଟି ବାଇକ୍‌ରେ ୪ ଅଜଣା ବ୍ୟକ୍ତି ଆସି କୋଟ୍‌ଲା ସୟଦାନ୍ ଚେକ୍‌ପୋଷ୍ଟରେ ୨ ପୋଲିସଙ୍କୁ ଗୁଳି ଚଳାଇଥିଲେ। ପୋଲିସଙ୍କ ମୃତଦେହ ଜିଲା ହସ୍ପିଟାଲକୁ ନିଆଯାଇଥିବାବେଳେ ପୂର୍ବରୁ ପ୍ରସ୍ତୁତ ରହିଥିବା ମହିଳା ଜଣକ ନିଜକୁ ବିସ୍ଫୋରଣରେ ଉଡାଇଦେଇଥିଲେ।

## ସୋନଭଦ୍ର ମୃତକଙ୍କ ପରିବାରକୁ ଭେଟିଲେ ଯୋଗୀ

ନୂଆଦିଲ୍ଲୀ,୨୧।୭



ଉତ୍ତରପ୍ରଦେଶର ସୋନଭଦ୍ର ଗଣହତ୍ୟା ଘଟଣାକୁ ନେଇ ରାଜନୀତି ଜୋର ଧରିଥିଲାବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରବିବାର ସେଠାକୁ ଯାଇ ମୃତକମାନଙ୍କ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି। ଏକ ଜମି ବିବାଦକୁ କେନ୍ଦ୍ର କରି ବୁଧବାର ସୋନଭଦ୍ରରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଗାଁ ମୁଖିଆ ଓ ତାଙ୍କ ସମର୍ଥକମାନଙ୍କ ଗୁଳିରେ ଆଦିବାସୀ ସମ୍ପ୍ରଦାୟର ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୪ ଜଣ ଆହତ ହୋଇଥିଲେ। ଏହି ଗଣହତ୍ୟା ଘଟଣାକୁ ରାଜନୈତିକ ରୂପ ଦିଆଯାଉଥିବାରୁ ଏଥିପାଇଁ ମୁଖ୍ୟମନ୍ତ୍ରୀ କଂଗ୍ରେସ, ସମାଜବାଦୀ ପାର୍ଟି ଓ ବିଏସ୍‌ପିକୁ ସମାଲୋଚନା କରିଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇ ଦିଆଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଏବେ ଏହି ରାଶିକୁ ୧୮.୫ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସରକାର ସମସ୍ତ ସହାୟତା ଯୋଗାଇ ଦେବେ ବୋଲି ଯୋଗୀ କହିଛନ୍ତି। ତାଙ୍କ ସହିତ ପୋଲିସ ମହାନିର୍ଦ୍ଦେଶକ ଓ.ପି. ସିଂ ଯାଇଥିଲେ। ମୁଖ୍ୟମନ୍ତ୍ରୀ ପୂର୍ବରୁ ଘଟଣାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ୨୯ ଜଣଙ୍କୁ ଗିରଫ କରାଯାଇଛି।

## ଡି. ରାଜା ସିପିଆଇ ସାଧାରଣ ସମ୍ପାଦକ

ନୂଆଦିଲ୍ଲୀ,୨୧।୭(ପି.ଟି.): ରାଜ୍ୟ ସଭା ସଦସ୍ୟ ଡି. ରାଜାଙ୍କୁ ରବିବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଛି। ପଶ୍ଚାତ୍‌ଗାମୀ ଶକ୍ତି ବିରୋଧରେ ଦଳର ଲଢ଼େଇ ଜାରି ରହିବ ବୋଲି ନୂଆ ସାଧାରଣ ସମ୍ପାଦକ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫାସିବାଦୀ ଶାସନରେ ଦେଶ ସଙ୍କଟଜନକ ସମୟ ଦେଇ ଗତିକରୁଛି। ଲୋକ ସଭା ନିର୍ବାଚନରେ ବାମଦଳ ଆସନ ହରାଇଛି ଏବଂ ପାର୍ଲାମେଣ୍ଟରେ ଏହାର ସଦସ୍ୟ ସଂଖ୍ୟା ହ୍ରାସ ପାଇଛି। ଏହାର ଅର୍ଥ ଦଳର ନୀତିଗତ ଏବଂ ରାଜନୈତିକ ପ୍ରଭାବ ସଙ୍କୁଚିତ ହୋଇଯାଇଛି ଭାବିବା ଠିକ୍ ନୁହେଁ ବୋଲି ରାଜା କହିଛନ୍ତି।



ବିଦାୟୀ ସାଧାରଣ ସମ୍ପାଦକ ଏସ୍. ସୁଧାକର ରେଡ୍ଡୀ (ଡାହାଣ)ଙ୍କ ସହ ଡି.ରାଜା।

ନିର୍ବାଚନରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଦଳର ନେତୃତ୍ୱରେ ପରିବର୍ତ୍ତନ କରାଯାଇଛି। ସ୍ୱାସ୍ଥ୍ୟଗତ କାରଣରୁ ଏସ୍. ସୁଧାକର ରେଡ୍ଡୀ ସାଧାରଣ ସମ୍ପାଦକ ପଦ ଛାଡିଥିଲେ। ସିପିଆଇ ଜାତୀୟ ପରିଷଦର ତିନିଦିନିଆ ବୈଠକରେ ରାଜାଙ୍କୁ ସୁଧାକରଙ୍କ ଉତ୍ତରାଧିକାରୀ ଚୟନ କରାଯାଇଛି।

## ଉପଭୋକ୍ତାଙ୍କୁ ୧୨୮ କୋଟିର ବିଦ୍ୟୁତ୍ ବିଲ୍

ନୂଆଦିଲ୍ଲୀ,୨୧।୭: ଉତ୍ତରପ୍ରଦେଶର ହାପୁରରେ ରହୁଥିବା ଜଣେ ସାଧାରଣ ଉପଭୋକ୍ତାଙ୍କ ପାଖକୁ ୧୨୮ କୋଟି ୪୫ ଲକ୍ଷ ୯୫ ହଜାର ୪୪୪ ଟଙ୍କାର ବିଦ୍ୟୁତ ବିଲ୍ ଆସିବା ପରେ ତାଙ୍କ ହୋସ୍ ଉଡ଼ିଯାଇଛି। ସେ ବିଲ୍ ପୈଠ କରି ନ ଥିବାରୁ ବିଦ୍ୟୁତ ବିଭାଗ ପକ୍ଷରୁ ତାଙ୍କ ଘରକୁ ସଂଯୋଗ କାଟି ଦିଆଯାଇଛି। ସ୍ତ୍ରୀଙ୍କ ସହ ରହୁଥିବା ଶମିମ୍ ତ୍ରୁଟି ସଂଶୋଧନ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ତାହା ଶୁଣୁନାହିଁ। ବିଲ୍ ପୈଠ ନ କଲେ ବିଦ୍ୟୁତ ସଂଯୋଗ ଦିଆଯିବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ୩ ମାସରେ ଜନ୍ମ ହୋଇନାହାନ୍ତି ଝିଅ

ଡେରାଡୁନ୍,୨୧।୭



ଉତ୍ତରାଖଣ୍ଡର ୧୩୨ ଗାଁ

ଉତ୍ତରାଖଣ୍ଡ ଉତ୍ତରକାଶୀ ଜିଲାର ୧୩୨ ଗାଁରେ ୩ମାସ ମଧ୍ୟରେ ଆଦୌ ଝିଅ ଜନ୍ମ ହୋଇନାହାନ୍ତି। ଏହି ସମୟ ମଧ୍ୟରେ ଜନ୍ମିତ ସମସ୍ତ ୨୧୬ ଶିଶୁ ପୁଅ। କେନ୍ଦ୍ର ସରକାର 'ବେଟି ବଚାଓ ବେଟି ପଢ଼ାଓ' ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ଗତ ୩ ମାସ ମଧ୍ୟରେ ଏହିସବୁ ଅଞ୍ଚଳରେ କନ୍ୟା ଶିଶୁ ଜନ୍ମ ନ ହେବା ଜିଲା ପ୍ରଶାସନ ପାଇଁ ସମସ୍ୟା ସୃଷ୍ଟି କରିଛି। ଏହି ଯୋଜନା ଏଠାରେ ଆଦୌ କାର୍ଯ୍ୟକାରୀ ହେଉ ନ ଥିବା ସୂଚନା ମିଳୁଛି। ଏ ସମ୍ପର୍କରେ ଜିଲାପାଳ ଡ. ଆଶିଷ ଚୌହାନଙ୍କ କହିବା କଥା ହେଲା, ଯେଉଁସବୁ ଅଞ୍ଚଳରେ ଆଦୌ ଝିଅ ଜନ୍ମ ହୋଇନାହାନ୍ତି କିମ୍ବା ଝିଅ ଜନ୍ମ ସଂଖ୍ୟା ଖୁବ୍ କମ୍ ସେ ସବୁ ଅଞ୍ଚଳକୁ ଚିହ୍ନଟ କରାଯାଉଛି। ଏହା ପଛରେ କାରଣ ତର୍ଜମା କରାଯିବା ସହ ବିସ୍ତୃତ ସର୍ବେକ୍ଷଣ କରାଯିବ ବୋଲି ସେ କହିଛନ୍ତି। ସେହିସବୁ ଅଞ୍ଚଳରେ ଆଶାକର୍ମୀମାନେ କନ୍ୟାସନ୍ତାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଲିଙ୍ଗ ଅସମାନତା ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରି ଦାଖଲ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସାମାଜିକ କର୍ମୀ କଳ୍ପନା ଠାକୁର କହିଛନ୍ତି, ଶିଶୁକନ୍ୟା ଆଦୌ ଜନ୍ମ ନ ହେବା ପଛରେ ଭ୍ରୂଣହତ୍ୟା ମୁଖ୍ୟ କାରଣ। ସରକାର ଏବଂ ପ୍ରଶାସନ ଏ ଦିଗରେ କିଛି କରୁନାହାନ୍ତି। ସେହିପରି ବରିଷ୍ଠ ଖବରଦାତା ଶିବ ସିଂ ଥନଭାଲ୍ କହିଛନ୍ତି, ଭ୍ରୂଣହତ୍ୟା ଯୋଗୁ କେବଳ ପୁଅ ଜନ୍ମ ହେଉଛନ୍ତି। ଏହି କୁପ୍ରଥାର ମୂଳପୋଛ ପାଇଁ ପ୍ରଶାସନ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ ।

■ ଚାକିରି ନାଁରେ ଠକେଇ

## ୟୁଏଇରେ ଫସିଛନ୍ତି ୯ ଭାରତୀୟ

ଦୁବାଇ,୨୧।୭(ପି.ଟି.)

ସୋସିଆଲ୍ ମିଡିଆରେ ଜାଲ୍ ନିଯୁକ୍ତି ଅଫର ପାଇ ୯ ଭାରତୀୟ ୟୁଏଇରେ ଫସିଛନ୍ତି। ଏମାନେ କେରଳରୁ ଯାଇ ଅଲ୍ ଆଇନ୍ ଓ ଅଜମାନ୍‌ରେ ଅଟକି ରହିଛନ୍ତି। ସେମାନେ ହ୍ୱାଟ୍ସଆପ୍ ଜରିଆରେ ଶାଫିକ୍ ନାମକ ଜଣେ ଏଜେଣ୍ଟ ସଂସ୍ପର୍ଶରେ ଆସିଥିଲେ। ସେମାନେ ଭ୍ରମଣ ଭିଜା ପାଇଁ ତାଙ୍କୁ ୭୦ ହଜାର ଟଙ୍କା ଦେଇଥିଲେ। ଜାଲ୍ ବିଜ୍ଞାପନ ଦ୍ୱାରା ଭାରତୀୟମାନଙ୍କୁ ୟୁଏଇରେ ନିଯୁକ୍ତି ଦେବାର ପ୍ରଲୋଭନ ଦେଖାଯାଉଥିବାରୁ ଏଥିପ୍ରତି ସତର୍କ ରହିବାକୁ ଦୁବାଇରେ ଥିବା ଭାରତର କନ୍‌ସୁଲେଟ୍ ଜେନେରାଲ ପରାମର୍ଶ ଦେବା ପରେ ଏହି ଘଟଣା ପଦାକୁ ଆସିଛି। କେରଳ ମାଲାପୁରମ୍ ଜିଲାର ଫଜିଲ୍ ନାମକ ଯୁବକ କହିଛନ୍ତି, ସେ ହ୍ୱାଟ୍ସଆପ୍‌ରେ ନିଯୁକ୍ତି ଅଫର ପାଇଥିଲେ। ୧୫ ଦିନ ମଧ୍ୟରେ ତାଙ୍କୁ ନିଯୁକ୍ତି ମିଳିବ ବୋଲି ଉକ୍ତ ବାର୍ତ୍ତାରେ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାକୁ ସେ ସତ ଭାବି ଫସିଗଲେ। ତାଙ୍କୁ ଅଲ୍ ଆଇନ୍‌ର ସୁପରମାର୍କେଟରେ ନିଯୁକ୍ତି ମିଳିଥିବା ଜଣେ ଏଜେଣ୍ଟ କହିବା ସହ ମାସକୁ ୨୨,୪୯୬ ଟଙ୍କା ବେତନ, ମାଗଣା ରହିବା ଓ ଖାଇବା ସୁବିଧା ମିଳିବ ବୋଲି ଜଣାଇଥିଲେ। ଫଜିଲ ୟୁଏଇ ଆସିବା ଲାଗି ତାଙ୍କ ମାଆଙ୍କ ସୁନା ଗହଣା ବନ୍ଧକ ରଖି ଟଙ୍କା ଯୋଗାଡ କରିଥିଲେ। ଏବେ ତାଙ୍କ ପାଖରେ ଚାକିରି ନାହିଁ କିମ୍ବା ଘରକୁ ଫେରିବା ଲାଗି ଟଙ୍କା ନାହିଁ ବୋଲି ସେ କହିଛନ୍ତି।

# ପଞ୍ଚଭୂତରେ ଲୀନ ଶୀଳା

ନୂଆଦିଲ୍ଲୀ,୨୧।୭(ପି.ଟି.)



- ■ଅଶ୍ରୁଳ ବିଦାୟ ଜଣାଇଲା ଦିଲ୍ଲୀ
- ■ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକପ୍ରିୟ କଂଗ୍ରେସ ନେତ୍ରୀ ଶୀଳା ଦୀକ୍ଷିତଙ୍କ ମରଶରୀର ପଞ୍ଚଭୂତରେ ଲୀନ ହୋଇଛି। ରବିବାର ପ୍ରବଳ ବର୍ଷା ଓ ପବନ ସତ୍ତ୍ୱେ ତାଙ୍କର ସହକର୍ମୀ, କଂଗ୍ରେସ ନେତା, ପ୍ରଶଂସକ ବହୁସଂଖ୍ୟାରେ ପହଞ୍ଚି ସେମାନଙ୍କ ପ୍ରିୟ ନେତ୍ରୀଙ୍କୁ ଅଶ୍ରୁଳ ବିଦାୟ ଜଣାଇଥିଲେ। ନିଗମବୋଧ ଘାଟରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଏହି ବର୍ଷୀୟାନ ନେତ୍ରୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶନିବାର ହୃଦ୍‌ଘାତରେ ଶୀଳାଙ୍କର ପରଲୋକ ହୋଇଥିଲା।

ତାଙ୍କ ଶେଷକୃତ୍ୟରେ ସାମିଲ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଥିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉପମୁଖ୍ୟମନ୍ତ୍ରୀ ମନିଷ୍ ସିସୋଦିଆ, ଗୃହମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ, ଉପା ଅଧକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରମୁଖ। ଭାଜପାର ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀ ଏବଂ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଶୀଳାଙ୍କ ବାସଭବନକୁ ଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୀଳା ତାଙ୍କର ଜଣେ ବନ୍ଧୁ ଓ ବଡ଼ ଭଉଣୀ ବୋଲି କହିଛନ୍ତି ସୋନିଆ। ତାଙ୍କ ପରଲୋକ କଂଗ୍ରେସ ପାଇଁ ବଡ଼ କ୍ଷତି ବୋଲି ସେ କହିଛନ୍ତି।

ଶୀଳାଙ୍କ ମରଶରୀର ତାଙ୍କ ବାସଭବନରୁ କଂଗ୍ରେସ ମୁଖ୍ୟାଳୟକୁ ନିଆଯାଇଥିଲା। ସେଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥ ପ୍ରମୁଖ ଶେଷ ସମ୍ମାନ ଜଣାଇଥିଲେ। ପରେ ମରଶରୀରକୁ ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟକୁ ନିଆଯାଇଥିଲା। ମହିଳା ମୁଖ୍ୟମନ୍ତ୍ରୀ ଭାବେ ସର୍ବାଧିକ ସମୟ କ୍ଷମତାରେ ରହିଥିବା ଶୀଳା ଦୀକ୍ଷିତଙ୍କ ନେତୃତ୍ୱରେ କଂଗ୍ରେସ କ୍ରମାଗତ ୧୯୯୮, ୨୦୦୩ ଓ ୨୦୦୮ ନିର୍ବାଚନରେ କ୍ଷମତାକୁ ଆସିଥିଲା। ତାଙ୍କ ଶାସନ କାଳରେ ଦିଲ୍ଲୀର ଉଲ୍ଲେଖନୀୟ ବିକାଶ ହୋଇଥିଲା।



ଭାରତରେ ଜର୍ମାନ ରାଷ୍ଟ୍ରଦୂତ ଥିବା ୱାଲ୍ଟର ଲିଣ୍ଡନର ନାଗପୁରସ୍ଥିତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟାଳୟକୁ ଯାଇ ଏହାର ମୁଖ୍ୟ ମୋହନ ଭାଗବତଙ୍କୁ ଭେଟିବା ଘଟଣା ବିବାଦ ସୃଷ୍ଟି କରିଛି। ଆର୍‌ଏସ୍‌ଏସ୍ ଭାରତରେ ଏକ ଗଣଆନ୍ଦୋଳନ ବୋଲି ଲିଣ୍ଡନର୍ କହିଥିଲେ। ସମାଲୋଚିତ ହେବା ପରେ ସେ ନିଜେ କିଛି ଶିଖିବା ପାଇଁ ଆର୍‌ଏସ୍‌ଏସ୍ ମୁଖ୍ୟ କାର୍ଯ୍ୟାଳୟକୁ ଯାଇଥିଲେ ବୋଲି କହିଛନ୍ତି।




## ୩ ମାସରେ ୫୦୨ ଝିଅ ନିଖୋଜ

■ ଭୁବନେଶ୍ୱର, କଟକ ସ୍ଥିତି ଉଦ୍‌ବେଗଜନକ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ରାଜ୍ୟରେ ବଢୁଛି ନିଖୋଜ ଝିଅଙ୍କ ସଂଖ୍ୟା। ଚଳିତ ବର୍ଷ ଜାନୁୟାରୀରୁ ମାର୍ଚ୍ଚ ମାସ ମଧ୍ୟରେ ୫୦୨ଜଣ ଝିଅ ନିଖୋଜ ହୋଇଛନ୍ତି। ସେଥିମଧ୍ୟରୁ ୭୯ ଜଣଙ୍କ ସନ୍ଧାନ ମିଳିଛି। ଏନେଇ ମଧ୍ୟ ୪୫୫ଟି ମାମଲା ରୁଜୁ ହୋଇଛି। ସେହିଭଳି ୧୦୦ ଜଣ ପୁଅ ମଧ୍ୟ ନିଖୋଜ ହୋଇଥିବାବେଳେ ୩୧ ଜଣଙ୍କ ସନ୍ଧାନ ମିଳିଛି। ଏ ସଂକ୍ରାନ୍ତରେ ୯୫ଟି ମାମଲା ରୁଜୁ ହୋଇଛି। ବିଧାନସଭାରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟଙ୍କ ଲିଖିତ ପ୍ରଶ୍ନର ଉତ୍ତର ଦେଇ ଏହି ସୂଚନା ଦେଇଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ। ସେହିଭଳି ୨୦୧୮ରେ ରାଜ୍ୟରେ ୧୮୭୫ ଜଣ ଝିଅ ନିଖୋଜ ହୋଇଥିବାବେଳେ ୮୫୪ ଜଣଙ୍କ ସନ୍ଧାନ ମିଳିଛି ଓ ଏ ସଂକ୍ରାନ୍ତରେ ୧୭୨୦ଟି ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷରେ ୪୫୯ଜଣ ପୁଅ ନିଖୋଜ ହୋଇଥିବାବେଳେ ସେଥିମଧ୍ୟରୁ ୨୮୫ ଜଣଙ୍କ ସନ୍ଧାନ ମିଳିଛି। ଏନେଇ ମଧ୍ୟ ୩୯୬ଟି ମାମଲା ରୁଜୁ ହୋଇଛି। ତେବେ ଭୁବନେଶ୍ୱର ଓ କଟକର ସ୍ଥିତି ଉଦ୍‌ବେଗଜନକ ରହିଛି। ଉକ୍ତ ବର୍ଷ ଏଠାରେ ୧୩୯ ଜଣ ଝିଅ ନିଖୋଜ ହୋଇଥିବାବେଳେ ୬୮ ଜଣଙ୍କ ସନ୍ଧାନ ମିଳିଛି ଓ ୧୩୦ଟି ମାମଲା ରୁଜୁ ହୋଇଛି। ୪୦ଜଣ ପୁଅ ନିଖୋଜ ହୋଇଥିବାବେଳେ ୨୬ଜଣଙ୍କ ସନ୍ଧାନ ମିଳିଛି। ଏ ସଂକ୍ରାନ୍ତରେ ୩୫ଟି ମାମଲା ରୁଜୁ କରାଯାଇଛି। କଟକରେ ୧୨୯ଜଣ ଝିଅ ନିଖୋଜ ହୋଇଥିବାବେଳେ ୬୨ଜଣଙ୍କ ସନ୍ଧାନ ମିଳିଛି। ଏନେଇ ମଧ୍ୟ ୧୨୬ଟି ମାମଲା ରୁଜୁ କରାଯାଇଛି। ସେହିପରି ୪୩ଜଣ ପୁଅ ନିଖୋଜ ଥିବାବେଳେ ୨୭ଜଣଙ୍କ ସନ୍ଧାନ ମିଳିଛି ଓ ବିଭିନ୍ନ ଥାନାରେ ୪୧ ମାମଲା ରୁଜୁ କରାଯାଇଥିବା ମନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି।

# ଖର୍ଚ୍ଚ ହୋଇପାରୁନାହିଁ ବିଜୁ କେବିକେ ଅର୍ଥ

■ ବିଧାୟକ ପାଣ୍ଠିରୁ ଖର୍ଚ୍ଚ ହୋଇଛି ମାତ୍ର ୬୫ ପ୍ରତିଶତ

ଭୁବନେଶ୍ୱର,୨୧।୭(ବ୍ୟୁରୋ)

ରାଜ୍ୟର ପଛୁଆ ଜିଲାଗୁଡ଼ିକର ବିକାଶ ପାଇଁ ଅନେକ ଯୋଜନା ହୋଇଛି। ଏଥିପାଇଁ ପ୍ରତି ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ଅନୁଦାନ ବ୍ୟବସ୍ଥା ମଧ୍ୟ ରହୁଛି। ହେଲେ ଆଶ୍ଚର୍ଯ୍ୟର ବିଷୟ, କୌଣସି ବର୍ଷରେ ଅନୁଦାନ ଅର୍ଥ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇପାରୁନାହିଁ। ଅବିଭକ୍ତ କୋରାପୁଟ, ବଲାଙ୍ଗୀର, କଳାହାଣ୍ଡିର ଉନ୍ନତି ପାଇଁ କରାଯାଇଥିବା ବିଜୁ କେବିକେ ଯୋଜନା ଅର୍ଥ ଶତପ୍ରତିଶତ ଖର୍ଚ୍ଚ ହୋଇପାରୁନାହିଁ ବୋଲି ଖୋଦ୍ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି।

ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ଗତ ୧୮ ତାରିଖରେ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ଅଣତାରକା ପ୍ରଶ୍ନ ନଂ.୧୧୦୯ର ଉତ୍ତରରେ ଏ ନେଇ ତଥ୍ୟ ପ୍ରଦାନ କରିଛନ୍ତି। ୨୦୧୪-୧୫ରୁ ୨୦୧୮-୧୯ ଆର୍ଥିକ ବର୍ଷ ଯାଏ ସରକାର ମୋଟ ୬୦,୦୦୦ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି। ସମାନ ସମୟରେ ତନ୍ମଧ୍ୟରୁ ୩୫,୪୬୫.୯୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଅବଶିଷ୍ଟ ୨୪,୫୩୪.୦୩ ଲକ୍ଷ ଖର୍ଚ୍ଚ ନ ହୋଇ ବଳକା ରହିଛି। ସେଥିମଧ୍ୟରୁ ବଲାଙ୍ଗୀର ଜିଲାରେ ୪୨୪୦.୯୮ ଲକ୍ଷ ଟଙ୍କା, କଳାହାଣ୍ଡିରେ ୪୦୫୯.୦୧ ଲକ୍ଷ, ରାୟଗଡ଼ାରେ ୩୬୯୮.୭୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ନ ଥିବା ଜଣାପଡିଛି। ଅନୁରୂପ ଭାବେ କୋରାପୁଟରେ ୩୨୬୯ ଲକ୍ଷ, ସୁବର୍ଣ୍ଣପୁରରେ ୨୮୨୯.୯୩ ଲକ୍ଷ, ନୂଆପଡ଼ାରେ ୨୨୮୮.୪୧ ଲକ୍ଷ ଏବଂ ନବରଙ୍ଗପୁର ଜିଲାରେ ୨୨୨୨.୬୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇନାହିଁ। ଏହି ସମୟରେ କୋରାପୁଟ ଓ ବଲାଙ୍ଗୀର ଜିଲାକୁ ସର୍ବାଧିକ ୧୦,୫୦୦ ଲକ୍ଷ ଟଙ୍କାର ଅନୁଦାନ ମିଳିଛି। ସେହିପରି ମାଲକାନଗିରିକୁ ୫୨୫୦ ଲକ୍ଷ, ନବରଙ୍ଗପୁରକୁ ୭୫୦୦ ଲକ୍ଷ, ରାୟଗଡ଼ାକୁ ୮,୨୫୦ ଲକ୍ଷ, ସୁବର୍ଣ୍ଣପୁରକୁ ୪,୫୦୦ ଲକ୍ଷ, କଳାହାଣ୍ଡିକୁ ୯,୭୫୦ ଲକ୍ଷ ଏବଂ ନୂଆପଡ଼ାକୁ ୩,୭୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।

ସେହିପରି ବିଧାୟକ ପାଣ୍ଠି ଯୋଜନା ଅଧୀନରେ ୨୦୧୪-୧୫ ଆର୍ଥିକ ବର୍ଷରୁ ୨୦୧୮-୧୯ ମଧ୍ୟରେ ରାଜ୍ୟର ୩୦ଟି ଜିଲାକୁ ୭୩,୫୦୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ହେଲେ ତନ୍ମଧ୍ୟରୁ ୪୮,୩୬୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଯାହାକି ମଞ୍ଜୁର ଅର୍ଥର ୬୫ ପ୍ରତିଶତ। ୨୫,୧୩୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ବାକି ରହିଛି। ରାଜଧାନୀ ଭୁବନେଶ୍ୱର ଆସୁଥିବା ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୪୬୩.୫୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ବାକି ରହିଛି। ହେଲେ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାରେ ସର୍ବନିମ୍ନ ୮୧.୫୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ବାକି ରହିଛି। ବିଜୁ କେବିକେ ଯୋଜନାରେ ବ୍ଲକ ପିଛା ୧.୫ କୋଟି ହିସାବରେ ୮ କେବିକେ ଜିଲାକୁ ବାର୍ଷିକ ୧୨୦ କୋଟି ଏବଂ ବିଧାୟକ ପାଣ୍ଠି ବାବଦକୁ ପ୍ରତି ନିର୍ବାଚନ ମଣ୍ଡଳୀକୁ ବାର୍ଷିକ ଏକ କୋଟି ଟଙ୍କା ଅନୁଦାନ ଦିଆଯାଇଥାଏ ବୋଲି ମନ୍ତ୍ରୀ ପଦ୍ମନାଭ ଉଲ୍ଲେଖ କରିଛନ୍ତି।

UTKAL UNIVERSITY
NAAC-A+ Accreditation
**UTKAL UNIVERSITY**
**CENTRE FOR IT EDUCATION**
**P.G. DEPARTMENT OF STATISTICS**
**VANI VIHAR, BHUBANESWAR-751004, ODISHA, INDIA**
☎: 0674 - 2567711 / 2567275 / 9438014469 / 6371615706, Web : www.citeutkal.com
e-mail : admission@citeutkal.com, centreforiteducation@gmail.com,

**ADMISSION NOTICE FOR M. TECH. (IT)**

Applications are invited for admission into 2 years full time programme in M. Tech in Information Technology in the Department for the academic session 2019-20 under PPP mode.

**SELECTION PROCEDURE**

Selection of candidates for admission shall be made on the basis of Entrance Test to be conducted by the **Centre for IT Education, P.G. Department of Statistics, Utkal University on 03.08.2019 at 01:00-02:30 P.M.**

**ELIGIBILITY FOR ADMISSION**

The candidates seeking admission to this course must have possessed any one of the following minimum academic qualifications:
(I) Master's degree in Computer Science/Information Technology/Computer Applications/ Statistics/ Mathematics/Physics/Electronic Sciences or any other qualification considered equivalent.
(ii) Bachelor's degree in Engineering/Technology or any other qualification considered equivalent (such as AMIEE or DOEACC 'B' Level).
Candidates waiting for final result may provisionally be admitted into M. Tech. (IT) course, provided that such candidates shall submit their pass result before filling up forms for the 1st semester examination.

**HOW TO APPLY**

Eligible candidates are required to apply to the Course Head/Director, Centre for IT Education, P.G. Department of Statistics, Utkal University in the prescribed application form downloadable from the Website **http://www.utkaluniversity.ac.in**, **http://www.citeutkal.com** from **15.04.2019** along with Two Bank Drafts i.e., (i) **Rs.150/-** in favour of **"Comptroller of Finance,Utkal University"** towards Application Form fees, and (ii) **Rs.350/-** in favour of **"Centre for IT Education, Utkal University"** towards the Entrance Test fees drawn on any nationalized bank payable at Bhubaneswar, at the time of submission of the application form. **The downloaded application forms are also available in the department.**

**For details about Course Fee & Structure visit our website :- www.citeutkal.com**

**Last date of issue and submission of the application form is 31.07.2019 (5:00 P.M)**

Course Director, M. Tech (IT)

■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

## ବ୍ରହ୍ମପୁର ଡିଏଫ୍‌ଓ ଗିରଫ

କଟକ ଅଫିସ, ୨୧।୭

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ(ଡିଏଫଓ) ଆଶିଷ କୁମାର ବେହେରାଙ୍କୁ ଭିଜିଲାନ୍ସ ରବିବାର ଗିରଫ କରିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ସେଲ୍‌ର ଅଧିକାରୀମାନେ ଗତ ୧୯ରେ ବେହେରାଙ୍କ ଘର, ଅଫିସ ସମେତ ମୋଟ ୭ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରିଥିଲେ। ଯାଞ୍ଚରୁ ମୋଟ ୨ କୋଟି ୧୯ ଲକ୍ଷ ୩୭ହଜାର ୧୬୫ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଉକ୍ତ ସମ୍ପତ୍ତିଗୁଡ଼ିକ ବେହେରା ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଥିଲା। ଠାବ ସମ୍ପତ୍ତିଗୁଡ଼ିକ ମଧ୍ୟରେ ଭୁବନେଶ୍ୱରରେ ୬୩ ଲକ୍ଷ ୬୭ ହଜାର ୫୦୦ ଟଙ୍କାର ଗୋଟିଏ ଫ୍ଲାଟ୍, ଭୁବନେଶ୍ୱର, ବ୍ରହ୍ମପୁର ଓ ଭଞ୍ଜନଗରରେ ୬୮ ଲକ୍ଷ ୫୦ହଜାର ଟଙ୍କାର ୪ଟି ପ୍ଲଟ୍ ରହିଛି। ସେହିପରି ବିଭିନ୍ନ ଇନ୍‌ସୁ୍ୟରାନ୍ସ କମ୍ପାନୀରେ ବେହେରା ୪୫ ଲକ୍ଷ ୪୪ହଜାର ୪୦୫ ଟଙ୍କା ଏବଂ ବିଭିନ୍ନ ବ୍ୟାଙ୍କ ଓ ପୋଷ୍ଟ ଅଫିସରେ ୯ ଲକ୍ଷ ୩୫ହଜାର ଟଙ୍କା ଜମା ରଖିଥିବା ଭିଜିଲାନ୍ସ ସୂଚନା ଦେଇଛି। ଏହାବାଦ ବେହେରାଙ୍କର ୬ ଲକ୍ଷ ୫୦ହଜାର ୭୦୦ ଟଙ୍କା ମୂଲ୍ୟର ଗୋଟିଏ କାର୍, ୫୦ହଜାର ଟଙ୍କାର ଗୋଟିଏ ସ୍କୁଟି, ୧୨ ଲକ୍ଷ ୯୮ହଜାର ୬୪୦ ଟଙ୍କାର ସୁନା,ରୁପା ଗହଣା ଓ ୮୨ହଜାର ଟଙ୍କା ଭିଜିଲାନ୍ସ ଠାବ କରିଛି। ଯାଞ୍ଚ ସମୟରେ ବେହେରାଙ୍କ ଘରୁ ୧୧ ଲକ୍ଷ ୫୮ହଜାର ୮୪୧ ଟଙ୍କାର ଆସବାବପତ୍ର ଠାବ କରିଥିବା ଭିଜିଲାନ୍ସ ସୂଚନା ଦେଇଛି। ବେହେରାଙ୍କ ଘର ତନଖି କରାଯିବା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଆୟ ବ୍ୟୟର ହିସାବ କରାଯାଇଥିଲା। ହିସାବରୁ ସେ ୧ କୋଟି ୬୦ ଲକ୍ଷ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ସୂଚନା ଦେଇଛି। ଯେଉଁ ସମ୍ପତ୍ତିର କୌଣସି ହିସାବ ବେହେରା ଭିଜିଲାନ୍ସକୁ ଦେଇପାରିନାହାନ୍ତି। ଏହି ଅଭିଯୋଗରେ ଭିଜିଲାନ୍ସ ସେଲ୍ ଥାନାରେ ବେହେରାଙ୍କ ବିରୋଧରେ ଏକ ମାମଲା(ନଂ.୮/୨୦୧୯) ରୁଜୁ କରାଯାଇଛି। ଗିରଫ ପରେ ତାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ୩ ବର୍ଷରେ ଓୟୁଏଟିର ୫ ନୂଆ ବିହନ ଉଦ୍ଭାବନ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ରାଜ୍ୟରେ ଅଧିକ କିସମର ବିହନ ଉତ୍ପାଦନ ଲାଗି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ପକ୍ଷରୁ ପଦକ୍ଷେପ ନିଆଯାଉଛି। ଗତ ୩ବର୍ଷରେ ଓୟୁଏଟି ୫ଟି ନୂତନ କିସମର ଧାନ ବିହନ ଉଦ୍ଭାବନ କରିଛି। ବିଧାନସଭାରେ ବିଜେଡି ବିଧାୟକ ସୁଧୀର କୁମାର ସାମଲଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ, ଓୟୁଏଟି ପକ୍ଷରୁ ହସନ୍ତ, ଆଶୁତୋଷ, ପ୍ରତିଭା, ଗୋବିନ୍ଦ ଓ ପ୍ରଦୀପ ନାମକ ଅଧିକ ଅମଳକ୍ଷମ ଉନ୍ନତ ଧାନ ବିହନ ଉଦ୍ଭାବନ କରାଯାଇଛି। ଏହି ବିହନ କିସମର ବ୍ରିଡର୍ ସିଡ୍ ଉତ୍ପାଦନ ପାଇଁ ଓୟୁଏଟି ତରଫରୁ ଚଳିତବର୍ଷ ପଦକ୍ଷେପ ନିଆଯାଉଛି। ଗବେଷଣା ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲାଗି ଜୟପୁର ଆଞ୍ଚଳିକ ଗବେଷଣା ଉପକେନ୍ଦ୍ର ମାଧ୍ୟମରେ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି।

# ଆଜି ଚନ୍ଦ୍ରୟାନ-୨ ଉତ୍କ୍ଷେପଣ

ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ), ୨୧।୭(ପି.ଟି.)



ଆସନ୍ତାକାଲି ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ଉତ୍କ୍ଷେପଣ ସ୍ଥଳରୁ ଭାରତର ଦ୍ୱିତୀୟ ମୁନ୍ ମିଶନ୍ ଚନ୍ଦ୍ରୟାନ-୨ ଲଞ୍ଚ୍ ହେବାକୁ ଯାଉଛି। ଏଥିପାଇଁ ରବିବାର ସନ୍ଧ୍ୟା ୬ଟା ୪୩ରୁ ଅବଗଣନା ଆରମ୍ଭ ହୋଇଥିବା ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଚେୟାରମ୍ୟାନ୍ କେ. ଶିବନ୍ ସୂଚନା ଦେଇଛନ୍ତି। କାଉଣ୍ଟଡାଉନ୍ ସମୟରେ ରକେଟ୍ ଏବଂ ସ୍ପେସ୍‌କ୍ରାଫ୍ଟର ସିଷ୍ଟମ୍‌ରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ଏବଂ ଫୁଏଲିଂ ବ୍ୟବସ୍ଥା ଅନୁଧ୍ୟାନ କରାଯିବ। ସତୀଶ ଧାୱନ ସ୍ପେସ୍ ସେଣ୍ଟର୍‌ର ଦ୍ୱିତୀୟ ଲଞ୍ଚ୍‌ପ୍ୟାଡ୍‌ରୁ ସୋମବାର ଅପରାହ୍ନ ୨ଟା ୪୩ ମିନିଟ୍‌ରେ ଚନ୍ଦ୍ରୟାନ-୨ ମହାକାଶ ଅଭିମୁଖେ ଯାତ୍ରା କରିବ।

ଚନ୍ଦ୍ରୟାନ-୨ ସ୍ପେସ୍‌କ୍ରାଫ୍ଟ ବହନକାରୀ ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟ୍ ଜୁଲାଇ ୧୫ ରାତ୍ରି ୨ଟା ୫୧ରେ ମହାକାଶକୁ ପ୍ରକ୍ଷେପଣ କରାଯିବାର ଥିଲା। କିନ୍ତୁ ଘଣ୍ଟାଏ ପୂର୍ବରୁ ରକେଟ୍‌ରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହେବାରୁ ଉତ୍କ୍ଷେପଣ ସ୍ଥଗିତ ରଖାଯାଇଥିଲା। ପରେ ଇସ୍ରୋ ଏହାର ୪୪ମିଟର ଲମ୍ବ ବିଶିଷ୍ଟ ଜିଓସାଇକ୍ରୋନସ୍ ସାଟେଲାଇଟ୍ ଲଞ୍ଚ୍ ଭେଇକିଲ୍-ମାର୍କ ୩(ଜିଏସ୍‌ଏଲ୍‌ଭି-ମେକ୍ ୩)ରେ ଥିବା ତ୍ରୁଟି ସୁଧାରିବା ପରେ ଚନ୍ଦ୍ରୟାନ-୨ ଲଞ୍ଚ୍ ଆଶା ଉଜ୍ଜ୍ୱଳ ହୋଇଛି। 'ବାହୁବଳୀ' ନାମରେ ପରିଚିତ ୬୪୦ ଟନ୍ ବିଶିଷ୍ଟ ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟ୍ ୩.୮ ଟନ୍ ଓଜନର ଚନ୍ଦ୍ରୟାନ-୨ ସ୍ପେସ୍‌କ୍ରାଫ୍ଟକୁ ବହନ କରି ମହାକାଶକୁ ଯାତ୍ରା କରିବ।

## ଫିଲ୍ମ ନିର୍ମାଣ କରିବେ ସଲମାନ୍




**ମୁମ୍ବାଇ:** ଅଭିନେତା ତଥା ପ୍ରଯୋଜକ ସଲମାନ୍ ଖାନ୍ ମ୍ୟାରେଜ୍ ହଲ୍ ଉପରେ ଏକ ଫିଲ୍ମ ନିର୍ମାଣ ପାଇଁ ଯୋଜନା କରୁଛନ୍ତି। ଉକ୍ତ ପ୍ରୋଜେକ୍ଟ ସହ ଗଭୀର ଭାବେ ଜଡିତ ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସଲମାନ୍ ତାଙ୍କର ଏସ୍‌କେଏଫ୍ ବ୍ୟାନରରେ ପୁଣି ଥରେ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଏହା ଦିଲ୍ଲୀରେ ବାସକରୁଥିବା ଦୁଇଭାଇଙ୍କ ଜୀବନ କାହାଣୀକୁ ନେଇ ଗଢ଼ିଉଠିଛି। ଉକ୍ତ ଫିଲ୍ମର ଟାଇଟଲ୍ ରହିଛି 'ବୁଲ୍‌ବୁଲ୍ ମ୍ୟାରେଜ୍ ହଲ୍'। ଫିଲ୍ମର ନିର୍ଦ୍ଦେଶନା ଦେବେ ରୋହିତ ନାୟାର ଏବଂ ସଂଳାପ ରଚନା କରୁଛନ୍ତି ରାଜ୍ ଶାଣ୍ଡିଲ୍ୟ। ନାୟାର ପୂର୍ବରୁ ୨୦୦୯ ଫିଲ୍ମ 'ଶ୍ୟାଡୋ'ର ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ଅଭିନୟ କରିଛନ୍ତି ମିଲିନ୍ଦ ସୋମନ୍, ସୋନାଲି କୁଲ୍‌କର୍ନି ଏବଂ ହର୍ଷିତା ଭଟ୍ଟ। ବର୍ତ୍ତମାନ ଫିଲ୍ମ ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଏହାର ଶୁଟିଂ ଅକ୍ଟୋବରରେ ହେବା ସମ୍ଭାବନା ଅଛି। ସୁପରଷ୍ଟାର ସଲମାନ୍ ବର୍ତ୍ତମାନ 'ଦବଙ୍ଗ ୩' ପାଇଁ କାମ କରୁଛନ୍ତି। ଏହା ଡିସେମ୍ବର ୨୦ରେ ରିଲିଜ ହେବାର ଅଛି। ସେ ମଧ୍ୟ ସଞ୍ଜୟ ଲୀଲା ଭଁସାଲିଙ୍କ 'ଇନ୍‌ଶାଲା' ଏବଂ 'କିକ୍ ୨' ପାଇଁ କାର୍ଯ୍ୟବ୍ୟସ୍ତ ଅଛନ୍ତି।





ଛତିଶଗଡର ସୁକ୍‌ମା ଜିଲାରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ୩ଟି ଉଚ୍ଚ ଶକ୍ତିସମ୍ପନ୍ନ ବିସ୍ଫୋରକ ସାମଗ୍ରୀକୁ ନିରାପତ୍ତା ବାହିନୀ ଜବତ କରିବା ସହିତ ଏଗୁଡିକୁ ଅକାମୀ କରିଦେଇଛି। ପ୍ରତ୍ୟେକ ବିସ୍ଫୋରକର ଓଜନ ୧୫ କିଲୋଗ୍ରାମ୍। ଏଗୁଡିକୁ ଷ୍ଟିଲ୍ କଣ୍ଟେନରଗୁଡିକରେ ଭର୍ତ୍ତି କରି ରଖାଯାଇଥିଲା। ଏ ସମ୍ପର୍କରେ ସୂଚନା ପାଇବା ପରେ ସିଆରପିଏଫ୍ ଓ ଜିଲା ପୋଲିସର ଏକ ମିଳିତ ଟିମ୍ ଏଗୁଡିକୁ ଠାବ କରିଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାଜଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାଟକୁରାରେ ୭୨.୭୫% ମତଦାନ

**ଭୁବନେଶ୍ୱର,୨୧।୭(ବ୍ୟୁରୋ)**

କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ଶନିବାର ୭୨.୭୫ ପ୍ରତିଶତ ମତଦାନ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାରଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଆସନ୍ତା ୨୪ରେ ଭୋଟ ଗଣତି କରାଯିବ। ରାଜ୍ୟରେ ଗତ ଏପ୍ରିଲରେ ହୋଇଥିବା ନିର୍ବାଚନରେ ପାଟକୁରାରେ ବିଜେଡି ପକ୍ଷରୁ ବେଦ ପ୍ରକାଶ ଅଗ୍ରୱାଲଙ୍କୁ ପ୍ରାର୍ଥୀ କରାଯାଇଥିଲା। ହେଲେ ତାଙ୍କର ପରଲୋକ ଘଟିଥିଲା। ତେଣୁ ନିର୍ବାଚନକୁ ସ୍ଥଗିତ ରଖାଯିବା ସହ ଗତ ମେ'୧୯ରେ ଭୋଟ ଗ୍ରହଣ ନେଇ ତାରିଖ ଚୂଡ଼ାନ୍ତ କରାଯାଇଥିଲା। ସାମୁଦ୍ରିକ ଝଡ଼ ଫନୀ କ୍ଷୟକ୍ଷତିର ପୁନରୁଦ୍ଧାର ପାଇଁ ପୁନଶ୍ଚ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଜୁଲାଇ ୨୦ରେ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ବାଚନ ରଣାଙ୍ଗନରେ ଏକାଧିକ ପ୍ରାର୍ଥୀ ରହିଥିଲେ ମଧ୍ୟ ମୁଖ୍ୟ ଲଢ଼େଇ ବିଜେଡି ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲ ଏବଂ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ମଧ୍ୟରେ ହେଉଥିବା ସମୀକ୍ଷକମାନେ ମତ ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ପ୍ରାର୍ଥୀ ଭାବେ ଜୟନ୍ତ ମହାନ୍ତି ସେଠାରୁ ନିର୍ବାଚନ ଲଢିଛନ୍ତି।

## ଜି-ଟୁ ଡି କୁଷ୍ଠ ପାଇଁ ଦାୟୀ ରହିବେ ସିଡିଏମ୍ଓ

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

ଏଣିକି ଯଦି କୌଣସି ସ୍ଥାନରେ ଜିରୋ ଗ୍ରେଡ୍-୨ ଡିଜାବିଲିଟି (ଜି-ଟୁ ଡି) କୁଷ୍ଠରୋଗ ଦେଖାଯିବ ସେଥିପାଇଁ ସମ୍ପୃକ୍ତ ଜିଲାର ମୁଖ୍ୟ ଜିଲା ଚିକିତ୍ସାଧିକାରୀ ଦାୟୀ ହେବେ। ଏଥିଲାଗି କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ପ୍ରୀତି ସୂଦନ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଜଣାଇଛନ୍ତି ଯେ, କୁଷ୍ଠରୋଗୀମାନେ ଠିକଣା ସମୟରେ ଚିକିତ୍ସା ସୁବିଧା ନ ପାଇଲେ ବହୁସଂଖ୍ୟାରେ କୁଷ୍ଠରୋଗୀ ଗ୍ରେଡ୍-୨ ଦିବ୍ୟାଙ୍ଗ ହେଉଛନ୍ତି। ଜି-ଟୁ ଡି କୁଷ୍ଠରୋଗ ବୟସ୍କଙ୍କ ସମେତ ପିଲାଙ୍କଠାରେ ଚିହ୍ନଟ ହେଉଥିବାବେଳେ ବର୍ତ୍ତମାନ ସମଗ୍ର ଦେଶରେ ଏହା ବଡ଼ ବୋଝ ପାଲଟିଥିବା ସେ ଦର୍ଶାଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏହାର ବିଲୋପ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମଗ୍ର ଦେଶରେ ପାଳନ ହେଉଥିବାବେଳେ ଏଭଳି ପଦକ୍ଷେପ ତାଙ୍କ ପ୍ରତି ସବୁଠାରୁ ବଡ଼ ସମ୍ମାନ ବୋଲି ପ୍ରୀତି ସୂଦନ କହିଛନ୍ତି। ଏହି କ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା କୁଷ୍ଠରୋଗୀଙ୍କୁ ଚିହ୍ନଟ ସହିତ ଜିଲାସ୍ତରରେ ଏ ସଂକ୍ରାନ୍ତରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ନିମନ୍ତେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ୨୦୨୦ ସୁଦ୍ଧା ରାଜ୍ୟକୁ ସମ୍ପୂର୍ଣ୍ଣ କୁଷ୍ଠମୁକ୍ତ କରିବା ପାଇଁ ମିଳିତ ଉଦ୍ୟମ ଆବଶ୍ୟକ। ଜି-ଟୁ ଡି ବିଲୋପ ଲାଗି ରାଜ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରାଯାଉଥିବା ସଚିବ କହିଛନ୍ତି।

■ ସଦସ୍ୟତା ଅଭିଯାନରେ ସବୁ ବର୍ଗର ଲୋକଙ୍କୁ ଯୋଡିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

## 'ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ଭାଜପା ସୁଦୃଢ଼ ହେବ'

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

ଓଡ଼ିଶାରେ ଭାଜପା ଏକ ବଡ ରାଜନୈତିକ ଶକ୍ତିଭାବେ ଠିଆ ହୋଇଛି। ରାଜ୍ୟର ସାଢେ ୪କୋଟି ଓଡିଆଙ୍କ କଲ୍ୟାଣ ପାଇଁ ଦଳକୁ ଆହୁରି ଦୃଢ କରିବାକୁ ପଡିବ। ଏଥିପାଇଁ ଭାଜପାର ସଦସ୍ୟତା ଅଭିଯାନ ମାଧ୍ୟମରେ ସବୁ ବର୍ଗର ଲୋକଙ୍କୁ ଯୋଡିବାର ଆବଶ୍ୟକତା ରହିଛି ବୋଲି ସାମାଜିକ ଗଣମାଧ୍ୟମ ଜରିଆରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ, ଗତ ୬ତାରିଖରୁ ଆରମ୍ଭ ହୋଇଥିବା ଭାଜପାର ସଦସ୍ୟତା ଅଭିଯାନର ନେତୃତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ଏବଂ ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ଜେ.ପି. ନଡ୍ଡା ନେଉଛନ୍ତି। ଆସନ୍ତା ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସଦସ୍ୟତା ଅଭିଯାନର ଲକ୍ଷ୍ୟ ଭାଜପାକୁ ତୃଣମୂଳ ସ୍ତରରୁ ମଜଭୁତ କରିବ। ପୂର୍ବରୁ ଦଳରେ ସାମିଲ ହୋଇଥିବା ଏବଂ ନୂଆ କରି ଦଳରେ ଯୋଗଦେଇଥିବା ଲୋକଙ୍କ ଆଗ୍ରହ ଅନୁସାରେ ସେମାନଙ୍କୁ ଏହି ଅଭିଯାନରେ ଯୋଡିବା ଯୋଜନାର ମୂଳ ଲକ୍ଷ୍ୟ। ଏହା ଅଭିନବ ବିଗତ ଦିନରେ ସଫଳତା ଦେଇଥିଲା। ପ୍ରଧାନମନ୍ତ୍ରୀ ବୁଥସ୍ତରରେ ସଦସ୍ୟତା ଗ୍ରହଣ କରିବା ସହ ୫ ଔଷଧୀୟ ଗୁଣଯୁକ୍ତ କିମ୍ବା ଉପକାରୀ ଗଛ ଲଗାଇବା ପାଇଁ ଦଳର କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସୁଶାସନକୁ ବୁଥ, ଗାଁ ଗଣ୍ଡା ଓ ପଞ୍ଚାୟତସ୍ତରରେ ପହଞ୍ଚାଇବା ପାଇଁ ହେଲେ ଦଳୀୟ ସଙ୍ଗଠନର ଦୃଢ଼ୀକରଣର ଆବଶ୍ୟକତା ରହିଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଓଡିଶାର ୩୮ହଜାର ବୁଥକୁ ଯାଇ ସଦସ୍ୟତା କରିବା ଓ ପ୍ରତ୍ୟକ୍ଷ ଫର୍ମ ପୂରଣ କରି ସମାଜର ଯୁବ, ମହିଳା, ଚାଷୀ, ପଛୁଆ, ଦଳିତ, ଆଦିବାସୀ, ଶିକ୍ଷକ, ବୁଦ୍ଧିଜୀବୀ, ଲେଖକ, କଳାକାର, ବରିଷ୍ଠ ଓ ନୂଆପିଢିର ଲୋକମାନଙ୍କୁ ଯୋଡିବାର ଗୋଟିଏ ସୁଯୋଗ ମିଳିଛି। ଗତ ନିର୍ବାଚନରେ ଭାଜପାକୁ ମିଳିଥିବା ଭୋଟ ସଂଖ୍ୟା କିଭଳି ବୃଦ୍ଧି ହେବ, କେଉଁ ବର୍ଗର ଲୋକଙ୍କୁ ଯୋଡିଲେ ଏହା ସମ୍ଭବ ହୋଇପାରିବ ତାହା ଦୃଷ୍ଟିରେ ରଖି ସଦସ୍ୟତା କରନ୍ତୁ। ଏଥିପାଇଁ ବ୍ୟକ୍ତିଗତ ସମୟ ବାହାର କରି ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ ପ୍ରତିଦିନ ସଦସ୍ୟତା କରିବା ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି।

■ ଏଚ୍ଆଇଭି ସଂକ୍ରମିତ ନାବାଳିକାଙ୍କୁ ଯୌନ ନିର୍ଯାତନା ଘଟଣା

## ଆଶ୍ରୟ ଗୃହ ମୁଖ୍ୟଙ୍କୁ ପୋଲିସର ଜେରା

**ବଲାଙ୍ଗୀର ଅଫିସ, ୨୧।୭ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଆଶ୍ରୟ ଗୃହ ପ୍ରୟାସଠାରେ ବଲାଙ୍ଗୀରର ଜଣେ ଏଚ୍ଆଇଭି ସଂକ୍ରମିତ ନାବାଳିକାଙ୍କୁ ଆଶ୍ରୟ ଗୃହ ମୁଖ୍ୟ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଅଭିଯୋଗକୁ ଭିତ୍ତିକରି ରବିବାର କଳାହାଣ୍ଡି ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଉପଜିଲାପାଳ ଓ ଟାଉନ୍ ଥାନା ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭିଜନ୍ ପକ୍ଷରୁ ପରିଚାଳିତ ପ୍ରୟାସ ଆଶ୍ରୟ ଗୃହରେ ଅଧିକାରୀମାନେ ଘଟଣାର ତଦନ୍ତ କରିବା ସହ ସଂସ୍ଥା ମୁଖ୍ୟ ସରୋଜ କୁମାର ଦାସଙ୍କୁ ପଚରାଉଚରା କରିଥିଲେ। ଅନ୍ୟପକ୍ଷେ କଳାହାଣ୍ଡି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ୩ ଜଣିଆ ପୋଲିସ ଟିମ୍ ବଲାଙ୍ଗୀର ଆସି ପୀଡିତା ଓ ତାଙ୍କ ମା'ଙ୍କୁ ଭେଟି ଘଟଣା ସମ୍ପର୍କରେ ପଚରାଉଚରା ପରେ ଭବାନୀପାଟଣା ନେଇଯାଇଥିଲେ। ପୋଲିସ ଟିମ୍ ପୀଡିତା ଓ ତାଙ୍କ ମା'ଙ୍କୁ ଭବାନୀପାଟଣା ନେବା ଘଟଣାକୁ ନେଇ ବଲାଙ୍ଗୀର ସିଡବ୍ଲୁସି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

■ ପୋଲିସ ଇନ୍‌ଫର୍ମର ସନ୍ଦେହ

## ସାପ୍ତାହିକ ବଜାରରେ ଠିକାଦାରଙ୍କୁ ହତ୍ୟା

**ଲାଞ୍ଜିଗଡ଼,୨୧।୭(ଡି.ଏନ.ଏ.)**

■ ୩ ଥର ଚେତାବନୀ ଦେଇଥିଲେ ମାଓବାଦୀ
■ ଝିଅ ବାହାଘର ଦିନ ହୋଇଥିଲା ହତ୍ୟା ଯୋଜନା

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ପାହାଡ଼ପଦରରେ ରବିବାର ଦିନ ଦ୍ୱିପ୍ରହରରେ ଜନଗହଳିପୂର୍ଣ୍ଣ ବଜାରରେ ଜଣେ ଠିକାଦାରଙ୍କୁ ଗୁଳିକରି ମାଓବାଦୀମାନେ ହତ୍ୟା କରିଛନ୍ତି। ମୃତକ ହେଲେ ବୋରପଦର ଗାଁର ଠିକାଦାର ରାଜେନ୍ଦ୍ର ସାହୁ। ଏହି ଘଟଣା ପରେ ସେହି ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ଦିନ ତମାମ ମୃତଦେହ ପଡି ରହିଥିଲେ ମଧ୍ୟ ପୋଲିସ ସେଠାରେ ପହଞ୍ଚି ନାହିଁ।

ମିଳିଥିବା ସୂଚନା ଅନୁଯାୟୀ, ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ପାହାଡ଼ପଦରରେ ରବିବାର ସାପ୍ତାହିକ ବଜାର ଥିବାରୁ ପ୍ରବଳ ଜନଗହଳି ହୋଇଥିଲା। ମଧ୍ୟାହ୍ନ ସାଢେ ୧୨ଟାରେ ବୋରପଦର ଗାଁର ଠିକାଦାର ସାହୁ ତାଙ୍କ ବାଇକରେ ପାହାଡ଼ପଦର ସାପ୍ତାହିକ ହାଟକୁ ଯାଇ ସଉଦା କିଣୁଥିଲେ। ଏହି ସମୟରେ ୨ ଜଣ ପୁରୁଷ ମାଓବାଦୀ ତାଙ୍କ ପାଖକୁ ଆସିଥିଲେ। ଛତା ଭିତରେ ଲୁଚାଇ ରଖିଥିବା ୯ ଏମ୍ଏମ୍ ପିସ୍ତଲରେ ଅତି ପାଖରୁ ତାଙ୍କୁ ଗୁଳି କରି ଚାଲିଯାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ପିଠି ଓ ପେଟ ତଥା ମୁଣ୍ଡରେ ଗୁଳି ବାଜିବା ପରେ ଘଟଣାସ୍ଥଳରେ ହିଁ ରାଜେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ପାଖରେ ଏକ ପୋଷ୍ଟର ଓ ୯ ଏମ୍ଏମ୍ ପିସ୍ତଲ ଗୁଳିର ଖୋଳ ପଡିଛି। ହଠାତ୍ ଗୁଳି ଶବ୍ଦ ଶୁଣି ସାପ୍ତାହିକ ବଜାର କିଛି ସମୟ ମଧ୍ୟରେ ଜନଶୂନ୍ୟ ହୋଇଯାଇଥିଲା। ଲୋକଙ୍କୁ ଭୟଭୀତ ନ ହେବା ପାଇଁ କହି ମାଓବାଦୀମାନେ ସେହି ଜାଗା ଛାଡ଼ି ଚାଲିଯାଇଥିଲେ। ଏ ସମ୍ପର୍କରେ ପରିବାର ଲୋକେ ବିଜେପୁର ଥାନାରେ ଅଭିଯୋଗ କରିଥିଲେ ହେଁ ପୋଲିସ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଏହାପରେ କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ ଘଟଣାର ତଦନ୍ତ ପାଇଁ ବିଜେପୁର ସିଆର୍‌ପିଏଫ୍ କ୍ୟାମ୍ପରେ ପହଞ୍ଚିଥିବା ଜଣାପଡିଛି। ପାଖରେ ପଡିଥିବା ପୋଷ୍ଟରରେ ମାଓବାଦୀ କମ୍ୟୁନିଷ୍ଟ ପାର୍ଟି ରାୟଗଡା ଏରିଆ କମିଟି ବୋଲି ଲେଖାଯାଇଛି। ବାରମ୍ବାର ଚେତାବନୀ ଓ ପ୍ରଜାକୋର୍ଟରେ ବିଚାର ପାଇଁ ହାଜର ନ ହେବାରୁ ପିଏଲଜିଏ ଦ୍ୱାରା ତାଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା ବୋଲି ଉଲ୍ଲେଖ ରହିଛି।

## ମେଣ୍ଟର ଶେଷ

ପ୍ରଥମ ପୃଷ୍ଠାରୁ...

କୁମାରସ୍ୱାମୀଙ୍କ ସରକାର ଚଳାଇବା ଶୈଳୀ ଏବଂ ତାଙ୍କ ଭାଇ ତଥା ପୂର୍ବତନମନ୍ତ୍ରୀ ଏଚ୍.ଡି. ରେବାନ୍ନାଙ୍କ ହସ୍ତକ୍ଷେପ ଯୋଗୁ ଏହି ସଙ୍କଟ ସୃଷ୍ଟି ହୋଇଛି। ଏଥିରେ ସେମାନଙ୍କ ସମ୍ମାନହାନି ହୋଇଛି। ତେଣୁ ମେଣ୍ଟ ସରକାରକୁ ଏକ ଶିକ୍ଷା ଦେବା ପାଇଁ ଆସ୍ଥାଭୋଟ ବେଳେ ଅନୁପସ୍ଥିତ ରହିବେ ବୋଲି ବିଦ୍ରୋହୀ ଗୋଷ୍ଠୀ ସ୍ପଷ୍ଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର କୁମାରସ୍ୱାମୀ ସରକାରଙ୍କ ପାଇଁ ଶେଷଦିନ ହେବ ବୋଲି ମୁଖ୍ୟମନ୍ତ୍ରୀ ହେବା ପାଇଁ ଅଣ୍ଟା ଭିଡୁଥିବା ୟେଦୁରପ୍ପା କହିଛନ୍ତି। ଅନ୍ୟପକ୍ଷରେ ବିଧାନସଭାରେ ଶୁକ୍ରବାର ଅନୁପସ୍ଥିତ ଥିବା ଏକମାତ୍ର ବିଏସ୍‌ପି ବିଧାୟକ ଏନ୍. ମହେଶ ସୋମବାର ଗୃହକୁ ଯାଇପାରିବେ ନାହିଁ ବୋଲି କହିଛନ୍ତି। ସେପଟେ ଆସ୍ଥାଭୋଟ ବେଳେ ଉପସ୍ଥିତ ରହି ସରକାର ସପକ୍ଷରେ ଭୋଟ ଦେବା ପାଇଁ ଦଳର ସୁପ୍ରିମୋ ମାୟାବତୀ ମହେଶଙ୍କୁ ନିର୍ଦ୍ଦେଶ ଦେଇଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ସେପଟେ ସରକାରରୁ ସମର୍ଥନ ପ୍ରତ୍ୟାହାର କରିଥିବା ଦୁଇ ସ୍ୱାଧୀନ ବିଧାୟକ ଶଙ୍କର ଏବଂ ନାଗେଶ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ଅପରାହ୍ନ ୫ଟା ସୁଦ୍ଧା ଆସ୍ଥାଭୋଟର ସମ୍ମୁଖୀନ ହେବା ଲାଗି କୁମାରସ୍ୱାମୀ ସରକାରଙ୍କୁ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଉଭୟେ ଅନୁରୋଧ କରିଛନ୍ତି। ସେମାନଙ୍କ ପିଟିଶନର ଶୁଣାଣି ସୋମବାର ହୋଇପାରେ ବୋଲି ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ସୂଚନା ଦେଇଛନ୍ତି।

## ସରିଲା ସ୍ୱତନ୍ତ୍ର ଓଜେଇଇ, ୨୫ରେ ରେଜଲ୍ଟ

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

ରାଜ୍ୟରେ ଖାଲି ପଡ଼ିଥିବା ବି.ଟେକ୍, ବି.ଫାର୍ମା, ଏମ୍‌ସିଏ, ଏମ୍‌ବିଏ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ରବିବାର ସ୍ୱତନ୍ତ୍ର ଓଜେଇଇ ପରୀକ୍ଷା ଶେଷ ହୋଇଛି। ରାଜ୍ୟର ୨୦ ସହରର ୩୧ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ଦେଇଛନ୍ତି। ଦୁଇଟି ସିଟିଂରେ ପରୀକ୍ଷା ହୋଇଥିଲା। ପ୍ରଥମ ସିଟିଂ ସକାଳ ସାଢ଼େ ୯ରୁ ଆରମ୍ଭହୋଇ ସାଢ଼େ ୧୦ଟାରେ ଶେଷ ହୋଇଥିବାବେଳେ ଦ୍ୱିତୀୟ ସିଟିଂ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ସ୍ୱତନ୍ତ୍ର ଓଜେଇଇ ପାଇଁ ମୋଟ ୧୭ ହଜାର ୬୭୯ ଛାତ୍ରୀଛାତ୍ର ଆବେଦନ କରିଥିଲେ। ପ୍ରଥମ ଓଜେଇଇ ପରେ ଖାଲି ପଡୁଥିବା ଇଞ୍ଜିନିୟରିଂ ତଥା ପ୍ରଫେଶନାଲ କୋର୍ସରେ କଲେଜଗୁଡ଼ିକରେ ଖାଲି ପଡୁଥିବା ସିଟ୍ ପୂରଣ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଓଜେଇଇର ଆୟୋଜନ କରାଯାଇଥିଲା। ଆସନ୍ତା ୨୫ରେ ରେଜଲ୍ଟ ପ୍ରକାଶ ପାଇବ। ୨୫ରୁ ୨୭ତାରିଖ ମଧ୍ୟରେ ଛାତ୍ରୀଛାତ୍ରମାନେ ର୍‌ୟାଙ୍କ କାର୍ଡ ଡାଉନ୍‌ଲୋଡ୍ କରିବା ସହିତ ଅନ୍‌ଲାଇନ ଚଏସ୍ ଫିଲିଂ କରିପାରିବେ। ୩୦ ତାରିଖରେ ପ୍ରଥମ ପର୍ଯ୍ୟାୟ ସିଟ୍ ଆଲଟ୍‌ମେଣ୍ଟ ଏବଂ ଅଗଷ୍ଟ ୧ ଓ ୨ ତାରିଖରେ ଡକ୍ୟୁମେଣ୍ଟ ଭେରିଫିକେଶନ ହେବ। ଅଗଷ୍ଟ ୩ରେ ଫାଇନାଲ ସିଟ୍ ଆଲଟ୍‌ମେଣ୍ଟ ଓ କାଉନ୍‌ସେଲିଂ ହେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆପଣଙ୍କ ରାଶି ପାଇଁ ଆଜି କୃଷ୍ଣପକ୍ଷର ଦ୍ୱାଦଶ ଚନ୍ଦ୍ର କଲ୍ୟାଣ ଚନ୍ଦ୍ର ହେତୁ ଯାତ୍ରାରେ ସଫଳତା, କାର୍ଯ୍ୟସିଦ୍ଧି ସାଙ୍ଗକୁ ସତ୍‌କାର୍ଯ୍ୟରେ ଅର୍ଥ ବିନିଯୋଗ କରିବେ। ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ସାଙ୍ଗକୁ ମୂଲ୍ୟବାନ୍ ଜିନିଷ କ୍ରୟ କରିପାରନ୍ତି। କଳା, ସଙ୍ଗୀତ, କ୍ରୀଡ଼ାଦି ମନୋରଞ୍ଜନ କାର୍ଯ୍ୟକ୍ରମର ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**ବୃଷ** — ଶୁଭଚନ୍ଦ୍ର ପ୍ରଭାବରେ ଯେଉଁ କାମରେ ହାତଦେବେ ସେଥିରେ ନିଶ୍ଚିତ କୃତକାର୍ଯ୍ୟ ହେବେ। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବନ୍ଧୁଙ୍କ ନିକଟରୁ ଅର୍ଥ ସାହାଯ୍ୟ ଲାଭକରିବାର ସୁଯୋଗ ମିଳିବ। ଉପରିସ୍ଥ ଅଧିକାରୀଙ୍କ ନିକଟରୁ ପ୍ରେରଣା ଓ ସହଯୋଗ ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି। ଘରୋଇ କଳହକୁ ନେଇ ଅଶାନ୍ତି ଲାଗି ରହିବ।

**ମିଥୁନ** — ପରିବାର ସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ପାରିବାରିକ ସୁଖ,ସମୃଦ୍ଧି ପ୍ରଦାନ କରିବା ସହ କର୍ମକ୍ଷେତ୍ର ସକାଶେ ଟେନ୍ସନ ସୃଷ୍ଟି କରିବ। ଟିକିଏ ଟିକିଏ କଥାରେ ଉତ୍ତେଜିତ ହୋଇପଡ଼ିବା ଦ୍ୱାରା ସମସ୍ୟା ବଢ଼ିବ ସିନା କମିବ ନାହିଁ। ବ୍ୟୟ ବୃଦ୍ଧି ଯୋଗୁ ବ୍ୟସ୍ତ ରହିପାରନ୍ତି। ତଥାପି ଘର କାମରେ କିମ୍ବା ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ।

**କର୍କଟ** — ରାଶ୍ୟାଧିପତି କୋଣଭାବସ୍ଥ ଯୋଗୁ କୌଣସି ସମ୍ପର୍କୀୟା ମହିଳାଙ୍କ ସାହାଯ୍ୟରୁ ସ୍ଥଗିତ କାମ ତ୍ୱରାନ୍ୱିତ ହୋଇପାରିବ। କିନ୍ତୁ କେତେକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିବା ସାଙ୍ଗକୁ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ସଭାସମିତିରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଶତ୍ରୁତା କାରଣରୁ ଆଶଙ୍କା ଜନିତ ସାମୟିକ ବ୍ୟସ୍ତ ରହି ପାରନ୍ତି।

**ସିଂହ** — ଆଜିର ଅଷ୍ଟମସ୍ଥ ଚନ୍ଦ୍ର ମାନସିକ ଅସ୍ଥିରତା ସୃଷ୍ଟି କଲେ ମଧ୍ୟ ବିପରୀତ ରାଜଯୋଗ ପ୍ରଭାବରେ ଉଚ୍ଚ ସମ୍ମାନ ଓ ସାମାଜିକ ପ୍ରତିଷ୍ଠା ପାଇବେ। ପରିସ୍ଥିତିରେ ପଡ଼ି ଇଚ୍ଛା ନ ଥାଇ ମଧ୍ୟ ନିକଟ ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ ହେବେ। କର୍ମାରମ୍ଭର ପ୍ରାଥମିକ ସ୍ତରରେ ବିରୋଧାଭାସର ସ୍ୱର ମନକୁ ବିଚଳିତ କରିପାରେ।

**କନ୍ୟା** — ଚନ୍ଦ୍ରଙ୍କ ଶୁଭ ଦୃଷ୍ଟି ଆପଣଙ୍କ ଆଶା ପୂରଣ କରିବା ସହ ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଶିକ୍ଷା, ପରୀକ୍ଷାଦି ପାଇଁ ମନ୍ଦ ହେବନି। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ପାରିବାରିକ କିମ୍ବା ବିବାଦୀୟ ପରିସରରେ ପରିସ୍ଥିତିକୁ ଲକ୍ଷ୍ୟକରି ନୀରବତା ଅବଲମ୍ବନ କରିବାକୁ ଉଚିତ ମନେ କରିପାରନ୍ତି।

**ତୁଳା** — ଶୁକ୍ରଙ୍କ ପ୍ରଭାବରେ କୌଣସି ସମ୍ପର୍କୀୟାଙ୍କ ସହ ବିବାଦୀୟ ପରିସ୍ଥିତି ଦେଖାଦେଇପାରେ। ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିପାରେ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ ତଥା ସାମ୍ବାଦିକତା,ଏଜେନ୍ସିପ୍‌ରେ ସଫଳତା ହାସଲ କରିବେ। ଚିତ୍ରା ନକ୍ଷତ୍ର ସକାଶେ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା** — ଚନ୍ଦ୍ରଙ୍କ ପ୍ରତି ଗୁରୁଦୃଷ୍ଟି ଆପଣଙ୍କୁ ସ୍ଥିର ନିଷ୍ପତ୍ତି ନେବା ସାଙ୍ଗକୁ ଶିକ୍ଷା,ସ୍ୱାସ୍ଥ୍ୟ,ଲେଖାପଢ଼ା ଦିଗରେ ଉତ୍ସାହିତ କରିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। ସତର୍କରେ ଚଳନ୍ତୁ, ଅନ୍ୟଥା ନିଜର ପାଖ ଲୋକମାନେ ଈର୍ଷାପରାୟଣ ହୋଇ ଅପପ୍ରଚାର କରି ପାରନ୍ତି।

**ଧନୁ** — ଚତୁର୍ଥ କେନ୍ଦ୍ରରେ ଅଷ୍ଟମାଧିପତି ପାରିବାରିକ, ପାରିପାର୍ଶ୍ୱିକ, ଲୋକ ସମ୍ପର୍କ, ଯାନବାହନ ପ୍ରଭୃତି କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ଅନ୍ୟମାନଙ୍କ କାନକୁହା କଥା ଶୁଣି ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିପାରେ। ଆଇନ ଅଦାଲତ, ନିର୍ମାଣ, ରପ୍ତାନି ବାଣିଜ୍ୟ ପ୍ରଭୃତିରେ ଉନ୍ନତି ଘଟିବ।

**ମକର** — ଭାଗ୍ୟସ୍ଥାନ ପ୍ରତି ଚନ୍ଦ୍ରଙ୍କ ଦୃଷ୍ଟି ମନ ଚାହୁଁଥିବା କାର୍ଯ୍ୟରେ ସଫଳତା ପ୍ରଦାନ କରିବ। କିନ୍ତୁ ସପ୍ତମସ୍ଥ ଏକାଧିକ ଗ୍ରହ, ବିବାଦ, କଚେରି ମାମଲା,ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ସାଜିପାରେ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାର୍ଯ୍ୟ କରିବା ଭଲ ହେବ।

**କୁମ୍ଭ** — ଦ୍ୱିତୀୟସ୍ଥ ଚନ୍ଦ୍ର ଯେକୌଣସି ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ। ବନ୍ଧୁମାନଙ୍କ ସହଯୋଗରେ ଦୀର୍ଘ ଦିନରୁ ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ନୂତନ କର୍ମାରମ୍ଭ, ଆନୁଷ୍ଠାନିକ କାମ ଏବଂ ବନ୍ଧୁଙ୍କ ଆଲୋଚନା ନିଷ୍ଫଳ ହେବନାହିଁ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ** — ରାଶିରେ ଚନ୍ଦ୍ରଙ୍କ ଉପସ୍ଥିତି ପ୍ରଭାବରେ ଅନ୍ୟମାନଙ୍କୁ ଆପଣାର କରିବା ସକାଶେ କୌଶଳ ପ୍ରୟୋଗ କରି ପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ହିତାକାଂକ୍ଷୀମାନଙ୍କ ସହ ଆଲୋଚନା କରିବା ଭଲ ହେବ।

ଆଜି ଶ୍ରାବଣ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ସୋମବାର, ଜୁଲାଇ ୨୨ ତାରିଖ, ରାଶି ନକ୍ଷତ୍ର- ଦିବା ଘ୧୧।୨୧ ଗତେ, ଉତ୍ତରଭାଦ୍ରପଦ/କୁମ୍ଭ, ୫ମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଧନୁ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ସକାଳ ଘ୬।୫୦ମି. ମଧ୍ୟେ, ଘ୧।୦୫ମି. ଗତେ ଘ୨।୪୩ମି.ମଧ୍ୟେ, ଘ୪।୪୩ମି. ଗତେ ଘ୬।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୮ମି. ଗତେ ଘ୧୦।୦୨ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୬।୫୯ମି. ଗତେ ଘ୮।୩୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

Plot for sale near SUM, Nuagaon, Ghatikia, Pitapali. 6371209927, 9337008959. D-64981

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508.** D-66729

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m. ବାସୋପଯୋଗୀ plot 1200sqft. 5,40,000/- immediate possession/registration. 9937032327, 9583328312. D-66730

**ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ BDA yellowzone plot 30'road, ଇଲେକ୍ଟ୍ରିସିଟି ଥାଇ sqft 999/-, ପିପିଲି bypass ପାଖରେ 399/- ରେ ବିକ୍ରିହେବ। 8917502591.** D-66732

2BHK, 3BHK ready to move flats at Hitech Heaven project near Gudiapokhari chowk, Bhubaneswar. 9937927876, 9778832554. D-13518

**SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 9090556060.** D-66731

SUM hospital ନିକଟରେ ଏବଂ Tamando ବଜାର Infocity- 2 ପାଖରେ plot ମିଳୁଅଛି। 9439864322. D-66715

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ Viswass +2 Science କଲେଜକୁ ଲାଗି yellowzone ପ୍ଲଟ ମିଳୁଅଛି। 9348261968.** D-66738

2BHK simplex 15,00,000/- finishing Hanspal Bank finance available. 7381578650, 7377605498. D-67019

**Bhubaneswar AIIMS Medical ନିକଟରେ Govt. roadକୁ ଲାଗି BDA approved yellowzone gharabari plot- 1499/- 9777553622.** D-66736

34 Gunth commercial plot sale between Bhubaneswar-Khurda NH-5, gunth- 7.50 lac, frontage- 80ft.. Contact: 9439101373, 7750068828. D-13539

**Bhubaneswar Mount Literazee School ଲାଗିକି ଘରବାରି ପ୍ଲଟ ନେଇ ଘର କରନ୍ତୁ। 9438859527.** D-66740

Prime property at Khandagiri (Land & building) 2 storied with underground cost Rs. 1.75 crore (Negotiable) phone: 9338579645. D-64988

**ଭୁବନେଶ୍ୱର KIIT ଜଗନ୍ନାଥ ମନ୍ଦିରଠାରେ ଘରବାରୀ plot 30' ରାସ୍ତା, ଇଲେକ୍ଟ୍ରି ଥାଇ ବିକ୍ରିହେବ। 6372824177.** D-66742

GA plot 2700sqft. with building 4300sqft. at Ghatikia, Bhubaneswar. Price 2crores, buyer please contact: 9178518254. D-67015

**5000 Plus sqft. residential plot for sale in Sishu Vihar, Patia. Ideal for Tutorials also. Contact directly 9871155802, 8240107574.** D-13515

to-let

To let for others and previlage for old age. 9437764734. D-63953

3BHK 1800 sqft. house near ITER College, Dumduma. Phone- 8179751075. D-66266

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-67312

Rejuvenate and ayurvedic full body massage by smart therapist: 9114402304. D-67311

Full body herbal massage with refreshment, expert therapist. 7381239385, 0674-2540855. D-67313

Experience full body massage with us (expert). Call: 7377048581, 0674-2597822. D-67314

Ayurvedic full body massage ladies/gents smart experts therapist. 9114697517. D-66929

Herbal full body massage by smart/expert therapist. Contact: 8338067247. D-67315

Newly opening Ayurvedic body massage smart therapist, Shree herbal, 775 0020754. D-67317

Physiotherapy full body massage by trained ladies / gents therapist: 7008773793. D-67018

**AFFIDAVIT**

By an affidavit before Notary, Jharsuguda, I Dharitri Dash, W/o- Bikash Kumar Panigrahi. Presently residing at Qtr.No. E/231, ITPS colony, Banharpali, Dist.- Jharsuguda declare that after marriage I am known as Dharitri Panigrahi. That Dharitri Dash and Dharitri Panigrahi relates to same and one person. Henceforth I shall be known as Dharitri Dash for all purposes. D-37373

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଦୁବାଇର ଏକ ରଙ୍ଗମଞ୍ଚରେ ଅଭିନୟ କରୁଥିବାବେଳେ ଜଣେ ଭାରତୀୟ ହାସ୍ୟାଭିନେତାଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଦର୍ଶକମାନେ ପ୍ରଥମେ ଜାଣି ନ ପାରି ଏହା ତାଙ୍କ ଅଭିନୟ ବୋଲି ଭାବିଥିଲେ। ମୃତ ହାସ୍ୟ ଅଭିନେତା ଜଣକ ହେଉଛନ୍ତି ମଞ୍ଜୁନାଥ ନାଇଡୁ(୩୬)।



## ଜିଲ୍ଲା ଚିଠି
## କନ୍ଧମାଳ

# ଭୟ ଘାରିଛି

କନ୍ଧମାଳ ଜିଲାରେ ଦୁର୍ନୀତି ଶେଷ ସୀମାରେ ପହଞ୍ଚିଛି। ତଥାପି କୌଣସି ଗୋଟିଏ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଦୁର୍ନୀତିର ଚେର ଏତେ ଗଭୀର ଯେ ତାକୁ ମାପିବା କାଠିକର ପାଠ ହୋଇଛି । ଚାଉଳ ଯୋଗାଣରେ ଅନିୟମିତତା, ଟେଣ୍ଡରରେ ପକ୍ଷପାତିତା, ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଆଗତ ମାମଲାର ତଦନ୍ତ ନ ସରିବା ଘଟଣାରେ ଜିଲା ପ୍ରଶାସନର ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ସେବାଶ୍ରମରେ ଛାତ୍ରୀ ଗର୍ଭବତୀ ହେବା ଘଟଣା ବାରମ୍ବାର ଆଲୋଡନ ସୃଷ୍ଟି କରୁଛି।

ଗତବର୍ଷ ଦାରିଙ୍ଗବାଡିର ଏକ ସେବାଶ୍ରମରେ ଜଣେ ଛାତ୍ରୀ ପ୍ରସବ କରିବା ପରେ ଉତ୍ତେଜନାମୂଳକ ପରିସ୍ଥିତିରୁ ବର୍ତ୍ତିବା ପାଇଁ ତାଙ୍କୁ ଜଙ୍ଗଲକୁ ପଠାଇ ଦିଆଯାଇଥିଲା। ଫଳରେ ନବଜାତକଟିର ମୃତ୍ୟୁ ଘଟିଲା। ସନ୍ତାନ ସହ ନାବାଳିକାଙ୍କୁ ଜଙ୍ଗଲ ପଠାଇବା ନିମନ୍ତେ ଅଘୋଷିତ ନିର୍ଦ୍ଦେଶ ଯିଏ ଦେଇଥିଲେ ତାହା ସମସ୍ତଙ୍କୁ ଜଣା। ହେଲେ କାର୍ଯ୍ୟାନୁଷ୍ଠାନ ହେଲାନି। ଏବେ ପୁଣି ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅଞ୍ଚଳର ଏକ ସେବାଶ୍ରମରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଘଟଣା ପଦାରେ ପଡିଛି। ସେହିପରି ଦାରିଙ୍ଗବାଡି ଅଞ୍ଚଳର ଅନାଥ ନାବାଳିକାଙ୍କୁ ପୋଷ୍ୟ ସନ୍ତାନ କରାଇବା ଘଟଣାରେ ସରକାରଙ୍କ ନିୟମ ଅନୁସାରେ ନୁହେଁ ନିଜ ଇଚ୍ଛାରେ ଜିଲା ଶିଶୁ ସୁରକ୍ଷା ବିଭାଗ କାମ କରିଛି। ପୋଲିସ ତଦନ୍ତ ରିପୋର୍ଟ ଦେଇ ସାରିବା ପରେ ବି ପ୍ରଶାସନ ଚୁପ୍ ବସିଛି । ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନା ରିପୋର୍ଟକୁ ଚାପି ଦିଆଯିବ ତାହାକୁ ନେଇ ପ୍ରଶ୍ନ ଉଠିଛି । ଜିଲାର ୱାର୍କ୍ସ ଡିପାର୍ଟମେଣ୍ଟ(ଆର୍‌ଡି, ଏମ୍‌ଆଇ, ପିଡବ୍ଲ୍ୟୁଡି, ପୌର ପରିଷଦ)ରେ କାମ ସବୁ ନୈରାଶଜନକ । ସାଧାରଣ ନିର୍ବାଚନ ପୂର୍ବରୁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମଧ ବହୁ ଅନିୟମିତତା ହୋଇଛି। ଏ ପର୍ଯ୍ୟନ୍ତ କାମ ସରୁନାହିଁ। ବିଭାଗକୁ ପଚାରିଲେ ଠିକ୍ ତଥ୍ୟ ମିଳୁନାହିଁ। ଯନ୍ତ୍ରୀମାନେ କାର୍ଯ୍ୟାଳୟକୁ ଆସୁନାହାନ୍ତି। କିଏ ଫଲ୍‌ସ ବିଲ୍ କରିବାକୁ ଯୋଜନା କରୁଛନ୍ତି ତ ଅନ୍ୟ କେହି ଏମ୍‌ବି ବୁକ୍ ନେଇ ପଳାଇଛନ୍ତି। ହେଲେ ଏ ବିଷୟରେ କୌଣସି ଜଣେ ବି ଲୋକ ପ୍ରତିନିଧି ପ୍ରଶ୍ନ ଉଠାଇବା ନଜିର ନାହିଁ । ଅନ୍ୟପକ୍ଷରେ ଜିଲାରେ କାର୍ଯ୍ୟକାରୀ ହେଉଛି ମିଶନ ୧୭୧ । ଉଦ୍ୟାନ କୃଷି, ଜନଜାତି ଉନ୍ନୟନ, ପ୍ରାଣୀ ସମ୍ପଦ ବିକାଶ, ଜଳସେଚନ, ଜଳ ଛାୟା ଓ ମୃତ୍ତିକା ସଂରକ୍ଷଣ, ପଞ୍ଚାୟତିରାଜ ବିଭାଗ ଓ ଓଡିଶା କୃଷି-ଉଦ୍ୟୋଗ ନିଗମର ମିଳିତ ଆନୁକୂଲ୍ୟରେ ଏହି ମିଶନ କାର୍ଯ୍ୟକାରୀ ହେଉଛି। ଉଦ୍ୟାନ ବିଭାଗ ତରଫରୁ ୧ କୋଟି ୯୭ ଲକ୍ଷ ୨୪ ହଜାର ୪୦୦ ଟଙ୍କା ବ୍ୟୟ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତର ୫ରୁ ୧୦ ଏକର ଜାଗାରେ ଉଭୟ ବ୍ୟକ୍ତିଗତ ଓ ସାମୂହିକ ଉଦ୍ୟମରେ ଲିଚୁ, ପିଜୁଳି, ଆମ୍ବ, କାଜୁ ଆଦି ବିଭିନ୍ନ ଚାରା ଲଗାଯାଇଥିବା କୁହାଯାଉଛି । ମାତ୍ର ଗ୍ରାମାଞ୍ଚଳକୁ ଯାଇ ଦେଖିଲେ ଏହାର ବାସ୍ତବତା ବହୁ ଦୂରରେ । ଏବେ ଏକ ଅଘୋଷିତ ନିର୍ଦ୍ଦେଶନାମା ଜିଲାରେ ଜାରି ହୋଇଛି । ପାରିବାପଣିଆ ପଦାରେ ପଡ଼ିଯିବା ଭୟ ଥିବାରୁ କେହି କିଛି ଗଣ ମାଧ୍ୟମରେ କହିବା ଲାଗି ବାରଣ କରାଯାଇଛି ।

– ରାକେଶ କୁମାର ରାଉତ

### ■ ହସ୍ତଶିଳ୍ପ ମନ୍ତ୍ରୀଙ୍କ କଳାଭୂମି ସଂଗ୍ରହାଳୟ ପରିଦର୍ଶନ

# ହସ୍ତତନ୍ତର ବିଶ୍ୱସ୍ତରୀୟ ପ୍ରସାର ପାଇଁ ପରାମର୍ଶ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ରବିବାର ପୂର୍ବାହ୍ନରେ ଗଣ୍ଡମୁଣ୍ଡାସ୍ଥିତ 'କଳାଭୂମି-ହସ୍ତଶିଳ୍ପ ସଂଗ୍ରହାଳୟ' ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଓଡ଼ିଶା ହସ୍ତଶିଳ୍ପର ବିଶ୍ୱସ୍ତରୀୟ ପ୍ରସାର ନିମନ୍ତେ ଗୁରୁତ୍ୱ ଦେଇଛନ୍ତି। ଆମ ରାଜ୍ୟର ଅମୂଲ୍ୟ ହସ୍ତଶିଳ୍ପ ଓ ହସ୍ତତନ୍ତକୁ ରାଜ୍ୟ ବାହାରେ ପ୍ରଚାର, ପ୍ରସାର ଓ ବିକ୍ରୟ କରିବା ସହିତ ବିଭିନ୍ନ ଦେଶରେ ଯେପରି ଆଦୃତ ହେବ ସେଥିପାଇଁ ବିଭାଗ ପକ୍ଷରୁ ଅଧିକ ପଦକ୍ଷେପ ନିଆଯିବାକୁ ସେ ପରାମର୍ଶ ଦେଇଛନ୍ତି। ପରେ ସଂଗ୍ରହାଳୟ ପରିସରରେ ମନ୍ତ୍ରୀ ବୃକ୍ଷରୋପଣ କରିଥିଲେ।

ସୂଚନାଯୋଗ୍ୟ, ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା 'କଳାଭୂମି-ହସ୍ତଶିଳ୍ପ ସଂଗ୍ରହାଳୟ'କୁ ୨୦୧୮ ମାର୍ଚ୍ଚ ୨୨ରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ୧୨ ଏକର ପରିମିତ ଜମିରେ ପ୍ରତିଷ୍ଠିତ ଏହି ସଂଗ୍ରହାଳୟ ପୂର୍ବଭାରତର ସର୍ବବୃହତ ହସ୍ତଶିଳ୍ପ ସଂଗ୍ରହାଳୟର ମାନ୍ୟତା ପାଇଛି। ସଂଗ୍ରହାଳୟକୁ ପ୍ରଦର୍ଶନ ମଣ୍ଡଳ ଓ ଅନୁଭୂତିମଣ୍ଡଳ ଭାବେ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଏଥିରେ ପ୍ରାକ୍ ବୟନକାରୀ ପ୍ରକୋଷ୍ଠ, ଜନଜାତି କଳା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ, ଟେରାକୋଟା, ପାରମ୍ପରିକ ଚିତ୍ରକଳା, ପ୍ରସ୍ତର ଓ କାଷ୍ଠ ଖୋଦେଇ, ହସ୍ତକଳା, ଧାତବ ଶିଳ୍ପ, ପ୍ରାକୃତିକ ଉପାଦାନରେ ହସ୍ତଶିଳ୍ପ ଆଦିର ପ୍ରକୋଷ୍ଠ ଦର୍ଶକଙ୍କ ନିମନ୍ତେ ରହିଛି। ଏହି ପ୍ରକୋଷ୍ଠଗୁଡ଼ିକରେ କଳାକୃତିଗୁଡ଼ିକୁ ସଂଗୃହୀତ କରି ରଖାଯାଇଛି। ମନ୍ତ୍ରୀଙ୍କ ସଂଗ୍ରହାଳୟ ପରିଦର୍ଶନ ସମୟରେ ବିଭାଗୀୟ ଯୁଗ୍ମ ସଚିବ ଅଞ୍ଜନା ପଣ୍ଡା, ହସ୍ତଶିଳ୍ପ ନିର୍ଦ୍ଦେଶକ ବି.କେ. ଦାଶ, ସିଡାକ୍‌ର ସଦସ୍ୟ ସଚିବ ସ୍ଥିତିକାନ୍ତ ଷଡ଼ଙ୍ଗୀ ଓ ସିଡାକ୍‌ର ସହକାରୀ ନିର୍ଦ୍ଦେଶକ ଶିଶିର ରଥ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ପଦ୍ମିନୀ ଦିଆନ୍ ଓ ଅନ୍ୟମାନେ ସଂଗ୍ରହାଳୟ ବୁଲି ଦେଖୁଛନ୍ତି।

### ■ ଗତ ୫ ବର୍ଷରେ ଖଣି ରାଜସ୍ୱ ଆଦାୟ

# ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

୨୦୧୮-୧୯ ଆର୍ଥିକ ବର୍ଷରେ ଖଣି ରାଜସ୍ୱ ଆଦାୟ ବାବଦକୁ ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି ପାଇଛି। ସରକାର ୨୦୧୮-୧୯ ବର୍ଷରେ ୭୧୦୦ କୋଟି ଟଙ୍କାର ଖଣି ରାଜସ୍ୱ ଆଦାୟ ଲାଗି ଲକ୍ଷ୍ୟ ରଖିଥିବା ବେଳେ ଏହା ବୃଦ୍ଧି ପାଇ ୧୦୪୭୯.୧୮ କୋଟି ଟଙ୍କା ଆଦାୟ ହୋଇଛି। ମାତ୍ର ୨୦୧୪-୧୫ରୁ ୨୦୧୭-୧୮ ଆର୍ଥିକ ବର୍ଷ ମଧ୍ୟରେ ଯେତିକି ଖଣି ରାଜସ୍ୱ ଆଦାୟ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ ସେହି ସଂଖ୍ୟା ଛୁଇଁପାରିଲେ ନାହିଁ।

ରାଜ୍ୟ ସରକାରଙ୍କ ବାର୍ଷିକ ରିପୋର୍ଟ ଅନୁଯାୟୀ,୨୦୧୪-୧୫ ଆର୍ଥିକ ବର୍ଷରେ ୬୩୪୬.୯୮ କୋଟି ଟଙ୍କା ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ଲକ୍ଷ୍ୟ ଧାର୍ଯ୍ୟରୁ ୧୦୩୬.୮୯ କୋଟି ଟଙ୍କା ହ୍ରାସ ପାଇ ସେହି ଆର୍ଥିକ ବର୍ଷରେ ସରକାର ୫୩୧୦.୦୯ କୋଟି ଟଙ୍କା ଆଦାୟ ହେଲା। ୨୦୧୫-୧୬ ଆର୍ଥିକ ବର୍ଷରେ ସରକାର ୬୬୨୬ କୋଟି ଟଙ୍କା ଆଦାୟ ପାଇଁ ଲକ୍ଷ୍ୟ ରଖିଥିଲେ। ହେଲେ ଏହି ଆର୍ଥିକ ବର୍ଷରେ ମଧ ସରକାର ଧାର୍ଯ୍ୟ ଲକ୍ଷ୍ୟରୁ ୬୨୮.୨୧ କୋଟି ଟଙ୍କା କମ୍ ରାଜସ୍ୱ ଆଦାୟ କଲେ। ସରକାର ସେହି ବର୍ଷ ୫୯୯୭.୭୯ କୋଟି ଟଙ୍କା ରାଜସ୍ୱ ଆଦାୟ କରିବାରେ ସକ୍ଷମ ହେଲେ। ୨୦୧୬-୧୭ ଆର୍ଥିକ ବର୍ଷରେ ସରକାର ୭୦୦୦ କୋଟି ଟଙ୍କା ରାଜସ୍ୱ ଆଦାୟ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ବେଳେ ଏଥିରୁ ୨ ହଜାର କୋଟି ଟଙ୍କାରୁ କମ୍ ଆଦାୟ କରିଥିଲେ। ସରକାର ସେହି ବର୍ଷ ୪୯.୨୫.୬୬ କୋଟି ଟଙ୍କାର ରାଜସ୍ୱ ଆଦାୟ କରିବାରେ ସକ୍ଷମ ହୋଇଥିଲେ। ସେହିପରି ୨୦୧୭-୧୮ରେ ମଧ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାରେ ସରକାର ଫେଲ୍ ମାରିଲେ। ୬୬୩୦ କୋଟି ଧାର୍ଯ୍ୟ ଲକ୍ଷ୍ୟରୁ ୪୯୯.୦୩ କୋଟି ଟଙ୍କା କମିଯାଇ ସରକାର ୬୧୩୦.୯୭ କୋଟି ଟଙ୍କା ଆଦାୟ କଲେ। ହେଲେ ୨୦୧୮-୧୯ ଆର୍ଥିକ ବର୍ଷରେ ବେଆଇନ ଖଣି ଉତ୍ତୋଳନକାରୀଙ୍କ ଠାରୁ ଜରିମାନା ଆଦାୟ କରାଯିବାରୁ ଧାର୍ଯ୍ୟ ହୋଇଥିବା ରାଜସ୍ୱ ଲକ୍ଷ୍ୟ ବୃଦ୍ଧି ପାଇଥିବା ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ୨୦୧୪ରୁ ୨୦୧୯ ମଧ୍ୟରେ ଅର୍ଥାତ୍ ୪ ବର୍ଷରେ ସରକାର ଖଣି ରାଜସ୍ୱ ବାବଦକୁ ଧାର୍ଯ୍ୟ କରିଥିବା ଲକ୍ଷ୍ୟରୁ ୪୪୩୮.୪୭ କୋଟି ଟଙ୍କା କମ୍ ରାଜସ୍ୱ ଆଦାୟ କରିଛନ୍ତି। ସେଥିରୁ ୩୩୭୯.୧୮ କୋଟି ଟଙ୍କା ୨୦୧୮-୧୯ ଆର୍ଥିକ ବର୍ଷରେ ଅଧିକ ଆଦାୟ କରି ଭରଣ କରିଛନ୍ତି। ତଥାପି ଗତ ୫ ବର୍ଷରେ ସରକାର ଖଣି ରାଜସ୍ୱ ଆଦାୟ ବାବଦକୁ ଲକ୍ଷ୍ୟ ରଖିଥିବା ଅର୍ଥରୁ ୧୦୫୯.୨୯ କୋଟି ଟଙ୍କା କମ୍ ଆଦାୟ କରିଛନ୍ତି।

### ■ ପାଟକୁରା ନିର୍ବାଚନ

# ଅଗଣତାନ୍ତ୍ରିକ ଉପାୟରେ ଜିତିବାକୁ ଚାହୁଁଛି ବିଜେଡି: ଲେଖାଶ୍ରୀ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ପାଟକୁରା ନିର୍ବାଚନ ପ୍ରସଙ୍ଗରେ ଏକ ନୂଆ ଅଭିଯୋଗ ଆଣିଛି ଭାଜପା। ନିର୍ବାଚନ ହାରିବା ଭୟରେ ବିଜେଡି ବେଆଇନ ଏବଂ ଅଗଣତାନ୍ତ୍ରିକ ଉପାୟରେ ପ୍ରତ୍ୟେକ ବୁଥ୍‌ରେ ହେରଫେର କରିଛି । ପ୍ରିଜାଇଡିଂ ଅଫିସରଙ୍କ ମାଧ୍ୟମରେ ଇଭିଏମ୍ ଟାମ୍ପରିଂଠାରୁ ଆରମ୍ଭ କରି ମେଶିନ ବଦଳାଇବା ଆଦି କାର୍ଯ୍ୟ ସହ ବୁଥ ରିଗିଂ ହୋଇଥିବା ଭାଜପା କହିଛି। ରିଟର୍ନିଂ ଅଫିସର ମଧ ଶାସକ ଦଳର ହାତବାରିସି ସାଜି କାର୍ଯ୍ୟ କରିଛନ୍ତି । ବୁଥ ଭିତରେ ଭାଜପା ଏଜେଣ୍ଟଙ୍କୁ ପୂରାଇ ନ ଦେବା, ଜଙ୍ଗଲ ଭିତରେ ଇଭିଏମ୍ ବଦଳାଇବା, ଇଭିଏମ୍ ଭାଙ୍ଗିବା, ଇଭିଏମ୍ ଖୋଲା ସ୍ଥାନରେ ରଖିବା ଆଦି ଘଟଣାର ଭିଡିଓ ପ୍ରମାଣ ବର୍ତ୍ତମାନ ସୋସିଆଲ ମିଡିଆରେ ଘୂରି ବୁଲୁଛି ବୋଲି ଭାଜପା ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଏହି ସବୁ ବେଆଇନ ଏବଂ ବେନିୟମ କାର୍ଯ୍ୟ ବିଜେଡି ଇଙ୍ଗିତରେ କରାଯାଇଛି। ପାଟକୁରାରେ ପ୍ରିଜାଇଡିଂ ଅଫିସର ନିରପେକ୍ଷଭାବେ ନିର୍ବାଚନ କରିନାହାନ୍ତି। ଭୋଟ ପୋଲିଂ ଚାଲିଥିବାବେଳେ ଅନେକ ସ୍ଥାନରେ ଉତ୍ତେଜନା ଦେଖାଦେଇଛି। ଅନେକ ବୁଥ୍‌ରେ ପ୍ରିଜାଇଡିଂ ଅଫିସରମାନେ ଇଭିଏମ୍‌କୁ ଠିକ୍‌ଭାବରେ ସିଲ୍ ନ କରି ଷ୍ଟ୍ରଙ୍ଗରୁମ୍‌ରେ ଏପଟ ସେପଟ କରିବାକୁ ଚେଷ୍ଟା କରିଛନ୍ତି। ଦୁଇଜଣ ପ୍ରିଜାଇଡିଂ ଅଫିସର ଇଭିଏମ୍ ଟାମ୍ପରିଂ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇ ବୁଲୁଛି। ୩୦୯ଟି ବୁଥରୁ ୩୦୭ଟିରେ ଇଭିଏମ୍ ଷ୍ଟ୍ରଙ୍ଗରୁମ୍ ଯାଇଥିବାବେଳେ ଅନ୍ୟ ଦୁଇଟିର ଖବର ନାହିଁ। ପାଟକୁରା ନିର୍ବାଚନମଣ୍ଡଳୀର ଗରଦପୁର ବ୍ଲକର ୨୨୦ ଏବଂ ୨୯୪ ନମ୍ବର ନଡିଆବରେଇ ବୁଥ୍‌ର ଇଭିଏମ୍ ଏ ପର୍ଯ୍ୟନ୍ତ ଷ୍ଟ୍ରଙ୍ଗ୍‌ରୁମରେ ପହଞ୍ଚିନି । ଇଭିଏମ୍‌ଗୁଡିକୁ ବଦଳାଇ ବିଜେଡି ନିର୍ବାଚନ ଜିତିବା ପାଇଁ କସରତ ଚଳାଇଛି। ଭୋଟ ହାତେଇବା ପାଇଁ ଶାସକ ଦଳ ଭୋଟରଙ୍କୁ ପ୍ରଲୋଭନ ଦେଖାଇ ଶାଢି, କାନଫୁଲ, ମଦ, ମାଂସ ଏବଂ ଟଙ୍କା ବାଣ୍ଟିବାର ଭିଡିଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦିଆଯାଇଥିଲା। ଗତ ତିନିଦିନ ତଳେ ପାଟକୁରା ନିର୍ବାଚନ ଦାୟିତ୍ୱରେ ଥିବା ଭାଜପା ନେତାମାନେ ଆରଓ ଏବଂ ଏଆରଓ ଅଧିକାରୀମାନଙ୍କୁ ଇଭିଏମ୍ ଅଦଳବଦଳ ଆଶଙ୍କା ରହିଛି ବୋଲି କହିଥିଲେ । ଏହା ସତ୍ତ୍ୱେ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇନି ବୋଲି ଲେଖାଶ୍ରୀ କହିଛନ୍ତି।




### ■ ମହିଳାଙ୍କ ଉଦ୍ୟମରୁ ସମ୍ଭବ

# ୧୭ବର୍ଷ ହେଲା ଖେମୁଣ୍ଡିଆମୁଣ୍ଡା ନିଶାମୁକ୍ତ




ଗାଁରେ ନିଶା ସାମଗ୍ରୀ ବନ୍ଦ, ଜଙ୍ଗଲ ସୁରକ୍ଷା ପାଇଁ ବୈଠକରେ ସାମିଲ ମହିଳାମାନେ।

ମୃତ୍ୟୁଞ୍ଜୟ ଶତପଥୀ
ସୋନପୁର,୨୧।୭

ଗାଁର ନା ଖେମୁଣ୍ଡିଆମୁଣ୍ଡା। ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ରେଙ୍ଗାଲି ପଞ୍ଚାୟତ ଅଧୀନ ଏହି ଗାଁ ବାରପାହାଡ ସଂରକ୍ଷିତ ଜଙ୍ଗଲପାର୍ଶ୍ୱରେ ଅବସ୍ଥିତ। ଲୋକସଂଖ୍ୟା ୩୦୦ରୁ ଉର୍ଦ୍ଧ୍ୱ। ଗ୍ରାମର ୯୦ ପ୍ରତିଶତ ଲୋକ ଆଦିବାସୀ ସମ୍ପ୍ରଦାୟର। ସମସ୍ତେ ଗରିବ ଶ୍ରେଣୀର। ଚାଷ କାର୍ଯ୍ୟ, ପଶୁପାଳନ ଓ ଜଙ୍ଗଲରୁ ପତ୍ର, ଜାଳ ସଂଗ୍ରହ କରି ବିକ୍ରି କରିବା ଗ୍ରାମବାସୀଙ୍କ ମୁଖ୍ୟ ଜୀବିକା। ଆଜିକୁ ୧୭ବର୍ଷ ହେଲା ଏହି ଗାଁ ନିଶାମୁକ୍ତ । ନିଶାଦ୍ରବ୍ୟ ସେବନ ଓ ବିକ୍ରି ସମ୍ପୂର୍ଣ୍ଣ ନିଷିଦ୍ଧ। ମହିଳାଙ୍କ ପ୍ରଚେଷ୍ଟା ଯୋଗୁ ଏହା ସମ୍ଭବ ହୋଇଛି । ଗାଁରେ ମଦ,ଗଞ୍ଜେଇ ପରି ନିଶାଦ୍ରବ୍ୟ ବିକ୍ରି ବନ୍ଦ ରହିଛି। ଲୋକେ ସେଭଳି ନିଶାଦ୍ରବ୍ୟଠାରୁ ଦୂରେଇ ରହିଛନ୍ତି। ଏଥିଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ଓ ଏକତା ବଢିଛି। ଏସ୍‌ଏଚ୍‌ଜି ମହିଳାଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏହା ସମ୍ଭବ ହୋଇପାରିଛି।

ସରକାରଙ୍କ ମହିଳା ସଶକ୍ତୀକରଣର ଲକ୍ଷ୍ୟ ଖେମୁଣ୍ଡିଆମୁଣ୍ଡା ଗାଁରେ ଅନେକାଂଶରେ ସଫଳ ହୋଇଛି। ୬୫ ଜଣ ମହିଳା ନିଜର ଓ ପରିବାରର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ମା' ପିତାବଳି, ମା' ସମଲେଶ୍ୱରୀ, ମା' ସମଲେଇ, ମା' ପଥେଇ, ମା' ବାଞ୍ଜି ଟଲିଏନ ଓ ମା' ବାଉଲି ନାମରେ ୬ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରିଛନ୍ତି। ନିଜେ ସଚେତନ ହେବା ସହ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରିବା ସହ ଜଙ୍ଗଲ ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି । ଦିନ ଥିଲା ଗାଁରେ ନିଶାଦ୍ରବ୍ୟର ବହୁଳ ବ୍ୟବହାର ଥିଲା। ଏଥିଯୋଗୁ ଗାଁର ଅଧିକାଂଶ ଘରେ ଅଶାନ୍ତି ସୃଷ୍ଟି ହେଉଥିଲା। ଏହାର ପ୍ରଭାବ ଶିଶୁ ଓ ଛାତ୍ରୀଛାତ୍ରଙ୍କ ଉପରେ ପଡୁଥିଲା । ଏଥିରୁ ଗାଁକୁ ମୁକ୍ତ କରିବା ପାଇଁ ଏହି ଏସ୍‌ଏଚ୍‌ଜି ମହିଳାମାନେ ପ୍ରଥମେ ପଦକ୍ଷେପ ଗ୍ରହଣ କରିଥିଲେ। ଗାନ୍ଧିଜୀଙ୍କ ନିଶାମୁକ୍ତି ଆହ୍ୱାନକୁ ସେମାନେ ସାର୍ଥକ କରିବା ପାଇଁ ରାସ୍ତାକୁ ଓହ୍ଲାଇଲେ । ପ୍ରଥମେ ସେମାନେ ଲୋକମାନଙ୍କୁ ନିଶାକବଳରୁ ମୁକ୍ତି ପାଇଁ ସଚେତନ କରିଥିଲେ । ଯେଉଁମାନେ ଅବାଧ୍ୟ ହେଉଥିଲେ ସେମାନଙ୍କୁ ମହିଳାମାନେ ନାଲି ଆଖି ଦେଖାଇବାକୁ ପଛାଉ ନ ଥିଲେ । ଧୀରେ ଧୀରେ ସେମାନଙ୍କ ଅଭିଯାନ ସଫଳ ହୋଇଥିଲା । ନିଶା ବନ୍ଦ ଯୋଗୁ ଗାଁରେ ସୁସ୍ଥ ବାତାବରଣ ବଜାୟ ରହିଛି।

ଏ ସଂକ୍ରାନ୍ତରେ ଗାଁର ଶାନ୍ତି ଧରୁଆ କୁହନ୍ତି, ଆମ ଗାଁରେ ପୂର୍ବରୁ ବହୁଳ ଭାବେ ମଦବିକ୍ରି ହେଉଥିଲା। ଅଶାନ୍ତ ପରିବେଶ ଯୋଗୁ ଆମେ ଚିନ୍ତାରେ ଥିଲୁ। ପ୍ରଥମେ ୨୨ ଜଣ ମହିଳା ଏକତ୍ରିତ ହୋଇ ମା' ବାରପାହାଡ ଓ ମା'ଗଙ୍ଗାରାଜ ବଡଦେଓ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କଲୁ। ମଦ ବିକ୍ରି ବନ୍ଦ ପାଇଁ ଆନ୍ଦୋଳନ କରିଥିଲୁ। ଫଳରେ ୧୭ ବର୍ଷ ହେଲା ଗାଁରେ ମଦବିକ୍ରି ବନ୍ଦ ରହିଛି। ବୁଲା ଧରୁଆଙ୍କ କଥା ବି ସେପରି, ମଦ ବିରୋଧୀ ଆନ୍ଦୋଳନ ସମୟରେ ତତ୍କାଳୀନ ଜିଲାପାଳ ରେଙ୍ଗାଲି ପଞ୍ଚାୟତକୁ ଆସିଥିଲେ। ଆମେ ଜିଲାପାଳଙ୍କୁ ଭେଟି ମଦବିକ୍ରି ବନ୍ଦ ପାଇଁ ଅନୁରୋଧ କରିଥିଲୁ। ସେ ପୋଲିସ ପଠାଇ ମଦ ବିକ୍ରି ବନ୍ଦ କରିବା ଦିଗରେ ଆମକୁ ସାହାଯ୍ୟ କରିଥିଲେ। ସେଦିନଠାରୁ ଗ୍ରାମବାସୀ ମଦଠାରୁ ଦୂରେଇ ଯାଇଛନ୍ତି। ଆବଶ୍ୟକସ୍ଥଳେ ଶୁଖିଲା କାଠ ଜାଳେଣି ପାଇଁ ସଂଗ୍ରହ କରିବାର ବ୍ୟବସ୍ଥା କଲୁ। ଫଳରେ ଗାଁ ଚାରିପାଖ ସବୁଜିମାରେ ପୂର୍ଣ୍ଣ ହେଲା । ବନ ସୁରକ୍ଷା ସମିତିର ସଭାପତି ଅକ୍ଷୟ ଧରୁଆ କୁହନ୍ତି, ଆମ ଗାଁ ଲୋକେ ଶିକ୍ଷିତ ନ ଥିଲେ ହେଁ ପରିବେଶର ସୁରକ୍ଷା ଦିଗରେ ବେଶ ସଚେତନ। ଜଙ୍ଗଲକୁ ସୁରକ୍ଷା ଯୋଗାଇଛୁ। ନୂଆ ଜଙ୍ଗଲ ମଧ ସୃଷ୍ଟି କରୁଛୁ। ମଦ ବନ୍ଦ ପରେ ଗ୍ରାମରେ ପରିବର୍ତ୍ତନ ଆସିଛି। ଯୁବ ସମାଜ ପଥଭ୍ରଷ୍ଟ ନ ହୋଇ ସାମାଜିକ କାର୍ଯ୍ୟରେ ମନ ଦେଉଛନ୍ତି। ଗ୍ରାମର ନାରୀଶକ୍ତି ପାଇଁ ଏହା ସମ୍ଭବ ହୋଇପାରିଛି।

### ଏଚ୍‌ଆଇଭି ସଂକ୍ରମିତ ନାବାଳିକାଙ୍କୁ ଯୌନ ନିର୍ଯାତନା ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

କଟକ ଅଫିସ, ୨୧।୭

କଳାହାଣ୍ଡି ଜିଲା ଭବାନୀପାଟଣା ଅଞ୍ଚଳରେ ଥିବା ଏକ ଆଶ୍ରମରେ ଜଣେ ଏଚ୍‌ଆଇଭି ସଂକ୍ରମିତ ନାବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ନେଇ ଗତ ଶନିବାର ତାଙ୍କ ମା' ଅଭିଯୋଗ କରିଥିଲେ। ତେବେ ଏ ନେଇ ପୋଲିସ କିମ୍ବା ଶିଶୁମଙ୍ଗଳ କମିଟି (ସିଡବ୍ଲ୍ୟୁସି) ପକ୍ଷରୁ କୌଣସି ମାମଲା ରୁଜୁ କରାଯାଇ ନ ଥିଲା। ଫଳରେ ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାସ ରବିବାର ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏ ନେଇ ମାମଲା ରୁଜୁ ସହ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୟନ୍ତ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏଥିସହିତ ପୀଡ଼ିତାଙ୍କ ପରିବାରକୁ ଓଡ଼ିଶା ଭିକ୍ଟିମ କମ୍ପେନସେସନ ସ୍କିମ୍‌ରେ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ୩ ବର୍ଷ ତଳେ ବଲାଙ୍ଗୀର ସହରର ଉକ୍ତ ପୀଡ଼ିତା ଏଚ୍‌ଆଇଭି ସଂକ୍ରମିତ ଥିଲେ। ଫଳରେ ତାଙ୍କ ପରିବାର ଲୋକ ସିଡବ୍ଲ୍ୟୁସି ଜରିଆରେ ଭବାନୀପାଟଣାସ୍ଥିତ ଉକ୍ତ ଆଶ୍ରମରେ ପୀଡ଼ିତାଙ୍କୁ ରଖିଥିଲେ। ସେଠାରେ ଝିଅକୁ ଆଶ୍ରମର ମାଲିକ ଏବଂ କର୍ମଚାରୀମାନେ ଯୌନ ନିର୍ଯାତନା ଦେଉଥିବା ତାଙ୍କ ମା' ଅଭିଯୋଗ କରିଥିଲେ। ଏଥିସହ ତାଙ୍କ ଝିଅକୁ ଘରକୁ ନେଇ ଯାଇଥିଲେ।

Sambalpur University Institute of Information Technology
A Govt. Technical Institute of Sambalpur University
at Jyoti Vihar, Burla, Sambalpur, Odisha
Advt. No.: 852 / SUIIT Dated: 20/07/2019

**NOTICE**

The candidates allotted by OJEE—2019 for admission into 1st year B. Tech CSE / ECE / EEE at Sambalpur University Institute of Information Technology (SUIIT), Burla in the Academic Session 2019-20 are required to report for admission during 25th to 30th July, 2019 (Except Sunday) between 10.00 AM to 4.00 PM. (positively) along with the filled in application form and required documents.

For Detail information Visit www.suiit.ac.in
*Contact:*
*Dr. S. Jena, HOD, CSE&A – 8247679467;*
Mrs. S. Kar, HOD, ECE – 9439657668;
Dr. A. Panda, HOD, EEE - *9337347538*

Email: admin.office@suiit.ac.in/director@suiit.ac.in Director, SUIIT

## ମନେ ପଡ଼ନ୍ତି

**ଦଶମୀ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ମଞ୍ଜୁଲତା ମିଶ୍ର**
ସ୍ୱାମୀ: ସୀତାକାନ୍ତ ମିଶ୍ର
ଶାସନ ଦାମୋଦରପୁର, ପୁରୀ ସଦର, ପୁରୀ-୨
ଆବିର୍ଭାବ: ୨୫।୦୨।୧୯୭୦
ତିରୋଧାନ: ୧୩।୦୭।୨୦୧୯
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଭାବ ଆମର ପ୍ରେରଣାର ଉତ୍ସ ହେଉ। ଆଜି ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶ୍ରଦ୍ଧାଞ୍ଜଳି ସହ:**
ପରିବାରବର୍ଗ ତଥା ଆତ୍ମୀୟସ୍ୱଜନ।
ଧ-୧୩୪୩୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଗୌରୀ ବାରିକ୍**
ସ୍ୱାମୀ: ସ୍ୱର୍ଗତ କୁଞ୍ଜବିହାରୀ ବାରିକ୍
ଅଳଗୁମ, ସାକ୍ଷୀଗୋପାଳ, ପୁରୀ
ତିରୋଧାନ: ୦୨।୦୮।୨୦୧୮
ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ସର୍ବଦା ଆମମାନଙ୍କ ପାଇଁ ସ୍ମୃତି ହୋଇ ରହିବ। ତୋର ଅମର ଆତ୍ମାର ଚିର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଜାଗେଶ୍ୱରୀ ଠାକୁରାଣୀଙ୍କ ପାଖରେ ବିନମ୍ର ପ୍ରାର୍ଥନା।
**ତୋର ଶୋକସନ୍ତପ୍ତ:**
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ବାହୁ, ନାତୁଣୀ, ନାତୁଣୀ ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୫୩୪

**୨୨ତମ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅଲେଖ ଦୀକ୍ଷିତ**
(୧୯୧୦-୨୫।୦୭।୧୯୯୭)
ପୁରୁଣା ବୁଢାକେରା, ବଳଙ୍ଗା
ଆଜିର ଶ୍ରାଦ୍ଧଦିବସରେ ତୁମ ଆତ୍ମାର ଶାନ୍ତି ପାଇଁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ଶ୍ରଦ୍ଧାଞ୍ଜଳି।
**ଶୋକସନ୍ତପ୍ତ:**
ପରିବାରବର୍ଗ
ଧ-୧୩୫୩୩

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଡା. ରଘୁନାଥ ମହାପାତ୍ର**
ଚାଷିଖଣ୍ଡ, ଜଗତ୍‌ସିଂହପୁର
ବାପା, ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ମାତୃଭକ୍ତି ଆମମାନଙ୍କର ପ୍ରେରଣାର ଉତ୍ସ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ବୋହୂ, ନାତୁଣୀ-ନାତୁଣୀ ଜ୍ୱାଇଁ, ଅଣନାତି ଏବଂ ଅଣନାତୁଣୀମାନେ।
ଧ-୧୩୫୧୧

**In his Memorry**



**Debendra Ku. Pradhan**
Birthday: 12.08.1971
Death: 02.08.2018
(Srabana Panchami)
**May his soul rest in peace.**
**Bereaved family:** Bapa, Maa, Wife, Brother, Sister Alima, & daughter Liti, Putura, Jhiari, Bubuli, Muna, Sikha, Reni, Bubun, Ashis & Family.
D- 13541

# ଗୁରୁତ୍ୱ କେଉଁଠି

ଝାଡ଼ଖଣ୍ଡ ଗୁମ୍‌ଲା ଜିଲାର ଏକ ଗ୍ରାମରେ ୨୧ ଜୁଲାଇରେ ଗୁଣିଗାରେଡ଼ି ସନ୍ଦେହରେ ୪ ଜଣଙ୍କୁ ପିଟିପିଟି ହତ୍ୟା କରାଯାଇଛି। ଏହାର ୩ ଦିନ ପୂର୍ବରୁ ବିହାରର ସରନ୍ ଜିଲାରେ ଗୋରୁ ଚୋରି ସନ୍ଦେହରେ ଉତ୍ତ୍ୟକ୍ତ ଲୋକେ ୩ ଜଣଙ୍କୁ ବାଡ଼େଇ ବାଡ଼େଇ ମାରି ଦେଇଥିଲେ। ଭିଡ଼ହିଂସାର ଏହି ସଦ୍ୟତମ ନିର୍ଦ୍ଦୟ ଘଟଣା ଅତ୍ୟନ୍ତ ହୃଦୟବିଦାରକ ହୋଇଥିଲେ ମଧ୍ୟ ଏହା ଉପରେ ବିଶେଷ ଆଲୋଚନା ହେଉ ନ ଥିବା ଦେଖିବାକୁ ମିଳୁଛି। କାରଣ ୨୦୧୫ରେ ଉତ୍ତରପ୍ରଦେଶର ଦାଦ୍ରୀନିବାସୀ ମହମ୍ମଦ ଅଖଲାକ୍‌ଙ୍କ ହତ୍ୟାଠାରୁ ରାଜସ୍ଥାନ ଅଲ୍‌ୱାରର ପେହେଲୁ ଖାନ୍ ସମେତ ଅସଂଖ୍ୟ ଘଟଣାକୁ ମନେପକାଇଲେ ଭିଡ଼ହିଂସାରେ ଲୋକଙ୍କୁ ମାରିପକାଇବା ସେଭଳି ଗୁରୁତ୍ୱ ରଖୁନାହିଁ। ସୁପ୍ରିମକୋର୍ଟ ଏଭଳି ଅପରାଧ ବଢୁଥିବା ଦେଖି ଏ ସଂକ୍ରାନ୍ତ ତୁରନ୍ତ ଆଇନ ଆଣିବାକୁ ୧୭ ଜୁଲାଇ ୨୦୧୮ରେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷେ ବିତିଗଲା ପରେ ମଧ୍ୟ ସରକାରଙ୍କ ନିଦ ଭାଙ୍ଗି ନାହିଁ। ବିହାରର ୩ ଜଣଙ୍କୁ ପିଟି ମାରିଦିଆଯିବା ପରେ ୧୯ ଜୁଲାଇରେ ଏଆଇଏମ୍‌ଆଇଏମ୍ ମୁଖ୍ୟ ଆସାଦୁଦ୍ଦିନ୍ ଓୱାଇଇସି ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗ ଉଠାଇ କାହିଁକି ଏ ଦିଗରେ ଆଇନ ଆସିବାରେ ବିଳମ୍ବ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏହା କେବଳ ଆସାଦୁଦ୍ଦିନ୍‌ଙ୍କ ପ୍ରଶ୍ନ ଭାବେ ପରିଗଣିତ ହେବା ଉଚିତ ନୁହେଁ। ପୃଥିବୀର ଇତିହାସକୁ ଦେଖିଲେ ବିଭିନ୍ନ ସମୟରେ ଓ ଭିନ୍ନଭିନ୍ନ ଦେଶରେ ଆରମ୍ଭ ହୋଇଥିବା ସଂଖ୍ୟାଲଘୁ ବିରୋଧୀ ଚିନ୍ତାଧାରା ଅଧିକାଂଶ ସମୟରେ ଅଲଗା ମୋଡ଼ ନେଇ ଅନ୍ୟ ଗୋଷ୍ଠୀଗୁଡ଼ିକୁ ଶିକାର କରିଥାଏ। ଆଜି ଭାରତବର୍ଷରେ ଗୁଣିଗାରେଡ଼ି ନାମରେ ହେଉ କିମ୍ବା ଗୋରୁ ଚୋରି ଅଭିଯୋଗ ମାଧ୍ୟମରେ ବ୍ୟବସାୟିକ ସୁବିଧା ପାଇଁ ଲୋକଙ୍କୁ ମାରିଦେବାର ଉଦାହରଣ ଦେଖିବାକୁ ମିଳୁଛି। ଏଭଳି ହିଂସା ବ୍ୟାପୁଥିବାରୁ ତାହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହେବା କଥା। ଯେଉଁମାନେ ଭାବୁଛନ୍ତି ଯେ, ମୁସଲମାନଙ୍କ ଭଳି ସଂଖ୍ୟାଲଘୁମାନେ ଦେଶର କ୍ଷତି କରୁଛନ୍ତି, ସେମାନେ ନିଜ ଜୀବନକୁ ସମୀକ୍ଷା କରି ଏହି ଦୋଷାରୋପ ସମ୍ପର୍କରେ ଚିନ୍ତା କରିବା ଉଚିତ ହେବ। ସାଧାରଣ ହିନ୍ଦୁର ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି କିମ୍ବା ଅନ୍ୟ କୌଣସି ଅର୍ଥନୈତିକ ପ୍ରଗତିରେ ମୁସଲମାନମାନଙ୍କ କୌଣସି ଭୂମିକା ରହୁଥିବାର କ୍ୱଚିତ ଉଦାହରଣ ମିଳିଥାଏ। ଅର୍ଥାତ୍ ରାଜନୈତିକ ସୁବିଧା ପାଇଁ ହିଂସାତ୍ମକ ମନୋଭାବ ସୃଷ୍ଟି କରାଗଲେ ତାହା କେବଳ ମୁସଲମାନ ବିରୋଧୀ ହୋଇ ରହିବ ନାହିଁ। ଆଜି ଗୋଟିଏ ସମ୍ପ୍ରଦାୟକୁ ବିରୋଧ କରୁଥିବା ଲୋକେ ଆସନ୍ତାକାଲି ସେହି ମନୋଭାବ ପୋଷଣ କରି ଅନ୍ୟ ଏକ ଶତ୍ରୁ ଖୋଜିବସିବ। ସେଭଳି ବିରୋଧ ସୃଷ୍ଟି ହେଲେ ତାହା କେବଳ ଧର୍ମ ନୁହେଁ, ଜାତି, ବର୍ଣ୍ଣ, ଭାଷା, ଅଞ୍ଚଳ ଭଳି ବିଭିନ୍ନ ଆଳ ଖୋଜିଥାଏ। ଅର୍ଥାତ୍ ନକାରାତ୍ମକ ଚିନ୍ତାଧାରାରୁ ଜନ୍ମ ହେଉଥିବା ହିଂସା କୌଣସି ଗୋଟିଏ କଥାରେ ସୀମିତ ରହେ ନାହିଁ।

ଓଡ଼ିଶାର କେତୋଟି ଜିଲାରେ ଗୁଣିଗାରେଡ଼ି ଆଳରେ ଅସହାୟ ବ୍ୟକ୍ତିମାନଙ୍କଠାରୁ ସେମାନଙ୍କ ସମ୍ପତ୍ତି ଛଡ଼ାଇ ନେବାର ଲୁକ୍କାୟିତ ଉଦ୍ଦେଶ୍ୟ ରହିଥାଏ। ଯେହେତୁ କୌଣସି ଉଚ୍ଚପଦସ୍ଥ କର୍ମକର୍ତ୍ତାଙ୍କଠାରୁ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ମିଳେ ନାହିଁ, ସେହେତୁ ପୋଲିସ ବ୍ୟବସ୍ଥା ନୀରବଦ୍ରଷ୍ଟା ପାଲଟି ଯାଉଥିବାର ଅନେକ ଦୃଷ୍ଟାନ୍ତ ରହିଛି। ଗ୍ରାମାଞ୍ଚଳରେ ଯେକୌଣସି ମହିଳା କିମ୍ବା ପୁରୁଷଙ୍କୁ ଅତି ସହଜରେ ଗୁଣିଗାରେଡ଼ିର ଆଖ୍ୟା ଦିଆଯାଇ ନିର୍ଯାତନା ଦେଇହୁଏ।

ତୁଳନାତ୍ମକ ଭାବେ ଭିଡ଼ହିଂସାଠାରୁ ନଗଣ୍ୟ ଘଟଣାରେ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଦିଆଯାଇ ଯଦି ତୁରନ୍ତ ଆଇନ ପ୍ରଣୟନ କରାଯାଇପାରୁଛି, ସେହି ଅନୁଯାୟୀ ଏଭଳି ଗମ୍ଭୀର ପ୍ରସଙ୍ଗକୁ ଅତ୍ୟଧିକ ପ୍ରାଧାନ୍ୟ ଦିଆଯିବା କଥା। ହେଲେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି, ଏ ସମ୍ବନ୍ଧରେ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ପାର୍ଲାମେଣ୍ଟର ଚଳିତ ଅଧିବେଶନରେ ଏହା ଉପସ୍ଥାପିତ ହେବ। ଏଭଳି ଆଶ୍ୱାସନାମୂଳକ ପ୍ରତିଶ୍ରୁତି ଭିଡ଼ହିଂସା ଯୋଗୁ ସୃଷ୍ଟି ହେଉଥିବା ଅରାଜକତା ଓ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ କୌଣସି ମୂଲ୍ୟ ରଖୁ ନାହିଁ। ସାଧାରଣତଃ ଦେଖାଯାଉଛି, ସରକାର ଯେଉଁ ପ୍ରସଙ୍ଗକୁ ଗୁରୁତ୍ୱ ମନେକରୁଛନ୍ତି, ସେଥିଲାଗି ତତ୍‌କ୍ଷଣାତ୍ ଆଇନ ଆଣିବା ସମ୍ଭବ ହେଉ ନ ଥିଲେ ଅଧ୍ୟାଦେଶ ଜରିଆରେ ଲକ୍ଷ୍ୟ ପୂରଣ କରୁଛନ୍ତି। ଆଧାରଠାରୁ ଆରମ୍ଭ କରି ତିନି ତଲାକ୍ ଯାଏ ଅଧ୍ୟାଦେଶ ଅଣାଯାଇଛି। କିନ୍ତୁ ଘୋର ସାମାଜିକ ସମସ୍ୟାର ସମାଧାନ ଦିଗରେ ସେଭଳି ତତ୍ପରତା ଦେଖିବାକୁ ମିଳେନାହିଁ। ଫଳସ୍ୱରୂପ ନିର୍ଦ୍ଦୋଷ ନିର୍ଯାତନାର ସମ୍ମୁଖୀନ ହୁଏ, ଦୋଷୀ ରାସ୍ତାରେ ଛାତି ଫୁଲାଇ ବୁଲିପାରେ।

# ଭାରତ ଓ କ୍ରିକେଟ


ଶରତ ଚନ୍ଦ୍ର ମିଶ୍ର

ସିପାହି ଆନ୍ଦୋଳନ (୧୮୫୭) ସମୟକୁ ଭାରତରେ ଇଂରେଜ ଓ ଭାରତୀୟଙ୍କ ମଧ୍ୟରେ ତିକ୍ତତା ଚରମ ସୀମାରେ। ଇଷ୍ଟ ଇଣ୍ଡିଆ କମ୍ପାନୀଠାରୁ ଇଂରେଜ ସରକାର ଶାସନଭାର ଗ୍ରହଣ (୧୮୫୮) କରି ଭାରତରେ ଇଂରେଜ ମୂଲ୍ୟବୋଧଭିତ୍ତିକ ଏକ ଇଂରେଜ ସପକ୍ଷବାଦୀ ଭାରତୀୟ ଗୋଷ୍ଠୀ ସୃଷ୍ଟି କରିବାକୁ ଉଦ୍ୟମ କଲେ। ଇଂଲିଶ ଶିକ୍ଷା ବ୍ୟବସ୍ଥା ଭାରତରେ ପ୍ରଚଳନ କରାଗଲା। ତିନୋଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲା ଓ କେତୋଟି ଇଂଲିଶ ମାଧ୍ୟମ ସ୍କୁଲ ଖୋଲିଲା। ଇଂଲିଶ ସ୍କୁଲମାନଙ୍କରେ ରାଜପୁତ୍ରମାନେ ଓ ପାର୍ଶୀମାନେ ଅଧିକ ସଂଖ୍ୟାରେ ଯୋଗଦେଲେ। ଇଂଲିଶ ଶିକ୍ଷା ସହିତ ଇଂଲିଶ କ୍ରୀଡ଼ା ମଧ୍ୟ ଭାରତରେ ଅନୁପ୍ରବେଶ କଲା। ଏକା ସାଙ୍ଗରେ ଖେଳିଲେ ଇଂରେଜମାନଙ୍କ ପ୍ରତି ଭାରତୀୟମାନେ ଅନୁକୂଳଭାବ ପୋଷଣ କରିବେ ବୋଲି ଚିନ୍ତା କରାଯାଉଥାଏ। ବିଲାତୀ ଖେଳ, କ୍ରିକେଟ, ହକି, ଫୁଟବଲ, ଟେନିସ, ପୋଲୋ, ବିଲିୟାର୍ଡ୍ସ ଓ ବ୍ରିଜ ଆଦି ଇଂରେଜ କ୍ୟାଣ୍ଟନମେଣ୍ଟରୁ ବାହାରକୁ ଆସି ଭାରତୀୟମାନଙ୍କୁ ଉପଲବ୍ଧ ହେଲା। ବିଲାତୀ ଖେଳମାନଙ୍କରେ ଉପକରଣ ଆବଶ୍ୟକ। ତେଣୁ ବ୍ୟୟସାପେକ୍ଷ। ପୁଣି ଉପକରଣଗୁଡ଼ିକ ଇଂଲଣ୍ଡରୁ ଆମଦାନି ହେଉଥାଏ। ତେଣୁ ସ୍ୱଳ୍ପ ବ୍ୟୟସାପେକ୍ଷ ଫୁଟବଲ ହିଁ ପ୍ରସାର ଲାଭକଲା।

ସମସ୍ତ ଇଂଲିଶ ଖେଳ ମଧ୍ୟରେ କ୍ରିକେଟ ଖେଳ ନିଆରା। ଏହା ଇଂରେଜ ସାମନ୍ତବାଦୀଙ୍କ ଖରାଦିନିଆ ଖେଳ। ସବୁପ୍ରକାର ଖେଳ ଅବସର ସମୟରେ ହେଲାବେଳକୁ କ୍ରିକେଟ ଖେଳ କାମ କରିବା ସମୟରେ ହୁଏ। ପାଞ୍ଚଦିନ କାଳ ନିଜର କାମଧନ୍ଦା ଛାଡ଼ି ଖେଳିବାକୁ ହେବ। ଯାହାର ଅନ୍ନଚିନ୍ତା ଅଛି, ସେ ଏ ଖେଳରେ ସାମିଲ ହୋଇପାରିବ ନାହିଁ। ତେଣୁ ଭାରତରେ କେବଳ ରାଜା, ମହାରାଜା ଓ ଧନୀ ବ୍ୟବସାୟୀ ପୁତ୍ରମାନେ ପ୍ରଥମେ ଏ ଖେଳରେ ଆଗ୍ରହୀ ହେଲେ। ତା'ପରେ ପୁଣି ବ୍ୟାଟ, ପ୍ୟାଡ, ନେଟ, ଉଇକେଟ ଆଦି ସବୁ ଇଂଲଣ୍ଡରୁ ଆମଦାନି।

କ୍ରିକେଟ ଭାରତରେ ପ୍ରଥମେ ବମ୍ବେର ବିଭିନ୍ନ କ୍ଲବ ଓ ଇଂଲିଶ ମାଧ୍ୟମ ସ୍କୁଲମାନଙ୍କରେ ଆରମ୍ଭ ହେଲା। ଊନବିଂଶ ଶତାବ୍ଦୀର ସପ୍ତମ ଦଶକ ବେଳକୁ ପାର୍ଶୀମାନେ ଏଥିରେ ପାରଦର୍ଶିତା ଲାଭ କରି ଇଂରେଜ କ୍ଲବମାନଙ୍କୁ ପରାସ୍ତ କରିବା ଆରମ୍ଭ କଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଇଂରେଜ ୬୬ତମ ରେଜିମେଣ୍ଟ, ୧୮୭୭ ମସିହାରେ ପାର୍ଶୀ ଖେଳାଳି ଓ ଉତ୍ସାହଦାନକାରୀ ଦର୍ଶକମାନଙ୍କୁ ପିଟାପିଟି କରିଥିଲେ। ଇଂରେଜମାନଙ୍କ ସାଙ୍ଗରେ ଖେଳିବାରେ, ସେମାନଙ୍କ ସାଙ୍ଗରେ ମିଶିବାର ଏହା ଏକ ସୁଯୋଗ ଓ ସେମାନଙ୍କୁ ତାଙ୍କରି ଖେଳରେ ପରାସ୍ତ କଲେ ଏକ ପ୍ରଚ୍ଛନ୍ନ ଆନନ୍ଦ ଓ ଗର୍ବଭାବ ନିହିତ ଥିଲା।

ପାର୍ଶୀମାନଙ୍କୁ ଅନୁକରଣ କରି ବମ୍ବେରେ ମୁସଲମାନ ଜିମ୍‌ଖାନା କ୍ଲବ ଓ ହିନ୍ଦୁ ଜିମ୍‌ଖାନା କ୍ଲବ ଗଠିତ ହେଲା ଓ ଏମାନଙ୍କ ପ୍ରତିଯୋଗିତା ସମୟରେ ସାମ୍ପ୍ରଦାୟିକ ଦଙ୍ଗାହଙ୍ଗାମା ହେଉଥିଲା। ଭାରତୀୟମାନଙ୍କୁ ଇଂଲଣ୍ଡ ଆସି ଖେଳିବାକୁ, ଇଂଲଣ୍ଡ ପକ୍ଷରୁ ବାରମ୍ବାର ନିମନ୍ତ୍ରଣ କରାଯାଉଥିଲେ ମଧ୍ୟ ଭାରତୀୟମାନେ ସମୁଦ୍ର ପାରିହେବାକୁ ଅନିଚ୍ଛା ପ୍ରକାଶ କରୁଥିଲେ ଓ ସବୁ ଧର୍ମର ଲୋକ ଏକ ସାଙ୍ଗରେ ଟିମ୍ ଗଠନ କରି ମିଳାମିଶା କରିବାକୁ ଚାହିଁ ନ ଥିଲେ। ଇଂଲଣ୍ଡର ସାମନ୍ତବାଦୀ ପରିବାରମାନଙ୍କ ପକ୍ଷରୁ ବହୁ ପ୍ରରୋଚନା ପରେ ଏକ ୧୬ ଜଣିଆ ଦଳ ୧୯୧୧ରେ ଇଂଲଣ୍ଡ ଭ୍ରମଣ କଲା। ପଟିଆଲା ମହାରାଜା ଭୂପିନ୍ଦର ସିଂହ କ୍ୟାପଟେନ ହେଲେ। ସେ କିନ୍ତୁ କେବଳ ବ୍ୟାଟିଂ କରନ୍ତି ଓ ସେ ସମୟରେ ସାଙ୍ଗରେ ଜଣେ ରନର ଯାଏ। ସେ ଅଳ୍ପ କେତେକ ମ୍ୟାଚ ଖେଳିଥିଲେ। ତାଙ୍କ ଦଳରେ ସାତଜଣ ପାର୍ଶୀ, ଦୁଇଜଣ ଦଳିତଙ୍କ ସମେତ ପାଞ୍ଚଜଣ ହିନ୍ଦୁ ଓ ତିନିଜଣ ମୁସଲମାନ ଥିଲେ। ବାକି ତିନିଜଣ ହିନ୍ଦୁ ଥିଲେ ବ୍ରାହ୍ମଣ ଓ ଦଳିତ ଦୁଇଜଣ ତାଲୱାନଙ୍କର ବାଲୁ ଓ ଶିଭମ୍ ଥିଲେ ପେଣ୍ଡୁ ନିକ୍ଷେପକାରୀ। ବାଲୁ ପରବର୍ତ୍ତୀ କାଳରେ ଜଣେ ଉଚ୍ଚକୋଟୀର ପେଣ୍ଡୁ ନିକ୍ଷେପକାରୀ ଭାବରେ ନାମ ଅର୍ଜନ କରିଥିଲେ। ଇଂଲଣ୍ଡରେ ରହଣି କାଳର ସମସ୍ତ ଖର୍ଚ୍ଚ ଇଂଲିଶ ସମ୍ଭ୍ରାନ୍ତମାନେ ବହନ କରିଥିଲେ। ଯାତ୍ରା ଓ ଅନ୍ୟାନ୍ୟ ଖର୍ଚ୍ଚ ପାର୍ଶୀମାନଙ୍କର ଟାଟା ପରିବାର, ହିନ୍ଦୁମାନଙ୍କର ବମ୍ବେର ଗୁଜରାଟୀ ବ୍ୟବସାୟୀ ଓ ମୁସଲମାନଙ୍କର ଖୋଜା ବ୍ୟବସାୟୀମାନେ ବହନ କରିଥିଲେ। ଇଂଲଣ୍ଡ ଗସ୍ତରେ ଭାରତୀୟ ଦଳ ବିଫଳ ହେଲେ ମଧ୍ୟ କ୍ରିକେଟ ଖେଳର ପ୍ରଚାର ହେଲା।

କ୍ରିକେଟ ଉପକରଣ କାଳକ୍ରମେ ଦେଶରେ ଉପଲବ୍ଧ ହେଲା। ଶ୍ରୀନଗର ଉପତ୍ୟକାର ଉଇଲୋ ଗଛର କାଠରୁ ବ୍ୟାଟ ତିଆରି ହେଲା। ଲୁଧିଆନାରେ ବଲ ତିଆରି ହେଲା। କ୍ରିକେଟ ଖେଳର ବ୍ୟୟବହୁଳତା ହ୍ରାସ ପାଇଲା। ଜାମସାହେବ ରଣଜିତ ସିଂହ ୪୦୦ ରନ କରି ସାରା ବ୍ରିଟିଶ ସାମ୍ରାଜ୍ୟରେ ପରିଚିତି ଲାଭ କଲେ। ଦେଶରେ ରେଡିଓର ପ୍ରଚଳନ ପରେ କ୍ରିକେଟ ଖେଳ ସବୁ ରେଡିଓରେ ପ୍ରଚାର ହେଲା। ବଡ ବଡ ସହର, ବିଶ୍ୱବିଦ୍ୟାଳୟମାନଙ୍କରେ ଖେଳର ପ୍ରସାର ଘଟିଲା ଓ ବମ୍ବେ ହେଲା ଦେଶର କ୍ରିକେଟ ରାଜଧାନୀ।

ଦେଶ ବିଭାଜନ ସମୟରେ ଭାରତୀୟ କ୍ରିକେଟ ଦଳର କେତେଜଣ ନାମକରା ଖେଳାଳି ପାକିସ୍ତାନ ଚାଲିଗଲେ। ଭିତ୍ତିଭୂମିର ଅଭାବ ସତ୍ତ୍ୱେ ସେମାନେ ପାକିସ୍ତାନରେ ଟିମ୍ ଗଠନ କଲେ ଓ ସେ ଟିମ୍ ୧୯୫୨ ମସିହାରେ ଟେଷ୍ଟ କ୍ରିକେଟ ଖେଳିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପାକିସ୍ତାନରୁ ଅଲଗା ହୋଇ ଯାଇଥିବା ବାଂଲାଦେଶ ମଧ୍ୟ ନିଜ ଟିମ୍ ଗଠନ କଲା। ଉଭୟ ପାକିସ୍ତାନୀ ଓ ବାଂଲାଦେଶ ଟିମ୍ ଉତ୍ତମ ଟିମ୍ ଭାବରେ ପରିଚିତ।

ଦେଶରେ ଟିଭିର ପ୍ରଚଳନ କ୍ରିକେଟ ଜଗତରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଦେଲା। ଘରେ ବସି କ୍ରିକେଟ ଆଗ୍ରହୀମାନେ ଖେଳ ଦେଖିଲେ। ବର୍ତ୍ତମାନ ଆଗ୍ରହୀ ଦର୍ଶକମାନେ ଘଣ୍ଟା ଘଣ୍ଟାଧରି ଆଇପିଏଲ୍ ଓ ବିଶ୍ୱକପ୍ ଦେଖିବାର ମଜା ଉପଭୋଗ କରୁଛନ୍ତି।

ଭାରତୀୟ କ୍ରିକେଟ ଦଳ କ୍ରିକେଟ ଜଗତରେ ସ୍ୱୀକୃତି ଲାଭ କଲା। ୧୯୮୩ ମସିହାରେ ଅପ୍ରତ୍ୟାଶିତ ଭାବରେ ବିଶ୍ୱକପ ଜୟ କରି ଭାରତୀୟ ଦଳ ସିଂହ ଗୁମ୍ଫାରେ ସିଂହକୁ ଆୟତ୍ତ କଲା ଭଳି ଇଂରେଜ ମାଟିରେ ବିଶ୍ୱକପ୍ ବିଜୟୀ ହେଲା। ତା' ପରେ ଭାରତୀୟ ଟିମ୍ ସାତଥର ସେମିଫାଇନାଲରେ ପ୍ରବେଶ କରିଛି, ତିନିଥର ଫାଇନାଲକୁ ଯାଇ ଦୁଇଥର ବିଶ୍ୱକପ ବିଜେତା ହୋଇଛି। କ୍ରିକେଟର ସମସ୍ତ ପ୍ରକାର (ଦିନିକିଆ ଟେଷ୍ଟ ଓ ଟି-୨୦) ଖେଳରେ ଭାରତୀୟ ଦଳ ଶ୍ରେଷ୍ଠତା ପ୍ରଦର୍ଶନ କରିପାରିଛି ଓ ଶ୍ରେଷ୍ଠ ଭାରତୀୟ ଖେଳାଳି ଗାଭାସ୍କର, ତେନ୍ଦୁଲକର, ଧୋନି ଓ କୋହଲି ଅନେକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି।

ଏ ଖେଳଟି ନିଛକ ବିଲାତୀ ଖେଳ ଓ ପୂର୍ବତନ ବ୍ରିଟିଶ ସାମ୍ରାଜ୍ୟ ମଧ୍ୟରେ ସୀମାବଦ୍ଧ। ଇଂଲଣ୍ଡର ଉପନିବେଶ ନ ଥାଇ ବିଶ୍ୱକପରେ ଭାଗ ନେବାରେ ଆଫଗାନିସ୍ତାନ ହିଁ ପ୍ରଥମ ଦେଶ। ଆଫଗାନିସ୍ତାନରେ କ୍ରିକେଟକୁ ଜନପ୍ରିୟ କରାଇବାର ଶ୍ରେୟ ଭାରତର।

ବର୍ତ୍ତମାନ କ୍ରିକେଟ ଭାରତରେ ସବୁଠାରୁ ଜନପ୍ରିୟ କ୍ରୀଡ଼ା। କ୍ରିକେଟ ଖେଳାଳିମାନେ ଆଉ ଦୁଃସ୍ଥ ନୁହନ୍ତି। ସଫଳକାମଙ୍କ ଆର୍ଥିକ ସମ୍ପତ୍ତି ଓ ଭାବମୂର୍ତ୍ତି ବଲିଉଡ କଳାକାରମାନଙ୍କ ପରି। ବିସିସିଆଇ ପୃଥିବୀର ସବୁଠାରୁ ଧନୀ କ୍ରିକେଟ ଅନୁଷ୍ଠାନ। କ୍ରିକେଟ ଦେଶ ଓ ବିଦେଶ ମାଟିରେ ଭାରତୀୟମାନଙ୍କ ମଧ୍ୟରେ ଜାତୀୟତା ଭାବ ଉଦ୍ରେକ କରାଏ ଓ ତାହା ହିଁ ଦେଶକୁ କ୍ରିକେଟର ଶ୍ରେଷ୍ଠ ଅବଦାନ।

ମୋ-୯୯୩୭୪୨୨୫୨୧

# ଓଡ଼ିଶାର ପାଲା ସଂସ୍କୃତି

ନୃସିଂହ ଚରଣ ମହାପାତ୍ର

ଆମ ଉତ୍କଳ ପ୍ରଦେଶର ଯେତେପ୍ରକାର ସଂସ୍କୃତି ରହିଛି ତନ୍ମଧ୍ୟରୁ ପାଲା ଅନ୍ୟତମ। ମୋଗଲ ଶାସନ ଅମଳରୁ ସତ୍ୟନାରାୟଣ ପାଲା ବା ସତ୍ୟପୀର ପାଲା ଚଳିଆସୁଛି। ସତ୍ୟନାରାୟଣ+ପୀର= ସତ୍ୟପୀର ନାମରେ ଏହି ପାଲା ହିନ୍ଦୁ ଓ ମୁସଲମାନ ସଂସ୍କୃତିର ସମନ୍ୱୟକୁ ବୁଝାଉଛି। ବର୍ତ୍ତମାନ ମଧ୍ୟ ଓଡ଼ିଶାର ଘରେ ଘରେ ସତ୍ୟପୀର ପୂଜା ଅନୁଷ୍ଠିତ ହେଉଛି। ଏହା ବିଭିନ୍ନ କାହାଣୀକୁ ଆଧାର କରି ଗତିଶୀଳ ହୋଇଥାଏ।

କେତେକଙ୍କ ମତରେ ପାଲା ଦଣ୍ଡନାଚର ପରବର୍ତ୍ତୀ ସଂସ୍କରଣ। ଦଣ୍ଡନାଚରେ ବିଭିନ୍ନ ପୌରାଣିକ ଆଖ୍ୟାନକୁ ଆଧାରକରି ବିଭିନ୍ନ ସଙ୍ଗୀତ ଗାନପୂର୍ବକ ଦର୍ଶକମାନଙ୍କର ମନୋରଞ୍ଜନ କରାଯାଇଥାଏ। କ୍ରମଶଃ ତାହା ନୂତନ ରୂପ ଧାରଣ କରି ଏକ ସାଂସ୍କୃତିକ ଚେତନାର ବାର୍ତ୍ତାବହ ରୂପେ ପ୍ରତିଷ୍ଠା ଲାଭ କରିଛି।

ପାଲା ସାଧାରଣତଃ ଦୁଇ ପ୍ରକାର- ବୈଠକୀ ପାଲା ଓ ଠିଆ ପାଲା। ବୈଠକୀ ପାଲାରେ ସତ୍ୟନାରାୟଣ ପାଲା, ସତ୍ୟପୀର ପାଲା, ପଞ୍ଚାନନ ମେଳା ଆଦି ଅନ୍ତର୍ଭୁକ୍ତ, ଯେଉଁଥିରେ ବ୍ରାହ୍ମଣ ମନ୍ତ୍ର ପାଠକରି ସେହି ପାଲାକୁ ଆଧାର କରି ରଚିତ ଆଖ୍ୟାୟିକା ସମ୍ବନ୍ଧରେ ଗାନ କରି ଭକ୍ତବୃନ୍ଦଙ୍କୁ ବୁଝାଇଥାନ୍ତି। ଠିଆପାଲାରେ ୫/୬ ଜଣ କଳାକାରଙ୍କୁ ନେଇ ଏକ ଦଳ ଗଠିତ। ଏଥିରେ ମୁଖ୍ୟ ଥାଆନ୍ତି ଗାୟକ, ଯେ କି ଓଡ଼ିଶାର ପ୍ରାଚୀନ ସାହିତ୍ୟରେ ଥିବା ବିଭିନ୍ନ ରାଗ ଓ ରାଗିଣୀରେ ସଙ୍ଗୀତ ଗାନ କରି ତା'ର ଅର୍ଥକୁ ସରଳୀକରଣ କରି ଶ୍ରୋତାମାନଙ୍କୁ ବୁଝାଇଥାନ୍ତି। ଏହି ପାଲାରେ ସଂସ୍କୃତ ସାହିତ୍ୟରୁ ବିଭିନ୍ନ ଉଦାହରଣ ଦେଇ ତନ୍ନ ତନ୍ନ କରି ବୁଝାଇବା ଗାୟକଙ୍କର ବୈଶିଷ୍ଟ୍ୟ। ଗାୟକଙ୍କୁ ବାଦ ଦେଲେ ଜଣେ ବାଦକ ଓ ଜଣେ ଶ୍ରୀପାଳିଆ ଓ ଅନ୍ୟ ୨ ବା ୩ ଜଣ ପାଳିଆ ଥାଆନ୍ତି।

ଗାୟକଙ୍କର ସୁମଧୁର ସ୍ୱରକୁ ମୃଦଙ୍ଗରେ ତାଳ ଦିଅନ୍ତି ବାୟକ, ଶ୍ରୀପାଳିଆ ଗାୟକଙ୍କର ସ୍ୱରକୁ ଶେଷାଂଶରେ ଗାନ କରି ଅନ୍ୟ ପାଳିଆ ଭାଇଙ୍କର ସହାୟତା ନିଅନ୍ତି। ସବୁ ପାଳିଆଙ୍କ ହାତରେ ଝାଞ୍ଜ ଥାଏ। ସମୟ ସମୟରେ ଦାସକାଠିଆରେ ବ୍ୟବହୃତ ଦାସକାଠି ମଧ୍ୟ ବ୍ୟବହୃତ ହୁଏ। ଗାୟକ ଚାମର ସହ ଗିନିରେ ମଙ୍ଗଳାଚରଣ କରିଥାନ୍ତି।

ଓଡ଼ିଶା ସଂସ୍କୃତି ବିଭାଗ ତରଫରୁ ପାଲା ଓ ଦାସକାଠିଆ ଉତ୍ସବ ଅନୁଷ୍ଠିତ ହୋଇଥାଏ। କଟକସ୍ଥ ବାଦାମବାଡ଼ିରେ ଏକ ପାଲାମଣ୍ଡପ ରହିଛି। ସେଠାରେ ଗାୟକମାନେ ସେମାନଙ୍କ କଳାର ନୈପୁଣ୍ୟ ପ୍ରଦର୍ଶନ କରିଥାନ୍ତି।

ସର୍ବପ୍ରଥମେ ମଞ୍ଚକୁ ବାୟକ ଓ ଅନ୍ୟ ପାଳିଆମାନେ ପ୍ରବେଶ କରନ୍ତି। ମୃଦଙ୍ଗ ବାଦକ ବିଭିନ୍ନ ତାଳରେ ବାଦନ କରିବା ସଙ୍ଗେସଙ୍ଗେ ବୋଲ ଉଚ୍ଚାରଣ କରୁଥାଏ। ଅନ୍ୟ ପାଳିଆମାନେ ଝାଞ୍ଜ ଦ୍ୱାରା ବାଦ୍ୟ ସହିତ ତାଳମେଳ ରଖନ୍ତି। ତତ୍ପରେ ଶ୍ରୀପାଳିଆ ଗୋଟିଏ ବନ୍ଦନା ଗାନ କରି ସରଳ ଭାଷାରେ ବୁଝାଇ ଥାଆନ୍ତି। ବନ୍ଦନା ସରିବା ପରେ ଗାୟକ ମଞ୍ଚରେ ପ୍ରବେଶ କରନ୍ତି। ଚାମର ଓ ଗିନି ସାହାଯ୍ୟରେ ସେ ମଙ୍ଗଳାଚରଣ ଆବୃତ୍ତି କରନ୍ତି। ମଙ୍ଗଳାଚରଣରେ ସର୍ବପ୍ରଥମେ 'ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ ଭାସ୍କରେ ତଥା, ଭିନ୍ନାଭିନ୍ନଂ ନ କର୍ତ୍ତବ୍ୟଂ ପଞ୍ଚଦେବୋ ନମୋଽସ୍ତୁ ତେ' ଏହି ଶ୍ଳୋକ ପାଠକରି କିମ୍ବା ଅନ୍ୟ ସଂସ୍କୃତ ମଙ୍ଗଳାଚରଣ ପାଠକରି ବୁଝାଇଥାନ୍ତି। ପାଲାରେ ସାଧାରଣତଃ କୌଣସି ଏକ ପୌରାଣିକ ବିଷୟବସ୍ତୁକୁ ଆଧାର କରି ସଙ୍ଗୀତ ଗାନ କରାଯାଇଥାଏ। ବିଷୟ ପ୍ରସଙ୍ଗରେ ସନ୍ଧ୍ୟା ବର୍ଣ୍ଣନା, ପ୍ରଭାତ ବର୍ଣ୍ଣନା, ରାଜ୍ୟ ବର୍ଣ୍ଣନା, ନାରୀର ଅଙ୍ଗସୌଷ୍ଠବ ବର୍ଣ୍ଣନା ଇତ୍ୟାଦି ବିଭିନ୍ନ ପ୍ରାଚୀନ କବିଙ୍କ ଲେଖାରୁ ସୁମଧୁର ସ୍ୱରରେ ଗାୟକ ଗାନ କରିଥାନ୍ତି ଓ ସରଳ ସାବଲୀଳ ଭାଷାରେ ବୁଝାଇଥାନ୍ତି। ବିଶେଷକରି କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, ଭକ୍ତକବି ଦୀନକୃଷ୍ଣ ଦାସ, କବିସୂର୍ଯ୍ୟ ବଳଦେବ ରଥ, ଅଭିମନ୍ୟୁ ସାମନ୍ତସିଂହାର, ଉତ୍କଳଘଣ୍ଟ ଯଦୁମଣି ମହାପାତ୍ରଙ୍କ ରଚିତ କାବ୍ୟରୁ ସେ ବିଭିନ୍ନ ଉଦାହରଣ ଦେଇଥାନ୍ତି। ସଂସ୍କୃତ ଗ୍ରନ୍ଥ ଯଥା ମେଘଦୂତମ୍, କୁମାରସମ୍ଭବମ୍, ନୈଷଧୀୟ ଚରିତମ୍, ଶିଶୁପାଳବଧମ୍, କୀରାତାର୍ଜୁନୀୟମ୍ ଇତ୍ୟାଦିରୁ ଉଦାହରଣମାନ ପ୍ରଦାନ କରିଥାନ୍ତି। ପରମ୍ପରା ଅନୁସାରେ ଚଉପଦୀ, ଓଡ଼ିଶୀ, ଦକ୍ଷିଣୀ ଇତ୍ୟାଦି ତାଳ ଓ ବିଭିନ୍ନ ରାଗକୁ ଆଧାର କରି ସଙ୍ଗୀତ ପରିବେଷଣ କରିଥାନ୍ତି। ପାଲା ଦଳରେ ସୁନ୍ଦର ସୁନ୍ଦର କଣ୍ଠଶିଳ୍ପୀ ମଧ୍ୟ ଥାଆନ୍ତି। ସେମାନେ ସୁମଧୁର କଣ୍ଠସ୍ୱରରେ ସଂଗୀତ ଗାନ କରି ଶ୍ରୋତା ଓ ଦର୍ଶକଙ୍କୁ ମୁଗ୍ଧ କରିଥାନ୍ତି। ପ୍ରସଙ୍ଗକ୍ରମେ ପାଳିଆମାନେ ମଧ୍ୟ ଓଢ଼ଣି ମୁଣ୍ଡରେ ପକାଇ ସୁନ୍ଦର ଆଧୁନିକ ନୃତ୍ୟ ପରିବେଷଣ କରିଥାନ୍ତି। ପାଳିଆମାନଙ୍କ ମଧ୍ୟରୁ ଜଣେ ହାସ୍ୟରସିକ ଥାଆନ୍ତି। କାରଣ ବିଭିନ୍ନ ମନୋବୃତ୍ତିର ଲୋକେ ସମାଜରେ ଥାଆନ୍ତି। କିଏ ବିଷୟବସ୍ତୁ ପ୍ରତି ଗୁରୁତ୍ୱ ଆରୋପ କରନ୍ତି, କେହି କେହି ହାସ୍ୟରସ ଶୁଣିବା ପାଇଁ ଆଗ୍ରହୀ ଥାଆନ୍ତି ଓ କେତେକ ସଙ୍ଗୀତ ଶୁଣିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି। ସମାଜର ରୁଚିକୁ ଦୃଷ୍ଟିରେ ରଖି ମଣ୍ଡପରେ ଆଧୁନିକ ନୃତ୍ୟ, ଓଡ଼ିଶୀ ନୃତ୍ୟ, ହାସ୍ୟରସ ଉଦ୍ରେକକାରୀ ଗଳ୍ପ ପରିବେଷଣ କରାଯାଇଥାଏ। ସର୍ବଶେଷରେ ଗାୟକ 'ଦୀନଜନ ଶରଣରକ୍ଷଣ ମହାବାହୁ, ଆନନ୍ଦ ସାଗରେ ହରିବୋଲ ହୁଳହୁଳି ଦିଅ ଜଗତର ଦୁଃଖ ଯାଉ ହେ...' ଇତ୍ୟାଦି ପଦ ଉଚାରଣ କରି ପବିତ୍ର ଚାମରକୁ ସମସ୍ତ ପାଳିଆଙ୍କ ଝାଞ୍ଜ ଓ ମୃଦଙ୍ଗରେ ସ୍ପର୍ଶଦେଇ ପାଲାର ପରିସମାପ୍ତି କରନ୍ତି।

ପାଲା ଗାୟକଙ୍କ ସାଧନାକୁ ପ୍ରଶଂସା ନ କରି ରହିହେବ ନାହିଁ। କେତେ କାବ୍ୟକବିତା ସେମାନଙ୍କ ମୁହଁରେ ରହିଛି। ପ୍ରସିଦ୍ଧ ଗାୟକବୃନ୍ଦ ଯେଉଁମାନେ ଇହଧାମରେ ନାହାନ୍ତି, ସେମାନଙ୍କର ସାହିତ୍ୟ ସାଧନା ନୂତନ ପିଢିର ଗାୟକମାନଙ୍କୁ ପ୍ରେରଣା ଦେଉଥିବ, ଏହା ସ୍ୱୀକାର୍ଯ୍ୟ। ସେମାନଙ୍କ ମଧ୍ୟରୁ ସ୍ୱର୍ଗତ ହରି ନାଥ, ନରି ନାଥ, କପିଳ ନାଥ, ଘନଶ୍ୟାମ ନାୟକ, କରୁଣାସିନ୍ଧୁ ନାୟକ, ପରମାନନ୍ଦ ବାରିକ ପ୍ରମୁଖ ପ୍ରଧାନ। ପ୍ରାତଃସ୍ମରଣୀୟ ବର୍ତ୍ତମାନର ଗାୟକମାନେ ମଧ୍ୟ ସୁନ୍ଦର ବ୍ୟାଖ୍ୟା ଓ ଅଭିନୟ ଶୈଳୀରେ ପାଲାର ଉପସ୍ଥାପନା କରୁଛନ୍ତି। ଆଜିକାଲିର ପ୍ରବଚକ କିମ୍ବା ବକ୍ତା ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ପ୍ରସ୍ତୁତ ହୋଇ ସଭାରେ ଭାଷଣ ପ୍ରଦାନ କରନ୍ତି। କିନ୍ତୁ ଜଣେ ଗାୟକ ରାତିରେ ୪ ଘଣ୍ଟା ପାଲା ଗାଇବା ସାଙ୍ଗକୁ ବିଭିନ୍ନ ରଚନାରୁ କବିତା ଉଦ୍ଧାର କରି ସ୍ୱର, ଲୟ, ତାଳକୁ ଲକ୍ଷ୍ୟକରି ଉପସ୍ଥାପନ କରିବା କମ୍ କଷ୍ଟକର ବ୍ୟାପାର ନୁହେଁ। ଗାୟକ ବନ୍ଧୁମାନେ ଯଥାର୍ଥରେ ମା' ସରସ୍ୱତୀଙ୍କର ବରପୁତ୍ର। ମା'ଙ୍କ ଆଶୀର୍ବାଦରୁ ସେମାନେ ଅଗାଧ ସାହିତ୍ୟ ସମୁଦ୍ରକୁ ସାମାନ୍ୟ କାଠଡଙ୍ଗାରେ ପାରି ହୋଇ ପାରୁଛନ୍ତି।

ସର୍ବଶେଷରେ ଏତିକି କୁହାଯାଇପାରେ ଯେ, ଓଡ଼ିଆ, ପ୍ରାଚୀନ ସାହିତ୍ୟ ଓ ସଂସ୍କୃତ ସାହିତ୍ୟକୁ ଯଦି କେହି ବଞ୍ଚାଇ ରଖିବାକୁ ଚେଷ୍ଟା କରିଥାଏ ସେ ହେଉଛି ଗାୟକ ସମାଜ। ତେଣୁ ସମସ୍ତ ଗାୟକ ବନ୍ଧୁଙ୍କୁ ସେମାନଙ୍କର ନିରଳସ ସାହିତ୍ୟ ସାଧନା ପାଇଁ ଅଭିନନ୍ଦନ।

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଦିବ୍ୟଭୂମି,
କୋହ୍ଲ, ଭଦ୍ରକ, ମୋ-୯୨୩୮୫୬୮୮୮୩

## ଆମ ସମସ୍ୟା

### ଫ୍ଲାଇ ଓଭର ନିର୍ମାଣରେ ବିଳମ୍ବ

ମହାଶୟ,

ସାକ୍ଷୀଗୋପାଳ (ସତ୍ୟବାଦୀ) ବଜାର ଫ୍ଲାଇ ଓଭର ବ୍ରିଜ୍ ନିର୍ମାଣର ଧାର୍ଯ୍ୟ ତାରିଖ ଘୁଞ୍ଚି ଘୁଞ୍ଚି ଯାଉଛି। ଏହି ବ୍ରିଜ୍ ନିର୍ମାଣରେ ବିଳମ୍ବ ହେତୁ ଅଞ୍ଚଳରେ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଅଞ୍ଚଳରେ କ୍ରମବର୍ଦ୍ଧିଷ୍ଣୁ ଯାନବାହନ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏହି ଓଭରବ୍ରିଜ୍‌ର ପରିକଳ୍ପନା କରାଯାଇଥିଲା। ଏଣେ ପ୍ରକଳ୍ପ ପାଇଁ ଘରୋଇ ଓ ସରକାରୀ ଜମି ଅଧିଗ୍ରହଣ କାମ ବାକି ରହିଛି। ଜବରଦଖଲ ମଧ୍ୟ ଉଚ୍ଛେଦ କରାଯିବ। ହେଲେ ଅସମ୍ପୂର୍ଣ୍ଣ ପ୍ରକଳ୍ପ ଅଞ୍ଚଳର ବ୍ୟବସ୍ଥାକୁ ଗୁରୁତର ଭାବେ ପ୍ରଭାବିତ କରିଛି।

ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### କାର୍ଡ ନ ଥିବା ଲୋକଙ୍କୁ ବି ଗହମ ଓ କିରୋସିନ ମିଳୁ

ସାଧାରଣ ଖାଉଟି ଗହମ ବା କିରୋସିନ ଟିକିଏ ପାଉନାହାନ୍ତି। କାର୍ଡ ଥିବା ଲୋକେ ଗହମ, ଚାଉଳ କିଲୋ ଏକ ଟଙ୍କାରେ ପାଇ ଆନନ୍ଦରେ ଥିବା ବେଳେ ସାଧାରଣ ଖାଉଟି ଏଥିରୁ ବଞ୍ଚିତ ହେଉଛନ୍ତି। ଫନୀ ବାତ୍ୟାରେ ଟିକିଏ କିରୋସିନ ବିନା ଦୀର୍ଘ ଦଶ ପନ୍ଦର ଦିନ ଅନ୍ଧାରରେ କାଳ କଟାଇବାକୁ ପଡ଼ିଛି। ଏମାନେ କ'ଣ ଦେଶର ନାଗରିକ ନୁହନ୍ତି ? ଆଗକୁ କାର୍ଡ ନ ଥିବା ଲୋକେ କିପରି ଗହମ ଓ କିରୋସିନ (ବଜାର ଦରରେ ହେଉ ପଛେ) ପାଇବେ ସରକାର ତା'ର ବ୍ୟବସ୍ଥା କରନ୍ତୁ, ନ ହେଲେ ଲୋକେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବେ। ଏ ପାତରଅନ୍ତରକୁ ଆଉ ବରଦାସ୍ତ କରାଯିବ ନାହିଁ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

୪୪ ଜଣ ସାଥୀଙ୍କୁ ଏକାଠି କଲା ଗୋଟିଏ ମେସେଜ୍। ଆଧୁନିକ ଯୁଗରେ ସମସ୍ତେ ମୋବାଇଲ ମାନିଆ ହୋଇଥିବା ବେଳେ ଏବେ ହ୍ୱାଟ୍ସଆପ୍ ମଧ୍ୟ ଅନେକ ସମୟରେ ଦୂରରେ ଥିବା ବନ୍ଧୁଙ୍କୁ ଏକାଠି କରିବାରେ ସାହାଯ୍ୟ କରୁଛି। ଏମିତି ଏକ ଉଦାହରଣ ସୃଷ୍ଟି କରିଛନ୍ତି ମଧ୍ୟପ୍ରଦେଶର ରତଲାମ୍ ଅଞ୍ଚଳର ୪୪ଜଣ ବନ୍ଧୁ। କରଜରେ ବୁଡ଼ି ଯାଇଥିବା ଜଣେ ବନ୍ଧୁଙ୍କୁ ଏମାନେ ମିଶି ଉଦ୍ଧାର କରିଛନ୍ତି। ଅସଲ ଘଟଣା ହେଲା ଜଣେ ବ୍ୟବସାୟୀ ବ୍ୟାଙ୍କରୁ ଋଣ ଆଣି ବ୍ୟବସାୟ କରିଥିଲେ। ହେଲେ ଏଥିରେ କ୍ଷତି ହେବା ଫଳରେ ତାଙ୍କ ଉପରେ ଲକ୍ଷାଧିକ ଟଙ୍କାର ଋଣ ବୋଝ ଲଦି ହୋଇଯାଇଥିଲା। ସେ ଏକଥା ଅଷ୍ଟ୍ରେଲିଆରେ ଥିବା ତାଙ୍କର ଜଣେ ସାଙ୍ଗଙ୍କୁ କହିଥିଲେ। ଆଉ ଜୁନ୍ ୩୦ ସୁଦ୍ଧା ଋଣ ପରିଶୋଧ ନ କଲେ ତାଙ୍କ ଘର ବିକ୍ରି ହୋଇଯିବ ବୋଲି ସୂଚାଇ ଦେଇଥିଲେ। ଏକଥା ଜାଣିବା ପରେ ଅଷ୍ଟ୍ରେଲିଆରେ ଥିବା ତାଙ୍କର ବନ୍ଧୁ ଜଣକ ହ୍ୱାଟ୍ସଆପ୍‌ରେ ଏକ ଗ୍ରୁପ ତିଆରି କରି ଏଥିରେ ୪୪ ଜଣ ସାଙ୍ଗଙ୍କୁ ସାମିଲ କରିଥିଲେ। ଏଥିପାଇଁ କିଛି କିଛି ଅର୍ଥ ସାହାଯ୍ୟ ଦେବାକୁ କହିଥିଲେ। ତାହା ପୁଣି ସର୍ତ୍ତରେ। ସର୍ତ୍ତ ଥିଲା ଅର୍ଥ ଦେବା ସମୟରେ ଏହା ଯେଉଁ ସାଙ୍ଗଙ୍କୁ ଦିଆଯାଉଛି ତାଙ୍କୁ ଏ ବିଷୟରେ ଯେମିତି କିଛି ପଚରା ନ ଯାଏ। ଶେଷରେ ତାହା ହିଁ ହେଲା ସମସ୍ତେ ୨୫ ହଜାର ଲେଖାଁ ଟଙ୍କା ଏକ ନିର୍ଦ୍ଦିଷ୍ଟ ଆକାଉଣ୍ଟରେ ଜମା କରିବାରୁ ଦେବାଳିଆ ହୋଇଯାଇଥିବା ବନ୍ଧୁଙ୍କ ପାଖରେ ରାତାରାତି ପହଞ୍ଚିଲା ୧୧ ଲକ୍ଷ ଟଙ୍କା। ଆଉ କିଛି ନ ପଚାରି ତାଙ୍କୁ ବ୍ୟାଙ୍କର ଋଣ ପରିଶୋଧ କରିବାକୁ ସାଙ୍ଗମାନେ କହିଥିଲେ। ଅର୍ଥାତ୍ ଜୁନ୍ ୨୯ରେ ସେହି ବ୍ୟବସାୟୀ ୱାନ ଟାଇମ୍ ସେଟଲ୍‌ମେଣ୍ଟରେ ୧୧ଲକ୍ଷ ଟଙ୍କା ପଇଠ କରି ଋଣମୁକ୍ତ ହୋଇଛନ୍ତି। ବନ୍ଧୁଭାବ ସାହାଯ୍ୟର ଏଭଳି ଏକ ନିଆରା ପରମ୍ପରା ସୃଷ୍ଟି କରିଥିବାରୁ ଏହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

କିଣିଲ ଭୁବନମୟ ରୂପଗୁଣେ
ଅଭୟ ଅଶୋକ
ଜିଣିଲ ଶୈଶବ ଜରା ଦୀନ ଧନୀ
ଜ୍ଞାନୀ ମୂର୍ଖ ଲୋକ।
(ସୁନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ଜୁଲାଇ ୧୪- ଆଇସିସି ବିଶ୍ୱକପ୍ କ୍ରିକେଟରେ ଇଂଲଣ୍ଡ ଚାମ୍ପିୟନ ଟ୍ରଫି ହାସଲ କରିଛି।

୧୫- ପୂର୍ବତନ କେନ୍ଦ୍ରମନ୍ତ୍ରୀ କଲରାଜ ମିଶ୍ରଙ୍କୁ ହିମାଚଳପ୍ରଦେଶର ଏବଂ ହିମାଚଳପ୍ରଦେଶରେ ରାଜ୍ୟପାଳ ଥିବା ଆଚାର୍ଯ୍ୟ ଦେବବ୍ରତଙ୍କୁ ଗୁଜରାଟର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି।

୧୬- ବରିଷ୍ଠ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଭାବେ ନିଯୁକ୍ତ।

୧୭- ପାକିସ୍ତାନରେ ଭାରତର ପୂର୍ବତନ ନୌସେନା ଅଧିକାରୀଙ୍କ ମୃତ୍ୟୁଦଣ୍ଡାଦେଶ ଉପରେ ସ୍ଥଗିତାଦେଶକୁ ଅନ୍ତର୍ଜାତୀୟ ଅଦାଲତ ବଳବତ୍ତର ରଖିବା ସହ ତାଙ୍କର ଦଣ୍ଡାଦେଶ ଉପରେ ପୁନର୍ବିଚାର କରିବା ଓ ତାଙ୍କୁ ଦୂତାବାସ ସହ ଯୋଗାଯୋଗ ସୁଯୋଗ ଓ ନ୍ୟାୟିକ ସହାୟତା ଯୋଗାଇଦେବା ଲାଗି ଆଦେଶ ଦେଇଛନ୍ତି।

୧୮- ବହୁକୋଟି ଟଙ୍କା ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶାହିଦ ଖାକନ ଆବାସି ଗିରଫ।

୧୯- ପାକିସ୍ତାନରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଲଭୂଷଣ ଯାଦବଙ୍କ ସମ୍ପର୍କରେ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲଦ ଅନୁକୂଳ ରାୟ ଦେବା ପରେ ତାଙ୍କୁ ଦୂତାବାସ ମାଧ୍ୟମରେ ଆଇନଗତ ସହାୟତା ପାଇବା ଲାଗି ପାକିସ୍ତାନ ମଞ୍ଜୁରୀ ପ୍ରଦାନ କରିବାକୁ ବାଧ୍ୟ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଜୁଲାଇ ୧୯୯୪

- ୟୁରୋପୀୟ କମିଶନର ରାଷ୍ଟ୍ରପତି ନିର୍ବାଚନରେ ଲକ୍ସେମ୍‌ବର୍ଗର ପ୍ରଧାନମନ୍ତ୍ରୀ ଜାକୁସ ସାଣ୍ଟର ପରାଜୟ ବରଣ କରିଛନ୍ତି।
- ମଣିପୁରରେ ସଶସ୍ତ୍ର ନାଗା ଉଗ୍ରପନ୍ଥୀମାନଙ୍କ ଆଖିବୁଜା ଗୁଳି ଚାଳନାରେ ୨୨ ଜଣ କୁକୀ ଗ୍ରାମବାସୀଙ୍କ ମୃତ୍ୟୁ।
- ସମଗ୍ର ଦେଶରେ ଚଳିତ ବନ୍ୟାରେ ମୃତ୍ୟୁସଂଖ୍ୟା ୫୮୧କୁ ବୃଦ୍ଧି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 3 | | | | | 8 | | | | 9 | | 5 | E |
| | | | | | | | 6 | | D | | 1 | | 7 | |
| | | | | | A | 1 | | C | 3 | | B | | 0 | |
| | | | 5 | D | 8 | 7 | | 2 | | | 6 | | 9 | |
| 7 | 5 | | | 9 | | | | | | | | 3 | 6 | |
| | 7 | | | | | | | | C | E | | | | |
| | | | 1 | | 5 | 8 | | 9 | | B | | E | C | |
| | | | 4 | | 2 | | B | | | A | | | | 6 |
| | | | | | E | D | | | | | 2 | | | B |
| | | 6 | | | | 2 | C | | 9 | 4 | | 7 | | |
| | | | | 5 | D | 3 | 1 | | | | 4 | | | C |
| | | 8 | | | | C | 4 | | 6 | 2 | | D | B | |
| | 1 | | | | B | | | | | | | | | 5 |
| A | | | 6 | | 4 | | | | 7 | | | | 8 | |
| | | 4 | 8 | | | E | 5 | | | D | 0 | 9 | | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | E | B | C | 5 | 1 | 3 | 0 | 6 | 8 | 7 | 4 | A | 2 | D |
| 3 | 5 | 4 | 6 | 9 | 2 | B | D | 7 | A | C | 0 | 8 | E | 1 |
| 2 | D | A | E | 3 | 0 | 4 | 8 | C | 9 | 1 | 6 | 7 | B | 5 |
| 1 | C | 7 | 8 | A | B | 5 | 2 | 9 | E | 3 | D | 4 | 0 | 6 |
| 0 | 8 | 6 | 4 | 7 | D | 1 | E | A | 2 | 5 | B | C | 9 | 3 |
| A | 6 | D | B | 0 | 9 | C | 7 | 4 | 1 | 8 | 2 | 5 | 3 | E |
| 5 | 9 | 0 | 7 | C | 8 | E | B | 1 | D | 4 | 3 | 6 | A | 2 |
| C | 4 | 2 | 5 | E | 6 | 8 | A | 3 | 0 | B | 9 | 1 | D | 7 |
| 7 | 3 | 8 | D | 1 | A | 2 | 5 | 0 | C | 6 | E | B | 4 | 9 |
| B | 1 | E | 3 | 2 | 4 | 6 | 9 | D | 5 | A | 7 | 0 | C | 8 |
| 4 | 7 | 9 | 2 | B | E | 0 | C | 5 | 6 | D | 1 | 3 | 8 | A |
| 8 | B | 5 | A | 4 | 7 | D | 6 | E | 3 | 9 | C | 2 | 1 | 0 |
| E | 2 | C | 1 | D | 5 | A | 3 | B | 7 | 0 | 8 | 9 | 6 | 4 |
| 6 | 0 | 1 | 9 | 8 | 3 | 7 | 4 | 2 | B | E | A | D | 5 | C |
| D | A | 3 | 0 | 6 | C | 9 | 1 | 8 | 4 | 2 | 5 | E | 7 | B |

ଗତକାଲିର ଉତ୍ତର



ପୂର୍ବ ଦିଲ୍ଲୀର ଶାକ୍କରପୁର ଅଞ୍ଚଳରେ ଅସଦାଚରଣର ପ୍ରତିରୋଧ କରିବାରୁ ୯ ବର୍ଷର ନାବାଳିକାଙ୍କୁ ତାଙ୍କ ୧୧ ମାସର ସାନଭଉଣୀ ସମ୍ମୁଖରେ ତଣ୍ଟିଚିପି ହତ୍ୟା କରାଯାଇଛି। ଅଭିଯୁକ୍ତ ଯୁବକ ଏକ ପେଇଙ୍ଗ୍ ଗେଷ୍ଟହାଉସ୍ ଚଳାଉଥିବାବେଳେ ଝିଅଟିର ବାପାମା' ତାଙ୍କ ପାଖରେ କାମ କରୁଥିଲେ। ପୋଲିସ ଅଭିଯୁକ୍ତ ମହମ୍ମଦ ୱାସିମ୍‌ଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ବେଳାଭୂମିରେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଆକ୍ରମଣ

**ପୁରୀ ଅଫିସ, ୨୧।୭ :** ବେଳାଭୂମିରେ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଆକ୍ରମଣ କରାଯାଇଛି। ବଚସାକୁ କେନ୍ଦ୍ରକରି ଜଣେ ଦୋକାନୀ ଏହି କାଣ୍ଡ ଭିଆଇଛନ୍ତି। ସୂଚନା ଅନୁଯାୟୀ, ରବିବାର ଛୁଟିଦିନ ଥିବାରୁ ପୁରୀ ବେଳାଭୂମିରେ ପ୍ରବଳ ଭିଡ଼ ଜମିଥିଲା। ଅପରାହ୍ଣ ପ୍ରାୟ ୪ଟାରେ କୋଲକାତାର କେତେଜଣ ବଙ୍ଗୀୟ ପର୍ଯ୍ୟଟକ ବେଳାଭୂମିକୁ ଯାଉଥିବାବେଳେ ସ୍ୱର୍ଗଦ୍ୱାର ନିକଟରେ କୌଣସି କାରଣରୁ ସେମାନଙ୍କର ସ୍ଥାନୀୟ ଜଣେ ଦୋକାନୀଙ୍କ ସହ ବଚସା ହୋଇଥିଲା। ଏଥିରେ ସମ୍ପୃକ୍ତ ଦୋକାନୀ ଉତ୍‌କ୍ଷିପ୍ତ ହୋଇ ଜଣେ ପର୍ଯ୍ୟଟକଙ୍କୁ ଆକ୍ରମଣ କରିଥିଲେ। ତେବେ ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

### କଟୁରିରେ ହାଣି ପୁତୁରାକୁ ହତ୍ୟା, କକା ଗିରଫ

**କେନ୍ଦୁଝର,୨୧।୭(ସ୍ୱ.ପ୍ର.):** କେନ୍ଦୁଝର ଜିଲା ନୟାକୋଟ ଥାନା ଅନ୍ତର୍ଗତ କଲଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଘରୋଇ ବିବାଦକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ତାଙ୍କ ପୁତୁରାଙ୍କୁ କଟୁରୀରେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ ପାଉ ଦେହୁରୀ । ରବିବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ଖବର ପାଇ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ଥିବା ପୋଲିସ ସହିତ ଯୋଗଯୋଗ ହୋଇପାରି ନ ଥିବାରୁ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ ବୋଲି ଏସ୍‌ଡିପିଓ ପି.ଜେ. ଟପୋ କହିଛନ୍ତି। ଅଭିଯୁକ୍ତ କକା କାନ୍ଦୁରୁ ଦେହୁରୀଙ୍କୁ ପୋଲିସ ଗିରଫ ତନାଘନା ଚଳାଇଛି। ମଦ ନିଶାରେ କାନ୍ଦୁରୁ ଏପରି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି ।

### ଭ୍ୟାନ୍ ଚଢ଼ାଇ ଦେଲେ କୋଇଲା ମାଫିଆ

#### କନଷ୍ଟେବଳ ଗୁରୁତର

**ଭଦ୍ରକ ଅଫିସ/ପଦ୍ମପୁର, ୨୧।୭ (ଡି.ଏନ.ଏ.):** ଭଦ୍ରକ ଜିଲାରେ କୋଇଲା ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। କେତେବେଳେ ପୋଲିସକୁ ମାଡ଼ ମାରି କୋଇଲା ମାଫିଆ ଖସି ଯାଉଛନ୍ତି ତ ଆଉ କେତେବେଳେ ଗାଡ଼ି ଚଢ଼ାଇ ପୋଲିସକୁ ଭୟଭୀତ କରାଇ ଚମ୍ପଟ ମାରୁଛନ୍ତି। ରବିବାର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ସାବରଙ୍ଗ ଫାଣ୍ଡି ପୋଲିସ ଉପରେ କୋଇଲା ମାଫିଆ ପିକ୍‌ଅପ୍ ଭ୍ୟାନ୍ ଚଢ଼ାଇ ଫେରାର ହୋଇଯାଇଛନ୍ତି। ଏଥିରେ କନଷ୍ଟେବଳ ରଜତ କୁମାର ପାଣିଗ୍ରାହୀ ଗୁରୁତର ଆହତ ହୋଇଛନ୍ତି। ଭଦ୍ରକ ଏସ୍‌ଡିପିଓ ଜଳନ୍ଧର ଜାଲି, ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ ଘଟଣାସ୍ଥଳରେ ଓଲଟି ପଡ଼ିଥିବା ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରି ତଦନ୍ତ ଚଳାଇଛନ୍ତି। ଭ୍ୟାନ୍‌ରେ ୨ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ରହିଛି। ଚାଳକ ଓ ହେଲ୍‌ପର ଫେରାର ହୋଇଯାଇଛନ୍ତି।

ସାବରଙ୍ଗ ଫାଣ୍ଡି ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ ସାରି ରବିବାର ଭୋର ସମୟରେ ଫେରୁଥିବା ବେଳେ ଏକ ଚୋରା କୋଇଲା ବୋଝେଇ ଭ୍ୟାନ୍ ଜାତୀୟ ରାଜପଥରେ ଯାଉଥିବା ସୂଚନା ମିଳିଥିଲା। ସାବରଙ୍ଗ ବଜାର ଆଡୁ ଆସୁଥିବା ଏହି ଗାଡ଼ିକୁ ଏରଡ଼ା ଛକ ନିକଟରେ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲା। ସେଠାରେ ଗାଡ଼ି ଅଟକାଉଥିବା କନଷ୍ଟେବଳ ରଜତଙ୍କ ଉପରେ ଭ୍ୟାନ୍ (ନଂ. ଓଡି ୨୨ କେ ୦୬୦୨) ଚଢ଼ିଯାଇ ନୟନଯୋରିକୁ ଓଲଟି ପଡ଼ିଥିଲା। ଡ୍ରାଇଭର, ହେଲ୍‌ପର ଫେରାର ହୋଇଯାଇଥିଲେ। ପାଟ୍ରୋଲିଂ କରୁଥିବା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତି, କନଷ୍ଟେବଳ ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ଗୁରୁତର ଆହତ ରଜତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବର ପାଇ ଅତିରିକ୍ତ ଏସ୍‌ପି ବିକାଶ ଦାସ ଓ ଗ୍ରାମାଞ୍ଚଳ ଥାନାଧିକାରୀ ଜିଲା ଚିକିତ୍ସାଳୟରେ ପହଞ୍ଚି ରଜତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଅନିଶ୍ଚିତତା ମଧ୍ୟରେ ତାଳଚେର-ଡୁବୁରୀ-ଚଣ୍ଡିଖୋଲ ୪ ଲେନ ନିର୍ମାଣ କାର୍ଯ୍ୟ

# ଲୁଟ୍ ସମ୍ପତ୍ତିର ମିଳୁନାହିଁ ପତ୍ତା



- ଅଭିଯୋଗର ୨ବର୍ଷ ପରେ ବି ପୋଲିସ ନୀରବ
- ଠିକାସଂସ୍ଥାର ଚୁକ୍ତି ବାତିଲ ପରେ ହୋଇଛି ଲୁଟ
- ଅଭିଯୋଗ କରି ଚୁପ୍ ବସିଛି ଏନ୍‌ଏଚ୍‌ଏଆଇ

**ଯାଜପୁର ଅଫିସ,୨୧।୭**

ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ଅଧୀନରେ ତାଳଚେର-ଡୁବୁରୀ-ଚଣ୍ଡିଖୋଲ ୨୦୦ନମ୍ବର ଜାତୀୟ ରାଜପଥର ୪ଲେନ ନିର୍ମାଣ କାର୍ଯ୍ୟରେ ଠିକା ସଂସ୍ଥାର ଅବହେଳା ଯୋଗୁ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡ଼ିଛି। ଅବହେଳାରୁ ନିର୍ମାଣ କାର୍ଯ୍ୟ ତ ବନ୍ଦ ହୋଇଛି, ଏହାସହ ପ୍ରାୟ ୪୦କୋଟି ଟଙ୍କାର ମୂଲ୍ୟବାନ ସମ୍ପତ୍ତି ଲୁଟ୍ ହୋଇଛି। ଏହି ଲୁଟ୍ ସମ୍ପର୍କରେ ପୋଲିସ ନିକଟରେ ଅଭିଯୋଗ ହେବାର ୨ବର୍ଷ ପରେ ବି ଏହା ଉଦ୍ଧାର ହୋଇପାରି ନାହିଁ। ଲୁଟ ଯନ୍ତ୍ରାଂଶ ଉଦ୍ଧାର ନ ହୋଇପାରିବା ଯେତିକି ବିସ୍ମୟ ସୃଷ୍ଟି କରୁ ନାହିଁ ତାଠାରୁ ଅଧିକ ଆଶ୍ଚର୍ଯ୍ୟ କରୁଛି ପୋଲିସର ଶିଥିଳ କାର୍ଯ୍ୟାନୁଷ୍ଠାନ। ଏହି ସମ୍ପତ୍ତିର ସୁରକ୍ଷା ଦାୟିତ୍ୱରେ ଥିବା ଜେଡ୍ ପ୍ଲସ ସୁରକ୍ଷା ସେବା ପକ୍ଷରୁ ଯାଜପୁର ଜିଲାର ସୁକିନ୍ଦା, ଧର୍ମଶାଳା ଓ ଜେନାପୁର ଏବଂ ଢେଙ୍କାନାଳ ଜିଲାର ଭୁବନ ଓ କାମାକ୍ଷାନଗର ଥାନା ଅଧିକାରୀଙ୍କ ନିକଟରେ ବଳପୂର୍ବକ ଯନ୍ତ୍ରାଂଶ, ରାସ୍ତା ତିଆରି ଦ୍ରବ୍ୟ ଏବଂ ଆସବାବପତ୍ର ଇତ୍ୟାଦି ଲୁଟି ନେବା ସମ୍ପର୍କରେ ଲିଖିତ ସୂଚନା ଦିଆଯାଇଥିଲା। ଏଥିସହ ଏନ୍‌ଏଚ୍‌ଏଆଇ ଢେଙ୍କାନାଳ ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ତାଙ୍କ ଅଭିଯୋଗ ପତ୍ର ସଂଖ୍ୟା ୮୮୯/୨୨।୬।୨୦୧୭ରେ ଯାଜପୁର ଓ ଢେଙ୍କାନାଳ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସତ୍ତ୍ୱେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ପୋଲିସର କୋହଳ କାର୍ଯ୍ୟାନୁଷ୍ଠାନ ଯୋଗୁ ଲୁଟ ହୋଇଥିବା ମୂଲ୍ୟବାନ ସମ୍ପତ୍ତି ବାହାର ରାଜ୍ୟରେ ବିକ୍ରି କରାଯାଇଥିବା ସନ୍ଦେହ କରାଯାଉଛି।

ତାଳଚେର-ଡୁବୁରୀ-ଚଣ୍ଡିଖୋଲ ୨୦୦ନମ୍ବର ଜାତୀୟ ରାଜପଥର ଚାରିଲେନ ନିର୍ମାଣ କାର୍ଯ୍ୟ କୋର୍ସାନ କୋଭିୟମ୍ କନ୍‌ଷ୍ଟ୍ରକ୍ସନ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟ ଏନ୍‌ଏଚ୍ ୨୦୦ ନମ୍ବରର ୩୦୧.୮୯୦କି.ମି.ରୁ ୪୨୮.୦୩ କି.ମି. ପର୍ଯ୍ୟନ୍ତ ଏବଂ ୨୩ନମ୍ବର ଜାତୀୟ ରାଜପଥର ୮.୫୦ କି.ମି.ରୁ ୧୫.୭୫ କି.ମି. ପର୍ଯ୍ୟନ୍ତ ରାସ୍ତାର ଚାରିଲେନ ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ପ୍ରାୟ ୧୬୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଉକ୍ତ ଠିକାସଂସ୍ଥା ପର୍ଯ୍ୟାୟକ୍ରମେ କେତେକ ପେଟି କଣ୍ଟ୍ରାକ୍ଟର/ସବ୍ କଣ୍ଟ୍ରାକ୍ଟରଙ୍କୁ ନିର୍ମାଣ ଦାୟିତ୍ୱ ଦେଇଥିଲା। ହେଲେ ଏନ୍‌ଏଚ୍‌ଏଆଇ ସହ ଚୁକ୍ତି ଅନୁସାରେ ସମ୍ପୃକ୍ତ ଠିକାସଂସ୍ଥା ଉପଯୁକ୍ତ ଭାବେ କାର୍ଯ୍ୟ ସମ୍ପାଦନ କରିପାରି ନ ଥିଲା। ଫଳରେ କୋର୍ସାନ କୋଭିୟମ୍ କନ୍‌ଷ୍ଟ୍ରକ୍ସନ ଠିକାସଂସ୍ଥା ସହ ଚୁକ୍ତିକୁ ୧୫।୩।୨୦୧୭ରେ ବାତିଲ କରି ଦିଆଯାଇଥିଲା। ଚୁକ୍ତି ବାତିଲ ପରେ ଉକ୍ତ ଠିକା ସଂସ୍ଥା ଭୁବନେଶ୍ୱରର ଜେଡ୍ ପ୍ଲସ ସୁରକ୍ଷା ସେବା ସଂସ୍ଥାକୁ ଭୁବନ, ଚଣ୍ଡିଖୋଲ, କାମାକ୍ଷାନଗରଠାରେ ଥିବା ବିଭିନ୍ନ କ୍ୟାମ୍ପଗୁଡ଼ିକରେ ସୁରକ୍ଷା ଦାୟିତ୍ୱ ଦେଇଥିଲା। ତେବେ ସମୟକ୍ରମେ ଉକ୍ତ ଠିକାସଂସ୍ଥା ବର୍କୈୟା ପାଉଣା ସମାଧାନ ନ କରି ସ୍ଥାନ ଛାଡ଼ି ଚାଲିଯାଇଥିଲା। ଫଳରେ କ୍ୟାମ୍ପଗୁଡ଼ିକରେ କୋଟିକୋଟି ଟଙ୍କାର ଗ୍ରେଡର, ବେଚିଂ ପ୍ଲାଣ୍ଟ, କ୍ରଶର ଇତ୍ୟାଦି ଯନ୍ତ୍ରାଂଶ ଓ ଆସବାବପତ୍ର ରହିଯାଇଥିଲା। ଏନ୍‌ଏଚ୍‌ଏଆଇର ଗାଇଡ୍‌ଲାଇନ ଅନୁସାରେ ଠିକାସଂସ୍ଥାର ଚୁକ୍ତି ବାତିଲ ହେବା ପରେ ନିର୍ମାଣ ସାମଗ୍ରୀ ଓ ଯନ୍ତ୍ରପାତି ଭାରତ ସରକାରଙ୍କ ଏନ୍‌ଏଚ୍‌ଏଆଇ ଅଧୀନରେ ରହିଥାଏ। କିନ୍ତୁ ସେଠାରେ ନିୟୋଜିତ ଥିବା ପେଟି କଣ୍ଟ୍ରାକ୍ଟର ଓ ସବ୍‌କଣ୍ଟ୍ରାକ୍ଟର କାହାରିକୁ ନ ଜଣାଇ ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀଙ୍କଠାରୁ ଜବରଦସ୍ତ ନିର୍ମାଣ ସାମଗ୍ରୀ ଲୁଟ କରିନେଇଥିଲେ। ଏନେଇ ଜେଡ୍ ପ୍ଲସ ସୁରକ୍ଷା ସଂସ୍ଥା ଧର୍ମଶାଳା, ଚଣ୍ଡିଖୋଲ, ଜେନାପୁର, ଭୁବନ ଓ କାମାକ୍ଷାନଗର ଥାନାରେ ୧୯।୬।୨୦୧୭ରେ ସୁରକ୍ଷା ସଂସ୍ଥାର ମ୍ୟାନେଜିଂ ପାର୍ଟନର କୃଷ୍ଣଚନ୍ଦ୍ର ସ୍ୱାଇଁ ଅଭିଯୋଗ ଦାଏର କରିଥିଲେ। ଉକ୍ତ ଅଭିଯୋଗରେ ଦର୍ଶାଯାଇଥିଲା ଯେ, ଠିକାସଂସ୍ଥାର ଆର୍ଥିକ ଅବନତି ଯୋଗୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏହି ସମୟ ମଧ୍ୟରେ କୋର୍ସାନ କୋଭିୟମ୍ କନ୍‌ଷ୍ଟ୍ରକ୍ସନ ଠିକାସଂସ୍ଥା ନିୟୋଜିତ କରିଥିବା ସବ୍‌କଣ୍ଟ୍ରାକ୍ଟର ଓ ତାଙ୍କ ସହଯୋଗୀ ଠିକାଦାରମାନେ ଚଣ୍ଡିଖୋଲ ଅଫିସ ଓ ଚଢେଇଧରା କ୍ୟାମ୍ପରୁ ସମସ୍ତ ଜିନିଷପତ୍ର ସୁରକ୍ଷା କର୍ମୀଙ୍କୁ ଧମକାଇ ଚମକାଇ ନେଇ ଚାଲିଛନ୍ତି। ଏହାପରେ ଭୁବନ(ମଙ୍ଗଳପୁର) କ୍ୟାମ୍ପ, କାମାକ୍ଷାନଗର ଆଦି କ୍ୟାମ୍ପରୁ ଲୁଟି ନେବା ପାଇଁ ବନ୍ଦୋବସ୍ତ କରୁଛନ୍ତି । ଆଗାମୀ ଦିନରେ ଏକ ବଡ଼ଧରଣର ସର୍ବସାଧାରଣ ସମ୍ପତ୍ତିର କ୍ଷତି ଘଟିବାକୁ ଯାଉଛି। ଏଣୁ ଆଇନ ଅନୁଯାୟୀ ତୁରନ୍ତ ପଦକ୍ଷେପ ନିଆଗଲେ ଏନ୍‌ଏଚ୍‌ଏଆଇ ବା ସର୍ବସାଧାରଣ ସମ୍ପତ୍ତିର ରକ୍ଷା କରାଯାଇ ପାରିବ ବୋଲି ସେ ପୋଲିସକୁ ଅନୁରୋଧ କରିଥିଲେ। ଉକ୍ତ ଅଭିଯୋଗର ୩ଦିନ ପରେ ଏନ୍‌ଏଚ୍‌ଏଆଇ ଢେଙ୍କାନାଳ ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ଢେଙ୍କାନାଳ ଓ ଯାଜପୁର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ପୋଲିସ ଏଯାବତ୍ କେଉଁ ସ୍ୱାର୍ଥରେ ନୀରବ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସଂକ୍ରାନ୍ତରେ ଏନ୍‌ଏଚ୍‌ଏଆଇ ଢେଙ୍କାନାଳ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାବେଳେ ଜେଡ୍ ପ୍ଲସ ସୁରକ୍ଷା ସେବାର ମ୍ୟାନେଜିଂ ପାର୍ଟନର ସ୍ୱାଇଁଙ୍କୁ ପଚାରିବାରୁ, ଏନ୍‌ଏଚ୍‌ଏଆଇର ଲୁଟ୍ ସଂକ୍ରାନ୍ତରେ ସମ୍ପୃକ୍ତ ଥାନାଗୁଡ଼ିକରେ ଅଭିଯୋଗ ହୋଇଥିଲା। ହେଲେ ଲୁଟ୍ ସାମଗ୍ରୀ ଏପର୍ଯ୍ୟନ୍ତ ଉଦ୍ଧାର ହୋଇପାରି ନାହିଁ ବୋଲି କହିଛନ୍ତି। ଅପରପକ୍ଷରେ ୨ଜିଲାର ପୋଲିସ ମଧ୍ୟ ଏନେଇ କୌଣସି ମୁହଁ ଖୋଲି ନାହାନ୍ତି।

# ବିଦ୍ୟୁତ୍ ଆଘାତରେ ୩ ମୃତ

- ସେଣ୍ଟ୍ରିଙ୍ଗ୍ ଖୋଲିବାବେଳେ ଘରମାଲିକ ଓ ମିସ୍ତ୍ରି ମୃତ
- ଫ୍ୟାନ୍ ତାର ଯୋଡୁଥିବାବେଳେ ଜଣେ ମୃତ

**ବ୍ରହ୍ମପୁର ଅଫିସ/କୁକୁଡ଼ାଖଣ୍ଡି, ୨୧।୭(ଡି.ଏନ.ଏ.)**

ବ୍ରହ୍ମପୁର ଅଳକାପୁରୀ ୬ଷ୍ଠ ଲେନ୍‌ରେ ଏକ ନିର୍ମାଣାଧୀନ ଘର ଛାତ ସେଣ୍ଟ୍ରିଙ୍ଗ୍ ଖୋଲିବା ବେଳେ ରବିବାର ଅପରାହ୍ଣରେ ଏକ ଦୁର୍ଘଟଣା ଘଟିଛି। ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଘର ମାଲିକ ଓ ମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଲ୍ଲିକୋଟ ଧୋବା ସାହିର ଶରତ ଚନ୍ଦ୍ର ବେହେରା ଓ ମିସ୍ତ୍ରି ହେଉଛନ୍ତି ସଦାନନ୍ଦ ବିହାରର ଅରୁଣ କୁମାର ସାବତ। ସେହିପରି ଅନ୍ୟ ଏକ ଘଟଣାରେ ଏକ ଫ୍ୟାନ ତାର ଯୋଡିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଘର ମାଲିକ ଜଗଦଳପୁରର କାଳିଆ ସେଠୀଙ୍କର ମୃତ୍ୟୁ ଘଟିଛି ବୋଲି ସଦର ଥାନା ଅଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଶରତ ସାଉଥ୍‌କୋରେ ଆକାଉଣ୍ଟାଣ୍ଟ ଭାବେ କାମ କରନ୍ତି। ସେ ଅଳକାପୁରୀରେ ଏକ ଘର ତିଆରି କରୁଛନ୍ତି। ଏଠାରେ ଅରୁଣ ମିସ୍ତ୍ରି ଭାବେ କାମ କରୁଥିଲେ। ରବିବାର ଘର ଛାତ ସେଣ୍ଟ୍ରିଙ୍ଗ୍ ଖୋଲିବା ପାଇଁ ଅରୁଣ କେତେକ ଶ୍ରମିକଙ୍କୁ ନିୟୋଜିତ କରିଥିଲେ। ନିର୍ମାଣାଧୀନ ଘର ନିକଟ ଦେଇ ୧୧ କେଭି ବିଦ୍ୟୁତ ତାର ଯାଇଛି। ଅପରାହ୍ଣରେ ଅରୁଣ ଛାତ ଉପରକୁ ଯାଇ ଛାତରେ ଲାଗି ରହିଥିବା ଏକ କାଠ ଏକ ଶାବଳରେ ତାଡି ବାହାର କରୁଥିବା ବେଳେ ଅସାବଧାନତାବଶତଃ ଶାବଳଟି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ଅରୁଣ ଉକ୍ତ ତାରରେ ଲଟକି ରହିଯାଇଥିଲେ । ସେ ଛଟପଟ ହୋଇ ଚିତ୍କାର କରିବାରୁ ସେଠାରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ଏକ କାଠ ବଲା ସାହାଯ୍ୟରେ ଅରୁଣଙ୍କୁ ତାରରୁ ଅଲଗା କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେପଟେ ଉକ୍ତ ୧୧ କେଭି ତାରରେ ରହିଯାଇଥିବା ଶାବଳକୁ ବାହାର କରିବା ପାଇଁ ଘର ମାଲିକ ଶରତ ବେହେରା ଏକ ଝାଡୁ ଧରି ଛାତ ଉପରକୁ ଯାଇଥିଲେ। ସେ ଧରିଥିବା ଝାଡୁରେ ବିଦ୍ୟୁତ ତାର ଉପରୁ ଶାବଳଟିକୁ ବାହାର କରିବା ବେଳେ ବିଦ୍ୟୁତ୍ ଆଘାତରେ ଛିଟିକି ପଡି ଚିତ୍କାର କରିଥିଲେ। ପରିବାର ଲୋକେ ପାଟି ଶୁଣି ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଏମ୍‌କେସିଜି ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ପୂର୍ବରୁ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ମିସ୍ତ୍ରି ଅରୁଣଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା।

ସେହିପରି ରବିବାର ଅନ୍ୟ ଏକ ଘଟଣାରେ ଜଗଦଳପୁର ଗ୍ରାମର କାଳିଆ ସେଠୀ ଘର ଫ୍ୟାନରେ ତାର ଯୋଡୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର କାଳିଆଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘର ମାଲିକ ଓ ମିସ୍ତ୍ରିଙ୍କ ମୃତଦେହ ଜବତ କରି ନଂ.୨୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି କାଳିଆଙ୍କ ମୃତଦେହ ଜବତ କରି ନଂ.୨୭/୧୯ରେ ଅନ୍ୟ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ପୋଲିସ କହିଛି।

# ଯକ୍ଷ୍ମା ଚିହ୍ନଟ ପାଇଁ ୧୫ ଜିଲାରେ ଗଡ଼ିବ ଭ୍ରାମ୍ୟମାଣ ଯାନ

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**



ସ୍ୱାସ୍ଥ୍ୟ ସଚିବ ଡା. ପ୍ରମୋଦ କୁମାର ମେହେର୍ଦା ଭ୍ରାମ୍ୟମାଣ ଯାନର ଶୁଭାରମ୍ଭ କରୁଛନ୍ତି।

- ଓଡ଼ିଶା ସମେତ ଝାଡ଼ଖଣ୍ଡ ଓ ଛତିଶଗଡ଼ରେ କାର୍ଯ୍ୟ କରିବ
- ଗାଡ଼ିରେ ରହିଛି ଅତ୍ୟାଧୁନିକ ସିବିନାଟ୍ ମେଶିନ

ଯକ୍ଷ୍ମା ରୋଗୀଙ୍କ ବାସ୍ତବ ସଂଖ୍ୟା ଜାଣିବା ପାଇଁ ଭ୍ରାମ୍ୟମାଣ ପରୀକ୍ଷା ଓ ଚିହ୍ନଟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶାରେ ଏହି ଯାନ ୧୫ଟି ଜିଲାର ୨୧ଟି ସ୍ଥାନରେ ଯକ୍ଷ୍ମା ଚିହ୍ନଟ ଲାଗି ପରୀକ୍ଷା ନିରୀକ୍ଷା ଚଳାଇବ। ୮ଶହ ପର୍ଯ୍ୟନ୍ତ ଲୋକଥିବା ଜନବସତିରେ ଏହି ଯାନଟି ପହଞ୍ଚି ନମୁନା ପରୀକ୍ଷା କରିବ। ଯକ୍ଷ୍ମା ଚିହ୍ନଟ ଲାଗି ଏହି ଗାଡ଼ିରେ ଏକ୍ସ-ରେ ବ୍ୟବସ୍ଥା ରହିଥିବାବେଳେ ଅତ୍ୟାଧୁନିକ ସିବିନାଟ୍ ମେଶିନ ତତ୍କାଳ ଯକ୍ଷ୍ମା ଚିହ୍ନଟ କରିବ। ଏପରିକି ଲୋକଙ୍କ ଦେହରେ ଛପିଥିବା ଯକ୍ଷ୍ମା ରୋଗକୁ ଏହି ମେଶିନ ପ୍ରାରମ୍ଭିକ ଅବସ୍ଥାରେ ହିଁ ଠାବ କରିପାରିବ। ଓଡ଼ିଶାରେ ଏହି ପରୀକ୍ଷା ନିରୀକ୍ଷା କାର୍ଯ୍ୟ ୮ରୁ ୧୦ ମାସ ପର୍ଯ୍ୟନ୍ତ ଚାଲିବ। ଏହି ଭ୍ରାମ୍ୟମାଣ ପରୀକ୍ଷା ଗାଡ଼ି ପାଇଁ ଡାକ୍ତରଙ୍କ ସହିତ ୨୧ ଜଣ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ସେମାନଙ୍କୁ ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର) ଓ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର (ଆର୍‌ଏମ୍‌ଆର୍‌ସି) ପକ୍ଷରୁ ତାଲିମ ପ୍ରଦାନ କରାଯିବ। ୧୯୫୬ ପରେ ସମଗ୍ର ଦେଶରେ ଯକ୍ଷ୍ମାର ସ୍ଥିତାବସ୍ଥା ଜାଣିବା ପାଇଁ ଏଭଳି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ମାଧ୍ୟମରେ ଯକ୍ଷ୍ମାରୋଗର କାୟାବିସ୍ତାର ସଂକ୍ରାନ୍ତରେ ପ୍ରକୃତ ତଥ୍ୟ ଜଣାପଡ଼ିବ ଏବଂ ୨୦୨୫ ସୁଦ୍ଧା ଦେଶରୁ ଯକ୍ଷ୍ମା ନିରାକରଣ ପାଇଁ ରହିଥିବା ଲକ୍ଷ୍ୟ ଧାର୍ଯ୍ୟ ପୂରଣରେ ଏହି ପ୍ରୟାସ ସହାୟକ ହୋଇପାରିବ ବୋଲି ଆଶା କରାଯାଉଛି।

ଏହି ଭ୍ରାମ୍ୟମାଣ ଯାନକୁ ରବିବାର ମଳିପଡ଼ାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)ଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦା ଶୁଭାରମ୍ଭ କରିଛନ୍ତି। ଆଇସିଏମ୍‌ଆର, କେନ୍ଦ୍ରୀୟ ଯକ୍ଷ୍ମା ଡିଭିଜନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦକ୍ଷିଣ ପୂର୍ବ ଏସିଆ ଆଞ୍ଚଳିକ ଦପ୍ତର ପକ୍ଷରୁ ସମଗ୍ର ଦେଶରେ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶୁଭାରମ୍ଭ ହୋଇଥିବା ଭ୍ରାମ୍ୟମାଣ ଯକ୍ଷ୍ମା ପରୀକ୍ଷା ଯାନଟି ଓଡ଼ିଶା ସମେତ ଝାଡ଼ଖଣ୍ଡ ଓ ଛତିଶଗଡ଼ରେ କାର୍ଯ୍ୟ କରିବ। ଉଦ୍‌ଘାଟନ ଅବସରରେ ଆରଏମ୍‌ଆରସି ଭୁବନେଶ୍ୱରର ନିର୍ଦ୍ଦେଶିକା ସଂଘମିତ୍ରା ପତି, ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ, ଖୋର୍ଦ୍ଧା ସିଡିଏମ୍‌ଓ ବିଜୟ କୁମାର ମହାପାତ୍ରଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଧୈର୍ଯ୍ୟ ହିଁ ସଫଳତା



**ଧରିତ୍ରୀ ଆଳାପ**
**ଗଣିତଜ୍ଞ ଆନନ୍ଦ କୁମାର**

ଶୂନରୁ ଶିଖର। ଦାରିଦ୍ର୍ୟ ଭିତରୁ ମେଧା ସାଉଣ୍ଟୁଥିବା ବିଶ୍ୱର ଜଣେ ବିଶିଷ୍ଟ ଗଣିତଜ୍ଞ ହେଉଛନ୍ତି ଆନନ୍ଦ କୁମାର। ବିହାର ପାଟନାର ନିବାସୀ ଆନନ୍ଦଙ୍କ ବାପା ଥିଲେ ଜଣେ ପୋଷ୍ଟାଲ କର୍ମଚାରୀ। ଆନନ୍ଦ ଥିଲେ ଜଣେ ମେଧାବୀ। ସ୍କୁଲ୍ ଶିକ୍ଷା ସାରିବା ପରେ ତାଙ୍କୁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ପାଇଁ ସୁଯୋଗ ମିଳିଥିଲା। ବାପାଙ୍କ ଦେହାନ୍ତ ଓ ଅର୍ଥାଭାବ ଯୋଗୁ ସେଥିରୁ ବଞ୍ଚିତ ହୋଇଥିଲେ। କିନ୍ତୁ ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ସଂଘର୍ଷ ଆରମ୍ଭ କରିଲେ। ଦିନରେ ମା'ଙ୍କ ସହ ପାପଡ଼ ବିକିବା ସହ ସନ୍ଧ୍ୟାରେ ଟ୍ୟୁଶନ କରୁଥିଲେ। ଗରିବ ମେଧାବୀ ପିଲା ଯେପରି ଉଚ୍ଚଶିକ୍ଷାରୁ ବଞ୍ଚିତ ନ ହେବେ ସେଥିପାଇଁ ଆରମ୍ଭ କରିଥିଲେ ଉଦ୍ୟମ। ପ୍ରତିବର୍ଷ ୩୦ଜଣ ଗରିବ ପିଲାଙ୍କୁ ମାଗଣାରେ ଆଇଆଇଟି କୋଚିଂ ଦେଇ ଶତପ୍ରତିଶତ ସଫଳ କରାଉଥିବା ତାଙ୍କ 'ସୁପର-୩୦' ଆଜି ବିଶ୍ୱରେ ଅଗ୍ରଣୀ ତଥା ଆଦର୍ଶ ଅନୁଷ୍ଠାନରେ ପରିଣତ ହୋଇଛି। ତାଙ୍କର ଜୀବନ ସଂଘର୍ଷ ଓ ସଫଳତାର ପ୍ରତିଟି ପଥକୁ ନେଇ ନିକଟରେ 'ସୁପର-୩୦' ନାମରେ ଫିଲ୍ମ ମଧ ରିଲିଜ ହୋଇଛି। ହେଲେ 'ସୁପର-୩୦'ର ରିୟଲ ହିରୋ ଆନନ୍ଦ କୁମାର ଭୁବନେଶ୍ୱର ଆସିଥିବା ଅବସରରେ ତାଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ।

➤ ବାପାଙ୍କ ଦେହାନ୍ତ ପରେ ତାଙ୍କ ସ୍ଥାନରେ ଆପଣଙ୍କୁ ଚାକିରି ମିଳିଥିଲା। ଗରିବ ପିଲାଙ୍କ ପାଇଁ କାହିଁକି ସରକାରୀ ଚାକିରି ତ୍ୟାଗ କଲେ ?

● ବାପା କେବେ ଚାହୁଁ ନ ଥିଲେ ଯେ ତାଙ୍କ ପୁଅ ପୋଷ୍ଟ ଅଫିସ୍ ଯାଉ। ତାଙ୍କ ଦେହାନ୍ତ ପରେ ମୋତେ ଯେତେବେଳେ ନିଯୁକ୍ତି ମିଳିଥିଲା ସେତେବେଳେ ବାପାଙ୍କ କଥା ମନେ ପଡିଥିଲା। ମୋର ବି ଆଉ ଇଚ୍ଛା ନ ଥିଲା ଯେ, ଡାକଘରେ କାମ କରିବି।

➤ ଉଚ୍ଚଶିକ୍ଷା ପାଇଁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଯାଇ ନ ପାରିବା ଘଟଣାକୁ ନେଇ କେବେ ମନରେ ଦୁଃଖ ଆସିନି ?

● ପ୍ରଥମେ ପ୍ରଥମେ ବହୁତ ଦୁଃଖ ଲାଗୁଥିଲା। ହେଲେ ମୋର ସ୍ୱପ୍ନକୁ ନେଇ ଧୀରେ ଧୀରେ କାର୍ଯ୍ୟକ୍ରମ ଆଗକୁ ବଢୁଥିଲା। ଯେତେବେଳେ ସେହି ଆର୍ଥିକ ଅନଗ୍ରସର ପିଲାମାନେ ବହୁତ ଉପରକୁ ଗଲେ ତାହା ମୋତେ ସବୁ ଦୁଃଖ ଭୁଲାଇଦେଲା। କେମ୍ବ୍ରିଜ ନ ଯିବା ଠିକ୍ ଥିଲା ମୁଁ ଭାବେ। ହେଲେ କିଛିଦିନ ତଳେ ଆମେ ଦୁଇଭାଇ କେମ୍ବ୍ରିଜକୁ ବକ୍ତୃତା ଦେବା ପାଇଁ ଯାଇଥିଲୁ। ବହୁତ ଖୁସି ଲାଗିଲା ଯେ, ଯେଉଁଠି ମୁଁ ପଢ଼ି ପାରି ନ ଥିଲି ସେଠି ଦୁଇ ଭାଇଙ୍କୁ ସମ୍ମାନ ମିଳିଲା।

➤ ଆପଣଙ୍କ ଭାଇ ଓ ବନ୍ଧୁ ଉପରେ ବାରମ୍ବାର ଆକ୍ରମଣ ହୋଇଛି। ସେ ସମ୍ପର୍କରେ କ'ଣ କହିବେ ?

● ୧୫ ବର୍ଷ ହେବ ମୋ ଉପରେ ଆକ୍ରମଣ ହେଉଛି। ଫିଲ୍ମ ରିଲିଜ ହେବା ପୂର୍ବରୁ ମୋ ଭାଇ ଉପରେ ମଧ୍ୟ ଆକ୍ରମଣ ହୋଇଛି। ଯଦି ସମାଜରେ କିଛି ପରିବର୍ତ୍ତନ କରିବାକୁ ଚାହିଁବ ଓ କିଛି ଭଲ କାମ କରିବାକୁ ଚାହିଁବ, ତେବେ ଶତ୍ରୁ ନିଶ୍ଚିତ ଘେରିବେ। ଆପଣଙ୍କୁ ବଦନାମ ମଧ୍ୟ କରିବେ। କିନ୍ତୁ ଏହି ସମୟରେ କାମ କରିବାର ଜିଦ୍ ରହିଲେ ନିଶ୍ଚୟ ଆଗେଇପାରିବ। ବିହାର ସରକାରଙ୍କୁ ଧନ୍ୟବାଦ ଦେବି ଯେ, ଯେବେଠାରୁ ଆକ୍ରମଣ ଓ ହତ୍ୟା ଉଦ୍ୟମ ହୋଇଛି, ସେବେଠାରୁ ଆମ ସୁରକ୍ଷା ପାଇଁ ୪ଜଣ କମାଣ୍ଡୋ ଯୋଗାଇ ଦେଇଛନ୍ତି।

➤ 'ସୁପର-୩୦' କାର୍ଯ୍ୟକ୍ରମରୁ 'ସୁପର-୩୦' ଫିଲ୍ମ ଯାତ୍ରା କିପରି ଥିଲା ?

● ବହୁତ ସଂଘର୍ଷମୟ ଥିଲା। କିନ୍ତୁ କେବେ ହାର ମାନି ନ ଥିଲି। ଯେତେବେଳେ 'ସୁପର-୩୦'ର ପିଲାମାନେ ବହୁତ ଉପରକୁ ଗଲେ, ବଡ଼ ବଡ଼ ଦେଶରେ ଭଲ ଭଲ ପଦବୀରେ ଅବସ୍ଥାପିତ ହେଲେ, ବହୁତ ଚର୍ଚ୍ଚା ହେଲା। ଏସବୁ ଦେଖି ଲୋକଙ୍କର ଚିନ୍ତାଧାରା ବଦଳିଥିଲା। ମୋ ଶିକ୍ଷାନୁଷ୍ଠାନ 'ସୁପର-୩୦' ଉପରେ ଫିଲ୍ମ ହେବା ଜରୁରୀ ବୋଲି କହିଲେ। ୨୦୧୪ରୁ ଏହି ଫିଲ୍ମ ଉପରେ କାମ ଆରମ୍ଭ ହୋଇଥିଲା।

➤ 'ସୁପର-୩୦' ଫିଲ୍ମ ରିଲିଜ୍ ପୂର୍ବରୁ ବହୁ ବିବାଦ ଦେଖାଦେଇଥିଲା ?

● ଫିଲ୍ମ ରିଲିଜ ହେଲେ ଭଲ ଚାଲିବନି କୁହାଯାଉଥିଲା। ରିଲିଜ ପରେ ବର୍ତ୍ତମାନ ସବୁଠି ଏହି ଫିଲ୍ମ ଭଲ ଭାବେ ଚାଲିଛି। କଷ୍ଟ କଲେ ସଫଳତା ମିଳିବ ବୋଲି ପିଲାମାନେ ଏହି ଫିଲ୍ମ ଦେଖି ଚିନ୍ତା କରିପାରୁଛନ୍ତି। ତେଣୁ ମୋ ମତରେ ଫିଲ୍ମଟି ବାର୍ତ୍ତା ଦେବାରେ ସଫଳ ହୋଇଛି।

➤ ଗୋଟେ ଛୋଟ ପରିବାରରୁ ଆସିଥିବା ଆନନ୍ଦ କୁମାର ଏବେ ସାରା ବିଶ୍ୱରେ ଲୋକପ୍ରିୟ ଗଣିତଜ୍ଞ। ଏହା ଏବେ ଆନନ୍ଦ କୁମାରଙ୍କ ଭିତରେ ଅହଂଭାବ ସୃଷ୍ଟି କରିଛି କି ?

● ସେଇଟା କହିବା କଷ୍ଟକର ହେବ। ଆଗରୁ କେମିତି ଥିଲି ଓ ଏବେ ମୋ ଭିତରରେ ପରିବର୍ତ୍ତନ ଆସିଛି କି ନାହିଁ, ତାହା ଅନ୍ୟମାନେ କହିବେ। ସମୟ ମଧ୍ୟ କହିବ ମୁଁ ବଦଳିଛି କି ନାହିଁ।

➤ ଆଇଆଇଟି, ଜେଇଇ ପାଇଁ କୋଚିଂ ନେବା ଜରୁରୀ ବୋଲି ଭାବୁଛନ୍ତି କି ?

● ଆଦୌ ନୁହେଁ। ଯଦି ପରିଶ୍ରମ କରିପାରୁଛ ଏବଂ ଯେକୌଣସି ଶିକ୍ଷାର ଗଭୀରତାକୁ ବୁଝିପାରୁଛ ତେବେ କୋଚିଂର ଆବଶ୍ୟକତା ନାହିଁ।

➤ 'ସୁପର-୩୦' କାର୍ଯ୍ୟକ୍ରମରେ ୩୦ ପିଲା ରହିବେ ନା ଆଗକୁ ଆଉ ବଢ଼ାଇବା ପାଇଁ ଯୋଜନା କରିଛନ୍ତି ?

● ଆଗକୁ ଗୋଟେ ବଡ଼ ପ୍ରୋଜେକ୍ଟ କରିବାର ଯୋଜନା ଅଛି। କେବଳ ପାଟନାରେ ନୁହେଁ, ଅନ୍ୟ ରାଜ୍ୟରେ ମଧ୍ୟ କରିବା ପାଇଁ ଚେଷ୍ଟା କରିବି।

➤ ଓଡ଼ିଶାରେ କିଛି କରିବାର ଯୋଜନା ଅଛି କି ?

● ଓଡ଼ିଶାରେ ମଧ୍ୟ 'ସୁପର-୩୦'ର ଏକ ବ୍ରାଞ୍ଚ ଖୋଲି ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଆସନ୍ତା ବର୍ଷଠାରୁ ଓଡିଶାରେ 'ସୁପର-୩୦'ର ପ୍ରବେଶିକା ପରୀକ୍ଷା କରାଯାଇ ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବ। ସେମାନେ କିଭଳି ଚ୍ୟାଲେଞ୍ଜକୁ ସାମ୍ନା କରି ସଫଳତା ହାସଲ କରିବେ ତାହାର ଟ୍ରେନିଂ ଦିଆଯିବ।

➤ ଛାତ୍ରୀଛାତ୍ରଙ୍କୁ ସଫଳତାର ମନ୍ତ୍ର କ'ଣ ଦେବେ ?

● ଧୈର୍ଯ୍ୟ ରଖିବା ଜରୁରୀ। ସକାରାତ୍ମକ ମନୋଭାବ ସହ ନିଷ୍ଠାପର କାମ କରିବା ଉଚିତ। ଯେତେ କଠିନରୁ କଠିନ ପରିସ୍ଥିତି ଆସିବ, ତାକୁ ଧୈର୍ଯ୍ୟର ସହ ସାମ୍ନା କରିବେ। ଧୈର୍ଯ୍ୟର ସହ ଆଗକୁ ବଢ଼ିଲେ ସଫଳତା ନିଶ୍ଚୟ ହାସଲ କରିପାରିବେ।

**– ସାକ୍ଷାତ: ଅସମାପିକା ସାହୁ**
**ଫଟୋ–ବିକାଶ ନାୟକ**



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ପ୍ଲାଷ୍ଟିକ ଅଣ୍ଡା ବିକ୍ରି ବ୍ୟବସାୟୀ ଅଟକ

ଭୁବନେଶ୍ୱର,୨୧।୭(ବ୍ୟୁରୋ):ପ୍ଲାଷ୍ଟିକ ଅଣ୍ଡା ବିକ୍ରି କରୁଥିବା ଅଭିଯୋଗରେ ନୟାପଲୀ ଥାନା ପୋଲିସ ଜଣେ ବ୍ୟବସାୟୀକୁ ଅଟକ ରଖିଛି। ଏପିରିକି ପୋଲିସ ତାଙ୍କୁ ପଚରାଉଚରା କରିବା ସହ ସେ ବିକ୍ରି କରୁଥିବା ଅଣ୍ଡାକୁ ଜବତ କରି ତଦନ୍ତ କରୁଛି। ଯୁବକ ଜଣକ ବିକ୍ରି କରୁଥିବା ଅଣ୍ଡା ପ୍ଲାଷ୍ଟିକ କି ନାହିଁ ତାହା ଜାଣିବାକୁ ପୋଲିସ ପରୀକ୍ଷା ପାଇଁ ପଠାଇଛି। ଯଦି ଅଣ୍ଡାଟି ପ୍ଲାଷ୍ଟିକ ହୋଇଥିବା ନେଇ ଜଣାପଡେ ତେବେ ଉକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ରବିବାର ଅପରାହ୍ନ ୪ଟାରେ ନୟାପଲୀ ଭିଆଇପି କଲୋନୀ ନିକଟରେ ଜଣେ ବ୍ୟକ୍ତି ଅଣ୍ଡା ବିକ୍ରି କରୁଥିଲେ। କେତେଜଣ ଲୋକ ତାଙ୍କଠାରୁ ସିଝା ଅଣ୍ଡା ଖାଇଥିଲେ ମଧ ତାହା ଛିଣ୍ଡି ନ ଥିଲା। ଏପରିକି ଅନ୍ୟମାନେ କିଣି ନେଇ ଘରେ ଖାଇଥିଲେ ମଧ ସମାନ ଅବସ୍ଥା ହେଉଥିବା ଅଭିଯୋଗ କରିଥିଲେ। ବ୍ୟବସାୟୀ ଜଣ ଲୋକଙ୍କୁ ଠକିବା ପାଇଁ ପ୍ଲାଷ୍ଟିକ ଅଣ୍ଡା ବିକ୍ରି କରୁଥିବା ଅଭିଯୋଗ କରିଥିଲେ। ସେଠାରେ ଗ୍ରାହକଙ୍କ ସହ ବେପାରୀଙ୍କର କିଛି ସମୟ ଯୁକ୍ତିତର୍କ ହୋଇଥିଲା। ଶେଷରେ ପୋଲିସ ସେଠାରେ ପହଞ୍ଚି ଉକ୍ତ ବ୍ୟବସାୟୀକୁ କାବୁ କରି ଥାନାକୁ ନେବା ସହ କେତେକ ଅଣ୍ଡାକୁ ଜବତ କରିଥିଲା।

### ୧୦୫ ଅଟୋ ଚାଳକଙ୍କଠାରୁ ୧.୨୫ ଲକ୍ଷ ଜରିମାନା ଆଦାୟ

ଭୁବନେଶ୍ୱର,୨୧।୭(ବ୍ୟୁରୋ): ରାଜଧାନୀରେ ବେଆଇନ ଅଟୋ ଚାଳନା ଉପରେ ରୋକ ଲଗାଇବା ନେଇ ଟ୍ରାଫିକ ପୋଲିସ ପକ୍ଷରୁ ରବିବାର ଦୁଇଟି ସ୍ଥାନରେ ସ୍ୱତନ୍ତ୍ର ଚଢାଉ କରାଯାଇଥିଲା। ରାଜମହଲ ଏବଂ ଏଜି ଛକରେ ଟ୍ରାଫିକ ଏସିପିଙ୍କ ତତ୍ତ୍ୱାବଧାନରେ ଦୁଇଟି ଟ୍ରାଫିକ ପୋଲିସ ଟିମ ଚଢାଉରେ ସାମିଲ ହୋଇଥିଲେ। ଉଭୟ ଛକରେ ଅଟୋ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ, ଅଟୋର ବୀମା ଏବଂ ଜରୁରୀ କାଗଜପତ୍ର ମାନ ଯାଞ୍ଚ କରାଯାଇଥିଲା। ରାଜରାସ୍ତାରେ ଅଟୋ ଚାଳନା ନେଇ ଆବଶ୍ୟକ ଜରୁରୀ କାଗଜପତ୍ର ନ ଥିବା ୧୦୫ ଜଣ ଅଟୋ ଚାଳକ ଯାଞ୍ଚ ବେଳେ ଧରାପଡିଥିଲେ। ଉପଯୁକ୍ତ କାଗଜପତ୍ର ନ ଥିବା ଚାଳକଙ୍କ ନିକଟରୁ ୧ ଲକ୍ଷ ୨୫ ହଜାର ୭ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏ ନେଇ ଟ୍ରାଫିକ ଏସିପି କିଶୋର କୁମାର ପାଣିଗ୍ରାହୀ କହିଛନ୍ତି, ଅନେକ ଅଟୋ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନ ଥିବାରୁ ସହରରେ ଦୁର୍ଘଟଣାର ହାର ବଢୁଛି। ଏତଦବ୍ୟତୀତ ମାତ୍ରାଧିକ ଅଟୋର ବୀମା ଏବଂ ଫିଟନେସ ସରି ଯାଇଥିବା ବେଳେ ଏହାକୁ ରିନୁଆଲ କରାଯାଇନାହିଁ। ରାଜଧାନୀ ଏବଂ କମିଶନରେଟ୍ ପୋଲିସ ଅଞ୍ଚଳରେ ଅଟୋ ଚାଳକମାନଙ୍କୁ ସତର୍କ କରାଯାଉଛି। ଉଚିତ କାଗଜପତ୍ର ନ ଥିବା ଗାଡିଗୁଡିକରୁ କଡାକଡି ଭାବେ ଜରିମାନା ଆଦାୟ କରାଯିବା ସହ ଆଗାମୀ ଦିନରେ ସ୍ୱତନ୍ତ୍ର ଚଢାଉକୁ ଅଧିକ ବ୍ୟାପକ କରାଯିବ।

### କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘର ରାଜ୍ୟସ୍ତରୀୟ ବୈଠକ

ଭୁବନେଶ୍ୱର,୨୧।୭(ବ୍ୟୁରୋ): ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘର ରାଜ୍ୟସ୍ତରୀୟ ବୈଠକ ଭୁବନେଶ୍ୱରସ୍ଥିତ ପ୍ରାଥମିକ ଶିକ୍ଷକ ଫେଡେରେଶନରେ ଅନୁଷ୍ଠିତ ହୋଇଯାଇଛି। ୬ ବର୍ଷ ଧରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ପାର୍ଟ ଟାଇମ୍ ଭାବେ ନିଯୁକ୍ତି ପାଇଥିବା କଳା ଓ କ୍ରୀଡ଼ା ପ୍ରଶିକ୍ଷକମାନଙ୍କର ବର୍ତ୍ତମାନ ସାମ୍ନା କରୁଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ନିର୍ଦ୍ଦିଷ୍ଟ ମାସିକ ବେତନ ନ ମିଳିବା, ଭିନ୍ନ ଭିନ୍ନ ଜିଲାରେ କର୍ତ୍ତୃପକ୍ଷ ନାନା ସମସ୍ୟା ଦର୍ଶାଇ ବେତନ କାଟିବା, ସରକାରଙ୍କ ପ୍ରତିଶ୍ରୁତି ଅନୁସାରେ ଦରମା ନ ମିଳିବା ଏବେ ଶିକ୍ଷକଙ୍କ ପାଇଁ ବେଡି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି। ମହାସଂଘ ଦୀର୍ଘ ୬ ବର୍ଷ ଧରି ସରକାରଙ୍କୁ ତା'ର ନ୍ୟାର୍ଯ୍ୟ ଦାବି ଜଣାଇ ଆସୁଥିଲେ ମଧ ଏନେଇ କିଛି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ତେଣୁ ଆଗାମୀ ଦିନରେ ୬ ହଜାର କଳା ଓ କ୍ରୀଡ଼ା ଶିକ୍ଷକଙ୍କ ଦୁଃଖ ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ଜଣାଇବା ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଅବସରରେ ମହାସଂଘର ଆବାହକ ଚନ୍ଦ୍ରଶେଖ ପାଢୀ, ପ୍ରଦୀପ କୁମାର ଦାସ, ଚିତ୍ରକଳା ସଭାପତି ଜଗତଜୀବନ ନାୟକ, କ୍ରୀଡ଼ା ସମ୍ପାଦକ ରଶ୍ମୀରନ ସାହାଣୀ ପ୍ରମୁଖ ସଭା ପରିଚାଳନା କରିଥିଲେ। ରାଜ୍ୟର ସମସ୍ତ ଜିଲ୍ଲାର କର୍ମକର୍ତ୍ତାମାନେ ଉକ୍ତ ବୈଠକରେ ଯୋଗଦେଇଥିଲେ।

## ■ ନାବାଳକ ପୁଅ ସମ୍ମୁଖରେ ମା'ଙ୍କୁ ଅସଦାଚରଣ

# ଅଭିଯୁକ୍ତଙ୍କୁ ଛାଡ଼ି ନାବାଳକଙ୍କୁ ୩୦ ଘଣ୍ଟା ଅଟକ ରଖିଲା ପୋଲିସ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ନାବାଳକଙ୍କ ସମ୍ମୁଖରେ ତାଙ୍କ ମା'ଙ୍କୁ ଅସଦାଚରଣ। ପ୍ରତିରୋଧ କରିବାରୁ ନାବାଳକଙ୍କୁ ଆକ୍ରମଣ। ପରେ ଆକ୍ରଣକାରୀ ଓ ନାବାଳକଙ୍କ ମଧ୍ୟରେ ମାର୍‌ପିଟ୍। ହେଲେ ଅସଦାଚରଣ କରିଥିବା ଅଭିଯୁକ୍ତଙ୍କୁ ଛାଡ଼ି ମଞ୍ଚେଶ୍ୱର ଥାନା ପୋଲିସ ନାବାଳକଙ୍କୁ ଥାନାରେ ୩୦ ଘଣ୍ଟା ଅଟକ ରଖିବା ଘଟଣା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ପୋଲିସ ଦୁର୍ବ୍ୟବହାରର ଶିକାର ହୋଇ ତାଙ୍କ ମା' ଡିସିପି ଅଫିସ୍ ସମ୍ମୁଖରେ ଧାରଣା ଦେବା ଓ ଅତିରିକ୍ତ ଡିସିପି ତଦନ୍ତ ନିର୍ଦ୍ଦେଶ ଦେବା ପରେ ଘଟଣା ପଦାକୁ ଆସିଛି।

ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କିମ୍ବିରିଆ ବସ୍ତି ଅଞ୍ଚଳରେ ପରିବାର ସହ ରହୁଥିବା ଜଣେ ମହିଳାଙ୍କୁ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଉକ୍ତ ବସ୍ତି ଅଞ୍ଚଳର ଜଣେ ଅସାମାଜିକ ବ୍ୟକ୍ତି ଘର ସମ୍ମୁଖରେ ଟଣାଓଟରା କରିଥିଲେ। ପ୍ରତିବାଦ କରିବାରୁ ସେ ତାଙ୍କୁ ମାଡ଼ମାରି ଅସଦାଚରଣ କରିଥିଲେ। ଏହାଦେଖି ୧୬ ବର୍ଷର ନାବାଳକ ପୁଅ ମା'ଙ୍କୁ ରକ୍ଷା କରିବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ମହିଳାଙ୍କ ଚିତ୍କାର ଶୁଣି ପଡୋଶୀ ଲୋକେ ପହଞ୍ଚିଯିବାରୁ ଯୁବକ ଜଣକ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳା ଓ ତାଙ୍କ ନାବାଳକ ପୁଅଙ୍କୁ ଥାନାକୁ ନେଇଥିଲା। ମହିଳାଙ୍କ ଅଭିଯୋଗ ମୁତାବକ, ଥାନାରେ ପହଞ୍ଚିବା ପରେ ଥାନାଧିକାରୀ ହଠାତ୍ ତାଙ୍କ ପ୍ରତି ରୁକ୍ଷ ବ୍ୟବହାର ଆରମ୍ଭ କରିଥିଲା। ବସ୍ତି ଲୋକ କହି ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ନାବାଳକ ପୁଅକୁ ଥାନାରେ ଅଟକ ରଖିଥିଲା। ମହିଳାଙ୍କ ଅଭିଯୋଗକୁ ମଧ ଗୁରୁତ୍ୱ ଦିଆଯାଇ ନ ଥିଲା। ଏପରିକି ନାବାଳକ ପୁଅଙ୍କୁ ଅଟକାଇ ପୋଲିସ ମହିଳାଙ୍କୁ ଥାନାରୁ ତଡ଼ି ଦେଇଥିଲା। ମହିଳା ଜଣକ ଏସବୁକଥା ବସ୍ତିରେ ଜଣାଇବା ପରେ ମହିଳାମାନେ ଏକାଠି ହୋଇ ନ୍ୟାୟ ପାଇଁ ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଅତିରିକ୍ତ ଡିସିପି ରାଜ କିଶୋର ପାଇକରାୟ ଅଭିଯୋଗ ଶୁଣିବା ପରେ ଥାନା ଅଧିକାରୀଙ୍କ ଉପରେ କ୍ଷୁବ୍ଧ ହେବା ସହ ନାବାଳକଙ୍କୁ ତୁରନ୍ତ ଛାଡ଼ିବାକୁ କହିଥିଲେ। ଏଥିସହ ତୁରନ୍ତ ଏକ ମାମଲା ରୁଜୁ କରି ମହିଳାଙ୍କୁ ଅସଦାଚରଣ ଓ ପୁଅକୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଥାନାରେ ଅଟକ ଥିବା ନାବାଳକଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଅପରାହ୍ନ ପ୍ରାୟ ୩ଟାରେ ଛାଡ଼ିଥିଲା। ମା'ଙ୍କ ସହିତ ଘରକୁ ଫେରିବାବେଳେ ସେ ମାନସିକ ଭାରସାମ୍ୟ ହରାଇଥିବା ଦେଖିବାକୁ ମିଳିଥିଲା। ଜଣେ ଅଭିଯୁକ୍ତଙ୍କୁ ପଚରାଉଚରା ପାଇଁ ସର୍ବାଧିକ ୨୪ଘଣ୍ଟା ଥାନାରେ ଅଟକ ରଖାଯିବାର ନିୟମ ରହିଛି। କିନ୍ତୁ ଜଣେ ନିର୍ଦ୍ଦୋଷ ନାବାଳକଙ୍କୁ ପୋଲିସ ଆଇନକୁ ଉଲ୍ଲଂଘନ କରି କିପରି ୩୦ଘଣ୍ଟା ଅଟକ ରଖିଲା ତାହାକୁ ନେଇ ଏବେ ଅଭିଯୋଗ ଉଠିଛି। ମହିଳାଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ସେ ନ୍ୟାୟ ଓ ସୁରକ୍ଷା ପାଇଁ ନିବେଦନ କରିଛନ୍ତି। ଘଟଣା ସଂକ୍ରାନ୍ତରେ ଥାନାଧିକାରୀଙ୍କ ମତାମତ ମିଳିପାରିନି।

## ଗୁରୁ ଶିଷ୍ୟ ସମ୍ମାନ ଉଦ୍‌ଘାଟିତ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ପଦ୍ମଭୂଷଣ ପଣ୍ଡିତ ବିଶ୍ୱମୋହନ ଭଟ୍ଟ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ଦୁଇଦିନିଆ 'ଗୁରୁ ଶିଷ୍ୟ ସମ୍ମାନ' ଉତ୍ସବ ରବିବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଛି। ଦେବଧାରା ଓ ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସଙ୍ଗୀତଜ୍ଞ ପଦ୍ମଶ୍ରୀ ଗୁରୁ ପ୍ରଫୁଲ୍ଲ କର ଓ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେବା ସହ କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ପଦ୍ମଭୂଷଣ ପଣ୍ଡିତ ବିଶ୍ୱ ମୋହନ ଭଟ୍ଟ ଓ ସଲିଲ୍ ଭଟ୍ଟଙ୍କ ଦ୍ୱାରା ହିନ୍ଦୁସ୍ତାନୀ ବାଦ୍ୟଯନ୍ତ୍ର ଯୁଗଳବନ୍ଦୀ ପରିବେଷିତ ହୋଇଥିଲା। ପଣ୍ଡିତ ରାମ କୁମାର ମିଶ୍ର ତବଲାରେ ସେମାନଙ୍କୁ ସହଯୋଗ କରିଥିଲେ। ଏହାସହ ବିଦୁଷୀ ମାଳିନୀ ଆୱାସ୍ତୀଙ୍କ ଦ୍ୱାରା ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପରିବେଷିତ ହୋଇଥିଲା। ତାଙ୍କୁ ତବଲାରେ ରାମ କୁମାର ମିଶ୍ର ଓ ହାରମୋନିୟମ୍‌ରେ ଧରମନାଥ ମିଶ୍ର ସହଯୋଗ କରିଥିଲେ। ଏହି ଅବସରରେ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୁରୁ ବିନାୟକ ପଣ୍ଡା, ଗୁରୁ ଗଜେନ୍ଦ୍ର ପଣ୍ଡା, ଅରବିନ୍ଦ ବେହେରା ଉପସ୍ଥିତ ଥିଲେ।

### କେନ୍ଦୁଝର ଆସୋସିଏଶନର ସାଧାରଣ ବୈଠକ

## ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ନେଇ ଆଲୋଚନା

ଭୁବନେଶ୍ୱର,୨୧।୭(ବ୍ୟୁରୋ)

କେନ୍ଦୁଝର ଆସୋସିଏଶନର ଏକ ସାଧାରଣ ବୈଠକ ଆସୋସିଏଶନର ମୁଖ୍ୟ କାର୍ଯ୍ୟାଳୟ ପୁରୁଣା ଭୁବନେଶ୍ୱରସ୍ଥିତ ରଥରୋଡଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ହାଡ଼ିବନ୍ଧୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହି କେନ୍ଦୁଝର ଜିଲାର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ନେଉଥିବା ପଦକ୍ଷେପ ଯଥା– ମେଡିକାଲ କଲେଜ ସ୍ଥାପନା କରିବା, ଘଟଗାଁ ପାଖରେ ଜନଜାତି ସଂଗ୍ରହାଳୟ ଓ ବିଜ୍ଞାନ ପାର୍କର ସ୍ଥାପନା, କେନ୍ଦୁଝର କଲେଜକୁ ଏକକ ବିଶ୍ୱବିଦ୍ୟାଳୟ କରିବା ଓ କେନ୍ଦୁଝର ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ୧୨୫ର ପୁନରୁଦ୍ଧାର କରିବା ଇତ୍ୟାଦି କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ଲାଗି ଆସୋସିଏଶନ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ। ଏହାଛଡ଼ା କେନ୍ଦୁଝର ଜିଲାରୁ ନୂତନ ଭାବେ ନିର୍ବାଚିତ ହୋଇଥିବା ଏମ୍‌ପି ଓ ବିଧାୟକଙ୍କୁ ଭେଟି ଜିଲାରେ ଥିବା ମୁଖ୍ୟ ସମସ୍ୟାର ସମାଧାନ ନେଇ ଆଲୋଚନା କରାଯିବ ବୋଲି ବୈଠକରେ ମତାମତ ପ୍ରକାଶ ପାଇଛି।

## ■ କଳିଙ୍ଗ ଲିଟେରାରି ଫେଷ୍ଟିଭାଲ ଉଦ୍‌ଯାପିତ

# ସାହିତ୍ୟକୁ ସରଳ ଭାଷାରେ ଲେଖିଲେ ପାଠକୀୟ ଆଦୃତି ମିଳିବ



ଭୁବନେଶ୍ୱର,୨୧।୭(ବ୍ୟୁରୋ)–ସାହିତ୍ୟକୁ ସରଳ ଭାଷାରେ ଲେଖିଲେ ପାଠକୀୟ ଆଦୃତି ମିଳିବ ବୋଲି ତିନିଦିନ କଳିଙ୍ଗ ସାହିତ୍ୟ ମହୋତ୍ସବର ଶେଷ ଦିବସରେ ଓଡ଼ିଆ ଲେଖକ ଓ କବିମାନେ ମତ ପ୍ରକାଶ କରିଛନ୍ତି। ଗଭୀର ଦର୍ଶନ ଓ ପାଠକୀୟ ଆଦୃତି ସମ୍ପର୍କିତ ଏକ ଆଲୋଚନାଚକ୍ରରେ ଭାଗନେଇ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ଭାରତ ମାଝୀ କହିଥିଲେ, ଓଡ଼ିଆ ଭାଗବତରେ ଗଭୀର ଦର୍ଶନ ରହିଛି ଓ ଏହାର ପାଠକୀୟ ଆଦୃତି ସବୁ ପୁସ୍ତକଠାରୁ ଊର୍ଦ୍ଧ୍ୱରେ। ଏଥିରେ ଯୁବଲେଖକ ସରୋଜ ବଳ, ସାହିତ୍ୟିକ ରାଜେନ୍ଦ୍ର ରାଉଳ, ଐତିହାସିକ ଜ୍ୟୋତି ନନ୍ଦ ସାହିତ୍ୟ ଉପରେ ଭିନ୍ନ ମତ ରଖିଥିଲେ। ଶେଷ ଦିବସରେ ସହରୀକରଣ, ସାହିତ୍ୟ, ମାର୍କେଟିଂ, ଗଣମାଧ୍ୟମ, ଖାଦ୍ୟ ତଥା ଅର୍ଥନୀତି ସମ୍ପର୍କିତ ୧୫ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବି ମିଶ୍ର, ଖାଦ୍ୟ ଓ ସାଂସ୍କୃତିକ ଐତିହାସିକ ପୁଷ୍ପେଶ ପନ୍ତ ଓ ଆଦିତ୍ୟ ବିର୍ଲା ଗ୍ରୁପର ମାନବ ସମ୍ବଳ ବିକାଶ ମୁଖ୍ୟ ସଂତୃପ୍ତ ମିଶ୍ର ଯୋଗଦେଇ ଥିଲେ। ଏଥିରେ ଚିତ୍ରକଳା, ସାହିତ୍ୟ, ସାଂସ୍କୃତିକ ଐତିହ୍ୟ, ରାଜନୀତି, ଉଦାରବାଦ, ସାମ୍ବାଦିକତା, ଚଳଚ୍ଚିତ୍ର, ଧର୍ମ ଓ ପୁସ୍ତକ ପ୍ରକାଶନ ଉପରେ ମୋଟ ୪୫ଟି ଅଧିବେଶନ ହୋଇଥିଲା। କାର୍ଯ୍ୟକ୍ରମର ଶେଷରେ ଲେଖିକା ସୌମ୍ୟା ସାରସ୍ୱତା ପଣ୍ଡାଙ୍କର ଉପନ୍ୟାସ 'ଅସ୍ତାରୁଣର ସୁରଭି' ଲୋକାର୍ପିତ ହୋଇଛି। ପ୍ରଫେସର ଜ୍ୟୋତି ନନ୍ଦ, ପ୍ରକାଶକ ତଥା ଗାଳ୍ପିକ ସରୋଜ ବଳ, କବି ଭରତ ମାଝି, ଲେଖକ ରଂଜନ ରାଉଳ ଉପସ୍ଥିତ ଥିଲେ। ମଦନ ମହାପାତ୍ର ଆଲୋଚନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ୍‌ର ମୁଖ୍ୟ ଆୟୋଜକ ରଶ୍ମି ରଞ୍ଜନ ପରିଡ଼ା ଏବଂ ସହଯୋଗୀ ଦେବାଶିଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଇନରହ୍ୱିଲ୍ ନର୍ଥର ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର,୨୧।୭(ବ୍ୟୁରୋ)– ଇନରହ୍ୱିଲ୍ ନର୍ଥର ୨୪ତମ ପ୍ରତିଷ୍ଠା ଉତ୍ସବ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଡ. ପାରମିତା ଶତପଥୀ ଯୋଗଦେଇ ସମାଜ ପ୍ରତି ଇନରହ୍ୱିଲ ସଦସ୍ୟମାନଙ୍କ ନିଃସ୍ୱାର୍ଥପର ସେବାକୁ ପ୍ରଶଂସା କରିଥିଲେ। ନୂତନ ସଭାପତି ସୁସ୍ମିତା ରାଉତ ଓ ସମ୍ପାଦିକା ତିଳୋତ୍ତମା ସାହୁଙ୍କୁ କଲାର୍, ଗଙ୍ଗ ଓ ଗାଭେଲ୍ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ୪ଜଣ ନୂତନ ସଦସ୍ୟଙ୍କୁ କ୍ଲବକୁ ସ୍ୱାଗତ କରାଯିବା ସହ କ୍ଲବ ବୁଲେଟିନ୍ ଉନ୍ମୋଚିତ ହୋଇଥିଲା। ଆଇଏସ୍‌ଓ ପ୍ରିୟା ସେନଗୁପ୍ତା ସଭା ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କତରା ଘୋଡ଼ିହେଲେ**
**ଯମ କି ଛାଡ଼େ ଭଲେ ?**

ମୃତ୍ୟୁ ଅନିବାର୍ଯ୍ୟ । ସଂସାରରେ ଯଦି କିଛି ସତ୍ୟ ଥାଏ ତାହା ହିଁ ହେଉଛି ମୃତ୍ୟୁ। ଯେପରି ଆଲୋକ ସାମ୍ନାରେ ଅନ୍ଧକାରର ସ୍ଥିତି ଅସମ୍ଭାଳ, ସେପରି ମୃତ୍ୟୁ ଲୋକରେ ଅମରତ୍ୱ ଅସମ୍ଭବ। ଜନ୍ମ ଅଛି ମାନେ ମୃତ୍ୟୁ ଅଛି। ଯେତେ ଚେଷ୍ଟା କଲେ ମଧ ମୃତ୍ୟୁକୁ ଟାଳିବା ଅସମ୍ଭବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କୋରଡ଼ ଆଖି**
**ସଜ ହେଉଥାଏ ଯାତରା ଦେଖି ।**

ମହିଳାମାନେ ଅଧିକ ସୌନ୍ଦର୍ଯ୍ୟପ୍ରିୟ। ନିଜକୁ ସୁନ୍ଦର ବେଶରେ ସଜାଇ ଅନ୍ୟ ଆଗରେ ଦେଖେଇହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ବୟସ ଯେତେ ଅଧିକ ହୋଇଗଲେ ମଧ ତାଙ୍କ ସାଜସଜ୍ଜା ପ୍ରତି ରହିଥିବା ଦୁର୍ବଳତା ଭାବ କେବେ ବି କମିପାରି ନ ଥାଏ। ଯାହା ଦେଖିବା ପାଇଁ ମନ ବଳାଇଥିବା ବୃଦ୍ଧା ମହିଳା ନିଜର ବେଶ ପରିପାଟୀ ନେଇ ବ୍ୟଗ୍ର ହୋଇପଡୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
– ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଲିଙ୍ଗରାଜ ମନ୍ଦିରକୁ ଯାଉଛି ପ୍ଲାଷ୍ଟିକ ସାମଗ୍ରୀ

ପୁରୁଣା ଭୁବନେଶ୍ୱର,୨୧।୭ (ଡି.ଏନ.ଏ.)

**■ ମନ୍ଦିର ପ୍ରଶାସନର ସଚେତନତା ଅଭାବ**

ଶ୍ରୀଲିଙ୍ଗରାଜ ମନ୍ଦିରକୁ ପ୍ଲାଷ୍ଟିକ, ପଲିଥିନରେ ଭୋଗ ନେବା କିମ୍ବା ଆନନ୍ଦବଜାରରେ ପ୍ରସାଦ ପାଇଁ ପଲିଥିନ ବ୍ୟବହାର ନ କରିବାକୁ କଡାକଡି କରାଯାଇଛି। ତେବେ ଠାକୁରଙ୍କ ବିଭିନ୍ନ ଯାନିଯାତ୍ରାରେ ସଚେତନତା ଅଭାବରୁ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ମନ୍ଦିର ପ୍ରଶାସନ, ଏଏସ୍‌ଆଇ ଅନ୍ୟ ବିଭାଗର ଉଦାସୀନତା ପାଇଁ ଏକାମ୍ରକ୍ଷେତ୍ରର ଅନେକ କୀର୍ତ୍ତିରାଜି ମୌଳିକତା ହରାଉଛି। ଶ୍ରାବଣ ମାସ ପ୍ରଥମ ସୋମବାର ଜଳ ଲାଗି ପାଇଁ ରାଜ୍ୟ ଓ ବାହାରୁ ଆସିଥିବା କାଉଡିଆମାନେ ରବିବାରଠାରୁ ବ୍ୟାରିକେଡରେ ଭିଡ଼ ଲଗାଇଛନ୍ତି। ମନ୍ଦିର ପ୍ରବେଶ ସମୟରେ ଏମାନଙ୍କୁ ଯାଞ୍ଚ କରାଯାଉ ନ ଥିବାରୁ ଅନାୟାସରେ ମନ୍ଦିର ଭିତରକୁ ପ୍ଲାଷ୍ଟିକ ପଦାର୍ଥ ଯାଉଛି। କେହି ଯଦି ଯାଞ୍ଚ କରେ ସେତେବେଳେ ଭକ୍ତ ଜଣକ ଠାକୁରଙ୍କୁ ଆଉ ଦର୍ଶନ କରି ନ ପାରି ମନ୍ଦିର ବାହାରେ କିମ୍ବା ଅନ୍ୟ ମନ୍ଦିରରେ ପାଣି ଢ଼ାଳିଥିବା ନଜିର ରହିଛି। ଅନ୍ୟପକ୍ଷେ ମନ୍ଦିର ସମ୍ମୁଖ, ବିନ୍ଦୁସାଗର ରାସ୍ତା ସବୁଠି ଦୋକାନୀମାନେ ପ୍ଲାଷ୍ଟିକ ଡାଳ ଖୋଲା ବଜାରରେ ବିକ୍ରି କରୁଛନ୍ତି। ଏମାନଙ୍କୁ ଲଗାମ ନାହିଁ। ବାହାର ଭକ୍ତ କିଣିବା ସହଜ ହୋଇଥାଏ। ତେଣୁ କଟକଣା ଅଭାବରୁ ଏହି ସମସ୍ୟା ଉପୁଜୁଛି ବୋଲି ବଲାଙ୍ଗୀରରୁ ଆସିଥିବା ଦରଖାସ୍ତ ସିହ୍ନା କହିଛନ୍ତି। ସେହିଭଳି ସୁନୀଲ ବାଗ ମଧ ଅନୁରୂପ କଥା କହିଛନ୍ତି। ଏଠାରେ ଆମକୁ କେହି ମନା କରୁନାହାନ୍ତି, ଦୋକାନରେ ବିକ୍ରି ଦେଖି ଆମେ ଡାଳ କିଣୁଛୁ। ମନ୍ଦିର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ନୀଳାଦ୍ରିବିହାର ଲୁଟ୍ ଘଟଣା: ୩ ଗିରଫ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

୨୦୧୮ ଡିସେମ୍ବର ୧୦ରେ ନୀଳାଦ୍ରିବିହାର ପ୍ଲଟ୍ ନଂ. ୬୩୧ ଘରୁ ଚୋରି ଘଟଣାର ତଦନ୍ତ କରି ଚନ୍ଦ୍ରଶେଖରପୁର ଥାନା ପୋଲିସ ୭ ମାସ ପରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଆଖଣ୍ଡଳମଣୀବସ୍ତିର କାହ୍ନୁ ଦାଶ, ଶାନ୍ତିନଗରବସ୍ତିର ଅର୍ଜୁନ ରାଓ ଓ ଯାଜପୁର ଜିଲା କୋରେଇ ଅଞ୍ଚଳର ଶଙ୍କର ଦାଶ। ସେମାନଙ୍କଠାରୁ ପୋଲିସ ୩ ହଳ ଚୁଡି, ୪ଟି ସୁନା ଚେନ୍, ୩ ହଳ କାନଫୁଲ, ଗୋଟିଏ କ୍ୟାମେରା ଓ ୩ଟି ଏଲସିଡି ଟିଭିକୁ ଜବତ କରିଛି। ଏ ନେଇ ପୋଲିସ ଦଫା ୩୮୦ ଓ ୩୪ରେ ନଂ. ୫୦୫/୧୮ କୋର୍ଟ ଚାଲାଣ କରାଯାଇଛି।

## ମହିଳା ପତ୍ରିକା 'ସ୍ମୃତି ସାନ୍ତ୍ୱନା'ର ବାର୍ଷିକୋତ୍ସବ



ଭୁବନେଶ୍ୱର,୨୧।୭(ବ୍ୟୁରୋ)

ମହିଳା ପତ୍ରିକା 'ସ୍ମୃତି ସାନ୍ତ୍ୱନା'ର ଅଷ୍ଟମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ସମ୍ପାଦିକା ସବିତାରାଣୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ 'ପକ୍ଷୀଘର'ର ପ୍ରକାଶକ ବନୋଜ ତ୍ରିପାଠୀ ଏବଂ ମୁଖ୍ୟବକ୍ତା ଭାବେ ଡ. ତମସାରାଣୀ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ସ୍ମୃତି ସାନ୍ତ୍ୱନାର ସ୍ୱତନ୍ତ୍ର ସଂଖ୍ୟା ଓ ସୁମିତ୍ରା ମିଶ୍ରଙ୍କ 'ପ୍ରୀତିପୁଷ୍ପା' କବିତା ବହିକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ଅନୀତା ପଣ୍ଡା, ଆଶଲତା ଦାଶ, ସୁଷମା ଲେଙ୍କା, ସୁଧା ପଟ୍ଟନାୟକ, ମମତା ବାଳା ହୋତା ଓ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ବସନ୍ତ ମାଝିଙ୍କ ସଭାପତିତ୍ୱରେ, ଅନିମା ପଟ୍ଟନାୟକ ଓ କାନନ ବାଳା ପଟ୍ଟନାୟକଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ଯେଉଁଥିରେ ୮୦ରୁ ଊର୍ଦ୍ଧ୍ୱ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ।

## ବ୍ୟାଙ୍କ ଜାତୀୟକରଣ ସୁବର୍ଣ୍ଣ ଜୟନ୍ତୀ




ଭୁବନେଶ୍ୱର, ୨୧।୭

ଅଲ୍ ଓଡ଼ିଶା ବ୍ୟାଙ୍କ ଏମ୍ପ୍ଲୟିଜ୍ ଫେଡେରେଶନ (ଏଓବିଇଏଫ୍) ପକ୍ଷରୁ ବ୍ୟାଙ୍କ ଜାତୀୟକରଣର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ୟାଙ୍କ ବୋର୍ଡରେ ସରକାରୀ ହସ୍ତକ୍ଷେପ, ଏନ୍‌ପିଏ ବୃଦ୍ଧି, ବ୍ୟାଙ୍କ ଘରୋଇକରଣ, ବିମୁଦ୍ରୀକରଣ, ଶ୍ରମ ଆଇନକୁ ୪ କୋଡ୍‌ରେ ପରିବର୍ତ୍ତନ ଭଳି ପ୍ରସଙ୍ଗରେ ଏଥିରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସର୍ବଭାରତୀୟ ରିଜର୍ଭ ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସମୀର ଘୋଷ, ସିଆଇଟିୟୁ ଉପସଭାପତି ଜନାର୍ଦ୍ଦନ ପତି, ଅଲ୍ ଓଡ଼ିଶା ବ୍ୟାଙ୍କ ଏମ୍ପ୍ଲୟିଜ୍ ଫେଡେରେଶନ ସାଧାରଣ ସମ୍ପାଦକ ପ୍ରକାଶ ରାୟ ଏବଂ ଉପସଭାପତି ରମେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଚାଓମିନ୍ ଫ୍ୟାକ୍ଟ୍ରିରେ ଶିଶୁ ଶ୍ରମିକଙ୍କୁ ନିର୍ଯାତନା

# କାମ ନ କରିବାରୁ ମାଡ଼ ଦେଲେ ହେଡ୍ ମିସ୍ତ୍ରି

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

**ଉଦ୍ଧାର କଲା ସିଡବ୍ଲ୍ୟୁସି**

ଏୟାରଫିଲ୍ଡ ଥାନା ସୁନ୍ଦରପଦା, ବୋତଣ୍ଡା, ଆଦିତ୍ୟନଗରରେ ଥିବା ଏକ ଚାଉମିନ୍ ଫ୍ୟାକ୍ଟ୍ରିରେ ଜଣେ ୧୨ ବର୍ଷର ନାବାଳକଙ୍କୁ ନିର୍ଯାତନା ଦିଆଯାଉଥିଲା। ଏପରିକି ସେ କାମ ନ କରିବାରୁ ତାଙ୍କୁ ଫ୍ୟାକ୍ଟ୍ରିରେ କାମ କରୁଥିବା ଜଣେ ହେଡ୍‌ମିସ୍ତ୍ରୀ ନିର୍ଘାତ ମାଡ ମାରିଥିଲେ। ମାଡରେ ଶିଶୁଟିର ପିଠି ଫାଟି ଯାଇଥିବା ଦେଖିବାକୁ ମିଳିଛି। ଖବରପାଇ ସିଡବ୍ଲ୍ୟୁସିର ସଦସ୍ୟମାନେ ଶିଶୁଟିକୁ ଉଦ୍ଧାର କରି ଏୟାରଫିଲ୍ଡ ଥାନାକୁ ହସ୍ତାନ୍ତର କରିଛନ୍ତି। ଥାନାରେ ପୋଲିସ ଓ ସିଡବ୍ଲ୍ୟୁସି ନାବାଳକଙ୍କୁ କାଉନସେଲିଂ କରୁଛନ୍ତି। କିଏ ତାଙ୍କୁ କାହିଁକି ମାଡ ମାରିଲେ ଓ ଏଠାକୁ ସେ କିଭଳି ଆସିଲେ ଏଭଳି ଅନେକ ପ୍ରଶ୍ନ ପଚାରୁଛନ୍ତି।

ମିଳିଥିବା ସୂଚନା ଅନୁଯାୟ, ନାବାଳକଙ୍କ ଘର ଝାଡଖଣ୍ଡ। ଦଲାଲ ପରିବାର ଲୋକଙ୍କୁ ମିଛ କହି ତାଙ୍କୁ ରାଜଧାନୀକୁ ନେଇ ଆସିଥିଲେ। ଏଠାରେ ବୋତଣ୍ଡାରେ ଥିବା ଚାଉମିନ୍ ଫ୍ୟାକ୍ଟ୍ରିରେ କାମ କରାଉଥିଲେ। ଏପରିକି ଖାଇବାକୁ ଠିକ୍ ଭାବେ ଦେଉ ନ ଥିବା ବେଳେ କାମ ନ କଲେ ମାଡ ମାରୁଥିଲେ। ଏଭଳି ରବିବାର ସନ୍ଧ୍ୟାରେ ଶିଶୁଟି କୌଣସି କାମ ଟିକେ ଭୁଲ କରି ଦେଇଥିଲେ। ତାଙ୍କୁ ହେଡ୍‌ମିସ୍ତ୍ରି ଏକ ବାଡିରେ ବାଡେଇଥିଲେ। ଏପରିକି ମାଡରେ ତାଙ୍କ ପିଠି ଫାଟି ଯାଇଥିବା ଦେଖିବାକୁ ମିଳିଥିଲା। ନାବାଳକଙ୍କ ପାଟି ଶୁଣି ସ୍ଥାନୀୟ ଲୋକ କେହି ଜଣେ ସିଡବ୍ଲ୍ୟୁସିକୁ ଖବର ଦେଇଥିଲେ। ରାତି ପ୍ରାୟ ୧୦ଟାରେ ସିଡବ୍ଲ୍ୟୁସି ସେଠାରେ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ନିଆଯିବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଉକ୍ତ ଫ୍ୟାକ୍ଟ୍ରିରେ ଅନ୍ୟ ନାବାଳକମାନେ କାମ କରୁଥିବା ସିଡବ୍ଲ୍ୟୁସି ଖବର ପାଇଛି। ରାତି ହୋଇଯାଇଥିବାରୁ ସେଠାରେ ପୁଣି ସିଡବ୍ଲ୍ୟୁସି ଚଢାଉ କରିବା ସମ୍ଭବ ନୁହେଁ। ତେଣୁ ରାତି ପାହିଲେ ଏ ନେଇ ସେମାନେ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ସହ ପୋଲିସ ସହ ସେଠାରେ ଚଢାଉ କରି ଅନ୍ୟ ନାବାଳକମାନଙ୍କୁ ଉଦ୍ଧାର କରାଯିବ ବୋଲି ସିଡବ୍ଲ୍ୟୁସି ଅଧିକାରୀମାନେ କହିଛନ୍ତି। ଏଥିସହ ଉକ୍ତ ଚାଉମିନ୍ ଫ୍ୟାକ୍ଟ୍ରିର ମାଲିକ କିଏ ସେନେଇ ମଧ ପୋଲିସ ଖୋଳତାଡ କରିବ ବୋଲି ଜଣାପଡିଛି।



ଭଲ ବହି ପଢ଼ି ଭଲ କାମ କଲେ ଖରାପ
ଲୋକଟି ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ ।
- ଆରିଷ୍ଟଟଲ

## ସଂକ୍ଷେପରେ

### ମୁହଁରେ ମାଂସପିଣ୍ଡୁଳା
### ଆଜି ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସ ଯିବେ ମନବୋଧ



**କଟକ ଅଫିସ, ୨୧।୭:** ଦୀର୍ଘ ୮ ମାସର ଅପେକ୍ଷା ପରେ ମାରାତ୍ମକ ନ୍ୟୁରୋ ଫାଇବ୍ରୋମା ରୋଗରେ ଆକ୍ରାନ୍ତ ହୋଇଥିବା ମନବୋଧ ବାଗ୍ ଚିକିତ୍ସା ନିମନ୍ତେ ସୋମବାର ଦିଲ୍ଲୀସ୍ଥିତ ଏମ୍ସକୁ ଯିବେ। ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବଳପଦର ଗ୍ରାମର ମନବୋଧ ୨୦୧୮ ଅକ୍ଟୋବର ୯ରେ ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ଭର୍ତ୍ତି ହୋଇଥିଲେ। ତାଙ୍କ ମୁହଁରେ ହୋଇଥିବା ଛୋଟିଆ ଆବୁ ବିରାଟ ମାଂସ ପିଣ୍ଡୁଳାରେ ପରିଣତ ହୋଇ ବେକ ପାଖକୁ ଲାଗିଯାଇଛି। ହେଲେ ଏହାର ଉନ୍ନତ ଚିକିତ୍ସା ବ୍ୟବସ୍ଥା ଏସ୍‌ସିବି ମେଡିକାଲରେ ଉପଲବ୍ଧ ନ ଥିଲା। ତେଣୁ ମନବୋଧଙ୍କୁ ଦିଲ୍ଲୀ ଯିବା ପାଇଁ ଏସ୍‌ସିବି ପକ୍ଷରୁ କୁହାଯାଇଥିଲା। ଚିକିତ୍ସା ତ ଦୂରର କଥା ଦିଲ୍ଲୀ ଯିବା ପାଇଁ ମନବୋଧଙ୍କ ପାଖରେ ଅର୍ଥ ନ ଥିଲା। ତେଣୁ ସେ ଏସ୍‌ସିବି ମେଡ଼ିକାଲରେ ରହିଥିଲେ। ମନବୋଧଙ୍କ ଚିକିତ୍ସା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା। ସାମାଜିକ ଅନୁଷ୍ଠାନ ମୈତ୍ରୀ ସଂସଦ ପକ୍ଷରୁ ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ସାମାଜିକ କର୍ମୀମାନଙ୍କ ଉଦ୍ୟମ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ଯୋଗୁ ମନବୋଧ ସୋମବାର ଦିଲ୍ଲୀ ଯାତ୍ରା କରିବେ। ସେ ଦିଲ୍ଲୀ ଯିବା ପାଇଁ ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ୩୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ତାଙ୍କ ସହ ସାମାଜିକ କର୍ମୀ ଅଭିଜିତ ଦାସ ଓ ପ୍ରହଲ୍ଲାଦ ମହାରଣା ଦିଲ୍ଲୀ ଯିବେ ବୋଲି ସୂଚନା ମିଳିଛି।

### ୩୦ ଲକ୍ଷର ଜମି ଠକେଇ: ଅଭିଯୁକ୍ତ ଗିରଫ
#### ନକଲି କାଗଜପତ୍ର କରି ବିକିଥିଲେ

**କଟକ ଅଫିସ, ୨୧।୭:** ନକଲି କାଗଜପତ୍ର କରି ୩୦ ଲକ୍ଷ ଟଙ୍କାର ଜମି ଠକେଇ କରିବା ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ପୋତାପୋଖରୀ ଅଞ୍ଚଳର ଅଜୟ୍ କୁମାର ରାଉତ(୪୦)। ମିଳିଥିବା ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳର ବୀଣାପାଣି ସାହୁ ୧୯୯୪ରେ ସିଡିଏଠାରୁ ୧୨୦୦ ବର୍ଗଫୁଟ ଜମି (ପ୍ଲଟ୍ ନଂ. ୨୭୩) କିଣିଥିଲେ। ଜମି କିଣିବା ପରେ ସେ ବାଣପୁରରେ ରହୁଥିଲେ। ଏଠାରେ ଜମିର ମାଲିକ ରହୁ ନ ଥିବାରୁ ଏହାର ସୁଯୋଗ ନେଇ ଅଜୟ୍ ଏହି ଜମିକୁ ନକଲି କାଗଜପତ୍ର କରି ବିକିବାକୁ ଚାହିଁଥିଲେ। ପୋଲିସ ସୂଚନା ଅନୁଯାୟୀ, ୨୦୧୨ରେ ଅଜୟ୍ ଉକ୍ତ ଜମିର ନକଲି କାଗଜପତ୍ର ପ୍ରସ୍ତୁତ କରିବା ସହ ଜଣେ ମହିଳାଙ୍କୁ କୋର୍ଟକୁ ନେଇଥିଲେ। ସେଠାରେ ଉକ୍ତ ମହିଳାଙ୍କୁ ଜମିର ମାଲିକାଣୀ ବୀଣାପାଣି ବୋଲି ଦର୍ଶାଇଥିଲେ। ପରେ ଉକ୍ତ ଜମିର ପାୱାର ଅଫ ଆଟର୍ଣ୍ଣି ଅଜୟ୍ ନିଜ ନାମରେ କରି ନେଇଥିଲେ। ଏହାପରେ ଉକ୍ତ ଜମିକୁ ଅଞ୍ଜଳି ପରିଡ଼ା ନାମ୍ନୀ ଜଣେ ମହିଳାଙ୍କୁ ୩୦ ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିଲେ। ୨୦୧୮ରେ ଅଞ୍ଜଳି ସେଠାରେ ଘର ନିର୍ମାଣ କରିବା ପାଇଁ ବାଲି ଓ ସିମେଣ୍ଟ ପକାଇଥିଲେ। ଏହି ଖବର ବୀଣାବାଣି ପାଇବା ପରେ ସେ ଆସି ଅଞ୍ଜଳିଙ୍କୁ ପଚରାଉଚରା କରିଥିଲେ। ପଚରାଉଚରାରୁ ଅଜୟ୍ ତାଙ୍କୁ ଜମି ବିକ୍ରି କରିଥିବା ଅଞ୍ଜଳି କହିଥିଲେ। ପରେ ଏ ନେଇ ବୀଣାପାଣି ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା (ନଂ.୧୬୨/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ଅଭିଯୁକ୍ତ ଅଜୟଙ୍କୁ ପୋଲିସ ଗିରଫ କରି ପଚରାଉଚରା କରିବାରୁ ସେ ଏଭଳି ଦଲାଲି କରିଥିବା ସ୍ୱୀକାର କରିଥିଲା।





ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଇଜଣ ପିଲା ଚିତ୍ର ଆଙ୍କୁଛନ୍ତି ଏବଂ ଦୁଇ ମହିଳା ଝୋଟିରେ ରଙ୍ଗୋଲି ଆଙ୍କୁଛନ୍ତି।

### ସିଂହଦ୍ୱାର ଆଗରେ ଆଧ୍ୟାତ୍ମିକତାଭରା ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ

# ଝୋଟି, ରଙ୍ଗୋଲିରେ ଝଲସିଲା ବଡ଼ଦାଣ୍ଡ



ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଉଛି।



ଜଣେ ବିଦେଶିନୀଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ।

- ଓଡ଼ିଶୀ, ଗୋଟିପୁଅ ସାଙ୍ଗକୁ ଜମିଲା ମେଢ ନୃତ୍ୟ
- ରଙ୍ଗତୂଳୀରେ ମହାପ୍ରଭୁଙ୍କୁ ରୂପ ଦେଲେ କୁନି କୁନି ଚିତ୍ରଶିଳ୍ପୀ

**ପୁରୀ ଅଫିସ, ୨୧।୭**

ସବୁଦିନ ସକାଳ ଅପେକ୍ଷା ରବିବାର ନିଆରା ଥିଲା ସିଂହଦ୍ୱାର ସମ୍ମୁଖ। ସେଠାରେ ନ ଥିଲା ଉଠାଦୋକାନୀଙ୍କ ପସରା କି ବସି ନ ଥିଲେ ଭିକାରି। ବ୍ୟାରିକେଡିଂ ହୋଇଥିବା ସିଂହଦ୍ୱାର ସମ୍ମୁଖ ଅଞ୍ଚଳରେ ସକାଳୁ ଜମିଥିଲା ଆଧ୍ୟାତ୍ମିକତାଭରା ସାଂସ୍କୃତିକ କାର୍ଯ୍ୟକ୍ରମ। ନୃତ୍ୟ, ରଙ୍ଗୋଲି, ଝୋଟି ସାଙ୍ଗକୁ ନାମସଂକୀର୍ତ୍ତନର ଗୁରୁ ଗମ୍ଭୀର ନାଦ ସମସ୍ତଙ୍କୁ ଭାବରେ ବାନ୍ଧି ରଖିଥିଲା। ମହାପ୍ରଭୁଙ୍କ ସକାଳ ଦର୍ଶନ ପାଇଁ ଆସୁଥିବା ବା ଦର୍ଶନ ସାରି ଫେରୁଥିବା ଶ୍ରଦ୍ଧାଳୁ ଏହି ଭାବଭକ୍ତି କାର୍ଯ୍ୟକ୍ରମକୁ ଦେଖି ଘଡ଼ିଏ ଅଟକି ଯାଉଥିଲେ। କିଏ ଗୋଟିପୁଅ ନୃତ୍ୟ ଦେଖି ବାହାବା କରୁଥିଲେ ତ ଆଉ କେହି ମେଢ ନୃତ୍ୟର ତାଳେ ତାଳେ ନିଜକୁ ହଜାଇ ଦେଉଥିଲେ। ସେହିପରି ବଡ଼ଦେଉଳ ସମ୍ମୁଖରେ ମହାପ୍ରଭୁଙ୍କ ଅପରୂପ ବିଭବକୁ ରଙ୍ଗ ତୂଳୀରେ ତୋଳି ଧରିଥିବା କୁନି କୁନି ଶିଳ୍ପୀଙ୍କୁ ସମସ୍ତେ ପ୍ରଶଂସା ଅଜାଡ଼ି ଦେଇଥିଲେ।

ଶ୍ରୀମନ୍ଦିର ପରିକ୍ରମା ମାର୍ଗର ପରିଚ୍ଛନ୍ନତା ଓ ପବିତ୍ରତା ରକ୍ଷା ସହ ସିଂହଦ୍ୱାର ସମ୍ମୁଖ ଅଞ୍ଚଳକୁ ଅଧିକ ଆକର୍ଷଣୀୟ କରିବା ଲକ୍ଷ୍ୟରେ ଜିଲା ପ୍ରଶାସନ ଏବଂ ପୁରୀର ନାଗରିକମାନଙ୍କ ପକ୍ଷରୁ ମିଳିତ ପ୍ରୟାସ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରବିବାର ସକାଳେ ସିଂହଦ୍ୱାର ସମ୍ମୁଖ ଅରୁଣ ସ୍ତମ୍ଭ ନିକଟରେ ଦୀପଦାନ କରି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂହ, ଉପଜିଲାପାଳ ଭବତାରଣ ସାହୁ, ସେବାୟତ ମାଧବ ପୂଜାପଣ୍ଡା, ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ପ୍ରମୁଖ ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥ ସଂସ୍କୃତିର ଅନ୍ୟତମ ପ୍ରମୁଖ ପ୍ରଚାରକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ଦ୍ୱାରା ଶ୍ରୀଜଗନ୍ନାଥାଷ୍ଟକ ଆବୃତ୍ତି ମଧ୍ୟରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସାମୂହିକ ଦୀପଦାନ କରାଯାଇଥିଲା। ଏହାପରେ ନାମ ସଂକୀର୍ତ୍ତନ ଦଳ ସହ ବିଭିନ୍ନ ଅନୁଷ୍ଠାନର ଶିଳ୍ପୀ, ଶ୍ରଦ୍ଧାଳୁ, ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିଥିଲେ। ପରେ ସିଂହଦ୍ୱାର ସମ୍ମୁଖରେ ଆରମ୍ଭ ହୋଇଥିଲା ବିଭିନ୍ନ ପ୍ରକାର ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ। ଏଥିରେ ପାରମ୍ପରିକ ନୃତ୍ୟ ଯେପରି କି ଓଡ଼ିଶୀ, ଗୋଟିପୁଅ ଏବଂ ବିଭିନ୍ନ ପ୍ରକାର ମେଢ ନୃତ୍ୟ ସହ ସଂକୀର୍ତ୍ତନର ଝଲକ ଦେଖିବାକୁ ମିଳିଥିଲା। ଓଡ଼ିଶୀ ନୃତ୍ୟରେ ପୁରୀ ଡ୍ୟାନ୍ସ ଏକାଡେମୀ ତରଫରୁ ଗୁରୁ ନାରାୟଣ ପାଣ୍ଡେ, କୁମାର ଭୀମସେନଙ୍କ ଦଳ, ଗୁରୁ ବସନ୍ତ ପ୍ରଧାନଙ୍କ ନେତୃତ୍ୱରେ ରଘୁରାଜପୁରର ଦଶଭୁଜା ଗୋଟିପୁଅ ଅନୁଷ୍ଠାନ, ଗୁରୁ ଦୁର୍ଗାପ୍ରସାଦ ପାଣ୍ଡେ ଓ ସୌଭାଗିନୀ ସ୍ୱାଇଁଙ୍କ ଦ୍ୱାରା ଶ୍ରୀକ୍ଷେତ୍ର ପାରମ୍ପରିକ ଶିକ୍ଷାକେନ୍ଦ୍ର ତରଫରୁ ସାହିଯାତ, ଗୁରୁ ଲକ୍ଷ୍ମୀଧର ସ୍ୱାଇଁଙ୍କ ନେତୃତ୍ୱରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ସେହିପରି ପୁରୀ ଜିଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ଚିତ୍ତାକର୍ଷକ ଝୋଟି, ଚିତା ଏବଂ ରଙ୍ଗୋଲି ମଧ୍ୟ ଦେଖିବାକୁ ମିଳିଥିଲା। କିଏ ଝୋଟିରେ ମହାପ୍ରଭୁଙ୍କୁ ଆଙ୍କିଥିଲେ ତ ଆଉ କେହି ରଙ୍ଗୋଲିରେ ବଡ଼ଦେଉଳର ବଡ଼ପଣକୁ ଉପସ୍ଥାପନ କରିଥିଲେ। ତେବେ ଶ୍ରୀମନ୍ଦିର ସମ୍ମୁଖରେ କୁନି କୁନି ଚିତ୍ରଶିଳ୍ପୀଙ୍କ ଚିତ୍ରାଙ୍କନ ଜୀବନ୍ତ ଆଉ ବାସ୍ତବ ଲାଗୁଥିଲା।

ଏହି କାର୍ଯ୍ୟକ୍ରମକୁ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଡିଏଫ୍ଓ ହର୍ଷବର୍ଦ୍ଧନ ଉଦ୍‌ଗାତା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ପରିଚାଳନା କରିଥିଲେ।

#### ବଡ଼ଦାଣ୍ଡରେ ଝଟକିଲା ଝୋଟି

ଏହି କାର୍ଯ୍ୟକ୍ରମରେ ଯୁବତୀ ଓ ମହିଳାମାନେ ବିଭିନ୍ନ ପ୍ରକାର ଝୋଟି ଆଙ୍କିଥିଲେ। ପ୍ରାୟ ୭/୮ଟି ଦଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଝୋଟି କରିଥିଲେ। ପୁଣି କେହି ଆକର୍ଷଣୀୟ ଫୁଲ ତ ଆଉ କେହି ଅନ୍ୟାନ୍ୟ କୃତିକୁ ଝୋଟିରେ ପ୍ରଦର୍ଶନ କରିଥିଲେ। ବଡ଼ଦାଣ୍ଡରେ ସତେ ଯେମିତି ଏହି ଝୋଟି ଝଟକି ଉଠିଥିଲା।

#### ରଙ୍ଗ ତୂଳୀରେ ରଥଯାତ୍ରା

ଓଡ଼ିଶା କାରୁ ଓ ଚାରୁ କଳା ମହାବିଦ୍ୟାଳୟ, ପୁରୀର ଶିଳ୍ପୀମାନେ ରଙ୍ଗ ତୂଳୀରେ ବିଭିନ୍ନ ପ୍ରକାର ଆକର୍ଷଣୀୟ ପେଣ୍ଟିଂ କରିଥିଲେ। ରଥଯାତ୍ରା ସରିବା ପରେ ବର୍ତ୍ତମାନ ସିଂହଦ୍ୱାରରେ ତିନିରଥ ଦଣ୍ଡାୟମାନ। ତେଣୁ ରଥଯାତ୍ରାକୁ ଶିଳ୍ପୀମାନେ କାନ୍‌ଭାସରେ ତୋଳି ଧରିଥିଲେ। ସେହିପରି ରଙ୍ଗ ତୂଳୀରେ ମହାପ୍ରଭୁଙ୍କ ଚିତ୍ର ଦେଖଣାହାରିଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହାବ୍ୟତୀତ କୁନି କୁନି ପିଲାମାନେ କାର୍ଡବୋର୍ଡରେ ଚିତ୍ର ଆଙ୍କିଥିଲେ। ରଥଯାତ୍ରା ଏବଂ ମହାପ୍ରଭୁଙ୍କ ସୁନ୍ଦର ସୁନ୍ଦର ଚିତ୍ର ସମସ୍ତଙ୍କର ମନ ଛୁଇଁଥିଲା।

#### ସେମାନେ କହନ୍ତି...

“ଏଣିକି ପ୍ରତ୍ୟେକ ରବିବାର ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହାଦ୍ୱାରା ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ମନରେ ଆଧ୍ୟାତ୍ମିକତା ଜାଗରଣ ସୃଷ୍ଟି କରାଯାଇପାରିବ।

**- ବିନୟ କୁମାର ଦାଶ, ଅତିରିକ୍ତ ଜିଲାପାଳ**

“ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଲୋକ ଭାଗ ନେଇପାରିବେ। ସମସ୍ତଙ୍କ ସହଯୋଗ ମିଳିଲେ ଏହା ଅଧିକ ଆଦୃତ ହୋଇପାରିବ।

**- ଭବତାରଣ ସାହୁ, ଉପଜିଲାପାଳ**

“ପ୍ରଶାସନର ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ। ଏଥିରେ ପର୍ଯ୍ୟଟକମାନଙ୍କୁ ସାମିଲ କରାଯିବା ଦରକାର। ପ୍ରତି ଶନିବାର ପୁରୀର ବିଭିନ୍ନ ହୋଟେଲରେ ରାତ୍ରିଯାପନ କରୁଥିବା ପର୍ଯ୍ୟଟକଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମକୁ ଅଣାଗଲେ ଏହାର ଲୋକପ୍ରିୟତା ବଢ଼ିବ।

**- ଯୁଗବ୍ରତ କର, ସମ୍ପାଦକ, ବେୟାର ଫୁଟ୍**



ଭାରତମାତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।



କଳାକାରମାନେ ମେଢ଼ ନୃତ୍ୟ ପରିବେଷଣ କରୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଆଦେଶ



ମୋନାଲିସା



ସୌମ୍ୟା



ବିଧାନ



ଦିବାକର



ମୁକ୍ତା କବାସୀ



ପଦ୍ମ



ପ୍ରଦ୍ୟୁମ୍ନ

## ଶବରୀ ସାଂସ୍କୃତିକ ସଂସଦର ସମ୍ବର୍ଦ୍ଧନା ସଭା



**ଭୁବନେଶ୍ୱର,୨୧।୭(ବ୍ୟୁରୋ)**

ଶବରୀ ସାଂସ୍କୃତିକ ପରିଷଦ ପକ୍ଷରୁ ନୟାପଲ୍ଲୀସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଭବନରେ ଅବିଭକ୍ତ କୋରାପୁଟ ଜିଲା ପ୍ରତିନିଧିଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଶବର ସାଂସ୍କୃତିକ ପରିଷଦର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ରାଜ୍ୟ ଜନଜାତି, ଉପଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଅନୁଷ୍ଠାନର ସଭାପତି, ବୟନ ଶିଳ୍ପ ଏବଂ ହସ୍ତତନ୍ତ ବିଭାଗ ମନ୍ତ୍ରୀ ପଦ୍ମିନୀ ଦିଆନ ଓ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଗୌରଚନ୍ଦ୍ର ତ୍ରିପାଠୀ ଉପସଭାପତି ଭାବେ ଚୟନ କରାଯାଇଥିଲା। ସେହିପରି ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଦିଗଦର୍ଶନ ପାଇଁ ଏଲ.ଟି ଜେନେରାଲ ନାରାୟଣ ମହାନ୍ତି, ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଏବଂ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। ଉତ୍ସବରେ ଅବିଭକ୍ତ କୋରାପୁଟ ଜିଲାରୁ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୨୧।୭(ବ୍ୟୁରୋ)**

ରାଜ୍ୟ ଜଳସେଚନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ବାଲିକୁଦା ଏରସମା ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ପ୍ରୟାସୀ ଅନୁଷ୍ଠାନ ‘ବାଲିକୁଦା ପିପୁଲ୍‌ସ ଆସୋସିଏଶନ୍(ବାପା)’ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ସୂଚନା ଭବନସ୍ଥିତ ଗୀତଗୋବିନ୍ଦ ସଦନ ସଭାଗୃହରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହାସହ ସମାରୋହରେ ସଂଗଠନର ପୂର୍ବତନ ସଭାପତି ଓ ବର୍ତ୍ତମାନର ଉପଦେଷ୍ଟା ତଥା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସତ୍ୟେନ୍ଦ୍ର ନାରାୟଣ ତ୍ରିପାଠୀ ଏବଂ ବରିଷ୍ଠ ସ୍ଥପତି ଓ ଅନ୍ୟତମ ଉପଦେଷ୍ଟା ରମେଶ ଚନ୍ଦ୍ର ସ୍ୱାଇଁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଦାମୋଦର ସେନାପତି ଓ ସାଥି ଜଗନ୍ନାଥ ଜଣାଣ ଓ ଭଜନ ପରିବେଷଣ କରିଥିଲେ।

# ତା. ୩୦.୦୬.୨୦୧୯ରିଖରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା 'AP' ସିରିଜ୍ ଉଠାଣର ଫଳାଫଳ

No. 09-S

**First Prize** **Rs. 5,00,000/-** 2705635
**Second Prize** **Rs. 3,00,000/-** 1950878
**Third prize** **Rs. 1,00,000/-** 1233676 3697947
**Fourth prize** **Rs. 50,000/-** 2497388 7701723 3308456 5799230
**Fifth Prize** **Rs. 10,000/-**

3322963 3139730 0028260 2647909 3953222 8589606 8861367 2186120
1320614 2466259 0692076 0826755 8251746 6698700 2338490 4935724
6067641 7677069 2190227 7503103

**Sixth Prize** **Rs.5000/-**

0000005 0022335 0044665 0066995 0089325 0111655 0133985 0156315
0178645 0200975 0223305 0245635 0267965 0290295 0312625 0334955
0357285 0379615 0401945 0424275 0446605 0468935 0491265 0513595
0535925 0558255 0580585 0602915 0625245 0647575 0669905 0692235
0714565 0736895 0759225 0781555 0803885 0826215 0848545 0870875
0893205 0915535 0937865 0960195 0982525 1004855 1027185 1049515
1071845 1094175 1116505 1138835 1161165 1183495 1205825 1228155
1250485 1272815 1295145 1317475 1339805 1362135 1384465 1406795
1429125 1451455 1473785 1496115 1518445 1540775 1563105 1585435
1607765 1630095 1652425 1674755 1697085 1719415 1741745 1764075
1786405 1808735 1831065 1853395 1875725 1898055 1920385 1942715
1965045 1987375 2009705 2032035 2054365 2076695 2099025 2121355
2143685 2166015 2188345 2210675 2233005 2255335 2277665 2299995
2322325 2344655 2366985 2389315 2411645 2433975 2456305 2478635
2500965 2523295 2545625 2567955 2590285 2612615 2634945 2657275
2679605 2701935 2724265 2746595 2768925 2791255 2813585 2835915
2858245 2880575 2902905 2925235 2947565 2969895 2992225 3014555
3036885 3059215 3081545 3103875 3126205 3148535 3170865 3193195
3215525 3237855 3260185 3282515 3304845 3327175 3349505 3371835
3394165 3416495 3438825 3461155 3483485 3505815 3528145 3550475
3572805 3595135 3617465 3639795 3662125 3684455 3706785 3729115
3751445 3773775 3796105 3818435 3840765 3863095 3885425 3907755
3930085 3952415 3974745 3997075 4019405 4041735 4064065 4086395
4108725 4131055 4153385 4175715 4198045 4220375 4242705 4265035
4287365 4309695 4332025 4354355 4376685 4399015 4421345 4443675
4466005 4488335 4510665 4532995 4555325 4577655 4599985 4622315
4644645 4666975 4689305 4711635 4733965 4756295 4778625 4800955
4823285 4845615 4867945 4890275 4912605 4934935 4957265 4979595
5001925 5024255 5046585 5068915 5091245 5113575 5135905 5158235
5180565 5202895 5225225 5247555 5269885 5292215 5314545 5336875
5359205 5381535 5403865 5426195 5448525 5470855 5493185 5515515
5537845 5560175 5582505 5604835 5627165 5649495 5671825 5694155
5716485 5738815 5761145 5783475 5805805 5828135 5850465 5872795
5895125 5917455 5939785 5962115 5984445 6006775 6029105 6051435
6073765 6096095 6118425 6140755 6163085 6185415 6207745 6230075
6252405 6274735 6297065 6319395 6341725 6364055 6386385 6408715
6431045 6453375 6475705 6498035 6520365 6565025 6587355 6609685
6632015 6654345 6676675 6699005 6721335 6743665 6765995 6788325
6810655 6832985 6855315 6877645 6899975 6922305 6944635 6966965
6989295 7011625 7033955 7056285 7078615 7100945 7123275 7145605
7167935 7190265 7212595 7234925 7257255 7279585 7301915 7324245
7346575 7368905 7391235 7413565 7435895 7458225 7480555 7502885
7525215 7547545 7569875 7592205 7614535 7636865 7659195 7681525
7703855 7748515 7770845 7793175 7815505 7837835 7860165 7882495
7904825 7927155 7949485 7971815 7994145 8016475 8038805 8061135
8083465 8105795 8128125 8150455 8172785 8195115 8217445 8239775
8262105 8284435 8306765 8329095 8351425 8373755 8396085 8418415
8440745 8463075 8485405 8507735 8530065 8552395 8574725 8597055
8619385 8641715 8664045 8686375 8708705 8731035 8753365 8775695
8798025 8820355 8842685 8865015 8887345 8909675

**Seventh Prize** **Rs.2000/-**

0000001 0004471 0008941 0013411 0017881 0022351 0026821 0031291
0035761 0040231 0044701 0049171 0053641 0058111 0062581 0067051
0071521 0075991 0080461 0084931 0089401 0093871 0098341 0102811
0107281 0111751 0116221 0120691 0129631 0134101 0138571 0143041
0147511 0151981 0156451 0160921 0165391 0169861 0174331 0178801
0183271 0187741 0192211 0196681 0201151 0205621 0210091 0214561
0219031 0227971 0232441 0236911 0241381 0245851 0250321 0254791
0259261 0263731 0268201 0272671 0277141 0281611 0286081 0290551
0295021 0299491 0303961 0308431 0312901 0317371 0321841 0326311
0330781 0335251 0339721 0344191 0348661 0353131 0357601 0362071
0366541 0371011 0375481 0379951 0384421 0388891 0393361 0397831
0402301 0406771 0411241 0415711 0420181 0424651 0429121 0433591
0438061 0442531 0447001 0451471 0455941 0460411 0464881 0469351
0473821 0478291 0482761 0487231 0491701 0496171 0500641 0505111
0509581 0514051 0518521 0522991 0527461 0531931 0536401 0540871
0545341 0549811 0554281 0558751 0563221 0567691 0572161 0576631
0581101 0585571 0590041 0594511 0598981 0603451 0607921 0612391
0616861 0621331 0625801 0630271 0634741 0639211 0643681 0648151
0652621 0657091 0661561 0666031 0670501 0674971 0679441 0683911
0688381 0692851 0697321 0701791 0706261 0710731 0715201 0719671
0724141 0728611 0733081 0737551 0742021 0746491 0750961 0755431
0759901 0764371 0768841 0773311 0777781 0782251 0786721 0791191
0795661 0800131 0804601 0809071 0813541 0818011 0822481 0826951
0831421 0835891 0840361 0844831 0849301 0853771 0858241 0862711
0867181 0871651 0876121 0880591 0885061 0889531 0894001 0898471
0902941 0907411 0911881 0916351 0920821 0925291 0929761 0934231
0938701 0943171 0947641 0952111 0956581 0961051 0965521 0969991
0974461 0978931 0983401 0987871 0992341 0996811 1001281 1005751
1010221 1014691 1019161 1023631 1028101 1032571 1037041 1041511
1045981 1050451 1054921 1059391 1063861 1068331 1072801 1077271
1081741 1086211 1090681 1095151 1099621 1104091 1108561 1113031
1117501 1121971 1126441 1130911 1135381 1139851 1144321 1148791
1153261 1157731 1162201 1166671 1171141 1175611 1180081 1184551
1189021 1193491 1197961 1202431 1206901 1211371 1215841 1220311
1224781 1229251 1233721 1238191 1242661 1247131 1251601 1256071
1260541 1265011 1269481 1273951 1278421 1282891 1287361 1291831
1296301 1300771 1305241 1309711 1314181 1318651 1323121 1327591
1332061 1336531 1341001 1345471 1349941 1354411 1358881 1363351
1367821 1372291 1376761 1381231 1385701 1390171 1394641 1399111
1403581 1408051 1412521 1416991 1421461 1425931 1430401 1434871
1439341 1443811 1448281 1452751 1457221 1461691 1466161 1470631
1475101 1479571 1484041 1488511 1492981 1497451 1501921 1506391
1510861 1515331 1519801 1524271 1528741 1533211 1537681 1542151
1546621 1555561 1560031 1564501 1568971 1573441 1577911 1582381
1586851 1591321 1595791 1600261 1604731 1609201 1613671 1618141
1622611 1627081 1631551 1636021 1640491 1644961 1649431 1653901
1658371 1662841 1667311 1671781 1676251 1680721 1685191 1689661
1694131 1698601 1703071 1707541 1712011 1716481 1720951 1725421
1729891 1734361 1738831 1743301 1747771 1752241 1756711 1761181
1765651 1770121 1774591 1779061 1783531 1788001 1792471 1796941
1801411 1805881 1810351 1814821 1819291 1823761 1828231 1832701
1837171 1841641 1846111 1850581 1855051 1859521 1863991 1868461
1872931 1877401 1881871 1886341 1890811 1895281 1899751 1904221
1908691 1913161 1917631 1922101 1926571 1931041 1935511 1939981
1944451 1948921 1953391 1957861 1962331 1966801 1971271 1975741
1980211 1984681 1989151 1993621 1998091 2002561 2007031 2011501
2015971 2020441 2024911 2029381 2033851 2038321 2042791 2047261
2051731 2056201 2060671 2065141 2069611 2074081 2078551 2083021
2087491 2091961 2096431 2100901 2105371 2109841 2114311 2118781
2123251 2127721 2132191 2136661 2141131 2145601 2150071 2154541
2159011 2163481 2167951 2172421 2176891 2181361 2185831 2190301
2194771 2199241 2203711 2208181 2212651 2217121 2221591 2226061
2230531 2235001 2239471 2243941 2248411 2252881 2257351 2261821
2270761 2275231 2279701 2284171 2288641 2293111 2297581 2302051
2306521 2310991 2315461 2319931 2324401 2328871 2333341 2337811
2342281 2346751 2351221 2355691 2360161 2364631 2369101 2373571
2378041 2382511 2386981 2391451 2395921 2400391 2404861 2409331
2413801 2418271 2422741 2427211 2431681 2436151 2440621 2445091
2449561 2454031 2458501 2462971 2467441 2471911 2476381 2480851
2485321 2489791 2494261 2498731 2503201 2507671 2512141 2516611
2521081 2525551 2530021 2534491 2538961 2543431 2547901 2552371
2556841 2561311 2565781 2570251 2574721 2579191 2583661 2588131
2592601 2597071 2601541 2606011 2610481 2614951 2619421 2623891
2628361 2632831 2637301 2641771 2646241 2650711 2655181 2659651
2664121 2668591 2673061 2677531 2682001 2686471 2690941 2695411
2699881 2704351 2708821 2713291 2717761 2722231 2726701 2731171
2735641 2740111 2744581 2749051 2753521 2757991 2762461 2766931
2771401 2775871 2780341 2784811 2789281 2793751 2798221 2802691
2807161 2811631 2816101 2820571 2825041 2829511 2833981 2838451
2842921 2847391 2851861 2856331 2860801 2865271 2869741 2874211
2878681 2883151 2887621 2892091 2896561 2901031 2905501 2909971
2914441 2918911 2923381 2927851 2932321 2936791 2941261 2945731
2950201 2954671 2959141 2963611 2968081 2972551 2977021 2981491
2985961 2990431 2994901 2999371 3003841 3008311 3012781 3017251
3021721 3026191 3030661 3035131 3039601 3044071 3048541 3053011
3057481 3061951 3066421 3070891 3075361 3079831 3084301 3088771
3093241 3097711 3102181 3106651 3111121 3115591 3120061 3124531
3129001 3133471 3137941 3142411 3146881 3151351 3155821 3160291
3164761 3169231 3173701 3178171 3182641 3191581 3196051 3200521
3204991 3209461 3213931 3218401 3222871 3227341 3231811 3236281
3240751 3245221 3249691 3254161 3258631 3267571 3272041 3276511
3280981 3285451 3289921 3294391 3298861 3303331 3307801 3312271
3316741 3321211 3325681 3330151 3334621 3339091 3343561 3348031
3352501 3356971 3361441 3365911 3370381 3374851 3379321 3383791
3388261 3392731 3397201 3401671 3406141 3410611 3415081 3419551
3424021 3428491 3432961 3437431 3441901 3446371 3450841 3455311
3459781 3464251 3468721 3473191 3477661 3482131 3486601 3491071
3495541 3500011 3504481 3508951 3513421 3517891 3522361 3526831
3531301 3535771 3540241 3544711 3553651 3558121 3562591 3567061
3571531 3576001 3580471 3584941 3589411 3593881 3598351 3602821
3607291 3611761 3616231 3620701 3625171 3629641 3634111 3638581
3643051 3647521 3651991 3656461 3660931 3665401 3669871 3674341
3678811 3683281 3687751 3692221 3696691 3701161 3705631 3710101
3714571 3719041 3723511 3732451 3736921 3741391 3745861 3750331
3754801 3759271 3763741 3768211 3772681 3777151 3781621 3786091
3790561 3795031 3799501 3803971 3808441 3812911 3817381 3821851
3826321 3830791 3835261 3839731 3844201 3848671 3853141 3857611
3862081 3866551 3871021 3875491 3879961 3884431 3888901 3893371
3897841 3902311 3906781 3911251 3915721 3920191 3924661 3929131
3933601 3938071 3942541 3947011 3951481 3955951 3960421 3964891
3969361 3973831 3978301 3982771 3987241 3991711 3996181 4000651
4005121 4009591 4014061 4018531 4023001 4027471 4031941 4036411
4040881 4045351 4049821 4054291 4058761 4063231 4067701 4072171
4076641 4081111 4085581 4090051 4094521 4098991 4103461 4107931
4112401 4116871 4121341 4125811 4130281 4134751 4139221 4143691
4148161 4152631 4157101 4161571 4166041 4170511 4174981 4179451
4183921 4188391 4192861 4197331 4201801 4206271 4210741 4215211
4219681 4224151 4228621 4233091 4237561 4242031 4246501 4250971
4255441 4259911 4264381 4268851 4273321 4277791 4282261 4286731
4291201 4295671 4300141 4304611 4309081 4313551 4318021 4322491
4326961 4331431 4335901 4344841 4349311 4353781 4358251 4362721
4367191 4371661 4376131 4380601 4385071 4389541 4394011 4398481
4402951 4407421 4411891 4416361 4420831 4425301 4429771 4434241
4438711 4443181 4447651 4452121 4456591 4461061 4465531 4470001
4474471 4478941 4483411 4487881 4492351 4496821 4501291 4505761
4510231 4514701 4519171 4523641 4528111 4532581 4537051 4541521
4545991 4550461 4554931 4559401 4563871 4568341 4572811 4577281
4581751 4586221 4590691 4595161 4599631 4604101 4608571 4613041
4617511 4621981 4626451 4630921 4635391 4639861 4644331 4648801
4653271 4657741 4662211 4666681 4671151 4675621 4680091 4684561
4689031 4693501 4697971 4702441 4706911 4711381 4715851 4720321
4724791 4729261 4733731 4738201 4742671 4747141 4751611 4756081
4760551 4765021 4769491 4773961 4778431 4782901 4787371 4791841
4796311 4800781 4805251 4809721 4814191 4818661 4823131 4827601
4832071 4836541 4841011 4845481 4849951 4854421 4858891 4863361
4867831 4872301 4876771 4881241 4885711 4890181 4894651 4899121
4903591 4908061 4912531 4917001 4921471 4925941 4930411 4934881
4939351 4943821 4948291 4952761 4957231 4961701 4966171 4970641
4975111 4979581 4984051 4988521 4992991 4997461 5001931 5006401
5010871 5015341 5019811 5024281 5028751 5033221 5037691 5042161
5046631 5051101 5055571 5060041 5064511 5068981 5073451 5077921
5082391 5086861 5091331 5095801 5100271 5104741 5109211 5113681
5118151 5122621 5127091 5131561 5136031 5140501 5144971 5149441
5153911 5158381 5162851 5167321 5171791 5176261 5180731 5185201
5189671 5194141 5198611 5203081 5207551 5212021 5216491 5220961
5225431 5229901 5234371 5238841 5243311 5247781 5252251 5256721
5261191 5265661 5270131 5274601 5279071 5283541 5288011 5292481
5296951 5301421 5305891 5310361 5314831 5319301 5323771 5328241
5332711 5337181 5341651 5346121 5350591 5355061 5359531 5364001
5368471 5372941 5377411 5381881 5386351 5390821 5395291 5399761
5404231 5408701 5413171 5422111 5426581 5431051 5435521 5439991
5444461 5448931 5453401 5457871 5462341 5466811 5471281 5475751
5480221 5484691 5489161 5493631 5498101 5502571 5507041 5511511
5515981 5524921 5529391 5533861 5538331 5542801 5547271 5551741
5556211 5560681 5565151 5569621 5574091 5578561 5583031 5587501
5591971 5596441 5600911 5605381 5609851 5614321 5618791 5623261
5627731 5632201 5636671 5641141 5645611 5650081 5654551 5659021
5663491 5667961 5672431 5676901 5681371 5685841 5690311 5694781
5699251 5703721 5708191 5712661 5717131 5721601 5726071 5730541
5735011 5739481 5743951 5748421 5752891 5757361 5761831 5766301
5770771 5775241 5779711 5784181 5788651 5793121 5797591 5802061
5806531 5811001 5815471 5819941 5824411 5828881 5833351 5837821
5842291 5846761 5851231 5855701 5860171 5864641 5869111 5873581
5878051 5882521 5886991 5891461 5895931 5900401 5904871 5909341
5913811 5918281 5922751 5927221 5931691 5936161 5940631 5945101
5949571 5954041 5958511 5962981 5967451 5971921 5976391 5980861
5985331 5989801 5994271 5998741 6003211 6007681 6012151 6016621
6021091 6025561 6030031 6034501 6038971 6043441 6047911 6052381
6056851 6061321 6065791 6070261 6074731 6079201 6083671 6088141
6092611 6097081 6101551 6106021 6110491 6114961 6119431 6123901
6128371 6132841 6137311 6141781 6146251 6150721 6155191 6159661
6164131 6168601 6173071 6182011 6186481 6190951 6195421 6199891
6204361 6208831 6213301 6217771 6222241 6226711 6231181 6235651
6240121 6244591 6249061 6253531 6258001 6262471 6266941 6271411
6275881 6280351 6284821 6289291 6293761 6298231 6302701 6307171
6311641 6316111 6320581 6325051 6329521 6333991 6338461 6342931
6347401 6351871 6356341 6360811 6365281 6369751 6374221 6378691
6383161 6387631 6392101 6396571 6401041 6405511 6409981 6414451
6418921 6423391 6427861 6432331 6436801 6441271 6445741 6450211
6454681 6459151 6463621 6468091 6472561 6477031 6481501 6485971
6490441 6494911 6499381 6503851 6508321 6512791 6517261 6521731
6526201 6530671 6535141 6539611 6544081 6548551 6553021 6557491
6561961 6566431 6570901 6575371 6579841 6584311 6588781 6593251
6597721 6602191 6606661 6611131 6615601 6620071 6624541 6629011
6633481 6637951 6642421 6646891 6651361 6655831 6660301 6664771
6669241 6673711 6678181 6682651 6687121 6691591 6696061 6705001
6709471 6713941 6718411 6722881 6727351 6731821 6736291 6740761
6745231 6749701 6754171 6758641 6763111 6767581 6772051 6776521
6780991 6785461 6789931 6794401 6798871 6803341 6807811 6812281
6816751 6821221 6825691 6830161 6834631 6839101 6843571 6848041
6852511 6856981 6861451 6865921 6870391 6874861 6879331 6883801
6888271 6892741 6897211 6901681 6906151 6910621 6915091 6919561
6924031 6928501 6932971 6937441 6941911 6946381 6950851 6955321
6959791 6964261 6968731 6973201 6977671 6982141 6986611 6991081
6995551 7000021 7004491 7008961 7013431 7017901 7022371 7026841
7031311 7035781 7040251 7044721 7049191 7053661 7058131 7062601
7067071 7071541 7076011 7080481 7084951 7089421 7093891 7098361
7102831 7107301 7111771 7116241 7120711 7125181 7129651 7134121
7138591 7143061 7147531 7152001 7156471 7160941 7165411 7169881
7174351 7178821 7183291 7187761 7192231 7196701 7201171 7205641
7210111 7214581 7219051 7223521 7227991 7232461 7236931 7241401
7245871 7250341 7254811 7259281 7263751 7268221 7272691 7277161
7281631 7286101 7290571 7295041 7299511 7303981 7308451 7312921
7317391 7321861 7326331 7330801 7335271 7339741 7344211 7348681
7353151 7357621 7362091 7366561 7371031 7375501 7379971 7384441
7388911 7393381 7397851 7402321 7406791 7411261 7415731 7420201
7424671 7429141 7433611 7438081 7442551 7447021 7451491 7455961
7460431 7464901 7469371 7473841 7478311 7482781 7487251 7491721
7496191 7500661 7505131 7514071 7518541 7523011 7527481 7531951
7536421 7540891 7545361 7549831 7554301 7558771 7563241 7567711
7572181 7576651 7581121 7585591 7590061 7594531 7599001 7603471
7607941 7612411 7616881 7621351 7625821 7630291 7634761 7639231
7643701 7648171 7652641 7657111 7661581 7666051 7670521 7674991
7679461 7683931 7688401 7692871 7697341 7701811 7706281 7710751
7715221 7719691 7724161 7728631 7733101 7737571 7742041 7746511
7750981 7755451 7759921 7764391 7768861 7773331 7777801 7782271
7786741 7791211 7795681 7800151 7804621 7809091 7813561 7818031
7822501 7826971 7831441 7835911 7840381 7844851 7849321 7853791
7858261 7862731 7867201 7871671 7876141 7880611 7885081 7889551
7894021 7898491 7902961 7907431 7911901 7916371 7920841 7925311
7929781 7934251 7938721 7943191 7947661 7952131 7956601 7961071
7965541 7970011 7974481 7978951 7983421 7987891 7992361 7996831
8001301 8005771 8010241 8014711 8019181 8023651 8028121 8032591
8037061 8041531 8046001 8050471 8054941 8059411 8063881 8068351
8072821 8077291 8081761 8086231 8090701 8095171 8099641 8104111
8108581 8113051 8117521 8121991 8126461 8130931 8135401 8139871
8144341 8148811 8153281 8157751 8162221 8166691 8171161 8175631
8180101 8184571 8189041 8193511 8197981 8202451 8206921 8211391
8215861 8220331 8224801 8229271 8233741 8238211 8242681 8247151
8251621 8256091 8260561 8265031 8269501 8273971 8278441 8282911
8287381 8291851 8296321 8300791 8305261 8309731 8314201 8318671
8323141 8327611 8332081 8336551 8341021 8345491 8349961 8354431
8358901 8363371 8367841 8372311 8376781 8381251 8385721 8390191
8394661 8399131 8403601 8408071 8412541 8417011 8421481 8425951
8430421 8434891 8439361 8443831 8448301 8452771 8457241 8461711
8466181 8470651 8475121 8479591 8484061 8488531 8493001 8497471
8501941 8506411 8510881 8515351 8519821 8524291 8528761 8533231
8537701 8542171 8546641 8551111 8555581 8560051 8564521 8568991
8573461 8577931 8582401 8586871 8591341 8595811 8600281 8604751
8609221 8613691 8618161 8622631 8627101 8631571 8636041 8640511
8644981 8649451 8653921 8658391 8662861 8667331 8671801 8676271
8680741 8685211 8689681 8694151 8698621 8703091 8707561 8712031
8716501 8720971 8725441 8729911 8734381 8738851 8743321 8747791
8752261 8756731 8761201 8765671 8770141 8774611 8779081 8783551
8788021 8792491 8796961 8801431 8805901 8810371 8814841 8819311
8823781 8828251 8832721 8837191 8841661 8846131 8850601 8855071
8859541 8864011 8868481 8872951 8877421 8881891 8886361 8890831
8895301 8899771 8904241 8908711 8913181 8917651 8922121 8926591
8931061

## ପୁରସ୍କାର ଅର୍ଥ ପାଇବାର ନିୟମାବଳୀ

ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା 'ଏପି' ସିରିଜ୍ ଉଠାଣର ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ରାଶି ପ୍ରାପ୍ତି ପାଇଁ 28.09.2019 ରିଖ ସୁଦ୍ଧା ନିମ୍ନଲିଖିତ ଦସ୍ତାବିଜ୍ ଗୁଡ଼ିକ ସଂଲଗ୍ନ କରି, ପ୍ରଦତ୍ତ ଆବେଦନ ପତ୍ର ମାଧ୍ୟମରେ ରେଜିଷ୍ଟ୍ରି ଡାକଯୋଗେ କୁପନ ସଂଗୃହୀତ ହୋଇଥିବା ଜିଲ୍ଲାର ଜିଲ୍ଲାପାଳଙ୍କୁ ଆବେଦନ କରିବାକୁ ପଡ଼ିବ।
(1) ପୁରସ୍କାର ବିଜୟୀ ମୂଳ କୁପନ (2) ସମ୍ପୃକ୍ତ ସ୍ୱଳ୍ପ ସଞ୍ଚୟ ସାର୍ଟିଫିକେଟ୍ କିମ୍ବା ପାଶ୍‌ବୁକ୍‌ର ଅବିକଳ ନକଲ (3) ପୁରସ୍କାର ରାଶି ଜମା ନିମନ୍ତେ ବ୍ୟାଙ୍କ ସେଭିଂସ୍ ପାଶବୁକ୍‌ର ଅବିକଳ ନକଲ। (4) ନିଜସ୍ୱ ଠିକଣା ଲିଖିତ ଏକ ଡାକ ବିଭାଗୀୟ ଲଫାପା। ଆବେଦନ ପତ୍ରଗୁଡ଼ିକ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ନିର୍ଦ୍ଧାରିତ ଶେଷ ତାରିଖ 28.09.2019 ସୁଦ୍ଧା ପହଞ୍ଚିବା ଆବଶ୍ୟକ।
ପୁରସ୍କାର ବିଜୟୀ ସ୍ୱଳ୍ପ ସଞ୍ଚୟ ସାର୍ଟିଫିକେଟ୍ କିମ୍ବା ପାଶ୍‌ବୁକ୍‌ଟି ଯୁଗ୍ମ ହୋଇଥିଲେ ପୁରସ୍କାର ରାଶି ପ୍ରାପ୍ତି ନିମନ୍ତେ ଉପସ୍ଥାପନ କରାଯାଇଥିବା ବ୍ୟାଙ୍କ ସେଭିଂସ୍ ପାଶ୍‌ବୁକ୍ ଟି ମଧ୍ୟ ଯୁଗ୍ମ ହୋଇଥିବା ନିତାନ୍ତ ଆବଶ୍ୟକ। ଏକାଧିକ ପୁରସ୍କାର ପାଇଁ ପୃଥକ ପୃଥକ ଦାବିପତ୍ର ଦାଖଲ କରିବା ଆବଶ୍ୟକ।
ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପୁରସ୍କାର ବିଜେତାମାନେ ପୁରସ୍କାର ଅର୍ଥ ପାଇବା ନିମନ୍ତେ ଉପର ବର୍ଣ୍ଣିତ ସମସ୍ତ ପ୍ରମାଣ ପତ୍ର ସହ PAN CARD ର ଅବିକଳ ନକଲ ସହିତ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀଙ୍କୁ ତୁରନ୍ତ ଯୋଗାଯୋଗ କରିବେ। ଏଥି ସହିତ ଯୋଗାଯୋଗ ନିମନ୍ତେ ନିଜର ଟେଲିଫୋନ୍ ନମ୍ବର ପ୍ରଦାନ କରିବେ।
ଉପରୋକ୍ତ ଉଠାଣର ଫଳାଫଳ ଓଡ଼ିଶା ସରକାରଙ୍କର ୱେବ୍‌ସାଇଟ୍ www.odisha.gov.in/ finance ଏବଂ www.assaodisha.nic.in ରେ ମଧ୍ୟ ଉପଲବ୍ଧ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡ଼ିଶା ସରକାର

## ODISHA SMALL SAVINGS ( INCENTIVE SCHEME ) RULES, 2000
## CLAIM BILL FOR PRIZE AMOUNT

a) Name & full address of the prize winner :
b) Father's / Husband's name :
c) Alphabetical Notation of Series : " " series
d) Date of draw :
e) Category of prize :
f) Amount of prize money :
g) Prize winning coupon number :
h) Details of Small Savings instruments i.e. Name of Scheme, Number, Date of issue, Amount etc. :
i) Type of Account (Single/Joint A/Joint B) :
j) Name of Post Office/ Bank in Odisha issuing the concerned Small Savings instruments :
k) Bank Account No. S/B :
Name of the Bank :
IFSC No. :
l) PAN No. :
m) Contact Tel. No. if any :

**Full signature of the Claimant**
**Date** ______________

05001/11/0006/1920

Your classified advertisement published in Dharitri will be listed free in Dharitri online edition : **www.dharitri.com**

## ହୃଦ୍‌ରୋଗୀଙ୍କ ପାଇଁ ନୂଆ ମୋବାଇଲ ଆପ୍



ଚିକିତ୍ସା ବିଜ୍ଞାନ ଦିନକୁ ଦିନ ନୂଆ ନୂଆ ତଥ୍ୟ ଲୋକଲୋଚନକୁ ଆଣୁଛି। କେବଳ ସେତିକି ନୁହେଁ, ବିଭିନ୍ନ ରୋଗର ନିଦାନ ପାଇଁ ନୂଆ ତଥା ସରଳ ଚିକିତ୍ସା ପ୍ରଣାଳୀକୁ ଚିକିତ୍ସକମାନେ ଅନୁସରଣ କରୁଛନ୍ତି। ନିକଟରେ ଭାରତ ଏବଂ ଅଷ୍ଟ୍ରେଲିଆର ଗବେଷକମାନେ ଏପରି ଏକ ସଫଳତା ହାସଲ କରିଛନ୍ତି,ଯାହା ହୃଦ୍‌ରୋଗୀଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ ବୋଲି ଆକଳନ କରାଯାଇଛି। ବିଶେଷଭାବରେ ଗାଁ ଗହଳିରେ ରହୁଥିବା ହୃଦ୍‌ରୋଗୀ ଏହାଦ୍ୱାରା ଅଧିକ ଉପକୃତ ହେବେ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେମାନେ ଏପରି ଏକ ମୋବାଇଲ ଆପ୍ ପ୍ରସ୍ତୁତ କରିଛନ୍ତି, ଯାହା ହୃଦ୍‌ରୋଗୀଙ୍କ ପାଇଁ ବେଶ୍ ସହାୟକ ହୋଇପାରିବ। ଏହି ମୋବାଇଲ ଆପ୍ଲିକେଶନ ବେସ୍‌ଡ ସିଷ୍ଟମକୁ ବି ପରୀକ୍ଷା କରାଯାଇଛି ଏବଂ ତାହା ଗାଁରେ ରହୁଥିବା ସ୍ୱାସ୍ଥ୍ୟକର୍ମୀ ଏପରି କି ଡାକ୍ତରଙ୍କୁ ଏହି ଆପ୍ ଅନେକାଂଶରେ ସାହାଯ୍ୟ କରିପାରିବ। କେବଳ ହୃଦ୍‌ରୋଗ ନୁହେଁ, ଉଚ୍ଚ ରକ୍ତଚାପ ରୋଗୀଙ୍କୁ ଏହି ଆପ୍ ଦ୍ୱାରା ଚିହ୍ନଟ କରାଯାଇପାରିବ। ଏହି ଆପ୍ କ୍ଲିନିକାଲ ଡିସିସନ୍ ସପୋର୍ଟ ସିଷ୍ଟମରେ ରହିଛି, ଯାହାକୁ ଆଣ୍ଡ୍ରଏଡ୍ ଫୋନ୍‌ରେ ଲୋଡ୍ କରିହେବ। ରୋଗୀ ଯଦି ଅଧିକ ବିପଦରେ ଥାନ୍ତି ଓ ଜରୁରୀ ଚିକିତ୍ସା ଦରକାର କରୁଥାନ୍ତି ତେବେ ସିଷ୍ଟମରେ ଥିବା ତତ୍‌କ୍ଷଣାତ ଡାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣାଇଦେବ। ଏଥିରେ ରହିଥିବା ଇଣ୍ଟରଆକ୍ଟିଭ ଭଏସ୍ ସିଷ୍ଟମ ମାଧ୍ୟମରେ ରୋଗୀ କେତେବେଳେ ଔଷଧ ସେବନ କରିବେ ଓ ଚିକିତ୍ସକଙ୍କ ପରାମର୍ଶ ନେବେ ସେ ସମ୍ପର୍କରେ ମଧ୍ୟ ଜାଣିହେବ।

## ସ୍ପୋର୍ଟିଂ ରୋବୋ



ଆଜିକାଲି ରୋବୋକୁ ବିଭିନ୍ନ କାମରେ ନିୟୋଜିତ କରାଯାଉଛି। ବିଶେଷ ଭାବରେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏହାର ସହାୟତାରେ ଅପରେଶନ ପରି ଗୁରୁତ୍ୱପୂର୍ଣ୍ଣ କାମ ସମ୍ପାଦିତ ହୋଇପାରୁଛି। ନିକଟରେ ଜାପାନର ବୈଜ୍ଞାନିକମାନେ ଏକ ସ୍ପୋର୍ଟିଂ ରୋବୋ ପ୍ରସ୍ତୁତ କରିଛନ୍ତି। ଏହି ରୋବୋ ମଣିଷ ପରି ଦୌଡ଼ି ପାରିବ। କେବଳ ସେତିକି ନୁହେଁ, ଦୌଡ଼ିବା କିମ୍ବା ଚାଲିବା ସମୟରେ ନିଜ ଶରୀର ସନ୍ତୁଳନ ମଧ୍ୟ ରକ୍ଷା କରିପାରିବ। ଏହାକୁ ଏପରି ଅତ୍ୟାଧୁନିକ ଟେକ୍ନୋଲୋଜିରେ ପ୍ରସ୍ତୁତ କରାଯାଇଛି ଯାହାଦ୍ୱାରା ଜରୁରିକାଳୀନ ପରିସ୍ଥିତି- ବନ୍ୟା କିମ୍ବା ବାତ୍ୟା ସମୟରେ ଉଦ୍ଧାର କାର୍ଯ୍ୟରେ ସହାୟତା କରିପାରିବ। ଖୁବ୍ ଶୀଘ୍ର ଏଭଳି ରୋବୋ ଜନସେବାରେ ନିୟୋଜିତ ହେବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ସିଗାରେଟ୍: ଜୀବନ ଘାତକ





ପ୍ର. ରମେଶ ଚନ୍ଦ୍ର ପରିଡ଼ା

ସିଗାରେଟ୍‌ର ଜନ୍ମକାଳରୁ ତାହାର ମୁଖ୍ୟ ଉପାଦାନ ରୂପେ ବ୍ୟବହାର ହେଉଥିଲା ଧୂଆଁପତ୍ର। ଭାରତ ସମେତ ସମଗ୍ର ବିଶ୍ୱରେ ଏ ଶିଳ୍ପ ସମୃଦ୍ଧ ହେବା ସଙ୍ଗେ ସଙ୍ଗେ ଅର୍ଥକରୀ ଫସଲ ରୂପେ ଧୂଆଁପତ୍ର ଚାଷ ମଧ୍ୟ ପ୍ରସାର ଲାଭ କରିଥିଲା। ପ୍ରାୟ ଦୁଇ ଦଶକ ପୂର୍ବେ ସ୍ୱାସ୍ଥ୍ୟ ଉପରେ ଧୂମପାନର ଭୟାବହ ପରିଣାମ କ୍ରମେ ଜଣାଗଲା । ସେଥିରୁ ଜଣାପଡ଼ିଲା ଯେ, ସିଗାରେଟ୍ ଧୂଆଁରେ ଥାଏ ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ବିଷାକ୍ତ ରସାୟନ । ତନ୍ମଧ୍ୟରୁ ପ୍ରମୁଖଗୁଡ଼ିକ ହେଲା ନିକୋଟିନ୍ ,ଏସିଟୋନ, ଆମୋନିଆ, ଆର୍ସେନିକ, ବ୍ୟୁଟେନ, ଫର୍ମାଲ ଡି ହାଇଡ୍, କାଡ୍‌ମିୟମ, କାର୍ବନ୍ ମନୋକ୍ସାଇଡ୍, ଡିଡିଟି, ହାଇଡ୍ରୋସିୟାନିକ ଏସିଡ୍ ଏବଂ ଜୋ ପାଇରିନ୍, ଆକ୍ରୋଲିନ ନାଇଟ୍ରୋସାମିନ୍, ନାପ୍‌ଥାଲିନ୍, ଟଲ୍ୟୁଇନ, ମେଥାନଲ ସହିତ ସୀସା-୨୧୦ ଓ ପୋଲୋନିୟମ-୨୧୦ ଭଳି ତେଜସ୍କ୍ରିୟ ପଦାର୍ଥ। ସେସବୁ ମୁଖ, ଗଳା ଓ ରକ୍ତ କର୍କଟ ସମେତ ୧୯ ପ୍ରକାର କର୍କଟରୋଗ ଏବଂ ମସ୍ତିଷ୍କ ସଂଘାତ, ହୃଦ୍‌ଘାତ, ଯକ୍ଷ୍ମା, ଶ୍ୱାସରୋଗ, ଉଚ୍ଚ ରକ୍ତଚାପ, ରକ୍ତପେଟିକା ସଂକୋଚନ, ବିବିଧ ବୃକ୍କ ରୋଗ, ଉଭୟ ନାରୀ ଓ ପୁରୁଷଠାରେ ବନ୍ଧ୍ୟାତ୍ୱ, ରୋଗ ପ୍ରତିରୋଧ ଶକ୍ତି ହ୍ରାସ ଇତ୍ୟାଦିର କାରଣ ହୋଇଥାନ୍ତି। ସେଥିପାଇଁ ବହୁ ମହଲରୁ ଏହାକୁ ନିଷେଧ କରିବାକୁ ଦାବି ହେବାରୁ ଆମ ଦେଶ ସମେତ ବିଶ୍ୱର ଅଧିକାଂଶ ସରକାର ଏହାକୁ ନିୟନ୍ତ୍ରଣ କରିବା ଉପରେ ଜୋର ଦେଲେ। ଏଣୁ ସିଗାରେଟ୍ ଉପରେ ଟିକସ ବୃଦ୍ଧି କରାଗଲା। ଏହାର ଖୋଳ ଉପରେ ବିପଦ ସୂଚନା ମୁଦ୍ରିତ କରାଗଲା। ଗଣମାଧ୍ୟମରେ ବିଜ୍ଞାପନ ନିଷେଧ କରାଗଲା ଏବଂ ଏହାର ବିକ୍ରୟ ଉପରେ ଆଇନଗତ କଟକଣା ଜାରି କରାଗଲା। ଫଳରେ ସିଗାରେଟ୍ ବ୍ୟବହାର କିଛି ମାତ୍ରାରେ କମ୍ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଗଣନା ଅନୁସାରେ ପୃଥିବୀରେ ୨୦୦୦ ମସିହା ବେଳକୁ ୨୭ ପ୍ରତିଶତ ଲୋକ ସିଗାରେଟ୍ ସେବନ କରୁଥିଲା ବେଳେ ୨୦୧୬ ମସିହା ବେଳକୁ ତାହା ଖସି ଆସିଲା ୧୬ ପ୍ରତିଶତକୁ। ସେହି ସମୟ ମଧ୍ୟରେ ତାହା ଆମ ଦେଶରେ ୧୯ ପ୍ରତିଶତରୁ କମିଛି ପ୍ରାୟ ୧୦ ପ୍ରତିଶତକୁ ଏବଂ ୨୦୨୫ ବେଳକୁ ଏହା ୮.୫ ପ୍ରତିଶତରେ ପହଞ୍ଚିବ ବୋଲି ଆଶା କରାଯାଉଛି। ତଥାପି ଏବେ ମଧ୍ୟ ପ୍ରତିବର୍ଷ ବିଶ୍ୱର ୭ ନିୟୁତ ଲୋକ ଧୂମପାନଜନିତ ରୋଗରେ ପ୍ରାଣ ହରାଉଛନ୍ତି। ଆମ ଦେଶରେ ଏମାନଙ୍କ ସଂଖ୍ୟା ଲକ୍ଷାଧିକ।

**ଇ-ସିଗାରେଟ୍ :** ଏହି କାରଣରୁ ବିଗତ ପ୍ରାୟ ଏକଦଶକ ହେଲା ବିଶ୍ୱ ବଜାରରେ ସିଗାରେଟ୍( ତଥା ଅନ୍ୟାନ୍ୟ ତମାଖୁ ଭିତ୍ତିକ ଦ୍ରବ୍ୟ) ବ୍ୟବସାୟ ମାନ୍ଦା ହେବାରେ ଲାଗିଛି। ତେଣୁ ଏହି ଶିଳ୍ପକୁ ପୁନଃ ସକ୍ରିୟ କରିବା ପାଇଁ ବଜାରକୁ ଛଡ଼ାଯାଇଛି ତଥାକଥିତ ଇ-ସିଗାରେଟ୍(ଇଲେକଟ୍ରୋନିକ- ସିଗାରେଟ୍)। ପ୍ରକୃତରେ ଏହା ହେଉଛି ଏକ ବୈଦ୍ୟୁତିକ ନିକୋଟିନ ପ୍ରଦାନକାରୀ ବ୍ୟବସ୍ଥା(ଇଲେକ୍‌ଟ୍ରୋନିକ ନିକୋଟିନ ଡେଲିଭରି ସିଷ୍ଟମ)। ସାଧାରଣ ସିଗାରେଟ୍ ଏବଂ ସମସ୍ତ ପ୍ରକାର ତମାଖୁ ଜାତୀୟ ପଦାର୍ଥରେ ଥିବା ମୁଖ୍ୟ ଅପକାରୀ ତଥା ଅଭ୍ୟାସକାରୀ ଉପାଦାନଟି ହେଲା ନିକୋଟିନ। ତେବେ ସେଥିରେ ମଧ୍ୟ ଥାଏ ଆହୁରି ଅନେକ ବିଷାକ୍ତ ରସାୟନ।

> "ପ୍ରାୟ ଦୁଇ ଦଶକ ପୂର୍ବେ ସ୍ୱାସ୍ଥ୍ୟ ଉପରେ ଧୂମପାନର ଭୟାବହ ପରିଣାମ କ୍ରମେ ଜଣାଗଲା । ସେଥିରୁ ଜଣାପଡ଼ିଲା ଯେ, ସିଗାରେଟ୍ ଧୂଆଁରେ ଥାଏ ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ବିଷାକ୍ତ ରସାୟନ । ତନ୍ମଧ୍ୟରୁ ପ୍ରମୁଖଗୁଡ଼ିକ ହେଲା ନିକୋଟିନ୍ ,ଏସିଟୋନ, ଆମୋନିଆ, ଆର୍ସେନିକ, ବ୍ୟୁଟେନ, ଫର୍ମାଲ ଡି ହାଇଡ୍, କାଡ୍‌ମିୟମ, କାର୍ବନ୍ ମନୋକ୍ସାଇଡ୍, ଡିଡିଟି, ହାଇଡ୍ରୋସିୟାନିକ ଏସିଡ୍ ଏବଂ ଜୋ ପାଇରିନ୍, ଆକ୍ରୋଲିନ ନାଇଟ୍ରୋସାମିନ୍, ନାପ୍‌ଥାଲିନ୍, ଟଲ୍ୟୁଇନ, ମେଥାନଲ ସହିତ ସୀସା-୨୧୦ ଓ ପୋଲୋନିୟମ-୨୧୦ ଭଳି ତେଜସ୍କ୍ରିୟ ପଦାର୍ଥ । ସେସବୁ ମୁଖ, ଗଳା ଓ ରକ୍ତ କର୍କଟ ସମେତ ୧୯ ପ୍ରକାର କର୍କଟରୋଗ ଏବଂ ମସ୍ତିଷ୍କ ସଂଘାତ, ହୃଦ୍‌ଘାତ, ଯକ୍ଷ୍ମା, ଶ୍ୱାସରୋଗ, ଉଚ୍ଚ ରକ୍ତଚାପ, ରକ୍ତପେଟିକା ସଂକୋଚନ, ବିବିଧ ବୃକ୍କ ରୋଗ, ଉଭୟ ନାରୀ ଓ ପୁରୁଷଠାରେ ବନ୍ଧ୍ୟାତ୍ୱ, ରୋଗ ପ୍ରତିରୋଧ ଶକ୍ତି ହ୍ରାସ ଇତ୍ୟାଦିର କାରଣ ହୋଇଥାନ୍ତି।"





ଅନ୍ୟପକ୍ଷରେ ଇ-ସିଗାରେଟ୍‌ରେ ସାଧାରଣତଃ ଦିଆଯାଏ ନିକୋଟିନ, ବିବିଧ ସ୍ୱାଦକାରୀ ପଦାର୍ଥ ଆଦିର ମିଶ୍ରଣର ଏକ ଦ୍ରବ୍ୟ। ତନ୍ମଧ୍ୟରୁ ତାହାକୁ ଗରମକରି ନିର୍ଗତ ବାଷ୍ପକୁ ସେବନ କରାଯାଏ। ଏଣୁ ଏଥିରେ ପରୋକ୍ଷ ଧୂମପାନର ସମ୍ଭାବନା କମ୍ ଏବଂ ରସାୟନ ଗୁଡ଼ିକର ସଂଖ୍ୟା ଓ ପରିମାଣ ସୀମିତ ହୋଇଥିବାରୁ ଏହା ଅପେକ୍ଷାକୃତ ନିରାପଦ ବୋଲି କହିଆସୁଛନ୍ତି ଉତ୍ପାଦନକାରୀମାନେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଭିନ୍ନ ଭିନ୍ନ ମତ ପୋଷଣକରି ଆସୁଥିଲେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା, ଦ ବ୍ରିଟିଶ ମେଡିକାଲ ଆସୋସିଏଶନ, ଦ ଆମେରିକାନ ଆସୋସିଏଶନ ଅଫ୍ ପବ୍ଲିକ ହେଲ୍‌ଥ ଫିଜିସିଆନ୍ସ ଆଦି ପ୍ରମୁଖ ଆନ୍ତର୍ଜାତିକ ଅନୁଷ୍ଠାନ। କିନ୍ତୁ ଏବେ ୦ଏହା ଅତ୍ୟନ୍ତ ଅଭ୍ୟାସକାରୀ ଏବଂ ସ୍ୱାସ୍ଥ୍ୟ ହାନିକାରକ ବୋଲି ନିର୍ଦ୍ଦିଷ୍ଟ ରୂପେ ପ୍ରମାଣିତ ହୋଇଗଲାଣି। ଏଣୁ ୨୦୧୪ରେ ଭାରତ ସରକାର ଏବଂ ୨୦୧୫ରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଏହାକୁ ନିୟନ୍ତ୍ରଣ କରିବା ଲାଗି ଉଦ୍ୟମ ଆରମ୍ଭ କଲେ। ନିକଟ(୩୧।୫।୧୯)ରେ ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ଦ୍ୱାରା ପ୍ରସ୍ତୁତ ଶ୍ୱେତପତ୍ରରେ ସୂଚିତ କରାଯାଇଛି ଯେ, ସାଧାରଣ ଧୂଆଁପତ୍ର ସିଗାରେଟ୍ ଭଳି ଏହା ମଧ୍ୟ ହୃଦ୍‌ଶୂଳ, କର୍କଟ ରୋଗ, ସ୍ନାୟବିକ ଏବଂ ଶ୍ୱାସକ୍ରିୟା ଜନିତ ରୋଗ ତଥା ରୋଗ ପ୍ରତିରୋଧ ଶକ୍ତି ଉପରେ ନକାରାତ୍ମକ ପ୍ରଭାବ ପକାଇବା ସଙ୍ଗେ ସଙ୍ଗେ ଡିଏନ୍ଏକୁ କ୍ଷତିଗ୍ରସ୍ତକରେ। ପୁନଶ୍ଚ ଗର୍ଭବତୀ ମହିଳାମାନେ ଏହା ସେବନ କଲେ ଭ୍ରୁଣ ଏବଂ ଶିଶୁର ମସ୍ତିଷ୍କର ବିକାଶ ବାଧାପ୍ରାପ୍ତ ହୁଏ। ସେଥିପାଇଁ ଏହାକୁ ଜନସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ଘୋଷଣା କରିବାକୁ ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ମତବ୍ୟକ୍ତ କରିଛି।

*-ଉଷାନିବାସ, ୧୨୪/୨୪୪୫,*
*ଖଣ୍ଡଗିରି ବିହାର, ଭୁବନେଶ୍ୱର,*
*ମୋ : ୯୯୩୭୯୮୫୭୬୭*

# ମାଇଗ୍ରେନ୍



ଡା. ମିତାଲୀ କର

ଆମ ଶରୀରର ପ୍ରମୁଖ ଅଙ୍ଗ ମଧ୍ୟରୁ ମସ୍ତିଷ୍କ ଅନ୍ୟତମ। ଏହା ସୁସ୍ଥ ରହିଲେ ଆମର ଶାରୀରିକ ପ୍ରକ୍ରିୟା ସୁଚାରୁରୂପେ ଚାଲିଥାଏ। ମସ୍ତିଷ୍କ ସମ୍ପର୍କିତ ରୋଗ, ତାହାର କାରଣ ଏବଂ ଚିକିତ୍ସା ବିଷୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଜୁଲାଇ ୨୨କୁ ବିଶ୍ୱ ମସ୍ତିଷ୍କ ଦିବସ (ୱାର୍ଲ୍ଡ ବ୍ରେନ୍ ଡେ) ଭାବରେ ପାଳନ କରାଯାଇଥାଏ। ଏହି ଅବସରରେ ଚଳିତବର୍ଷର ଥିମ୍ ରହିଛି 'ମାଇଗ୍ରେନ୍ : ଦ ପେନ୍‌ଫୁଲ୍ ଟ୍ରୁଥ'। ଶରୀରର ଅନ୍ୟ ଅଙ୍ଗ ଅପେକ୍ଷା ମୁଣ୍ଡବିନ୍ଧା ଯନ୍ତ୍ରଣାକୁ ଏକ ସାଧାରଣ ରୋଗ ଭାବେ ଧରାଯାଇଥାଏ । ତେବେ ବେଳେବେଳେ ଏହି ମୁଣ୍ଡବିନ୍ଧା ଅତିଶୟ ହୋଇ ବାନ୍ତି ସାଙ୍ଗକୁ ଆଖିକୁ ସାମୟିକ ଭାବେ ଦେଖାଯାଏ ନାହିଁ। ସେହିପରି ଦୈନନ୍ଦିନ କାମର ଚାପ ବଢ଼ିବାରେ ଲାଗିଛି ଏବଂ ଏହି ପରିପ୍ରେକ୍ଷୀରେ ଥରେ ମୁଣ୍ଡବିନ୍ଧା ଆରମ୍ଭ ହୋଇଗଲେ ଘଣ୍ଟାଏ କି ଓଳିଏ ନୁହେଁ, ସମ୍ପୂର୍ଣ୍ଣ ୧ ଦିନ କିମ୍ବା ତା'ଠାରୁ ବେଶିଦିନ ପର୍ଯ୍ୟନ୍ତ ଅତିଶୟ ମୁଣ୍ଡ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ମୁଣ୍ଡବ୍ୟଥା ସାଧାରଣତଃ ଦୁଇ ପ୍ରକାର :- ପ୍ରାଥମିକ (ପ୍ରାଇମେରୀ) ମୁଣ୍ଡବ୍ୟଥା ଏବଂ ସେକେଣ୍ଡାରୀ ମୁଣ୍ଡବ୍ୟଥା। ପ୍ରାଥମିକ ମୁଣ୍ଡବିନ୍ଧାରେ ଏହାର ପ୍ରକୃତ କାରଣ ଜଣା ପଡି ନ ଥାଏ । ସେକେଣ୍ଡାରୀ ମୁଣ୍ଡବ୍ୟଥା, ଯେଉଁଠାରେ ମସ୍ତିଷ୍କଜନିତ ବିଭିନ୍ନ ସମସ୍ୟା ଯଥା- ବ୍ରେନ୍ ଟ୍ୟୁମର, ବ୍ରେନ୍ ହାମରେଜ, ମେନିନଜାଇଟିସ୍ ଇତ୍ୟାଦି କାରଣରୁ ପାଇଁ ରକ୍ତ ଓ ରକ୍ତଚାପ ପରୀକ୍ଷା, ସିଟି ସ୍କାନ, ଏମ୍‌ଆରଆଇ ସ୍କାନ ସହ ଅନ୍ୟାନ୍ୟ ପରୀକ୍ଷା ନିରୀକ୍ଷା କରାଯାଇଥାଏ ।

**ପ୍ରାଥମିକ ଲକ୍ଷଣ :** ମାଇଗ୍ରେନ୍ ବା ଅର୍ଦ୍ଧକପାଳିଜନିତ ମୁଣ୍ଡବିନ୍ଧା ପୂର୍ବରୁ କିଛି ଲୋକଙ୍କୁ ଦୃଷ୍ଟିଗତ ସମସ୍ୟା ଦେଖାଯାଇଥାଏ । ସୂର୍ଯ୍ୟକିରଣ କିମ୍ବା ଲାଇଟ୍‌କୁ ଚାହିଁଲେ ଅତ୍ୟଧିକ ମୁଣ୍ଡବିନ୍ଧା ହୋଇଥାଏ। ଚତୁଃପାର୍ଶ୍ୱ ଘୂରିବା ଭଳି ଲାଗେ ଏବଂ ବାନ୍ତି ହୁଏ । ତେବେ ଏହି ରୋଗରୁ ମୁକ୍ତି ପାଇବାକୁ ହେଲେ ଭୋକ ଲାଗିବା ସମୟରେ ଆହାର ନେବା ଜରୁରୀ । ଅତ୍ୟଧିକ ସମୟ ଉପବାସରେ ନ ରହିବା ଭଲ । ଅଧିକ ରାତ୍ରି ଉଜାଗର ନ ରହିବା ଦରକାର । ମାନସିକ ଚାପରୁ ଦୂରେଇ ରହିବା ଆବଶ୍ୟକ । ପ୍ରତିଦିନ ନିୟମିତ ବ୍ୟାୟାମ ତଥା ଯୋଗ, ପ୍ରାଣାୟାମ କଲେ ଅଧିକ ସୁଫଳ ମିଳିଥାଏ । ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖିବା ଦରକାର । ଅତ୍ୟଧିକ କଫି କିମ୍ବା କଫି ଜାତୀୟ ଦ୍ରବ୍ୟ ଏବଂ କୋଲ୍ଡଡ୍ରିଙ୍କସଠାରୁ ଦୂରେଇ ରୁହନ୍ତୁ । ପ୍ରଥମତଃ ମୁଣ୍ଡବିନ୍ଧାର କାରଣକୁ ନିରୂପଣ କରନ୍ତୁ । ତାହାପରେ ଜଣେ ବିଜ୍ଞ ସ୍ନାୟବିକ ବିଶେଷଜ୍ଞଙ୍କୁ ପରାମର୍ଶ କରି ଔଷଧ ଖାଆନ୍ତୁ । ଏହାବ୍ୟତୀତ ଅତ୍ୟଧିକ ଚାପ କିମ୍ବା ଅନ୍ୟ କେତେଗୁଡ଼ିଏ କାରଣରୁ ମଧ୍ୟ ମାଇଗ୍ରେନର ସମସ୍ୟା ଦେଖା ଦେଇଥାଏ । କିନ୍ତୁ ଆମ୍ଭେ ଏହାକୁ ଅବହେଳା କରି ନେଇଥାଉ କିମ୍ବା ଯେ କୌଣସି ମେଡିସିନ୍ ଦୋକାନରୁ ପଚାରି ମେଡିସିନ ବ୍ୟବହାର କରିଥାଉ, ଯାହାଫଳରେ ମୁଣ୍ଡବିନ୍ଧା ସେହି କ୍ଷଣିକ ସମୟ ପାଇଁ କମି ଯାଇଥାଏ । କିନ୍ତୁ ଏହାର କାରଣ ନିରୂପଣ ନ କଲେ କିମ୍ବା ସ୍ନାୟୁରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ ନ କଲେ, ଏହି ମୁଣ୍ଡବିନ୍ଧା କେବେକେବେ ଜଟିଳ ରୂପ ଧାରଣ କରିଥାଏ । ତେଣୁ ମୁଣ୍ଡବିନ୍ଧା ସମସ୍ୟାକୁ ସାଧାରଣ ସମସ୍ୟା ବୋଲି ନ ଧରି ଏହାର ପ୍ରାରମ୍ଭରୁ ହିଁ ଚିକିତ୍ସା କରାଇ ନେବା ଆବଶ୍ୟକ ରହିଛି ।

ଆଜି (ଜୁଲାଇ ୨୨) ହେଉଛି 'ବିଶ୍ୱ ମସ୍ତିଷ୍କ ଦିବସ'। ଏ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...






ହିଁ ମୁଣ୍ଡବିନ୍ଧା ଅତିଶୟ ହୋଇଥାଏ । ମାଇଗ୍ରେନ୍‌ଜନିତ ସମସ୍ୟାରେ ଆକ୍ରାନ୍ତ ବ୍ୟକ୍ତି ସାଧାରଣତଃ ଘଣ୍ଟା ଘଣ୍ଟା ଧରି ଉପବାସ ରହିବା, ସୂର୍ଯ୍ୟକିରଣ / ଖରାରେ ବହୁ ସମୟ ବୁଲିବା, ମାନସିକ ଚାପ, ଅତ୍ୟଧିକ କଫି ସେବନ କରିବା ଏବଂ ଅତ୍ୟଧିକ ମଦ୍ୟପାନ କରିବା ସାଙ୍ଗକୁ ରାତ୍ରି ଅନିଦ୍ରା ରହିବା ଯୋଗୁ ଏହିପରି ସମସ୍ୟା ଦେଖା ଦେଇଥାଏ । ଏହା ପୁରୁଷଙ୍କ ଅପେକ୍ଷା ସ୍ତ୍ରୀ ଲୋକଙ୍କ କ୍ଷେତ୍ରରେ ଅଧିକ ଦେଖାଦେଇଥାଏ । ଏହି ରୋଗର ନିର୍ଦ୍ଦିଷ୍ଟ କାରଣ ଜାଣିବା

*-ସ୍ନାୟୁରୋଗ ବିଶେଷଜ୍ଞ,*
*କେୟାର ହସ୍‌ପିଟାଲ,*
*ଚନ୍ଦ୍ରଶେଖରପୁର, ଭୁବନେଶ୍ୱର*

## ଆଲର୍ଜି ସମସ୍ୟା ଥିଲେ..



ଆଜିକାଲି ଆଲର୍ଜି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ତେବେ ଏହାଠାରୁ ନିଜକୁ ଦୂରେଇ ରଖିବା ପାଇଁ ସତର୍କ ରହିବା ନିହାତି ଜରୁରୀ। କାରଣ ପରୋକ୍ଷରେ ଏହା କେତେକ ରୋଗର କାରଣ ସାଜିଥାଏ। ଯଦି ଆପଣଙ୍କର ଆଲର୍ଜି ଅଛି ତେବେ ନିମ୍ନଲିଖିତ ବିଷୟ ପ୍ରତି ନଜର ଦିଅନ୍ତୁ।

- ଘର ଭିତର ସବୁବେଳେ ସଫାସୁତରା ରଖନ୍ତୁ। କାରଣ ପ୍ରଦୂଷିତ ଧୂଳିକଣା ଆଲର୍ଜିକୁ ବଢ଼ାଇ ଦେଇଥାଏ। ତା'ସହ ଘରର ବାହ୍ୟ ପରିବେଶକୁ ମଧ୍ୟ ସଫା ରଖନ୍ତୁ।
- ଦିନ ସମୟରେ ଘରର ଝରକା, କବାଟ ଖୋଲା ରଖନ୍ତୁ। ଘର ଭିତରକୁ ମୁକ୍ତ ବାୟୁ ଏବଂ ସୂର୍ଯ୍ୟକିରଣ ଆସିଲେ ଭିତର ଭାଗର ପରିବେଶ ସ୍ୱାସ୍ଥ୍ୟୋପଯୋଗୀ ରହିଥାଏ। ତା' ସହ ଘର ଭିତରେ ସୃଷ୍ଟି ହେଉଥିବା ଜୀବାଣୁ ଏପରି ପରିବେଶ ସଂସ୍ପର୍ଶରେ ଆସି ନଷ୍ଟ ହୋଇଯିବେ।
- ଯଦି ଆଲର୍ଜି ସମସ୍ୟା ରହିଛି ତେବେ ହଠାତ୍ କୌଣସି ଗରମ ସ୍ଥାନରୁ ଅତି ଥଣ୍ଡା ସ୍ଥାନକୁ ଯାଆନ୍ତୁ ନାହିଁ।
- ଯଦି ବାହାରକୁ ବୁଲିବାକୁ ଯାଇଛନ୍ତି ତେବେ ଘରକୁ ଫେରିବା ପରେ ସାଙ୍ଗେ ସାଙ୍ଗେ ଥଣ୍ଡା ପାଣି ପିଅନ୍ତୁ ନାହିଁ।

## ଲୋ ବ୍ଲଡ୍‌ପ୍ରେସର

ସାଧାରଣତଃ ବ୍ଲଡ୍‌ପ୍ରେସର ଦୁଇ ପ୍ରକାର- ଲୋ ଏବଂ ହାଇ। ଲୋ ବ୍ଲଡ୍‌ପ୍ରେସର ଥିଲେ କେତେକ ବିଷୟ ପ୍ରତି ଯଥେଷ୍ଟ ଧ୍ୟାନ ଦେବାକୁ ପଡିଥାଏ। ଖାଦ୍ୟ ତାଲିକାରେ ଆଇରନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ବିଶେଷ ଭାବରେ ସବୁଜ ପନିପରିବାରେ ଆଇରନ୍ ପ୍ରଚୁର ପରିମାଣରେ ରହିଛି। ଫାଇବରଯୁକ୍ତ ଖାଦ୍ୟ ମଧ୍ୟ ଖାଆନ୍ତୁ। ଲୋ ବ୍ଲଡ୍‌ପ୍ରେସର ରୋଗୀଙ୍କ ପାଇଁ ଓଟସ ବେଶ୍ ଉପକାରୀ। ଡାର୍କ ଚକୋଲେଟ୍ ଏପରି ପ୍ରେସରକୁ ଅନେକାଂଶରେ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ। ପ୍ରତିଦିନ ରସୁଣ ଖାଆନ୍ତୁ। ଏହା ଲୋ ବ୍ଲଡ୍‌ପ୍ରେସରକୁ କେତେକାଂଶରେ ନିୟନ୍ତ୍ରିତ ରଖିଥାଏ। ଖାଦ୍ୟ ତାଲିକାରେ ଅଙ୍ଗୁର ସାମିଲ କରନ୍ତୁ। ଅଙ୍ଗୁର ଲୋ ବ୍ଲଡ୍‌ପ୍ରେସରକୁ ନିୟନ୍ତ୍ରଣରେ ରଖିବା ସହ ହାର୍ଟକୁ ସୁସ୍ଥ ରଖିଥାଏ। ଆଉ ଏକ କଥା, ଯଦି ଆପଣଙ୍କର ଏପରି ସମସ୍ୟା ରହିଛି ତେବେ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ସହ ନିୟମିତ ସମୟ ଅନ୍ତରାଳରେ ବ୍ଲଡ୍‌ପ୍ରେସର ମାପି ନେବା ସହ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।





❝ ମୋବିକୁଇକ୍ ଏହାର ପେମେଣ୍ଟ କମ୍ପାନୀ ଜାକ୍‌ପେ ମାଧ୍ୟମରେ ୫୦୦ କୋଟି ରାଜସ୍ୱ ଆୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି।
– ଉପାସନା ଟାକୁ, ମୋବିକୁଇକ୍ ସହ ପ୍ରତିଷ୍ଠାତା



❝ ଉତ୍ତରପ୍ରଦେଶର ଦେଓରିଆ ଠାରେ ୧୦୦ ମେଗାୱାଟ୍‌ର ସୌର ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆମ୍‌ପ୍ଲସ୍ ଏନର୍ଜି ରାଜ୍ୟ ସରକାରଙ୍କ ସହ ଚୁକ୍ତିବଦ୍ଧ ହୋଇଛି।
– ସଞ୍ଜୀବ ଅଗ୍ରୱାଲ୍, ଆମ୍‌ପ୍ଲସ୍ ଏନର୍ଜି ଏମ୍‌ଡି ତଥା ସିଇଓ

## ସଂକ୍ଷେପରେ

### ଭାରତର ମୁଦ୍ରାସ୍ଫୀତି ଅନୁମାନ ହ୍ରାସ କଲା ଏଡିବି




**ନୂଆଦିଲ୍ଲୀ,୨୧-୭:** ଏସିଆନ ଡେଭଲପ୍‌ମେଣ୍ଟ ବ୍ୟାଙ୍କ(ଏଡିବି) ଚଳିତ ଆର୍ଥିକ ବର୍ଷରେ ଭାରତର ମୁଦ୍ରାସ୍ଫୀତି ଅନୁମାନକୁ ୪.୧୦ ପ୍ରତିଶତକୁ ହ୍ରାସ କରିଛି। ଟଙ୍କାର ମୂଲ୍ୟ ବୃଦ୍ଧି ପାଇବା ତଥା ଦେଶର ଜିଡିପି ପୂର୍ବାନୁମାନ ହ୍ରାସ କରିବା ଯୋଗୁ ଅନ୍ତର୍ଜାତୀୟ ବ୍ୟାଙ୍କ ମୁଦ୍ରାସ୍ଫୀତି ଅନୁମାନ ହ୍ରାସ କରିବାକୁ ବାଧ ହୋଇଛି। ଏସିଆନ ଡେଭଲପ୍‌ମେଣ୍ଟ ଆଉଟଲୁକ୍, ୨୦୧୯ ସଂକ୍ରାନ୍ତ ରିପୋର୍ଟ ପ୍ରକାଶ କରି ଏଡିବି କହିଛି ଯେ, ଦକ୍ଷିଣ ଏସିଆ କ୍ଷେତ୍ରରେ ମୁଦ୍ରାସ୍ଫୀତି ହ୍ରାସ କରିବାରେ ଭାରତ ମୁଖ୍ୟ କାରକ ହେବ। ଏଥିପୂର୍ବରୁ ଏଡିବି ଭାରତର ମୁଦ୍ରାସ୍ଫୀତି ଅନୁମାନ ୪.୩୦ ପ୍ରତିଶତ ରହିବ ବୋଲି କହିଥିଲା।

### ଏୟାର ଇଣ୍ଡିଆର ବିକ୍ରି ପ୍ରୟାସ
### ପଦୋନ୍ନତି, ନୂଆ ନିଯୁକ୍ତି ବନ୍ଦ



**ନୂଆଦିଲ୍ଲୀ,୨୧-୭:** ଋଣରେ ବୁଡ଼ି ରହିଥିବା ଏୟାର ଇଣ୍ଡିଆକୁ ବିକ୍ରି କରିବା ଲାଗି ସରକାରଙ୍କ ପ୍ରୟାସ ଜୋର୍‌ଦାର ହୋଇଛି। ଏହି ରାଷ୍ଟ୍ରୀୟ ବିମାନ କମ୍ପାନୀରେ କର୍ମଚାରୀଙ୍କୁ ପଦୋନ୍ନତି ଓ ନୂଆ ନିଯୁକ୍ତିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଣେ ଅଧିକାରୀ ରବିବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏୟାର ଇଣ୍ଡିଆ ଦୈନିକ ପ୍ରାୟ ୧୫ କୋଟି ଟଙ୍କା ରାଜସ୍ୱ ଆୟ କରୁଛି। ଏହା ଉପରେ ଏବେ ପ୍ରାୟ ୫୦ ହଜାର କୋଟି ଟଙ୍କାର ଋଣ ବୋଝ ରହିଛି। ଏହାକୁ ବିକ୍ରି କରିବା ଲାଗି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ଅଧକ୍ଷତାରେ ଏକ ମନ୍ତ୍ରିଗୋଷ୍ଠୀ ଗଠନ କରାଯାଇଛି। ଏହାରି ନିର୍ଦ୍ଦେଶରେ ଚଳିତ ମାସ ୧୫ରୁ କମ୍ପାନୀର ଦୈନନ୍ଦିନ ପରିଚାଳନାକୁ ବନ୍ଦ କରିଦିଆଯାଇଛି। ବିଡ୍ ଆହ୍ୱାନ ଲାଗି କମ୍ପାନୀର ଆକାଉଣ୍ଟସକୁ ଦର୍ଶାଇବା ଲାଗି ସ୍ଥିର ହୋଇଛି। କମ୍ପାନୀରେ ଏବେ ପ୍ରାୟ ୧୦ ହଜାର ନିୟମିତ କର୍ମଚାରୀ ରହିଛନ୍ତି। ତେବେ ଏ ସମ୍ପର୍କରେ ଏୟାର ଇଣ୍ଡିଆରୁ କୌଣସି ପ୍ରତିକ୍ରିୟା ମିଳିପାରିନି। ଆସନ୍ତା ୪-୫ ମାସ ଭିତରେ କମ୍ପାନୀକୁ ବିକ୍ରି କରିଦେବା ଲାଗି ସରକାର ବଦ୍ଧପରିକର ବୋଲି ଅର୍ଥ ମନ୍ତ୍ରଣାଳୟ ଅଧୀନ ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ ସଚିବ ଅତନୁ ଚକ୍ରବର୍ତ୍ତୀ କହିଛନ୍ତି। ସୂଚନାଥାଉ କି, ୨୦୧୮ରେ କମ୍ପାନୀର ୭୬ ପ୍ରତିଶତ ଅଂଶଧନ ବିକ୍ରି ଲାଗି ସରକାରଙ୍କ ପ୍ରୟାସ ବିଫଳ ହୋଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏୟାର ଇଣ୍ଡିଆକୁ ଯଥାଶୀଘ୍ର ବିକ୍ରି କରିଦେବେ ବୋଲି କହିଥିଲେ।

# ବିପିଏଲ୍ ର୍‍ୟାଙ୍କରେ ଓଡ଼ିଶା ଦ୍ୱିତୀୟ

**ଭୁବନେଶ୍ୱର,୨୧-୭**

ରାଜ୍ୟରେ ଦାରିଦ୍ର୍ୟ କମୁଛି ବୋଲି ସରକାର ଡିଣ୍ଡିମ ପିଟୁଥିଲେ ମଧ୍ୟ ନୀତି ଆୟୋଗ ରିପୋର୍ଟରେ ଭିନ୍ନ ଚିତ୍ର ଦେଖିବାକୁ ମିଳୁଛି। ଆୟୋଗ ପକ୍ଷରୁ ବିପିଏଲ୍ ତାଲିକା ପ୍ରକାଶ କରାଯାଇଛି। ଏଥିରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ତାଲିକାରେ ୩୩.୭୪% ପଏଣ୍ଟ ସହ ବିହାର ଶୀର୍ଷରେ ରହିଛି। ତେବେ ଜାତୀୟ ସ୍ତରରେ ବିପିଏଲ୍‌ଙ୍କ ସଂଖ୍ୟା ୨୧.୯୨ ପ୍ରତିଶତ ଥିବା ବେଳେ ୩୨.୫୯ ପ୍ରତିଶତ ପଏଣ୍ଟ ସହ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି ବୋଲି ନୀତି ଆୟୋଗ ଏସ୍‌ଡିଜି ଇଣ୍ଡିଆ ଇଣ୍ଡେକ୍ସ ବେସ୍‌ଲାଇନ ରିପୋର୍ଟ କହୁଛି। ଏହି ହାରକୁ ୧୦.୯୫%କୁ କମାଇବା ଲାଗି ରିପୋର୍ଟରେ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ରାଜ୍ୟୱାରି ବିପିଏଲ୍ ତାଲିକା ପ୍ରକାଶ କରାଯାଇଥିଲା। ୨୦୧୧-୧୨ ସୁଦ୍ଧା ରାଜ୍ୟର ୧କୋଟି ୩୦ ଲକ୍ଷ ୮୫ ହଜାର ବ୍ୟକ୍ତି ବିପିଏଲ ଶ୍ରେଣୀରେ

### ରାଜ୍ୟରେ କମିନି ଦାରିଦ୍ର୍ୟ

- ୩୩.୭୪% ସହ ବିହାର ଶୀର୍ଷରେ
- ଓଡ଼ିଶାର ଦାରିଦ୍ର୍ୟ ହାର ୩୨.୫୯%
- ୧୦.୯୫%କୁ କମାଇବା ଲକ୍ଷ୍ୟ



ଅର୍ଥାତ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଏଥିରେ ଦର୍ଶାଯାଇଥିଲା। ତେବେ ଓଡ଼ିଶାରେ ଦରିଦ୍ରଙ୍କ ସଂଖ୍ୟା ଦ୍ରୁତଗତିରେ କମୁଛି ବୋଲି ରାଜ୍ୟ ସରକାର ଦାବି କରି ଆସୁଛନ୍ତି। ୨୦୦୪-୦୫ରେ ରାଜ୍ୟରେ ବିପିଏଲ୍‌ଙ୍କ ସଂଖ୍ୟା ୫୭.୨% ଥିବା ବେଳେ ୨୦୧୧-୧୨ବେଳକୁ ଏହା ୨୪.୬୧ ପ୍ରତିଶତକୁ ହ୍ରାସ ପାଇଛି ବୋଲି ଦାବି କରାଯାଇଛି। ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ ୨୦୦୪-୦୫ରୁ ରାଜ୍ୟରେ ୨୫.୧ ପଏଣ୍ଟ ହାରରେ ଦାରିଦ୍ର୍ୟ କମୁଛି। ହେଲେ, ଗ୍ରାମାଞ୍ଚଳରେ ଏହି ହାର ୩୫.୬୯ ପ୍ରତିଶତ ରହିଛି। ତେବେ ସମାନ ଅବଧିରେ ତୁଳନାତ୍ମକ ଭାବେ ଜାତୀୟ ସ୍ତରରେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ହାର ୧୬ ପ୍ରତିଶତ ପଏଣ୍ଟକୁ କମିଥିବା ରିପୋର୍ଟରେ କୁହାଯାଇଛି। ଗ୍ରାମାଞ୍ଚଳରେ ଅଧିକାଂଶ କୃଷି ଉପରେ ନିର୍ଭରଶୀଳ ଥିବାରୁ ସେଠାକାର ବିକାଶ ମୁଖ୍ୟତଃ କୃଷିର ଅଭିବୃଦ୍ଧି ସହ ଜଡ଼ିତ। ୨୦୧୧ ଜନଗଣନା ଅନୁଯାୟୀ, ଓଡ଼ିଶାର ୮୩ ପ୍ରତିଶତ ବ୍ୟକ୍ତି ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି। ସର୍ଭେ ରିପୋର୍ଟ ଅନୁଯାୟୀ, ଗ୍ରାମୀଣ ଅର୍ଥନୀତିକୁ ବୃଦ୍ଧି କରିବା ଲାଗି ନିରନ୍ତର ପ୍ରୟାସ କରାଯାଉଥିବା ବେଳେ ଅଧିବାସୀଙ୍କୁ ଘର ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବା ଯୋଗୁ ଗ୍ରାମାଞ୍ଚଳରେ ଦାରିଦ୍ର୍ୟଙ୍କ ସଂଖ୍ୟା ହ୍ରାସ ପାଇବାରେ ସଫଳତା ମିଳୁଛି। ସେହିପରି ସହରାଞ୍ଚଳରେ ଦାରିଦ୍ର୍ୟ ହାର କମାଇବା କ୍ଷେତ୍ରରେ ରାଜ୍ୟ ସରକାର ମହତ୍ତ୍ୱପୂର୍ଣ୍ଣ ସଫଳତା ହାସଲ କରିଛନ୍ତି। ରାଜ୍ୟରେ ଏହି ହାର ୨୦.୭୧ ପ୍ରତିଶତ ରହିଥିବା ବେଳେ ଜାତୀୟ ସ୍ତରରେ ଏହା ୧୨% ରହିଛି। ଜାତୀୟ ସ୍ତରଠାରୁ ରାଜ୍ୟର ସହରାଞ୍ଚଳ ଦାରିଦ୍ର୍ୟ ଫାଙ୍କ ଏବଂ ଅସମାନତା ଦୂର କରିବା କ୍ଷେତ୍ରରେ ଓଡ଼ିଶା ସଫଳତା ହାସଲ କରୁଛି। ବସ୍ତି ଅଞ୍ଚଳରେ ଜନସଂଖ୍ୟା ୩.୨୭% ସହ ଜାତୀୟ ହାରଠାରୁ ଯଥେଷ୍ଟ ତଳେ ରହିଛି। ଜାତୀୟ ସ୍ତରରେ ଏହି ହାର ୫.୪୧% ରହିଛି। ଯଦିଓ ଜାତୀୟ ସ୍ତରଠାରୁ ରାଜ୍ୟର ଦାରିଦ୍ର୍ୟ ହ୍ରାସ ଯଥେଷ୍ଟ ଅଧିକ ରହିଥିଲେ ମଧ୍ୟ ଦାରିଦ୍ର୍ୟ ସ୍ତର ଯଥେଷ୍ଟ ଅଧିକ ରହିଛି।

# ଭୁବନେଶ୍ୱରରେ ବିକ୍ରି ହୋଇଛି ୩୧୫.୭୬ କୋଟିର ନିର୍ବାଚନୀ ବଣ୍ଡ୍

**ନୂଆଦିଲ୍ଲୀ,୨୧-୭**

ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ଲାଗି ୨୦୧୮ ମେ'ରୁ ୨୦୧୯ ମେ' ମଧ୍ୟରେ ମୋଟ ୫୮୫୧.୪୧ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ୍ ବିକ୍ରି କରାଯାଇଛି ବୋଲି ଆର୍‌ଟିଆଇ ସୂଚନାରୁ ଜଣାପଡିଛି। ତନ୍ମଧ୍ୟରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ୩୧୫.୭୬ କୋଟି ଟଙ୍କାର ବଣ୍ଡ୍ ବିକ୍ରି ହୋଇଛି ଓ ଏହାକୁ ବିକ୍ରି କରି ୨୨୬.୫୦ କୋଟି ଟଙ୍କା ନଗଦରେ ପରିଣତ କରାଯାଇଛି। ତେବେ କିଣାଯାଇଥିବା ବଣ୍ଡ୍ ମଧ୍ୟରୁ ୮୦.୬%କୁ କେବଳ ଦିଲ୍ଲୀରେ ବିକ୍ରି କରାଯାଇଛି। କାରଣ ଦେଶର ସମସ୍ତ ରାଜନୈତିକ ଦଳର ମୁଖ୍ୟାଳୟ ନୂଆଦିଲ୍ଲୀରେ ରହିଛି। ମଧ୍ୟପ୍ରଦେଶ ନିବାସୀ ଆର୍‌ଟିଆଇ କର୍ମୀ ଚନ୍ଦ୍ରଶେଖର ଗୌଡ଼ ଦୁଇଟି ସ୍ୱତନ୍ତ୍ର ଆବେଦନ ଜରିଆରେ ଏ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ପ୍ରାପ୍ତ ତଥ୍ୟ ଅନୁଯାୟୀ, ଦିଲ୍ଲୀରେ ୮୭୪.୫୦ କୋଟି ଟଙ୍କା, ମୁମ୍ବାଇରେ ୧୭୮୨.୩୬ କୋଟି ଟଙ୍କା, କୋଲକାତାରେ ୧୩୮୯ କୋଟିଟଙ୍କା, ବେଙ୍ଗାଲୁରୁରେ ୧୯୫ କୋଟି ଟଙ୍କା, ହାଇଦ୍ରାବାଦ୍‌ରେ ୮୦୬.୧୨ କୋଟି ଟଙ୍କା, ଚେନ୍ନାଇରେ ୧୮୪.୨୦ କୋଟି ଟଙ୍କାର ବଣ୍ଡ କିଣାଯାଇଛି। ଆଲୋଚ୍ୟ ଅବଧିରେ ମୋଟ ୧୦ ପର୍ଯ୍ୟାୟରେ ୫୮୩୧.୧୬ କୋଟି ଟଙ୍କାର ବଣ୍ଡ ଉଠାଯାଇଛି। ଅର୍ଥାତ୍ ୨୦.୨୫ କୋଟି ଟଙ୍କାର ବଣ୍ଡ୍‌କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଠାଯାଇପାରିନାହିଁ। ନିୟମ ଅନୁସାରେ ଏହାର ବୈଧତା ଶେଷ ହୋଇଛି। ଆଲୋଚ୍ୟ ଅବଧିରେ ଗାନ୍ଧୀନଗର, ଗୁଆହାଟୀ, ଜୟପୁର, ରାୟପୁର, ପଣଜୀ, ଥିରୁଭାନନ୍ତପୁରମ୍ ଏବଂ ବିଶାଖାପାଟନମ୍‌ରେ ମୋଟ ୨୭୯.୭୦ କୋଟି ଟଙ୍କାର ବଣ୍ଡ୍ ବିକ୍ରି କରାଯାଇଥିଲେ ହେଁ ଏହାକୁ ନଗଦ କରାଯାଇ ଟଙ୍କାଟିଏ ନିଆଯାଇନି। ଆଲୋଚ୍ୟ ସମୟ ମଧ୍ୟରେ ୧୩ ସହରରେ ଗୋଟିଏ ହେଲେ ବଣ୍ଡ୍ ବିକ୍ରି ହୋଇନାହିଁ।

# ଛୋଟ ସହରରେ ଚାଲିବ ମେଟ୍ରୋଲାଇଟ୍ ଟ୍ରେନ୍

**ନୂଆଦିଲ୍ଲୀ,୨୧-୭**

ମେଟ୍ରୋ ଟ୍ରେନ ପ୍ରଚଳନର ସଫଳତାକୁ ଦୃଷ୍ଟିରେ ରଖି ଛୋଟ ସହରରେ ଅର୍ବାନ୍ ରେଲ୍ ଟ୍ରାଞ୍ଜିଟ୍ ସିଷ୍ଟମ 'ମେଟ୍ରୋଲାଇଟ୍' ଟ୍ରେନ ଚଳାଇବାକୁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଛନ୍ତି। ମାତ୍ର ୨୫ କିମି ବେଗରେ ଗତି କରିପାରୁଥିବା ଏହି ଟ୍ରେନ୍‌ରେ ମାତ୍ର ୩ କୋଚ୍ ରହିବ।

ସଡ଼କ ତଥା ମାଟି ଉପରେ ନିର୍ମାଣ ହେବାକୁ ଥିବା ମେଟ୍ରୋଲାଇଟ୍ ଟ୍ରେନକୁ ନେଇ କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ବିନିର୍ଦ୍ଦିଷ୍ଟ ବିବରଣୀ ମାନଦଣ୍ଡ ଜାରି କରାଯାଇଛି। ମନ୍ତ୍ରଣାଳୟର କହିବାନୁସାରେ ମେଟ୍ରୋଲାଇଟ୍ ଟ୍ରେନ ଅନ୍ୟ ମେଟ୍ରୋ ସିଷ୍ଟମଠାରୁ କମ ମୂଲ୍ୟରେ ବିକଶିତ ହୋଇପାରିବ। ଏହା ଉଚ୍ଚ କ୍ଷମତାଯୁକ୍ତ ମେଟ୍ରୋର ଫିଡର ସିଷ୍ଟମ ଭାବେ କାର୍ଯ୍ୟ କରିପାରିବ। ଜାତୀୟ ରାଜପଥରେ ଭିଡ଼କୁ ହ୍ରାସ କରିବା କ୍ଷେତ୍ରରେ ମେଟ୍ରୋଲାଇଟ ଟ୍ରେନ ମୁଖ୍ୟ ଭୂମିକା ନେଇପାରିବ। ଏହାର ନିର୍ମାଣ ଲାଗି ମେଟ୍ରୋ ଟ୍ରେନ ଭଳି ବିଶାଳ ଖର୍ଚ୍ଚ କରିବାକୁ ପଡିବ ନାହିଁ। ସଡ଼କ ପରିବହନ କ୍ଷେତ୍ରରେ ଏହା ପାରମ୍ପରିକ ଗାଡ଼ିର ବିକଳ୍ପ ହୋଇପାରିବ। ୩ କୋଚ୍ ବିଶିଷ୍ଟ ଏହି ଟ୍ରେନ୍‌ରେ ସର୍ବାଧିକ ୩୦୦ ଯାତ୍ରୀ ଯାଇପାରିବେ। ଅର୍ବାନ ରେଲ୍ ଟ୍ରାଞ୍ଜିଟ୍ ସିଷ୍ଟମ ନିର୍ମାଣ ଲାଗି ରାଜ୍ୟ ସରକାରଗୁଡ଼ିକୁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେବେ। ଜାତୀୟ



ରାଜପଥ କଡ଼ରେ ମେଟ୍ରୋଲାଇଟ ଟ୍ରେନ୍ ପାଇଁ ସ୍ୱତନ୍ତ୍ର ରେଲ ଟ୍ରାକ୍ ନିର୍ମାଣ କରାଯିବ। ସଡ଼କ ପଥରେ ଟ୍ରାଫିକ ଭିଡଠାରୁ ଏହାକୁ ଦୂରେଇ ରଖିବା ଲାଗି ରେଲ ଟ୍ରାକ୍‌ର ଦୁଇକଡରେ ଲୌହ ବାଡ଼ ଦିଆଯିବ। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ବଡ଼ ବଡ଼ ସହରରେ ଯାତାୟାତ ପାଇଁ ମେଟ୍ରୋ ଟ୍ରେନ ବ୍ୟବସ୍ଥା ନିର୍ମାଣ କରାଯାଉଛି। ଏଥିପାଇଁ ଅଧିକ ବ୍ୟୟଭାର ବହନ କରିବାକୁ ପଡୁଛି। ଅଧିକ ଟ୍ରେନ ଯାତ୍ରୀଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ମେଟ୍ରୋ ଟ୍ରେନ ପ୍ରକଳ୍ପ ନିର୍ମାଣ କରାଯାଉଛି। ବିଭିନ୍ନ ସହରରେ ମେଟ୍ରୋ ଟ୍ରେନ ଚଳାଚଳର ସଫଳତାରେ ଉତ୍ସାହିତ କେନ୍ଦ୍ର ସରକାର ଏବେ ଛୋଟ ଛୋଟ ସହରରେ ମେଟ୍ରୋଲାଇଟ ଟ୍ରେନ ପ୍ରଚଳନ ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି। ସାଧାରଣ ନିର୍ବାଚନ ବେଳେ ଭାଜପା ଏହାର ନିର୍ବାଚନୀ ଇସ୍ତାହାରରେ ଦେଶର ୫୦ ସହରକୁ ମେଟ୍ରୋ ନେଟ୍‌ୱର୍କ ସହ ଯୋଡାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ମେଟ୍ରୋଲାଇଟ୍ ବ୍ୟବସ୍ଥାରେ ଆଶ୍ରୟ ପ୍ଲାଟଫର୍ମ ନିର୍ମାଣ କରାଯିବ। ଏଥିରେ କୌଣସି ଏଏଫ୍‌ସି ଗେଟ୍, ପ୍ଲାଟଫର୍ମ ସ୍କ୍ରିନ ଡୋର୍, ଏକ୍ସ-ରେ ଏବଂ ବ୍ୟାଗେଜ ସ୍କାନର ରହିବ ନାହିଁ। ଟ୍ରେନ୍‌ର କୋଚ୍ ଏବଂ ସେଲ୍‌ଟର ପ୍ଲାଟଫର୍ମରେ ହିଁ ଟିକେଟ ଭାଲିଡେଟର ରହିବେ। ଏନ୍‌ସିଏମ୍‌ସି/ଅନ୍ୟାନ୍ୟ ଟିକେଟ ବ୍ୟବସ୍ଥା ଆପଣାଯିବ। ଯେକୌଣସି ସମୟରେ ଚେକିଂ କରାଯାଇ ବିନା ଟିକେଟ ଯାତ୍ରୀଙ୍କ ଠାରୁ ଭାରିମାତ୍ରାରେ ଜରିମାନା ଆଦାୟ କରାଯିବ। ଏଲିଭେଟେଡ ମେଟ୍ରୋଲାଇନ ସିଷ୍ଟମ ଯୋଜନା ସେତେବେଳେ କାମ କରାଯିବ ଯେତେବେଳେ ଆଟ୍ ଗ୍ରେଡ ପ୍ରଣାଳୀ ଲାଗୁ କରିବା ସମ୍ଭବ ନ ହେବ। କାର୍ ସଂରଚନା ସାମଗ୍ରୀ ଷ୍ଟେନଲେସ୍ ଷ୍ଟିଲ୍ ଅଥବା ଆଲୁମିନିୟମର ହେବ। ମେଟ୍ରୋଲାଇଟ୍ ଟ୍ରେନର ସର୍ବାଧିକ ଗତି ଘଣ୍ଟାପ୍ରତି ୬୦ କିମି ହେବ। ଯେକୌଣସି ମାମଲାରେ ଅନ୍ ବୋର୍ଡ ସିଗନାଲିଂ ବିଫଳ ହେବା କ୍ଷେତ୍ରରେ ଟ୍ରେନ୍‌ର ଗତିକୁ ଘଣ୍ଟା ପ୍ରତି ୨୫ କିମିକୁ ସୀମିତ କରାଯିବ। ସଡ଼କରେ ଟ୍ରେନ ଚଳାଚଳ ସମ୍ଭବ ନ ହେଲେ ମାଟିଠାରୁ ଉଚ୍ଚରେ ଏଭଳି ଟ୍ରେନ ଚଳାଚଳ ପାଇଁ ବିଚାର କରାଯିବ।

#### ରେଳ ଯାତ୍ରୀ ବୀମା

# ୨ ବର୍ଷରେ ୪୬ କୋଟି ପ୍ରିମିୟମ ସଂଗ୍ରହ

**ନୂଆଦିଲ୍ଲୀ,୨୧-୭**

ରେଲୱେ ଯାତ୍ରୀ ବୀମା ଯୋଜନା ଅଧୀନରେ ଗତ ଦୁଇବର୍ଷରେ ଘରୋଇ ବୀମା କମ୍ପାନୀ ପ୍ରାୟ ୪୬ କୋଟି ଟଙ୍କାର ପ୍ରିମିୟମ ଅର୍ଜନ କରିଛନ୍ତି। ଏହି ଅବଧିରେ ସେମାନେ ୭ କୋଟି ବୀମା ଦାବି ସମାଧାନ କରିଛନ୍ତି ବୋଲି ଆର୍‌ଟିଆଇ ସୂଚନାରୁ ଜଣାପଡିଛି। ରେଲୱେ ମନ୍ତ୍ରଣାଳୟ ଅଧୀନରେ ଥିବା ଆଇଆର୍‌ସିଟିସି ବିକଳ୍ପ ଯାତ୍ରୀ ବୀମା ଯୋଜନା ଲାଗି ଶ୍ରୀରାମ୍ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ, ଆଇସିଆଇସିଆଇ ଲୋମ୍ବାର୍ଡ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ଏବଂ ରୟାଲ ସୁନ୍ଦରମ୍ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ ସହ ଚୁକ୍ତି ସ୍ୱାକ୍ଷର କରିଛି। ୨୦୧୬ ସେପ୍ଟେମ୍ବରରେ ଏହି ଯୋଜନାକୁ ଆରମ୍ଭ କରାଯାଇଥିଲା। ଆରମ୍ଭରେ ଏହାର ପ୍ରିମିୟମ ପ୍ରତି ଯାତ୍ରୀ ୦.୯୨ ଟଙ୍କା ଥିଲା। ରେଲୱେ ୨୦୧୮ ଅଗଷ୍ଟ ୩୧ ତାରିଖ ଯାଏ ନିଜେ ବୀମା ପ୍ରିମିୟମ ବହନ କରୁଥିଲା। ଏହାପରେ ଯାତ୍ରୀଙ୍କ ଠାରୁ ପ୍ରିମିୟମ ଅସୁଲ କରାଯାଉଛି। ଏହି ସମୟରେ ପ୍ରିମିୟମକୁ ୦.୪୯ ଟଙ୍କା ପ୍ରତି ଯାତ୍ରୀକୁ ହ୍ରାସ କରାଯାଇଥିଲା। ଆଇଆର୍‌ସିଟିସି ୱେବସାଇଟରୁ ଟିକେଟ ବୁକ୍ କରିବା ବେଳେ କନ୍‌ଫର୍ମ ଅଥବା ଆର୍‌ଏସି ଟିକେଟ କ୍ଷେତ୍ରରେ ବୀମା ସୁବିଧା ଯୋଗାଇ ଦିଆଯାଉଛି।

# ଓଜିବି କର୍ମଚାରୀ ସଂଘର ଇସି ବୈଠକ




**ଭୁବନେଶ୍ୱର,୨୧-୭**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି) କର୍ମଚାରୀ ସଂଘ ପକ୍ଷରୁ ୪ର୍ଥ ଇସି ବୈଠକ ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବେଫିର ଦୃଢ ସଙ୍ଗଠକ ପ୍ରଦୀପ ଷଡଙ୍ଗୀ ଉପସ୍ଥିତ ଥିଲେ। ଓଜିବିର ଏସ୍‌ସି ଏସ୍‌ଟି କାଉନସିଲ ସମ୍ପାଦକ ଗଙ୍ଗାଧର ସେଠୀ ସଙ୍ଗଠନ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ସଂଘର ସଭାପତି ଆଶୁତୋଷ ସାମଲ, ସମ୍ପାଦକ ଅରୁଣ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଦାସ, କାର୍ଯ୍ୟକାରୀ ସମ୍ପାଦକ ଜିତେନ ସ୍ୱାଇଁ, ଉପସଭାପତି କୈବଲ୍ୟ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା।

# ପଓ୍ୱନହଂସ ବିକ୍ରି ସର୍ତ୍ତ କୋହଳ

**ନୂଆଦିଲ୍ଲୀ,୨୧-୭**

କେନ୍ଦ୍ର ସରକାର ହେଲିକପ୍ଟର ସେବା କମ୍ପାନୀ ପଓ୍ୱନହଂସର ବିକ୍ରି ଲାଗି ସର୍ତ୍ତକୁ ଅଧିକ କୋହଳ କରିଛନ୍ତି। ଗତବର୍ଷ ସରକାର ଏହି କମ୍ପାନୀକୁ ବିକ୍ରି ଉଦ୍ୟମ କରି ବିଫଳ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାର ଉକ୍ତ ପଦକ୍ଷେପ ନେଇଛନ୍ତି। କର୍ମଚାରୀ ଛଟେଇ, ସମ୍ପତ୍ତି ବିକ୍ରି ଏବଂ ବକେୟା ଟିକସ ପ୍ରଦାନ ଭଳି ସର୍ତ୍ତଗୁଡ଼ିକୁ କୋହଳ କରାଯାଇଛି। ନୂଆ ସର୍ତ୍ତ ଅନୁଯାୟୀ ପଓ୍ୱନହଂସକୁ କିଣୁଥିବା କମ୍ପାନୀ ଅତିକମ୍‌ରେ ଗୋଟିଏ ବର୍ଷ ସ୍ଥାୟୀ କର୍ମଚାରୀଙ୍କୁ ଛଟେଇ କରିବେ ନାହିଁ। ପୂର୍ବରୁ ଏହା ଦୁଇବର୍ଷ ରଖାଯାଇଥିଲା। ସେହିପରି ୫୭୭ କୋଟି ଟଙ୍କାର ବକେୟା ଟିକସ ମାମଲା ପଓ୍ୱନହଂସ ବିରୋଧରେ ଗଲେ ତାହା ନୂଆ କ୍ରେତା କମ୍ପାନୀ ବହନ କରିବେ ନାହିଁ।


OFFICE OF THE HEADMISTRESS, **KASTURABA GANDHI BALIKA VIDYALAYA (KGBV), GOLAMUNDA**, GOLAMUNDA BLOCK, KALAHANDI

**TENDER CALL NOTICE**

Sealed tenders are invited from the registered firms / manufacturer / authorized dealers / whole sellers/ Govt. stores for supply of the item grocery, cosmetics and toilet items, vegetables, reading writing materials, Bedding, Dress materials, Non-veg items to the KASTURABA GANDHI BALIKA VIDYALAYA, GOLAMUNDA, GOLAMUNDA BLOCK of Kalahandi district for the year 2019-20. The tender form with other particulars and the list of the items can be obtained from the office of the KGBV from 10.00AM to 4.00PM in all working day w.e.f. 20.07.2019 to 20.08.2019 on payment of Rs. 200/- (Two hundred only) non refundable in shape of Bank draft payable in the State Bank of India, Golamunda. The tender paper completed in respect along with requisite documents and Earnest money in shape of Bank Draft drawn in favor of the Headmistress and Chairperson KGBV, Golamunda payable at the State Bank of India, Golamunda would only be deposited in this KGBV upto 1.00PM on dt.20.08.2019. The KGBV Level Purchase Committee meeting will be held on date 21.08.2019 at 11.00AM as mentioned in the 1 page for opening of the tender. The chairman of the purchase committee (B.D.O.) reserves the right to accept or reject the tender in whole or in part without assigning any reason thereto.

*Sd./- Headmistress, Govt. UPS (KGBV), Golamunda*


# ୨୫ରେ ଜିଏସ୍‌ଟି କାଉନ୍‌ସିଲ ବୈଠକ

**ନୂଆଦିଲ୍ଲୀ,୨୧-୭**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୫ରେ ଜିଏସ୍‌ଟି କାଉନସିଲ୍‌ର ୩୬ତମ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଇଲେକ୍ଟ୍ରିକ୍ ଗାଡ଼ି(ଇ-ଯାନ) ଉପରେ ଆଦାୟ କରାଯାଉଥିବା ଟିକସ ହ୍ରାସ କରିବା ନେଇ ନିଷ୍ପତ୍ତି ନିଆଯିବ। ଭିଡ଼ିଓକନ୍‌ଫରେନ୍ସିଂ ମାଧ୍ୟମରେ ହେବାକୁ ଥିବା ଏହି ବୈଠକରେ ସୋଲାର ପାୱାର ଜେନେରେଶନ ସିଷ୍ଟମ୍ସ ଏବଂ ୱିଣ୍ଡ ଟର୍ବାଇନ୍ ପ୍ରକଳ୍ପ ପାଇଁ ଜିଏସ୍‌ଟି ହାର ନିର୍ଦ୍ଧାରଣ କରାଯିବାର ସମ୍ଭାବନା ରହିଛି। କାଉନସିଲ୍‌ର ୩୫ତମ ବୈଠକରେ ଇ-ଯାନ, ଇ-ଚାର୍ଜର ଓ ଇ-ଯାନ ଭଡ଼ା ଉପରେ ଜିଏସ୍‌ଟି ହାର ନିର୍ଦ୍ଧାରଣ ସଂକ୍ରାନ୍ତରେ ସୁପାରିସ୍ କରିବାକୁ ଅଫିସର୍ସ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କମିଟିର ସୁପାରିସ୍‌କୁ ଏହି ବୈଠକରେ ଉପସ୍ଥାପନ କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଘରୋଇ ଇ-ଯାନ ନିର୍ମାତାଙ୍କୁ ଆଶ୍ୱସ୍ତ କରିବାକୁ ଯାଇ କେନ୍ଦ୍ର ସରକାର ଏହା ଉପରେ ୧୨ ବଦଳରେ ୫% ଜିଏସ୍‌ଟି ଆଦାୟ କରିବାକୁ ପ୍ରସ୍ତାବ ଦେଇଛନ୍ତି। ପେଟ୍ରୋଲ, ଡିଜେଲ କାର୍ ଓ ହାଇବ୍ରିଡ ଗାଡ଼ି ଉପରେ ସର୍ବାଧିକ ୨୮% ଜିଏସ୍‌ଟି ଆଦାୟ କରାଯାଉଛି। ସୋଲାର ପାୱାର ଉଦ୍ୟୋଗରେ ନିଆଯାଉଥିବା ଜିଏସ୍‌ଟି ହ୍ରାସ ପାଇଁ କାଉନ୍‌ସିଲ ବିଚାର କରୁ ବୋଲି ଦିଲ୍ଲୀ ହାଇକୋର୍ଟ ଗତ ମେ'ରେ ନିର୍ଦ୍ଦେଶ ଦେଇଥିଲେ। ଏସଂକ୍ରାନ୍ତରେ ଉଦ୍ୟୋଗ ପକ୍ଷରୁ ଏକ ମାମଲା ଦାଏର କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କାଉନସିଲ ଆସନ୍ତା ବୈଠକରେ ଏହାକୁ ନେଇ ଆଲୋଚନା କରିବ ଓ ନିଷ୍ପତ୍ତି ନେବ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି।

# ଡ. ଅର୍ଥୋ ଆୟୁର୍ବେଦିକ ତେଲ, ସୁପର-୩୦ ମଧ୍ୟରେ ଚୁକ୍ତି




**ନୂଆଦିଲ୍ଲୀ, ୨୧-୭:** ସୁପର-୩୦ ଚଳଚ୍ଚିତ୍ରର ପ୍ରମୋଶନ ଲାଗି ଏସ୍‌ବିଏସ୍ ବାୟୋଟେକ୍‌ର ଲୋକପ୍ରିୟ ପ୍ରଡକ୍ଟ ଡ. ଅର୍ଥୋ ଆୟୁର୍ବେଦିକ ତୈଳ ଚୁକ୍ତିରେ ସାମିଲ ହୋଇଛି। ଚଳଚ୍ଚିତ୍ରର ସଫଳତା ଲାଗି କମ୍ପାନୀ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଏଭଳି ପଦକ୍ଷେପ ନେଇଥିବାରୁ ଖୁସି ବୋଲି କମ୍ପାନୀର ନିର୍ଦ୍ଦେଶକ ସଞ୍ଜୀବ ଜୁନେଜା କହିଛନ୍ତି। ନିଜର କର୍ତ୍ତବ୍ୟ ପାଳନ ପାଇଁ ଆନନ୍ଦ କୁମାର ବିଭିନ୍ନ ପ୍ରତିବନ୍ଧକକୁ ଉଲ୍ଲଂଘନ କରି ଗରିବ ମେଧାବୀଙ୍କୁ ଯେଭଳି ଭାବେ ସହାୟତା କରିଛନ୍ତି। ତାହା ପ୍ରଶଂସାଯୋଗ୍ୟ ବୋଲି ଜୁନେଜା କହିଛନ୍ତି। ସିନେମାରେ ଆନନ୍ଦ କୁମାର ଭୂମିକାରେ ହୃତିକ ରୋଶନ ନଜର ଆସିଥିବା ବେଳେ ରିତୁ ରଶ୍ମି ଭୂମିକାରେ ମୃଣାଳ ଠାକୁର ରହିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ଗରିବଙ୍କ ପ୍ରତି ରହିଥିବା ଅସମାନତାକୁ ଦେଖି ଆନନ୍ଦ କୁମାର କିଭଳି ମାଗଣା ଶିକ୍ଷା ପ୍ରଦାନ ଦ୍ୱାରା ଛାତ୍ରୀଛାତ୍ରଙ୍କ ଜୀବନରେ ପରିବର୍ତ୍ତନ ଆଣୁଛନ୍ତି,ସିନେମାରେ ଦେଖାଯାଇଛି। କମ୍ପାନୀର ଡ.ଅର୍ଥୋ ଅଏଲ ଆଣ୍ଠୁଗଣ୍ଠି ପୀଡା ଲାଗି ପ୍ରସ୍ତୁତ ହୋଇଛି।


**MGNREGA & NSAP SOCIAL AUDIT CALENDAR 2019-20 (OSSAAT)**
**1st April,2018 to 30th September 2018 & 1st October 2018 to 31st March 2019**

| DISTRICT | BALASORE | | | | NSAP | | MGNREGA | | | | | |
|---|---|---|---|---|---|---|---|---|---|---|---|---|
| Sl No. | Name of the Block | Name of the GP | Nos. of SA ROT | VRP TEAM | Social Audit Starting Date | Social Audit ending Date | Social Audit Starting Date | Social Audit ending Date | Social Audit Gram Sabha AT | Date of Public Hearing Block | MIS uploading | Officer present during social Audit |
| 1 | | GAGANDHULI | | 1 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | BDO,JE/PEO/GRS |
| 2 | | DALANGA-2 | | 2 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | JE/PEO/GRS |
| 3 | | JALADA | | 3 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | JE/PEO/GRS |
| 4 | | DAGARPADA | | 4 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | APO,JE/PEO/GRS |
| 5 | | ACHYUTAPUR | | 5 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | JE/PEO/GRS |
| 6 | | GOBINDPUR | | 6 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | AEE,JE/PEO/GRS |
| 7 | | NANDUR | 1 | 7 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | BSSO,JE/PEO/GRS |
| 8 | | SSPUR | | 8 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | WEO,JE/PEO/GRS |
| 9 | | KURUNTA | | 9 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | AO,JE/PEO/GRS |
| 10 | | MAKHANPUR | | 10 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | AE,JE/PEO/GRS |
| 11 | | SARDANG | | 11 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | BPM,JE/PEO/GRS |
| 12 | | MAHATIPUR | | 12 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | MI,JE/PEO/GRS |
| 13 | | SUNDHIRAGANDIB | | 13 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | JE/PEO/GRS |
| 14 | | SARUGAON | | 1 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | AE,JE/PEO/GRS |
| 15 | | KHAIRA | | 2 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | AO,JE/PEO/GRS |
| 16 | | SARAKONA | | 3 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | WEO,JE/PEO/GRS |
| 17 | | NAYAKHANDI | | 4 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | BPM,JE/PEO/GRS |
| 18 | | KAITHAGADIA | | 5 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | APO,JE/PEO/GRS |
| 19 | KHAIRA | GADAPOKHARI | | 6 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | 16.10.2019 | AS PER MORD SOCIAL AUDIT GUIDE LINES | MI,JE/PEO/GRS |
| 20 | | KUPARI | 2 | 7 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | GPEO,JE/PEO/GRS |
| 21 | | **BARTTANA** | | **8** | **16.08.2019** | **19.08.2019** | **20.08.2019** | **27.08.2019** | **27.08.2019** | | | **AEE,JE/PEO/GRS** |
| 22 | | BADANUAGAON | | 9 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | BSSO,JE/PEO/GRS |
| 23 | | HARIPUR | | 10 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | AE,JE/PEO/GRS |
| 24 | | RATINA | | 11 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | JE/PEO/GRS |
| 25 | | BAUNSAGADIA | | 12 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | JE/PEO/GRS |
| 26 | | PALASA | | 1 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | AO,JE/PEO/GRS |
| 27 | | NAHANGA | | 2 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | APO,JE/PEO/GRS |
| 28 | | DUNGURA | | 3 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | WEO,JE/PEO/GRS |
| 29 | | GOLIHA | | 4 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | GPEO,JE/PEO/GRS |
| 30 | | AMARIA-AGNIPUR | | 5 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | MI,JE/PEO/GRS |
| 31 | | JHINKAIRIA | 3 | 6 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | JE/PEO/GRS |
| 32 | | MANATRI | | 7 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | AEE,JE/PEO/GRS |
| 33 | | RAPEYA | | 8 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | BPM,JE/PEO/GRS |
| 34 | | ANTARA | | 9 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | BSSO,JE/PEO/GRS |
| 35 | | BADJAYPUR | | 10 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | JE/PEO/GRS |
| 36 | | BARADA | | 11 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | JE/PEO/GRS |
| 37 | | GARSANG | | 12 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | JE/PEO/GRS |

SD./- BLOCK DEVELOPMENT OFFICER, KHAIRA

**ODISHA UNIVERSITY OF AGRICULTURE AND TECHNOLOGY**

DIRECTOR OF PHYSICAL PLANTS

Lt. No. 2072 **SHORT QUOTATION CALL NOTICE-03** Dt. 20.07.19

The DPP, OUAT Bhubaneswar on behalf of His Excellence the Chancellor, OUAT invites sealed quotation from registered Agency/Farms for "Annual Maintenance with operation of IBIJI 5 passenger lift at OUAT Main Building at Bhubaneswar.

| Sl. No. | Scope of work | AMC Period | Cost of paper (In shape of DD) |
|---|---|---|---|
| 1. | Annual Maintenance with operation of IBIJI 5 passenger lift at OUAT Main Building at Bhubaneswar. | 01 (One) Year | Rs. 2000.00 + GST@12 |

The quotation documents can be had from the office of the undersigned on payment of cost of quotation documents as above from **Dt. 22.07.2019 to 05.08.2019 upto 11.30 AM** & will be received upto 1.30 PM through registered post and will be opened at 3.30 PM on the same day in presence of the quotationers or their authorised representatives. The quotation document received after the scheduled date and time will not be considered. The details of above quotation documents are also available in OUAT website www.ouat.nic.in from Dt. 22.07.2019 to 05.08.2019 upto 11.30 AM. Intending quotationer can also download the quotation documents from the above website and submit the same alongwith the cost of document.

The quotationer shall have to furnish (i) EMD in shape of NSC/KVP/POTD/FD in schedule bank amounting 1% of the quoted amount duly pledged in favour of DPP, OUAT payable at Bhubaneswar (ii) Attested photo copies of Valid PAN Card, GSTIN, registration certificate, (iii) The quotationer should provide similar nature of completion work certificate in last 3 financial years from any Government Organization or PSU, failing which quotation will be liable for rejection (iv) Original affidavit by notary regarding authentication of document.

The authority reserves the right to accept or reject any or all the quotations without assigning any reason thereof.

**Sd./- Director of Physical Plants**

OFFICE OF THE HEADMISTRESS, **KASTURABA GANDHI BALIKA VIDYALAYA (KGBV)**, M.RAMPUR, M.RAMPUR BLOCK, KALAHANDI

Letter No. 33 **TENDER CALL NOTICE** Date: 22.07.19

Office of the Headmistress, KGBV, M.Rampur of Kalahandi district have invited sealed tenders from the registered firms / manufacturer / authorized dealers / whole sellers / Govt. stores for supply of the item grocery, cosmetics and toilet items, reading writing materials to KGBV, M.Rampur of Kalahandi Dist. as per following details.

| Particular | Kasturaba Gandhi Balika Vidyalaya (KGBV), M. Rampur |
|---|---|
| Address | At/PO- M.Rampur, Block- M.Rampur, Dist.- Kalahandi |
| Cost of tender paper | Rs. 200/- |
| Last date & time of receiving tender | 21.08.19 |
| Date & time of opening of tender | 22.08.19 |

For details visit District website www.kalahandi.nic.in & www.opepa.in

*By order of BDO-cum-Chairman*
*Sd./- Head Mistress, Govt. Nodal UPS (KGBV), M. Rampur, Kalahandi*

**କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ, ଦେବଗଡ଼**

**'ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ୨୦୧୯ ଖରିଫ'**

ଦେବଗଡ଼ ଜିଲ୍ଲାର ସମସ୍ତ ଚାଷୀ ଭାଇଭଉଣୀମାନଙ୍କ ପାଇଁ ବିଶେଷ ସୂଚନା, ଚଳିତ ଖରିଫ ଋତୁରେ ଚାଷ କରିଥିବା ଧାନ, ମକା, ଚିନାବାଦାମ ଓ ହରଡ଼ ଫସଲ ପାଇଁ ଋଣୀ ଓ ଅଣଋଣୀ ଚାଷୀ ହିସାବରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ସାମିଲ ହୁଅନ୍ତୁ।

ହେକ୍ଟର ପ୍ରତି ପ୍ରିମିୟମ ରାଶି ଧାନ- ୧୩୦୦ ଟଙ୍କା, ମକା ଓ ହରଡ଼- ୮୦୦ ଟଙ୍କା ଓ ଚିନାବାଦାମ-୧୧୦୦ ଟଙ୍କା ଜୁଲାଇ ୩୧ ତାରିଖ ମଧ୍ୟରେ ନିକଟସ୍ଥ ଜନସେବା କେନ୍ଦ୍ର କିମ୍ବା ବ୍ୟାଙ୍କରେ ଆବଶ୍ୟକ ଦସ୍ତାବିଜ ଦେଇ ଦାଖଲ କରିପାରିବେ। ସବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି କର୍ମଚାରୀ, ବ୍ଲକ୍‌ର ସହକାରୀ କୃଷି ଅଧିକାରୀ କିମ୍ବା ଇନ୍ସୁରାନ୍ସ କମ୍ପାନୀ (HDFC ERGO GIC Ltd., Mobile No.- 7504120024)ଙ୍କ ସହିତ ଯୋଗାଯୋଗ କରିପାରିବେ।

ଅନୁରୋଧ, ଜିଲ୍ଲାର ଅଧିକରୁ ଅଧିକ ଅଣଋଣୀ ଚାଷୀ ଏହି ଯୋଜନାରେ ସାମିଲ ହୋଇ ପ୍ରାକୃତିକ ଦୈବୀ ଦୁର୍ବିପାକ ଦ୍ୱାରା ଫସଲହାନି ପରିମାଣ ବୀମା ମାଧ୍ୟମରେ ଆର୍ଥିକ ସହାୟତା ପାଆନ୍ତୁ।

ପ୍ରଶାନ୍ତ କୁମାର ସାହୁ
କୃଷି ଉପନିର୍ଦ୍ଦେଶକ, ଦେବଗଡ଼

" ଲୋଭନୀୟ ଅର୍ଥ ବିନିମୟରେ ଆଟଲେଟିକୋ ମାଡ୍ରିଡ୍ କ୍ଲବରୁ ବାର୍ସିଲୋନାରେ ଯୋଗଦାନ ଚୂଡ଼ାନ୍ତ ହେବା ପରେ ମୁଁ ଖୁସିରେ କାନ୍ଦି ପକାଇଥିଲି।
–ଆଣ୍ଟୋନି ଗ୍ରିଜ୍‌ମ୍ୟାନ, ଷ୍ଟାର ଫୁଟ୍‌ବଲ ଖେଳାଳି



" ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଆଶେସ ସିରିଜ ଅନ୍ତର୍ଗତ ଅନ୍ତିମ ଦୁଇ ଟେଷ୍ଟ ମ୍ୟାଚ ବେଳକୁ ମୁଁ ଆହତ ଜନିତ ସମସ୍ୟାରୁ ମୁକ୍ତି ପାଇଯାଇଥିବି।
– ମାର୍କ ଉଡ୍, ଇଂଲଣ୍ଡ ପେସ୍ ବୋଲର



## ସଂକ୍ଷେପରେ

■ ଧର୍ମସେନା ମାନିଲେ

### ବିଶ୍ୱକପ୍ ଫାଇନାଲରେ ତ୍ରୁଟି ହୋଇଥିଲା

ମୁମ୍ବାଇ,୨୧।୭(ପି.ଟି): କ୍ରିକେଟ ବିଶ୍ୱକପ୍ ଫାଇନାଲରେ ଏକ ଓଭରଥ୍ରୋକୁ ଅନ୍ ଫିଲ୍ଡ ଅମ୍ପାୟର ଶ୍ରୀଲଙ୍କାର କୁମାର ଧର୍ମସେନା ଇଂଲଣ୍ଡ ସପକ୍ଷରେ ୬ରନ ଘୋଷଣା କରିଥିଲେ। ତେବେ ଏହି ନିଷ୍ପତ୍ତିରେ ତ୍ରୁଟି ରହିଥିବା ଧର୍ମସେନା ମାନିଛନ୍ତି। ଫିଲ୍ଡରେ ରିପ୍ଲେ ଦେଖିବାର ସୁଯୋଗ ନ ଥିବାରୁ ଏଭଳି ତ୍ରୁଟି ହୋଇଥିଲା ଏବଂ ଏହି ନିଷ୍ପତ୍ତି ଲାଗି ସେ ଦୁଃଖିତ ନୁହନ୍ତି ବୋଲି ଧର୍ମସେନା କହିଛନ୍ତି। ମ୍ୟାଚର ଅନ୍ତିମ ଓଭରର ଶେଷ ୩ଟି ବଲରୁ ଇଂଲଣ୍ଡକୁ ବିଜୟ ପାଇଁ ୯ରନ ଆବଶ୍ୟକତା ରହିଥିଲା। ବେନ ଷ୍ଟୋକ୍ସ ଚତୁର୍ଥ ବଲ୍‌କୁ ଖେଳି ଦୁଇ ରନ ନେବା ପ୍ରୟାସରେ ରହିଥିଲେ। ମାତ୍ର ମାର୍ଟିନ ଗପ୍ଟିଲଙ୍କ ଥ୍ରୋ ଷ୍ଟୋକ୍ସଙ୍କ ବ୍ୟାଟରେ ବାଜି ବାଉଣ୍ଡାରୀ ବାହାରକୁ ଚାଲି ଯାଇଥିଲା। ଏହି ସମୟରେ ଧର୍ମସେନା ଇଂଲଣ୍ଡ ସପକ୍ଷରେ ୬ରନ ଘୋଷଣା କରିଥିଲେ। ତେବେ ଥ୍ରୋ ସମୟରେ ଉଭୟ ବ୍ୟାଟ୍ସମ୍ୟାନ ପରସ୍ପରକୁ ଅତିକ୍ରମ କରି ନଥିବାରୁ ଏହାକୁ ୫ରନ ଦିଆଯିବା ଆଇସିସି ନିୟମ ରହିଛି। ଧର୍ମସେନାଙ୍କ ଏହି ନିଷ୍ପତ୍ତିକୁ କିମ୍ବଦନ୍ତୀ ଅମ୍ପାୟର ସାଇମନ ଟଫେଲ ଭୁଲ ବୋଲି କହିଥିଲେ। ତେବେ ଉକ୍ତ ମ୍ୟାଚ୍‌ର ୫୦-୫୦ ଓଭର ଟାଇ ରହିଥିବାବେଳେ ସୁପର ଓଭର ମଧ୍ୟ ଟାଇ ରହିଥିଲା। ଫଳରେ ଅଧିକ ବାଉଣ୍ଡାରୀ ଲଗାଇଥିବା ଇଂଲଣ୍ଡକୁ ବିଜୟୀ ଘୋଷିତ କରାଯିବା ସହ ବିଶ୍ୱକପ୍ ଏହି ଦେଶ ହାସଲ କରିଥିଲା।

### ତେଲୁଗୁ ଟାଇଟାନ୍ସର ଦ୍ୱିତୀୟ ପରାଜୟ

ହାଇଦ୍ରାବାଦ,୨୧।୭(ପି.ଟି.): ଗୋଚିବାଓ୍ୱଲି ଇନ୍‌ଡୋର ଷ୍ଟାଡ଼ିୟମରେ ଚାଲିଥିବା ପ୍ରୋ-କବାଡ଼ି ଲିଗ୍ ୭ମ ସଂସ୍କରଣର ତୃତୀୟ ମ୍ୟାଚରେ ତେଲୁଗୁ ଟାଇଟାନ୍ସ ତାମିଲ ଥାଲାଇଭାସ ନିକଟରୁ ୩୯-୨୬ ପଏଣ୍ଟରେ ପରାସ୍ତ ହୋଇଛି। ଲିଗ୍‌ରେ ତେଲୁଗୁ ଟାଇଟାନ୍ସର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ମ୍ୟାଚରେ ତାମିଲ୍ ଟିମ୍ ପାଇଁ ମନ୍‌ଜିତ୍ ଛିଲର ଓ ରାହୁଲ ଚୌଧୁରୀ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ରାହୁଲ ରେଡ୍‌ରୁ ୧୨ ପଏଣ୍ଟ ଏବଂ ମନ୍‌ଜିତ୍ ୬ ପଏଣ୍ଟ ହାସଲ କରି ଦଳକୁ ବଡ଼ ବ୍ୟବଧାନରେ ବିଜୟୀ କରାଇଥିଲେ। ଅନ୍ୟପକ୍ଷରେ ତେଲୁଗୁ ଟାଇଟାନ୍ସ ପକ୍ଷରୁ ସିଦ୍ଧାର୍ଥ ଦେଶାଇ ସର୍ବାଧିକ ୬ ପଏଣ୍ଟ ହାସଲ କରିଥିଲେ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ତେଲୁଗୁ ଟାଇଟାନ୍ସ ୟୁ ମୁମ୍ବା ନିକଟରୁ ପରାସ୍ତ ହୋଇଥିଲା।

### ଜର୍ମାନୀ ଆଇରନ ମ୍ୟାନ୍ ପ୍ରତିଯୋଗିତାରେ ସୌଭାଗ୍ୟ

କଟକ ଅଫିସ,୨୧।୭: ଆସନ୍ତା ୨୮ରୁ ଜର୍ମାନୀର ହାମବର୍ଗଠାରେ ଆଇରନ ମ୍ୟାନ ପ୍ରତିଯୋଗିତା ହେବ। ଏଥିରେ ଓଡ଼ିଶାରୁ ଭାଗ ନେବେ ସୌଭାଗ୍ୟ କୁମାର ରଥ । ରବିବାର ପୂର୍ବାହ୍ନରେ ସୌଭାଗ୍ୟ ଜର୍ମାନୀ ଅଭିମୁଖେ ଯାତ୍ରା କରିଛନ୍ତି । ୩.୮ କିମି ସନ୍ତରଣ, ୧୮୦ କିମି ସାଇକେଲ ଚାଳନା, ୪୨ କିମି ଦୌଡ଼କୁ ନେଇ ଏହି ପ୍ରତିଯୋଗିତା ହେବ। ଏହି ପ୍ରତିଯୋଗିତାରେ ବିଜୟୀ ହେଲେ ସୌଭାଗ୍ୟ ରାଜ୍ୟର ଦ୍ୱିତୀୟ ଆଇରନ ମ୍ୟାନ ହେବେ । ପୂର୍ବରୁ ସିଦ୍ଧାର୍ଥ ରାଉତରାୟ ରାଜ୍ୟର ଏକମାତ୍ର ଆଇରନ ମ୍ୟାନ ଭାବେ ପ୍ରସିଦ୍ଧଲାଭ କରିଛନ୍ତି । ଉକ୍ତ ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତି ଜୋରଦାର କରିଛି ବୋଲି ସୌଭାଗ୍ୟ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

### ଜିମ୍ବାୱେ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ଯଥାର୍ଥ ନୁହେଁ

ନୂଆଦିଲ୍ଲୀ, ୨୧।୭ (ପି.ଟି.): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଭଲରୂପେ ବୁଝି ନ ବିଚାରି ତରବରିଆ ଭାବେ ଜିମ୍ବାୱେ କ୍ରିକେଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ମନେ ହେଉନି। ପୂର୍ବତନ ବ୍ୟାଟ୍ସମ୍ୟାନ ଗ୍ରାଣ୍ଟ ଫ୍ଲାୱାର ଏକଥା କହିଛନ୍ତି। ସୂଚନାଯୋଗ୍ୟ, ନିକଟରେ ସ୍ପୋର୍ଟ୍ସ ଆଣ୍ଡ ରିକ୍ରିଏଶନ କମିଟି (ଏସଆରସି) ଦ୍ୱାରା ଜିମ୍ବାୱେ ବୋର୍ଡର ନବନିର୍ବାଚିତ ସଦସ୍ୟମାନଙ୍କୁ ସସ୍‌ପେଣ୍ଡ କରାଯାଇଛି। ଏହାଦ୍ୱାରା ସରକାରୀ ହସ୍ତକ୍ଷେପ ହୋଇଛି ଏବଂ ଏହାର ସମ୍ବିଧାନ ଉଲ୍ଲଂଘନ କରାଯାଇଛି ବୋଲି ଦର୍ଶାଇ ଆଇସିସି ଜିମ୍ବାୱେ କ୍ରିକେଟକୁ ସସ୍‌ପେଣ୍ଡ କରିଛି। ଆଇସିସି କିନ୍ତୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ବିଭିନ୍ନ ଦିଗରୁ ବିଚାର କରି ଦେଖିବା ଉଚିତ୍ ଥିଲା ବୋଲି ଫ୍ଲାୱାର କହିଛନ୍ତି, ମୁଁ ଯାହା ଜାଣିଛି, ଏସ୍‌ଆର୍‌ସି ଏକ ସର୍ବସାଧାରଣ ସଂସ୍ଥା, ସରକାରୀ ସଂସ୍ଥା ନୁହେଁ। ଜିମ୍ବାୱେ କ୍ରିକେଟ ପ୍ରଶାସନରେ ସୁଧାର ଆଣିବା ଦିଗରେ ଏସ୍‌ଆରସି ବୋଧହୁଏ କୌଣସି ଗଠନ ମୂଳକ ପଦକ୍ଷେପ ଗ୍ରହଣ କରିପାରେ।

# ମିକ୍ସଡ ଡବଲ୍ସରୁ ଭାରତକୁ ୩ୟ ସ୍ୱର୍ଣ୍ଣ

**ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ**

■ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରରେ ଶରଥ କମଲଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କଲେ କୋଏନ

କଟକ ଅଫିସ,୨୧।୭

ରାଜ୍ୟଗୋଷ୍ଠୀ ଟେବୁଲ ଟେନିସର ୨୧ତମ ସଂସ୍କରଣରେ ଭାରତ ମିକ୍ସଡ ଡବଲ୍ସ ଇଭେଣ୍ଟରୁ ତୃତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛି । ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ପ୍ରତିଯୋଗିତାର ମିକ୍ସଡ ଡବଲରେ ଜି. ସାଥିୟାଁ ଓ ଅର୍ଚ୍ଚନା କାମଥଙ୍କ ଯୋଡ଼ି ରବିବାର ଚାମ୍ପିୟନ ହୋଇଛନ୍ତି । ପୂର୍ବରୁ ଦଳଗତ ଇଭେଣ୍ଟରେ ଭାରତ ଉଭୟ ପୁରୁଷ ଓ ମହିଳା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲା ।

ସିଙ୍ଗାପୁରର ପେଙ୍ଗ ୟୁ ଏନ କୋଏନ ଓ ଗୋଇ ରୁଇ ଜୁଆନଙ୍କୁ ଫାଇନାଲ ମୁକାବିଲାରେ ସାଥିୟାଁ-ଅର୍ଚ୍ଚନା ୧୧-୧, ୧୧-୭ ଓ ୧୧-୪ ଗେମରେ ସିଧାସଳଖ ପରାସ୍ତ କରି ଏହି ସଫଳତା ପାଇଛନ୍ତି । ପୂର୍ବରୁ ସେମିଫାଇନାଲରେ ସାଥିୟାଁ-ଅର୍ଚ୍ଚନା ଭାରତର ଅନ୍ୟଏକ ଯୋଡ଼ି ହରମିତ ଦେଶାଇ-ଆହିକା ମୁଖାର୍ଜୀଙ୍କୁ ୧୧-୨, ୧୧-୨, ୧୧-୯ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ । ଶରଥ କମଲ-ଶ୍ରୀଜା ଆକୁଲାଙ୍କ ଯୋଡ଼ି ସେମିଫାଇନାଲରୁ ବାଦ ପଡ଼ିଥିଲା। ଫଳରେ ସେମିଫାଇନାଲରେ ପରାଜିତ ଦୁଇ ଯୋଡ଼ିଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ପୁରୁଷ ଡବଲ୍ସରେ ଭାରତର ଦୁଇ ଯୋଡ଼ି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଏହି ଦୁଇ ଯୋଡ଼ି ହେଲେ ଶରଥ କମଲ-ଜି ସାଥିୟାଁ ଓ ଆଣ୍ଟୋନୀ ଅମଲରାଜ-ମାନଭ ଠାକର । ସୋମବାର ଖେଳାଯିବାକୁ ଥିବା ଫାଇନାଲରେ ଶରଥ-ସାଥିୟାଁ ସିଙ୍ଗାପୁରକୁ ଓ ଆଣ୍ଟୋନୀ-ମାନଭ ଇଂଲଣ୍ଡ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଭେଟିବେ। ମହିଳା ଡବଲ୍ସରେ ପୂଜା ସହସ୍ରବୁଦ୍ଧି-କ୍ରୀତିକା ସିଂ ରୟ, ଶ୍ରୀଜା ଆକୁଲା-ମୌସୁମୀ ପଲ, ସୁତୀର୍ଥ ମୁଖାର୍ଜୀ-ଆହିକା ମୁଖାର୍ଜୀ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଟପସିଡେଡ ଖେଳାଳି ମାଧୁରିକା ପାଟେକର-ଅର୍ଚ୍ଚନା କାମଥ ସିଙ୍ଗାପୁର ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ହାରି ସେମି ଦୌଡ଼ରୁ ବାଦ ପଡ଼ିଛନ୍ତି । ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗିଲ୍ସ କ୍ୱାର୍ଟରଫାଇନାଲରେ ଜି ସାଥିୟାଁ ୧୧-୭, ୧୧-୮, ୧୧-୮, ୧୧-୬ରେ ନାଇଜେରିଆର ବୋଡେ ଆବିଦୁନଙ୍କୁ, ହରମିତ ଦେଶାଇ ୧୧-୪, ୧୧-୮, ୬-୧୧, ୧୧-୭, ୧୧-୮ ଗେମରେ ସୁସ୍ମିତ ଶ୍ରୀରାମଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ଶରଥ କମଲ ସିଙ୍ଗାପୁରର ପାଙ୍ଗ ୟୁ ଏନ କୋଏନଙ୍କଠାରୁ ପରାସ୍ତ ହୋଇ ନିରାଶ କରିଛନ୍ତି। ମହିଳା ସିଙ୍ଗିଲ୍ସ ଇଭେଣ୍ଟରେ ଭାରତୀୟ ଖେଳାଳିଙ୍କ ପତିଆରା ଦେଖିବାକୁ ମିଳିଛି । ଏହି ବିଭାଗର କ୍ୱାର୍ଟର ଫାଇନାଲରେ ଆହିକା ମୁଖାର୍ଜୀ, ଶ୍ରୀଜା ଆକୁଲା, ମାଧୁରିକା ପାଟେକର ବିଜୟୀ ହୋଇ ସେମିରେ ପ୍ରବେଶ କରିଛନ୍ତି । ଅର୍ଚ୍ଚନା କାମଥ ଇଂଲଣ୍ଡର ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପରାସ୍ତ ହୋଇଛନ୍ତି ।



କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ମିକ୍ସଡ ଡବଲ୍ସରେ ରୌପ୍ୟ ପଦକ ବିଜୟୀ ସିଙ୍ଗାପୁର ଏବଂ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ଖେଳାଳିମାନେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆର କର୍ମକର୍ତ୍ତା।

### ବିବେକ କୋହଲି ସିଟିଟିଏଫ୍ ଅଧ୍ୟକ୍ଷ ନିର୍ବାଚିତ

କଟକ,୨୧।୭

ଭାରତର ବିବେକ କୋହଲି ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ୍ ଫେଡେରେଶନ (ସିଟିଟିଏଫ୍) ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ସେହିପରି ଏମ୍.ପି. ସିଂ ସିଟିଟିଏଫ୍‌ର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। କଟକରେ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍ ଚାଲୁରହିଥିବା ବେଳେ ଶନିବାର ଭୁବନେଶ୍ୱରରେ ଫେଡେରେଶନର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନରେ କୋହଲି ବହୁ ବ୍ୟବଧାନରେ ଇଂଲଣ୍ଡର ଆଲାନ ରାନସମଙ୍କୁ ପରାସ୍ତ କରିଥିଲେ। କୋହଲି ୨୨ଖଣ୍ଡ ଭୋଟ ପାଇଥିବା ବେଳେ ଆଲାନ ୬ଟି ଭୋଟ ପାଇଥିଲେ। ତେବେ ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ (ଟିଟିଏଫ୍‌ଆଇ) ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟରତ ଥିବା ଏମ୍.ପି. ସିଂ ସର୍ବସମ୍ମତି କ୍ରମେ ଫେଡେରେଶନର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ପୂର୍ବରୁ ଦୁଷ୍ମନ୍ତ ଚୌତାଲା ଟିଟିଏଫ୍‌ଆଇ ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରଥମଥର ପାଇଁ ସିଟିଟିଏଫ୍‌ର ସବୁ ୩ଟି ଯାକ ଗୁରୁତ୍ୱପୂର୍ଣ୍ଣ ପଦରେ ଭାରତୀୟ ମାନେ ଦାୟିତ୍ୱରେ ରହିଛନ୍ତି।

### କଟକରେ ହୋଇପାରେ ଇଣ୍ଡିଆ ଓପନ ଟେବୁଲ ଟେନିସ

କଟକ ଅଫିସ,୨୧।୭

ଓଡ଼ିଶା ପୁଣି ଏକ ବିଶ୍ୱସ୍ତରୀୟ ଟେବୁଲ ଟେନିସ ଟୁର୍ନାମେଣ୍ଟ ଆୟୋଜନ କରିବା ସମ୍ଭାବନା ସୃଷ୍ଟି ହୋଇଛି। ଆଗାମୀ ଇଣ୍ଡିଆ ଓପନ ଟେବୁଲ ଟେନିସ ଏଠାରେ ହେବାର ଯୋଜନା ରହିଛି ବୋଲି ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ(ଟିଟିଏଫ୍‌ଆଇ)ର ପରାମର୍ଶଦାତା ଧନରାଜ ଚୌଧୁରୀ ସୂଚନା ଦେଇଛନ୍ତି । ଏ ନେଇ ରାଜ୍ୟ ସରକାରଙ୍କୁ ଟିଟିଏଫଆଇ ପକ୍ଷରୁ ଖୁବଶୀଘ୍ର ପ୍ରସ୍ତାବ ଦିଆଯିବ। କଟକର ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମକୁ ଭେନ୍ୟୁ ଭାବେ ଏହି ପ୍ରସ୍ତାବରେ ଦର୍ଶାଯିବ ବୋଲି ଧନରାଜ କହିଛନ୍ତି । ଗତ ୧୭ରୁ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟଗୋଷ୍ଠୀ ଟିଟି ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହେବ। ପ୍ରତିଯୋଗିତାରେ ମୋଟ ୧୪ଟି ରାଷ୍ଟ୍ର ଅଂଶ ଗ୍ରହଣ କରିଛନ୍ତି। ଟେବୁଲ ଟେନିସର ଏହି ମେଗା ପ୍ରତିଯୋଗିତାକୁ ଆୟୋଜନ କରିବାରେ ଟିଟିଏଫଆଇ ଓ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ(ଓଏସ୍‌ଟିଟିଏ) ଗୁରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଟୁର୍ନାମେଣ୍ଟ ଆୟୋଜନ ନେଇ ଖେଳାଳି ଓ ମ୍ୟାଚ୍ ଅଫିସିଆଲ ମାନେ ସନ୍ତୋଷ ପ୍ରକାଶ କରିଛନ୍ତି। ଫଳରେ ଟିଟିଏଫଆଇ ଏଠାରେ ଆଗାମୀ ଇଣ୍ଡିଆନ ଓପନ ଟିଟି ଟୁର୍ନାମେଣ୍ଟ ଆୟୋଜନ ପାଇଁ ଚିନ୍ତା କରୁଛି।

### ଗ୍ୟାଲେରି ଫୁଲ୍



ଟୁର୍ନାମେଣ୍ଟକୁ ୫ଦିନ ପୂରଣ ହୋଇଥିବା ବେଳେ ରବିବାର ଗ୍ୟାଲେରିରେ ଯେପରି ଦର୍ଶକ ଦେଖିବାକୁ ମିଳିଥିଲେ ତାହା କେବେ ବି ପୂର୍ବରୁ ଘଟି ନଥିଲା । ସ୍ୱତଃସ୍ଫୂର୍ତ୍ତଭାବେ ଅନେକ ଲୋକ ଷ୍ଟାଡିୟମରେ ଉପସ୍ଥିତ ଥିଲେ । ତେବେ ଏହା ରବିବାର ତଥା ଛୁଟିଦିନର ପ୍ରଭାବ ବୋଲି ଆଲୋଚନା ହେଉଛି। ଦର୍ଶକରେ ଭର୍ତ୍ତି ଗ୍ୟାଲେରି ଗୁଡ଼ିକ ଖେଳାଳିମାନଙ୍କୁ ଉତ୍ସାହିତ କରିବାର ଖୋରାକ ମଧ୍ୟ ଯୋଗାଇଥିଲା । ଏହାଛଡ଼ା ରାଜ୍ୟ ସଂଘ ପକ୍ଷରୁ ଅନେକ କ୍ରୀଡ଼ାପ୍ରେମୀଙ୍କୁ ଷ୍ଟାଡିୟମ ଗେଟ ସମ୍ମୁଖରେ କମ୍ପ୍ଲିମେଣ୍ଟାରୀ ଟିକେଟ ପ୍ରଦାନ କରାଯାଇଥିଲା । ସୋମବାର ଉଦ୍‌ଯାପନୀ ଦିବସରେ ଏହି ଭିଡ଼ ବଜାୟ ରହିବ ବୋଲି ଆଶା କରାଯାଉଛି ।

### ବାଂଲାଦେଶ ଅଧିନାୟକଙ୍କ ଅଭିଯୋଗ

ଟୁର୍ନାମେଣ୍ଟରେ ଏକ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ବାଂଲାଦେଶ ଦଳର ଅଧିନାୟକ ମାନସ ଚୌଧୁରୀ। ରେଫରିଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ତାଙ୍କୁ ପରାଜୟ ବରଣ କରିବାକୁ ପଡ଼ିଛି ବୋଲି ମାନସ କହିଛନ୍ତି। ୱେଲ୍ସ ବିପକ୍ଷ ମ୍ୟାଚ୍‌ରେ ସେ ଭଲ ପ୍ରଦର୍ଶନ କରୁଥିବା ବେଳେ ରେଫରି ତାଙ୍କୁ ଭୁଲ ସର୍ଭିସ ଦର୍ଶାଇ ୱେଲସ ଖେଳାଳିଙ୍କୁ ପଏଣ୍ଟ ଦେଇଥିଲେ। ତାହା ମ୍ୟାଚ୍ ଫଳାଫଳ ଉପରେ ଭାରି ପଡ଼ିଥିଲା ବୋଲି ସେ କହିଥିଲେ । ଏ ନେଇ ଟିଟିଏଫଆଇର ପରାମର୍ଶଦାତା ଧନରାଜ ଚୌଧୁରୀଙ୍କୁ ପଚାରିବାରୁ ସେ କହିଥିଲେ, ଆମ ନିକଟରେ ବାଂଲାଦେଶ ଦଳ ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ ।

### ୱାକାୱାକା ଗୀତରେ ନାଚିଲେ ଖେଳାଳି

୨୦୧୦ ଫିଫା ବିଶ୍ୱକପ୍‌ର ଅଫିସିଆଲ ଗୀତ ୱାକାୱାକା ଫର ଆଫ୍ରିକା ଷ୍ଟାଡିୟମର ପରିବେଶକୁ ଝୁମାଇଥିଲା। ବିଶ୍ୱସ୍ତରୀୟ କଣ୍ଠଶିଳ୍ପୀ ସାକିରାଙ୍କ ଏହି ଗୀତକୁ ଅଧିକମାତ୍ରାରେ ବିଦେଶୀ ଖେଳାଳି ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା । ଏପରିକି ଇଂଲଣ୍ଡ ମହିଳା ଦଳର ଖେଳାଳି ଗ୍ୟାଲେରିରେ ଏହି ଗୀତରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ସୋନା ମହାପାତ୍ରଙ୍କ ଓଡ଼ିଆ ଗୀତ ରଙ୍ଗବତୀ ମଧ୍ୟ ପରିବେଷଣ କରାଯାଇଥିଲା ।

ଜାତୀୟ ସିନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍

## ଓଡ଼ିଶା ମହିଳା ଦଳକୁ ରୌପ୍ୟ

ଭୁବନେଶ୍ୱର, ୨୧।୭(କ୍ରୀଡ଼ା ପ୍ରତିନିଧି)

ବିହାରର ପାଟଣାସ୍ଥିତ ପାଟଳିପୁତ୍ର ଷ୍ଟାଡିୟମରେ ଜାତୀୟ ସିନିୟର ରଗ୍‌ବୀ ସେଭେନ୍ସ (ମହିଳା/ପୁରୁଷ) ଚାମ୍ପିୟନଶିପ୍ ରବିବାର ଶେଷ ହୋଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାର ମହିଳା ବିଭାଗରେ ଓଡ଼ିଶା ରୌପ୍ୟ ପଦକ ହାସଲ କରିଥିବାବେଳେ ପୁରୁଷ ଦଳ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ମହିଳା ବିଭାଗ ଫାଇନାଲରେ ଓଡ଼ିଶା ଦଳ ୧୨-୧୭ ପଏଣ୍ଟରେ ବିହାରଠାରୁ ପରାସ୍ତ ହୋଇ ରନର୍ସଅପ୍ ଟ୍ରଫି ହାସଲ କରିଥିଲା। ଏହା ଜାତୀୟ ସିନିୟର ରଗ୍‌ବୀ ୩୬ତମ ନ୍ୟାଶନାଲ ଗେମ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଭାବେ ପରିଚିତ। ଏହା ବ୍ୟତୀତ ଏସିଆ ରଗ୍‌ବୀ ସେଭେନ୍ସ ଟ୍ରଫି ପାଇଁ ଭାରତୀୟ କ୍ୟାମ୍ପ୍‌କୁ ଏହି ପ୍ରତିଯୋଗିତାରୁ ଖେଳାଳି ଚୟନ ହେବା କାର୍ଯ୍ୟକ୍ରମ ରହିଛି। ଏସିଆ ରଗ୍‌ବୀ ସେଭେନ୍ସ (ମହିଳା/ପୁରୁଷ) ପ୍ରତିଯୋଗିତା ଅଗଷ୍ଟ ୧୦ ଓ ୧୧ ଦୁଇଦିନ ଧରି ଅନୁଷ୍ଠିତ ହେବ।

**ଓଡ଼ିଶା ମହିଳା ଦଳ**

ମଞ୍ଜୁଲତା ପ୍ରଧାନ, ପୁନମ ସିଂ, ରଜନୀ ଶବର, ସୋନି ମନ୍ଦାଙ୍ଗି, ପାର୍ବତୀ କିସ୍କୁ, ଜେନାମଣି ନାୟକ, ସୁମିତ୍ରା ନାୟକ, ହୁପି ମାଝି(ଅଧିନାୟିକା), ଦୁମୁନି ମାରାଣ୍ଡି, ତନୟା ଶବର, ବାସନ୍ତୀ ପାଙ୍ଗି, ମମତା ପାତ୍ରୋ।



କର୍ମକର୍ତ୍ତାଙ୍କ ସହ ରୌପ୍ୟ ବିଜୟୀ ଓଡ଼ିଶା ଦଳର ଖେଳାଳିମାନେ।

## ରାୟୁଡୁଙ୍କ ପ୍ରତି ପକ୍ଷପାତିତା ହୋଇନାହିଁ: ପ୍ରସାଦ

ମୁମ୍ବାଇ,୨୧।୭(ପି.ଟି)

ବିଶ୍ୱକପ୍‌ରେ ବାରମ୍ବାର ଉପେକ୍ଷିତ ହେବା ପରେ ଭାରତୀୟ ଦଳର ଅଲରାଉଣ୍ଡର ଅମ୍ବାତି ରାୟୁଡୁ କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ବିଶ୍ୱକପ୍ ପୂର୍ବରୁ ଘୋଷିତ ଭାରତୀୟ ସ୍କ୍ୱାଡରେ ସ୍ଥାନ ନ ମିଳିବା ପରେ ରାୟୁଡୁଙ୍କ ବିବାଦୀୟ 'ଥ୍ରୀ-ଡି' ଟୁଇଟ୍ ତାଙ୍କ କ୍ୟାରିୟର ଶେଷ କରି ଦେଇଥିବା କୁହାଯାଉଛି। ତେବେ ରାୟୁଡୁ ବିଶ୍ୱକପ୍ ସ୍କ୍ୱାଡରୁ ବାଦ ପଡ଼ିବାକୁ ନେଇ ତାଙ୍କ ପ୍ୟାନେଲକୁ ଦୋଷାରୋପ କରାଯାଇପାରିବ ନାହିଁ ଓ ତାଙ୍କ ପ୍ୟାନେଲ ଏ ନେଇ କୌଣସି ପକ୍ଷପାତ କରିନାହିଁ ବୋଲି ବିସିସିଆଇ ଚୟନ କମିଟି ଅଧ୍ୟ ଏମ୍‌ଏସ୍‌କେ ପ୍ରସାଦ କହିଛନ୍ତି। ଚଳିତ ବର୍ଷ ଜାନୁୟାରୀ ପର୍ଯ୍ୟନ୍ତ ଏହି ହାଇଦ୍ରାବାଦ କ୍ରିକେଟରଙ୍କୁ ବିଶ୍ୱକପ୍‌ରେ ଭାରତୀୟ ଦଳର ନଂ-୪ ବ୍ୟାଟ୍ସମ୍ୟାନ ଭାବେ ଗଣନା କରାଯାଉଥିଲା। ମାତ୍ର ତାମିଲନାଡୁ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ପ୍ରସାଦ ସମସ୍ତ ୩ଟି ବିଭାଗର ଭଲ ଖେଳାଳି ବିବେଚନା କରିବାରୁ ରାୟୁଡୁଙ୍କୁ ଦଳରେ ସ୍ଥାନ ହରାଇବାକୁ ପଡ଼ିଥିଲା। ଆହତ ଶିଖର ଧାୱନ କିମ୍ବା ବିଜୟ ଶଙ୍କରଙ୍କ ସ୍ଥାନରେ ତାଙ୍କ ବଦଳରେ ଚୟନକର୍ତ୍ତା ରିଷଭ ପନ୍ତ ଓ ମୟଙ୍କ ଅଗ୍ରୱାଲଙ୍କୁ ଇଂଲଣ୍ଡ ପଠାଇଥିଲେ। ଏଥିଲାଗି ଶେଷରେ ରାୟୁଡୁ ବିଶ୍ୱକପ୍ ଚାଲିଥିବାବେଳେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ତେବେ ରାୟୁଡୁଙ୍କ ଏହି ଟୁଇଟ୍ ସମ୍ପର୍କରେ ପ୍ରସାଦଙ୍କୁ ପ୍ରଶ୍ନ କରାଯିବାରୁ ସେ କହିଛନ୍ତି ଯେ, ଏହା ଏକ ସୁନ୍ଦର ଟୁଇଟ୍, ଠିକ ସମୟରେ ହୋଇଥିଲା ଓ ସେ ଏହାକୁ ବେଶ ଉପଭୋଗ କରିଥିଲେ। ମାତ୍ର ଏହା ତାଙ୍କୁ ଆଦୌ ଆଘାତ କରି ନ ଥିଲା ବୋଲି ପ୍ରସାଦ କହିଛନ୍ତି। ୨୦୧୭-୧୮ ସିଜନରେ ସେ ଟି-୨୦ରେ ଭଲ ଖେଳିଥିଲେ। ଏଥିଲାଗି ତାଙ୍କୁ ଦଳରେ ସାମିଲ କରାଯାଇଥିଲା। ଏମିତି କି ୟୋ ୟୋ ଟେଷ୍ଟରେ ବିଫଳ ହୋଇଥିଲେ ମଧ୍ୟ ଚୟନକର୍ତ୍ତା ତାଙ୍କୁ ସାଥ ଦେଇଥିଲେ ଓ ଏକମାସ ଫିଟନେସ ଟ୍ରେନିଂ ଲାଗି ପଠାଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କ ପ୍ରଦର୍ଶନ ଯୋଗୁ ସେ ବିଶ୍ୱକପ ସ୍କ୍ୱାଡ୍‌ରୁ ବାଦ୍ ପଡ଼ିଥିଲେ ବୋଲି ପ୍ରସାଦ କହିଛନ୍ତି। ଅନ୍ୟପକ୍ଷରେ ଶିଖର ଆହତ ହେବା ପରେ ଟିମ୍ ମ୍ୟାନେଜମେଣ୍ଟ ଜଣେ ବାମହାତୀ ବ୍ୟାଟ୍ସମ୍ୟାନ ଚାହିଁଥିଲା। ସେହିପରି କେଏଲ୍ ରାହୁଲ ଫିଲ୍ଡିଂ କରୁଥିବା ବେଳେ ଆହତ ହୋଇଥିବା ବେଳେ ବିଜୟ ଶଙ୍କରଙ୍କ ସ୍ଥାନରେ ଆଉ ଜଣେ ଓପନରଙ୍କୁ ପଠାଇବାକୁ ଟିମ୍ ମ୍ୟାନେଜମେଣ୍ଟ କହିଥିଲା, ଯେଉଁଥିଲାଗି ରିଷଭ ଓ ମୟଙ୍କ ଇଂଲଣ୍ଡ ଯାଇଥିଲେ ବୋଲି ପ୍ରସାଦ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ପ୍ରସାଦଙ୍କ ଫିଟନେସ୍ ଟିପ୍ପଣୀକୁ ନେଇ ପ୍ରଶ୍ନ କରିଛନ୍ତି। ଜାତୀୟ ଦଳ ଚୟନ ଲାଗି ଫିଟ୍‌ନେସକୁ ମାପଦଣ୍ଡ ଭାବେ ଗ୍ରହଣ କରାଯିବା ସମ୍ପର୍କରେ ପ୍ରସାଦଙ୍କ ଟିପ୍ପଣୀକୁ ସେ ଖଣ୍ଡନ କରିଛନ୍ତି। ଏହି ମାପଦଣ୍ଡ ସମ୍ପର୍କରେ କିଏ ନିଷ୍ପତ୍ତି ନେଇଛନ୍ତି ଓ ସେ ବିଧିବଦ୍ଧ ଭାବେ ଜଣାଇଛନ୍ତି କି, ଯଦି ବିସିସିଆଇ ପକ୍ଷରୁ ଏଭଳି ମାପଦଣ୍ଡ ସମ୍ପର୍କରେ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନ ଥିଲା କିମ୍ବା ଆଲୋଚନା ବା ସ୍ୱୀକୃତୀ ଦିଆଯାଇ ନଥିଲା ତେବେ ଏଥିରେ ଜଣେ କେମିତି ଫେଲ୍ ହେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିରୁ ଅନୁମେୟ ଯେ ଚୟନକର୍ତ୍ତା ଏଭଳି ଟିପ୍ପଣୀ ଦେବା ପୂର୍ବରୁ ସମସ୍ତ ବିଷୟ ଉପରେ ଯାଞ୍ଚ କରି ନାହାନ୍ତି।

## ପ୍ରଥମ ଦିନିକିଆରେ ଭାରତ ବିଜୟୀ



ମ୍ୟାନ ଅଫ ଦି ମ୍ୟାଚ ସୁନୀଲ ରମେଶ ବ୍ୟାଟିଂ କରୁଛନ୍ତି।

**ଦୃଷ୍ଟିହୀନ କ୍ରିକେଟ**

ଭୁବନେଶ୍ୱର, ୨୧।୭(କ୍ରୀଡ଼ା ପ୍ରତିନିଧି)

ସମ୍ପ୍ରତି କାରିବିୟନ ଗସ୍ତରେ ଥିବା ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳ ବିଜୟ ସହ ଏହାର ଅଭିଯାନ ଆରମ୍ଭ କରିଛି। ରବିବାର ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚରେ ଦଳ ୮ ଉଇକେଟରେ ଜାମାଇକାକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜାମାଇକା ୨୫.୩ ଓଭରରେ ୧୧୭ ରନ କରି ଅଲଆଉଟ ହୋଇ ଯାଇଥିଲା। ଭାରତ ପକ୍ଷରୁ ଅଧିନାୟକ ଅଜୟ ରେଡ୍ଡୀ ସର୍ବାଧିକ ୩ଟି ଏବଂ ସୋନୁ ଓ ସୁନୀଲ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ସୁନୀଲ ରମେଶଙ୍କ ଅପରାଜିତ ୯୦(୩୯ ବଲ୍) ରନ ସହାୟତାରେ ମାତ୍ର ୮.୧ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଏହି ବିଜୟ ସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀଲାଭ କରିଛି।

**ସଂକ୍ଷିପ୍ତ ସ୍କୋର**

ଜାମାଇକା ୨୫.୩ ଓଭରରେ ୧୧୭/ଅଲଆଉଟ(ଗ୍ରାହାମ-୨୫, ଜେମ୍ସ-୨୪, ଅଜୟ-୩/୨୫, ସୋନୁ-୨/୫, ସୁନୀଲ-୨/୭)। ଭାରତ ୮.୧ ଓଭରରେ ୧୧୮/୨(ସୁନୀଲ-୯୦*, ଷ୍ଟିୱାର୍ଟ-୨/୩୫) ମ୍ୟାନ ଅଫ ଦି ମ୍ୟାଚ: ସୁନୀଲ ରମେଶ



ଆଇସିସି ବିଶ୍ୱକପ୍ ଫାଇନାଲରେ ଓଭର ଥ୍ରୋ ପାଇଁ ୬ ରନ ଦେଇ ମୁଁ ଭୁଲ କରିଥାଇପାରେ, କିନ୍ତୁ ଏହି ନିଷ୍ପତ୍ତି ପାଇଁ ଅନୁତପ୍ତ ନୁହେଁ ।
–କୁମାର ଧର୍ମସେନା, ଅମ୍ପାୟର



ମହେନ୍ଦ୍ର ସିଂ ଧୋନୀଙ୍କ ଅବସର ତାଙ୍କ ଉପରେ ନିର୍ଭର କରେ, କିନ୍ତୁ ଯୁବ ଖେଳାଳି ରିଷଭ ପନ୍ତ ପରବର୍ତ୍ତୀ ପସନ୍ଦ ଉଇକେଟକିପର ।
–ଏମ୍.ଏସ୍.କେ. ପ୍ରସାଦ, ସିଲେକ୍ସନ କମିଟି ଚେୟାରମ୍ୟାନ

## ସଂକ୍ଷେପରେ

### ୧୯ ବର୍ଷରୁ କମ୍ ତ୍ରିକୋଣୀୟ ସିରିଜ୍: ଇଂଲଣ୍ଡକୁ ହରାଇଲା ଭାରତ

**ୱର୍ସେଷ୍ଟର,୨୧।୭(ପି.ଟି.):** ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ତ୍ରିକୋଣୀୟ ସିରିଜ୍‌ରେ ବୋଲରଙ୍କ ଘାତକ ବୋଲିଂ ପରେ ଓପ୍‌ନର ଯଶସ୍ୱୀ ଜୟଶ୍ୱାଲଙ୍କ ଅର୍ଦ୍ଧଶତକୀୟ ଇନିଂସ ଯୋଗୁ ଭାରତୀୟ ଦଳ ୫ ଉଇକେଟରେ ଇଂଲଣ୍ଡକୁ ହରାଇ ଦେଇଛି। ଭାରତୀୟ ବୋଲରଙ୍କ ମାପଚୁପ ବୋଲିଂ ଯୋଗୁ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୪୬.୩ ଓଭରରେ ୨୦୪ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। କାର୍ତ୍ତିକ ତ୍ୟାଗି ଓ ରବି ବିଷ୍ଣୋଇ ୩ଟି ଲେଖାଏ ଉଇକେଟ ନେଇଥିବାବେଳେ ଏସ୍. ମିଶ୍ରା ଓ ଭି. ପାଟିଲ ପ୍ରତ୍ୟେକେ ୨ କରି ଉଇକେଟ ହାତେଇଥିଲେ। ଜବାବରେ ଜୟଶ୍ୱାଲ ୧୧୫ ବଲରୁ ଧୈର୍ଯ୍ୟପୂର୍ଣ୍ଣ ୭୮ ରନ୍‌ର ଇନିଂସ ବଳରେ ଭାରତ ୩୯.୨ ଓଭରରେ ୫ ଉଇକେଟ ବିନିମୟରେ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପାଇଁ ଦିବ୍ୟାଂଶ ସକ୍ସେନା ୪୩ ଓ ପ୍ରିୟମ ଗାର୍ଗ ୩୮ ରନ୍ କରିଥିଲେ।

### ସିମନ ୟେଟ୍ସ ୧୫ତମ ଷ୍ଟେଜ୍ ବିଜେତା

**ଫୋଇକ୍ସ (ଫ୍ରାନ୍ସ), ୨୧।୭:** ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ୧୫ତମ ଷ୍ଟେଜ୍ ଲିମୋକ୍ସଠାରୁ ୧୮୫ କିଲୋମିଟର ଦୀର୍ଘ ପାର୍ବତ୍ୟ ପଥରେ ହୋଇଥିଲା। ଏଥିରେ ବ୍ରିଟେନର ସିମନ ୟେଟ୍ସ ବିଜୟୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ଏହି ରେସ୍‌ରେ ପାଇରେନିନ୍ ପର୍ଯ୍ୟାୟ ପରେ ଫ୍ରେଞ୍ଚ ରାଇଡର ଥିବଟ୍ ପିନଟ ସିମନଙ୍କୁ କଡ଼ା ଟକ୍କର ଦେଇଥିଲେ। ମାତ୍ର ସେ ୩୩ସେକେଣ୍ଡ ପଛରେ ଦ୍ୱିତୀୟ ସ୍ଥାନରେ ରହିଯାଇଥିଲେ। ଫ୍ରାନ୍ସର ଜୁଲିଆନ ଆଲାଫିଲିପ୍ ଓଭରାଲ ଲିଡର ଭାବେ ୟଲୋ ଜର୍ସି ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ ଜେରେଣ୍ଟ ଥୋମାସ ରେସ୍‌ରେ ପଛରେ ପଡ଼ିଯାଇଥିଲେ। ସୋମବାର ହେଉଛି ବିଶ୍ରାମ ଦିବସ। ଓଭରାଲ ଟେବୁଲରେ ଥୋମାସଙ୍କଠାରୁ ୧:୩୫ ବ୍ୟବଧାନରେ ଆଲାଫିଲିପ୍ ପ୍ରଥମ ସ୍ଥାନରେ ରହିଥିବା ବେଳେ ଡଚ୍ ରାଇଡର ଷ୍ଟିଭେନ କ୍ରୁଇଜ୍‌ସିକ୍ ୧:୪୭ ବ୍ୟବଧାନରେ ତୃତୀୟ ଏବଂ ପିନଟ ୧:୫୦ ବ୍ୟବଧାନରେ ଚତୁର୍ଥ ସ୍ଥାନରେ ରହିଥିଲେ।

### ପେସ୍-ଡାନିଏଲଙ୍କ ବିଦାୟ

**ନ୍ୟୁପୋର୍ଟ,୨୧।୭(ପି.ଟି.):** ଭେଟେରାନ ଲିଆଣ୍ଡର ପେସ୍ ଓ ତାଙ୍କ ନ୍ୟୁଜିଲାଣ୍ଡ ସାଥୀ ଖେଳାଳି ମାର୍କସ ଡାନିଏଲଙ୍କ ପୁରୁଷ ଡବଲ୍ସ ଯୋଡ଼ି ଏଠାରେ ଚାଲିଥିବା ହଲ ଅଫ୍ ଫେମ୍ ଟେନିସ୍ ଟୁର୍ନାମେଣ୍ଟର ସେମିଫାଇନାଲରୁ ବିଦାୟ ନେଇଛନ୍ତି। ୩ୟ ସିଡ୍ ପେସ୍ ଓ ଡାନିଏଲ ୬-୩, ୬(୮)-୭, ୯-୧୧ ସେଟ୍‌ରେ ମାର୍ସେଲ ଗ୍ରାନୋଲର୍ସ ଓ ସର୍ଗି ଷ୍ଟଖୋଭସ୍କିଙ୍କଠାରୁ ପରାସ୍ତ ହୋଇଛନ୍ତି। ୨୦୦୬ ପରେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ପେସ୍ କୌଣସି ଏଟିପି ଟୁର୍ନାମେଣ୍ଟର ସେମିଫାଇନାଲିଷ୍ଟ ହୋଇପାରିଛନ୍ତି। ୨୦୦୬ରେ ୪୭ ବର୍ଷୀୟ ଜନ ମ୍ୟାକ୍‌ନର ସାନ ଜୋସ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିଲେ। ଚଳିତ ସିଜନରେ ଏହା ପେସ୍‌ଙ୍କ ୪ର୍ଥ ସେମିଫାଇନାଲ ପରାଜୟ।

# ୱେଷ୍ଟଇଣ୍ଡିଜ ଗସ୍ତ ପାଇଁ ଦଳ ଘୋଷିତ

**ମୁମ୍ବାଇ,୨୧।୭(ପି.ଟି.)**

ଆଗାମୀ ୱେଷ୍ଟଇଣ୍ଡିଜ ଗସ୍ତ ପାଇଁ ୩ଟି ଯାକ ଫର୍ମାଟ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ମୁଖ୍ୟ ଚୟନକର୍ତ୍ତା ଏମ୍.ଏସ୍.କେ. ପ୍ରସାଦଙ୍କ ଅଧ୍ୟକ୍ଷତାରେ ରବିବାର ବୈଠକରେ ବସି ଚୟନ କମିଟି ଏହି ଦଳ ଘୋଷଣା କରିଛି। ସିନିୟର ଓପନର ଶିଖର ଧାୱନ ଆଘାତ ସମସ୍ୟାରୁ ମୁକୁଳି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବଲ୍ ବାଜିବା କାରଣରୁ ବୁଢ଼ା ଆଙ୍ଗୁଠିରେ ସେ ଆଘାତ ପାଇଥିଲେ। ଫଳରେ ସେ ବିଶ୍ୱକପ୍ ଅଧାରୁ ଦଳରୁ ବାଦ୍ ପଡିଥିଲେ। ଯୁବ ଲେଗ୍ ସ୍ପିନର ରାହୁଲ ଚହର ଏକମାତ୍ର ନୂଆ ମୁହଁ ଭାବେ ଟି୨୦ ଦଳରେ ସ୍ଥାନ ପାଇଛନ୍ତି। ବିରାଟ କୋହଲି ପୂର୍ବପରି ୩ଟି ଫର୍ମାଟରେ ଦଳରେ ନେତୃତ୍ୱ ନେବେ।

V-GUARD
High-pressure pumps for low-stress water solutions.
Pump
Contact : 9937038335

ଅଭିଜ୍ଞ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀ ପାରମିଲିଟାରୀ ରେଜିମେଣ୍ଟରେ କାର୍ଯ୍ୟ କାରିବା ପାଇଁ ଦୁଇ ମାସ କ୍ରିକେଟରୁ ଦୂରେଇ ରହିବେ ବୋଲି ଘୋଷଣା କରିଥିଲେ। ଫଳରେ ତାଙ୍କ ନାମକୁ ଚୟନକର୍ତ୍ତା ବିଚାରକୁ ନେଇ ନ ଥିଲେ।

ସେହିପରି ଅଭିଜ୍ଞ ଉଇକେଟକିପର ରିଦ୍ଧିମାନ ଶାହ ଟେଷ୍ଟ ଦଳକୁ ଫେରିଛନ୍ତି। ୨୦୧୮ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଅବସରରେ ସେ ଆହତ ହୋଇଥିଲେ ଓ ତାଙ୍କ କାନ୍ଧରେ ଅସ୍ତ୍ରୋପଚାର କରାଯାଇଥିଲା। ଏବେ ସେ ସୁସ୍ଥ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶେଷଥର ପାଇଁ ଶାହ ୨୦୧୮ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟେଷ୍ଟ ଖେଳିଥିଲେ।

ରାଜସ୍ଥାନ ଲେଗ୍ ସ୍ପିନର ଚହର ଗତ ଆଇପିଏଲ୍ ଓ ଘରୋଇ ସେସନରେ ଆକର୍ଷଣୀୟ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଆସ୍ଥାଭାଜନ ହୋଇ ଟି୨୦ ଦଳରେ ସ୍ଥାନ ପାଇଛନ୍ତି। ସେ ଦୀପକ ଚହରଙ୍କ ସମ୍ପର୍କୀୟ ଭାଇ। ଦୀପକ ମଧ୍ୟ ଟି୨୦ ଦଳରେ ସ୍ଥାନ ପାଇଛନ୍ତି। ବିଶ୍ୱକପ୍ ଦଳରୁ କେବଳ ଦୀନେଶ କାର୍ତ୍ତିକ ବାଦ୍ ପଡିଛନ୍ତି। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଛି। କାର୍ଯ୍ୟଭାର କମାଇବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ତେବେ ବୁମ୍‌ରା ଟେଷ୍ଟ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ୫ଟି ଶତକ ହାସଲ କରିଥିବା ରୋହିତ ଶର୍ମାଙ୍କୁ ଟେଷ୍ଟ ଦଳରେ ସାମିଲ କରାଯାଇଛି।

ଅଗଷ୍ଟ ୩ ତାରିଖରୁ ଭାରତ ତା'ର ୱେଷ୍ଟଇଣ୍ଡିଜ ଗସ୍ତ ଆରମ୍ଭ କରିବ। ଏହି ଗସ୍ତରେ ଭାରତ ପ୍ରଥମ ୩ଟି ଟି୨୦, ୩ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଗତ ବିଶ୍ୱକପ୍ ସେମିଫାଇାନଲରେ ନ୍ୟୁଜିଲାଣ୍ଡଠାରୁ ୧୮ ରନରେ ପରାସ୍ତ ହୋଇ ବିଦାୟ ନେବା ପରେ ଭାରତ ପ୍ରଥମ ସିରିଜ ଖେଳିବାକୁ ଯାଉଛି। ହେଡ୍ କୋଚ୍ ରବି ଶାସ୍ତ୍ରୀଙ୍କ ସମେତ ଏବେକାର କୋଚିଂ ଷ୍ଟାଫ୍‌ର କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ୱେଷ୍ଟଇଣ୍ଡିଜ ଗସ୍ତ ସମେତ ଦକ୍ଷିଣ ଆଫ୍ରିକା ଘରୋଇ ସିରିଜ ପର୍ଯ୍ୟନ୍ତ କୋଚିଂ ଷ୍ଟାଫ୍ ଦାୟିତ୍ୱରେ ରହିବ।



ଭାରତୀୟ ଟେଷ୍ଟ ଦଳର ସଦସ୍ୟ (ଉପର ବାମରୁ) ବିରାଟ କୋହଲି , ଅଜିଙ୍କ୍ୟ ରାହାନେ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ରୋହିତ ଶର୍ମା, ମୟଙ୍କ ଅଗ୍ରୱାଲ, ରିଷଭ ପନ୍ତ, ରିଦ୍ଧିମାନ ଶାହ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଇଶାନ୍ତ ଶର୍ମା, ଯଶପ୍ରୀତ ବୁମରା, ଉମେଶ ଯାଦବ, ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ସାମି ଓ ହନୁମା ବିହାରୀ।

**ଅଗଷ୍ଟ ୩ରୁ ୱେଷ୍ଟଇଣ୍ଡିଜ ଟୁର୍**

- ୩ ଫର୍ମାଟ୍‌ରେ ନେତୃତ୍ୱ ବଜାୟ ରଖିଲେ କୋହଲି
- ଶିଖର ଧାୱନ, ରିଦ୍ଧିମାନ ଶାହଙ୍କ ପ୍ରତ୍ୟାବର୍ତ୍ତନ
- ଟି୨୦ ଦଳରେ ରାହୁଲ ଚହର ନୂଆ ମୁହଁ
- ବାଦ୍ ପଡ଼ିଲେ ଦୀନେଶ କାର୍ତ୍ତିକ
- ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିଶ୍ରାମ
- ଉପଲବ୍ଧ ନ ଥିବାରୁ ଧୋନୀଙ୍କ ନାମ ବିଚାରକୁ ନିଆଗଲାନି

**ଟି୨୦ ଦଳ**

ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟକିପର), କ୍ରୁନାଲ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ରାହୁଲ ଚହର, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ଦୀପକ ଚହର ଓ ନବଦୀପ ସଇନି।

**ଦିନିକିଆ ଦଳ**

ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକଶେ ରାହୁଲ, ଶ୍ରେୟାସ ଆୟର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟକିପର), ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, କେଦାର ଯାଦବ, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ ଓ ନବଦୀପ ସଇନି।

**ଟେଷ୍ଟ ଦଳ**

ବିରାଟ କୋହଲି (ଅଧିନାୟକ), ଅଜିଙ୍କ୍ୟ ରାହାନେ (ଉପ-ଅଧିନାୟକ), ମୟଙ୍କ ଅଗ୍ରୱାଲ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ହନୁମା ବିହାରୀ, ରୋହିତ ଶର୍ମା, ରିଷଭ ପନ୍ତ (ଉଇକେଟକିପର), ରିଦ୍ଧିମାନ ଶାହ (ଉଇକେଟକିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଇଶାନ୍ତ ଶର୍ମା, ମହମ୍ମଦ ସାମି, ଯଶପ୍ରୀତ ବୁମରା ଓ ଉମେଶ ଯାଦବ।

## ଆର୍ମି ସହ କଶ୍ମୀରରେ ଟ୍ରେନିଂ ନେବେ ଧୋନୀ

**ନୂଆଦିଲ୍ଲୀ,୨୧।୭**

କ୍ରିକେଟ୍‌ରୁ ୨ମାସ ଦୂରେଇ ରହିବା ସହ ଭାରତୀୟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ନିଜ ଅର୍ଦ୍ଧସାମରିକ ବଳରେ ଯୋଗଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଭାରତୀୟ ସେନା ସହ ଟ୍ରେନିଂ ନେବା ଲାଗି ଧୋନୀ ଅନୁରୋଧ କରିଥିବାବେଳେ ସ୍ଥଳସେନା ମୁଖ୍ୟ ଜେନେରାଲ ବିପିନ ରାୱତ ରବିବାର ଏଥିପାଇଁ ତାଙ୍କୁ ସ୍ୱୀକୃତି ଦେଇଛନ୍ତି। ପାରାଚୁଟ ରେଜିମେଣ୍ଟ ବାଟାଲିୟନର ଲ୍ୟୁଟ୍‌ନାଣ୍ଟ କର୍ନେଲ ଧୋନୀଙ୍କ ଟ୍ରେନିଂର କିଛି ଅଂଶ ଜମ୍ମୁ ଓ କଶ୍ମୀରରେ ହେବାର ସମ୍ଭାବନା ରହିଛି। ମାତ୍ର ସେନା ଧୋନୀଙ୍କୁ କୌଣସି ସକ୍ରିୟ ଅପରେଶନରେ ଅଂଶଗ୍ରହଣ କରିବାକୁ ଦେବ ନାହିଁ ବୋଲି ସୂଚନା ମିଳିଛି। ୨୦୧୧ ବିଶ୍ୱକପ୍ ବିଜୟ ପରେ ଧୋନୀଙ୍କୁ ସମ୍ମାନଜନକ ଲ୍ୟୁଟ୍‌ନାଣ୍ଟ କର୍ନେଲ ପଦବୀ ପ୍ରଦାନ କରାଯାଇଥିଲା। ସେନାର ୧୦୬ ଇନ୍‌ଫାଣ୍ଟ୍ରି ବାଟାଲିୟନରେ ତାଙ୍କୁ ଏହି ପଦବୀ ମିଳିଥିଲା। ୨୦୧୫ରେ ଧୋନୀ ଏଲିଟ୍ ପାରା ରେଜିମେଣ୍ଟ ଅଧୀନରେ ଆଗ୍ରାଠାରେ ପ୍ରଶିକ୍ଷଣ ନେଇଥିଲେ। ସେ ଏହି ପ୍ରଶିକ୍ଷଣରେ ପାରାଚୁଟ୍ ଜମ୍ପ ପାଠ୍ୟକ୍ରମ ସଫଳତାର ସହ ଶେଷ କରିଥିଲେ। ସେନା ସହ ୨ମାସ ରହିବା ନେଇ ଧୋନୀ ବିସିସିଆଇ ଚୟନ କମିଟିକୁ ଅବଗତ କରାଇଥିବାରୁ ରବିବାର ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ଅନୁଷ୍ଠିତ ଭାରତୀୟ ଦଳ ଚୟନ ପ୍ରକ୍ରିୟାରୁ ତାଙ୍କ ନାମ ବାଦ୍ ଦିଆଯାଇଥିଲା।





ଲାସ୍ ଭେଗାସଠାରେ ଡବ୍ଲ୍ୟୁବିଏ ସୁପର ୱେଲଟରୱେଟ୍ ବକ୍ସିଂ ଅବସରରେ ଆମେରିକାର କିଥ୍ ଥର୍‌ମ୍ୟାନ ଓ ଫିଲିପାଇନ୍ସର ମ୍ୟାନି ପାକ୍ୱିଓଙ୍କ ମଧ୍ୟରେ ଲଢ଼େଇ।

## ପାକ୍ୱିଓଙ୍କୁ ଡବ୍ଲ୍ୟୁବିଏ ସୁପର ୱେଲଟରୱେଟ୍ ଟାଇଟଲ

**ଲସ ଭେଗାସ,୨୧।୭(ଏଏଫପି)**

ଫିଲିପାଇନ୍ସ ବକ୍ସିଂ କିମ୍ବଦନ୍ତୀ ମ୍ୟାନି ପାକ୍ୱିଓ ଡବ୍ଲ୍ୟୁବିଏ (ବିଶ୍ୱ ବକ୍ସିଂ ଆସୋସିଏଶନ) ସୁପର ୱେଲଟରୱେଟ୍ ଟାଇଟଲ ହାସଲ କରିଛନ୍ତି। ଶନିବାର ଏଠାରେ ଖେଳାଯାଇଥିବା ମୁକାବିଲାରେ ସେ ସ୍ପ୍ଲିଟ୍ ଡିସିସନ୍ ମାଧ୍ୟମରେ ଡବ୍ଲ୍ୟୁବିଏ ସୁପର ଚାମ୍ପିୟନ ତଥା ଆମେରିକାର ପେସାଦାର ବକ୍ସର କିଥ୍ ଥର୍‌ମ୍ୟାନଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଏଥିସହିତ ୪୦ ବର୍ଷୀୟ ପାକ୍ୱିଓ ବୟୋଜ୍ୟେଷ୍ଠ ବକ୍ସର ଭାବେ ଏହି ଟାଇଟଲ ହାସଲ କରି ବିରଳ ସଫଳତା ହାସଲ କରିଛନ୍ତି। ପୂର୍ବରୁ ଅପରାଜେୟ ଥିବା ଥରମାନ ପାକ୍ୱିଓଙ୍କୁ ହରାଇ ତାଙ୍କୁ ଅବସର ନେବାକୁ ବାଧ୍ୟ କରିବେ ବୋଲି ଘୋଷଣା କରିଥିଲେ। ତେବେ ଫଳ ଓଲଟା ହୋଇଥିଲା ଓ ସେ ପ୍ରଥମ ରାଉଣ୍ଡରେ ହିଁ ଝଟ୍‌କା ଖାଇଥିଲେ। ବିଜୟୀ ହୋଇଥିଲେ ଥୁରାମାନ କ୍ରମାଗତ ୩୦ତମ ବିଜୟ ହାସଲ କରିଥାନ୍ତେ।

ଦୁଇ ଜଣ ଜଜ୍ ପାକ୍ୱିଓଙ୍କୁ ୧୧୫- ୧୧୨ ସ୍କୋର ପ୍ରଦାନ କରିଥିଲେ। ତେବେ ତୃତୀୟ ଜଜ୍ ଜଣକ ଥରମାନଙ୍କୁ ୧୧୪- ୧୧୩ ସ୍କୋର ପ୍ରଦାନ କରିଥିଲେ। ଫଳରେ ସ୍ପ୍ଲିଟ୍ ଡିସିସନରେ ପାକ୍ୱିଓ ବିଜୟୀ ଘୋଷିତ ହୋଇଥିଲେ। ପାକ୍ୱିଓ ପୂର୍ବରୁ ୭ଟି ଓଜନ ବର୍ଗରେ ବିଶ୍ୱ ଚାମ୍ପିୟନଶିପ୍ ହାସଲ କରିଛନ୍ତି। ସେ ୭୧ତମ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିଲେ। ପାକ୍ୱିଓ କ୍ୟାରିୟରରେ ମାତ୍ର ୭ଟି ମୁକାବିଲାରେ ପରାସ୍ତ ହୋଇଛନ୍ତି। ତେବେ ଏଥିମଧ୍ୟରୁ ୪ଟି ପରାଜୟ ଥରମ୍ୟାନଙ୍କୁ ଭେଟିବା ପୂର୍ବରୁ ଗତ ୧୧ଟି ମୁକାବିଲାରେ ସେ ବରଣ କରିଥିଲେ। ଉଚ୍ଚତା, ଓଜନ ଓ ବୟସ ଥରମ୍ୟାନଙ୍କୁ ସୁହାଉ ଥିଲେ ମଧ୍ୟ ଶେଷରେ ଏମ୍‌ଜିଏମ୍ ଗ୍ରାଣ୍ଡ ଗାର୍ଡେନ ଆରେନାରେ ୧୪, ୩୫୬ ଦର୍ଶକଙ୍କ ସମ୍ମୁଖରେ ପାକ୍ୱିଓ ବାଜି ମାରିଥିଲେ।

## କ୍ରିକେଟରଙ୍କ ଡୋପ୍ ଟେଷ୍ଟ ପାଇଁ ବିସିସିଆଇର ସର୍ତ୍ତ

**ନୂଆଦିଲ୍ଲୀ,୨୧।୭(ପି.ଟି.)**

ବିସିସିଆଇ କ୍ରିକେଟରଙ୍କ ଡୋପ୍ ଟେଷ୍ଟ ନେଇ ରାଜି ହୋଇଛି। ତେବେ ଏଥିପାଇଁ ବିସିସିଆଇ ନୂଆ ସର୍ତ୍ତ ରଖିଛି। ବୋର୍ଡର ଅନୁମତି ନେବା ପରେ ଯାଇ କ୍ରିକେଟରଙ୍କ ଡୋପ୍ ଟେଷ୍ଟ କରାଯାଇପାରିବ ବୋଲି ବିସିସିଆଇ କହିଛି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ପୂର୍ବରୁ ବିସିସିଆଇକୁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡ଼ା)ର ଅଧୀନରେ ସାମିଲ ହେବାକୁ ପରାମର୍ଶ ଦେଇଥିଲା। ଏ ସଂକ୍ରାନ୍ତରେ ବିସିସିଆଇକୁ ରାଜି କରିବାରେ ଆଇସିସି ସଫଳ ହୋଇଛି। ବିଶ୍ୱ ଆଣ୍ଟି ଡୋପିଂ ଏଜେନ୍ସି (ୱାଡ଼ା) ମାନ୍ୟତା ପ୍ରତ୍ୟାହାର କରିବାର ସମ୍ଭାବନା ଥିବାରୁ ଆଇସିସି ଏଭଳି ପରାମର୍ଶ ଦେଇଥିଲା। ଫଳରେ ବିସିସିଆଇ ଏବେ କିଛି ସର୍ତ୍ତରେ ପରିବର୍ତ୍ତନ ଆଣି ନାଡ଼ାର ଅଧିନକୁ ଆସିବାକୁ ରାଜି ହୋଇଛି। ବିସିସିଆଇ ତା'ର ସମ୍ପୂର୍ଣ୍ଣ ଅଧିକାର ନାଡ଼ାକୁ ଦେବାକୁ ଚାହୁଁନାହିଁ। ବିସିସିଆଇର ଆଣ୍ଟି ଡୋପିଂ ମ୍ୟାନେଜରଙ୍କ ଉପସ୍ଥିତିରେ ଖେଳାଳିଙ୍କ ନମୁନା ନେବାକୁ ସର୍ତ୍ତ ରଖାଯାଇଛି। କେବଳ ସେତିକି ନୁହଁ କେଉଁ ମ୍ୟାଚ୍ ଅବସରରେ କ୍ରିକେଟଙ୍କ ନମୁନା ନିଆଯିବ ତାହା ମଧ୍ୟ ବିସିସିଆଇ ସ୍ଥିର କରିବ। ନିୟମ ଦୃଷ୍ଟିରୁ ଯାହା ବି କରାଯିବା କଥା ତାହା ଆରମ୍ଭରୁ ୬ ମାସ ମଧ୍ୟରେ ଟ୍ରାଏଲ ଭାବେ କରାଯିବାକୁ କୁହାଯାଇଛି। ଏ ନେଇ ଡ୍ରାଫ୍ଟରେ ପରିବର୍ତ୍ତନ ଆଣି ବିସିସିଆଇ ଏହାକୁ ନାଡ଼ା ଓ ବିସିସିଆଇ ଦ୍ୱାରା ଅନୁବନ୍ଧିତ ହୋଇଥିବା ଏକ ନମୁନା ସଂଗ୍ରହକାରୀ ଏଜେନ୍ସି ଆଇଟିଡିଏମ୍ ନିକଟକୁ ପଠାଇଛି।

ବୋର୍ଡ ଏ ନେଇ କ୍ରୀଡ଼ା ସଚିବଙ୍କ ସହ ଚୁକ୍ତିରେ ହସ୍ତାକ୍ଷର କରିବ ଓ ଏସଂକ୍ରାନ୍ତରେ ଅକ୍ଟୋବରରୁ ଆରମ୍ଭ ହେବାକୁ ଥିବା ଘରୋଇ ସେସନରେ ଟ୍ରାଏଲ କରିବ। ନାଡ଼ା ତା'ର ନିୟମ ଅନୁସାରେ କାର୍ଯ୍ୟ କରିବ। ଫଳରେ ଘରୋଇ ସେସନ ପ୍ରାରମ୍ଭରେ କ୍ରିକେଟରଙ୍କ ନମୁନା ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଯିବ। ପୁଣି ଯଦି ବିସିସିଆଇ ଏହି କାର୍ଯ୍ୟରେ ବାଧା ଉପୁଯାଏ ତାହାଲେ ୱାଡ଼ାକୁ ନାଡ଼ା ନକାରାତ୍ମକ ରିପୋର୍ଟ ଦେବାକୁ ବାଧ୍ୟ ହେବ ବୋଲି କୁହାଯାଇଛି। ୱାଡ଼ା ଡେଡ୍‌ଲାଇନ୍ ଜାରି କରିଥିବାରୁ ବିସିସିଆଇକୁ ଆଇସିସି ସତର୍କ କରାଇଥିଲା। ଖୁବ୍‌ଶୀଘ୍ର ନାଡ଼ା ସହିତ ଥିବା ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଇଥିଲା ଓ ଏଥିରେ ବିସିସିଆଇକୁ ମନାଇବାରେ ଆଇସିସି ଅବଶ୍ୟ ସଫଳ ହୋଇଛି। ତେବେ ବିସିସିଆଇର ଏହି ସର୍ତ୍ତରେ ନାଡ଼ା ସମ୍ମତି ପ୍ରକାଶ କରୁଛି କି ନା ତାହା ଦେଖିବାକୁ ଏବେ ବାକି ରହିଲା।

## ଫାଇନାଲରେ ହାରିଲେ ସିନ୍ଧୁ

**ଜାକର୍ତ୍ତା,୨୧।୭(ପି.ଟି.)**

ଅଲିମ୍ପିକ୍ସ ରୌପ୍ୟପଦକ ବିଜୟିନୀ ତଥା ମହିଳା ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ ଆଉ ଏକ ଫାଇନାଲରେ ପରାସ୍ତ ହୋଇଛନ୍ତି। ଏଠାରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦୦ ଟୁର୍ନାମେଣ୍ଟ ଇଣ୍ଡୋନେସିଆ ଓପନର ଫାଇନାଲରେ ପରାସ୍ତ ହୋଇ ସିନ୍ଧୁ ରନର୍ସଅପ୍ ହୋଇଛନ୍ତି। ରବିବାର ଖେଳାଯାଇଥିବା ଟାଇଟଲ ମୁକାବିଲାରେ ସିନ୍ଧୁ ଚତୁର୍ଥ ସିଡ୍ ଜାପାନର ଅକେନ ୟାମାଗୁଚିଙ୍କଠାରୁ ୧୫-୨୧, ୧୬- ୨୧ ସିଧାସଳଖ ଗେମ୍‌ରେ ମାତ୍ର ୫୧ ମିନିଟ୍‌ରେ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଛନ୍ତି। ୨୨ ବର୍ଷୀୟା ୟାମଗୁଚିଙ୍କ ବିପକ୍ଷରେ ୧୦-୪ ବ୍ୟବଧାନର ଭଲ ରେକର୍ଡ ରହିଥିଲେ ମଧ୍ୟ ସିନ୍ଧୁଙ୍କୁ ଶେଷରେ ପରାଜୟର ମୁହଁ ଦେଖିବାକୁ ପଡିଛି। ପରାସ୍ତ ହୋଇଥିଲେ ମଧ୍ୟ ବିଶ୍ୱର ୫ ନମ୍ବର ଖେଳାଳି ସିନ୍ଧୁଙ୍କ ପାଇଁ ଚଳିତ ସେସନରେ ଏହା ଶ୍ରେଷ୍ଠ ପ୍ରଦର୍ଶନ ସାବ୍ୟସ୍ତ ହୋଇଛି। ଏହାପୂର୍ବରୁ ୨୪ ବର୍ଷୀୟା ସିନ୍ଧୁ ସିଙ୍ଗାପୁର ଓ ଇଣ୍ଡିଆ ଓପନ୍‌ରେ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଥିଲେ। ଶନିବାର ସେମିଫାଇନାଲରେ ସିନ୍ଧୁ ଅଲ୍ ଇଂଲଣ୍ଡ ଚାମ୍ପିୟନ ଚାଇନାର ଚେନ୍ ୟୁ ଫେଇଙ୍କୁ ୨୧-୧୯, ୨୧-୧୦ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।



ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ (ବାମ) ଓ ସ୍ୱର୍ଣ୍ଣ ପଦକ ସହ ଅକେନ ୟାମାଗୁଚି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜୁଲାଇ ୨୨/୨୦୧୯ Bhubaneswar, Monday, July 22/2019

## ସଂକ୍ଷେପରେ

### ୧୦ମ ଶ୍ରେଣୀ ଛାତ୍ରଙ୍କୁ ଅପହରଣ

#### ମୁଣ୍ଡ ଜାମିନ ରହି ଟଙ୍କା ଦାବି

**ନିମାପଡ଼ା, ୨୧।୭(ଡି.ଏନ୍.ଏ.):** ନିମାପଡ଼ା ଥାନା ଅଞ୍ଚଳର ଏକ ବିଦ୍ୟାଳୟରେ ଅଧ୍ୟୟନରତ ଜଣେ ୧୫ ବର୍ଷୀୟ ଦଶମ ଶ୍ରେଣୀ ଛାତ୍ରଙ୍କୁ କେହି ଦୁର୍ବୃତ୍ତ ଶନିବାର ରାତିରେ ସ୍ଥାନୀୟ ଦୁର୍ଗାମଣ୍ଡପ ନିକଟରୁ ଅପହରଣ କରିନେଇଥିବା ଥାନାରେ ତାଙ୍କ ପିତା ଅଭିଯୋଗ କରିଛନ୍ତି। ଛାତ୍ର ଜଣଙ୍କ ଟିଉଶନ ଆସିଥିବାବେଳେ ଦୁର୍ବୃତ୍ତମାନେ ଜୋରଜବରଦସ୍ତ ତାଙ୍କୁ କେଉଁଆଡ଼େ ଅପହରଣ କରିନେଇଥିବା ଜଣାପଡ଼ିଛି। ଲକ୍ଷାଧିକ ଟଙ୍କା ନ ଦେଲେ ପୁଅକୁ ଛାଡ଼ିବୁନି ବୋଲି ଅପହରଣକାରୀମାନେ ତାଙ୍କ ମାତାପିତାଙ୍କୁ ଧମକ ଦେଉଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ ଚଳାଇଥିବାବେଳେ ଅପହୃତ ଛାତ୍ରଙ୍କୁ ଉଦ୍ଧାର କରିବା ଓ ଅପହରଣକାରୀଙ୍କୁ ଠାବ କରିବାକୁ ପୋଲିସ ଜୋର୍‌ଦାର ଉଦ୍ୟମ କରୁଛି। ପୁଅକୁ ନ ପାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ଅପହରଣକାରୀଙ୍କ କବଳରୁ ତୁରନ୍ତ ପୁଅକୁ ଉଦ୍ଧାର କରିବା ପାଇଁ ଅପହୃତ ଛାତ୍ରଙ୍କ ପରିବାରବର୍ଗ ଓ ଆତ୍ମୀୟମାନେ ପୋଲିସ ନିକଟରେ ନିବେଦନ କରିଛନ୍ତି। ଏବେ ଅପହୃତ ଛାତ୍ରଙ୍କ ଫେରିବା ବାଟକୁ ତାଙ୍କ ପରିବାର ଲୋକେ ଚାତକ ପରି ଅନାଇ ବସିଛନ୍ତି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ମାରଣାସ୍ତ୍ର ସହ ଗିରଫ ଅଭିଯୁକ୍ତ।

# ୨ ଅପରାଧ ଘଟଣାରେ ୭ ଗିରଫ

## ବ୍ରାଉନ୍‌ସୁଗାର, ବିପୁଳ ଟଙ୍କା, ମାରଣାସ୍ତ୍ର ଜବତ

**ଜଟଣୀ,୨୧।୭(ଡି.ଏନ.ଏ.)**

ପୃଥକ୍ ଦୁଇ ଅପରାଧ ଘଟଣା ଚୋରା ବ୍ରାଉନ୍‌ସୁଗାର କାରବାର ଓ ଡକାୟତି ଯୋଜନା କରୁଥିବା ସମୟରେ ଜଟଣୀ ଥାନା ପୋଲିସ ଚଢାଉ କରି ୭ ଜଣଙ୍କୁ ରବିବାର ଗିରଫ କରିଛି। ବ୍ରାଉନ୍‌ସୁଗାର ଚୋରାରେ ବିକ୍ରୟ କରୁଥିବା ଖବରପାଇ ସ୍ଥାନୀୟ ନୂଆଗାଁ ଅଞ୍ଚଳରେ ପୋଲିସ ଚଢାଉ କରି ଦୁଇଜଣଙ୍କୁ ଧରିଥିଲା। ଗିରଫ ଦୁଇ ଅଭିଯୁକ୍ତ ହେଲେ ନୂଆଗାଁ ଅଞ୍ଚଳର କାହ୍ନୁ ସାମଲ ଓରଫ ଝୁଲ ଓ କୃଷ୍ଣ ବେହେରା ଓରଫ ଧଣ୍ଡ। ସେମାନଙ୍କଠାରୁ ୧୪ ଗ୍ରାମ ବ୍ରାଉନ୍‌ସୁଗାର ଓ ୧ ଲକ୍ଷ ୪୭ ହଜାର ୬ ଶହ ଟଙ୍କା ପୋଲିସ ଜବତ କରିଛି। ଏ ନେଇ ୨୧(ବି) ଏନ୍‌ଡିପିଏସ୍ ଆକ୍ଟରେ ନଂ. ୨୫୮/୧୯ରେ ମାମଲା ରୁଜୁ ହୋଇଛି। ସେହିପରି ଜଟଣୀ–ଖୋର୍ଦ୍ଧା ମୁଖ୍ୟରାସ୍ତାର ବଡ଼ତୋଟା ଗ୍ରାମର ଅଳ୍ପ ଦୂରରେ ଶନିବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଚଢାଉ କରି ୫ ଜଣଙ୍କୁ କାବୁ କରି ନେଇଥିଲା। ଗିରଫ ୫ ଜଣ ହେଲେ ଏହି ଥାନା ଅନ୍ତର୍ଗତ ଛେଳଦା ଗ୍ରାମର ସୁଧାକର ମଙ୍ଗରାଜ, ନୂଆଗାଁର ସନ୍ଦୀପ ବେହେରା ଓରଫ ଚନ୍ଦନ, କିଶୋର ନାୟକ, ଦୀନେଶ ଭୋଇ ଓ ଗୋପବନ୍ଧୁ ନଗର ଅଞ୍ଚଳର ଆଲୋକ ହଦ। ସେମାନଙ୍କଠାରୁ କଟୁରି, ଖଣ୍ଡା, ଷ୍ଟିଲ ପାଇପ୍, ଦୁଇଟି ବାଇକ୍, ୫ଟି ମୋବାଇଲ୍ ଫୋନ୍ ଓ ୫୦୦ ଟଙ୍କା ପୋଲିସ ଜବତ କରିଛି। ଏ ନେଇ ନଂ. ୨୬୧/୧୯ରେ ମାମଲା ରୁଜୁ ହୋଇଛି।



ଜବତ ଟଙ୍କା ଓ ବ୍ରାଉନସୁଗାର।

# କାକଟପୁର ମଙ୍ଗଳାମନ୍ଦିରରେ ଫାଟ

- ଦେବୋତ୍ତର ବିଭାଗର ଅଣଦେଖା
- ମନ୍ଦିର ଉପରେ ଗଛ ଉଠିଲାଣି

**କାକଟପୁର, ୨୧।୭(ଡି.ଏନ୍.ଏ.)**

ପୁରୀ ଜିଲା କାକଟପୁରସ୍ଥିତ ମା'ମଙ୍ଗଳାଙ୍କ ମନ୍ଦିରରେ ଫାଟ। ପ୍ରାୟ ପଞ୍ଚଦଶ ଶତାବ୍ଦୀର ଏହି ମନ୍ଦିର ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଭୁଷୁଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ମନ୍ଦିର ଦକ୍ଷିଣ ଦ୍ୱାର ଉପରେ ପଥର ଭାଙ୍ଗି ବିପଜ୍ଜନକ ଅବସ୍ଥାରେ ରହିଛି। ମନ୍ଦିର ଚୂଡ଼ାରେ ଏବଂ ନାଟ ମଣ୍ଡପ ଛାତ ଉପରେ ଗଛ ଉଠିଥିବା ଦେଖିବାକୁ ମିଳୁଛି।

ପୁରୀ ଶ୍ରୀମନ୍ଦିର ସହିତ ଏହି ମଙ୍ଗଳା ମନ୍ଦିରର ନିବିଡ଼ ସମ୍ପର୍କ ରହିଛି। ଦେବୋତ୍ତର ବିଭାଗ ମନ୍ଦିର ହୁଣ୍ଡି, ମନ୍ଦିର ପରିସରରେ ଥିବା ଭୋଗ ଓ ଦୀପ ଦୋକାନ, ପାର୍କିଂ ଫିସ୍ ବାବଦକୁ ପ୍ରତିବର୍ଷ କୋଟିକୋଟି ଟଙ୍କା ଆୟ କରୁଛି। ମାତ୍ର ମନ୍ଦିର ପ୍ରତି ଦେବୋତ୍ତର ବିଭାଗ ଯଥେଷ୍ଟ ଦୃଷ୍ଟି ଦେଉନାହିଁ। ଫଳରେ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନେଇ ମା'ଙ୍କ ସେବକ ତାପସ ଦୀକ୍ଷିତ ଏବେ ବର୍ଷା ଋତୁ। ମନ୍ଦିରରେ ଉଠିଥିବା ଗଛର ଚେର ବାଟଦେଇ ବର୍ଷାଜଳ ମନ୍ଦିରକୁ ଏବଂ ନାଟ ମଣ୍ଡପ ଛାତକୁ ପ୍ରବେଶ କରି ଏହାକୁ ଦୁର୍ବଳ କରିବାରେ ଲାଗିଛି। କିଛି ବର୍ଷ ପୂର୍ବେ ମନ୍ଦିରରୁ ଏକ ପଥର ଖସିପଡ଼ିଥିବାବେଳେ ଗର୍ଭଗୃହ ମଧ୍ୟରେ ବର୍ଷାଜଳ ଝରୁଥିଲା। ତାହା ସାମାନ୍ୟ ମରାମତି ହୋଇଥିଲା। ପରବର୍ତ୍ତୀ ସମୟରେ ମନ୍ଦିର ରକ୍ଷଣାବେକ୍ଷଣ ପ୍ରତି ଦେବୋତ୍ତର ବିଭାଗ ସମ୍ପୂର୍ଣ୍ଣ ଉଦାସୀନ ହୋଇଯାଇଛି। ମନ୍ଦିର ପ୍ରତି ବିପଦ ଦେଖାଦେଇଥିବାରୁ ଏହାକୁ ନେଇ ମାତୃଭକ୍ତମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଯଦି ତୁରନ୍ତ ମନ୍ଦିରକୁ ଯାଞ୍ଚ ନ କରି ଦେବୋତ୍ତର ବିଭାଗ ଚୁପ୍ ବସିଯାଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କହିଛନ୍ତି ବରେଣ୍ୟ କୁମାର ପାଢ଼ୀ। ଏ ସମ୍ପର୍କରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତୀକ ପଟ୍ଟନାୟକଙ୍କୁ ପଚାରିବାରେ ମନ୍ଦିରର ସ୍ଥାୟିତ୍ୱ ପ୍ରତି ବିପଦ ନ ଥିବା ଓ ଦେଖାଦେଇଥିବା ସମସ୍ୟା ସମ୍ପର୍କରେ ଦେବୋତ୍ତର କମିଶନଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ଅବଗତ କରାଯାଇଥିବା କହିଛନ୍ତି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଦେବୋତ୍ତର ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।





ଦକ୍ଷିଣଦ୍ୱାର ଉପରେ ଥିବା ପଥରରେ ଫାଟ ସୃଷ୍ଟି ହୋଇଛି।



ମନ୍ଦିର ଉପରେ ଗଛ ଉଠିଛି।

# 'ନୀଳକଣ୍ଠଙ୍କ ଦୂରଦୃଷ୍ଟି ବିଶ୍ୱସ୍ତରୀୟ'

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. ପ୍ରତିଭା ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ଥାନୀୟ ପାନ୍ଥନିବାସଠାରେ ରବିବାର ସନ୍ଧ୍ୟାରେ ବକ୍ତୃତା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନୀଳକଣ୍ଠ ଦାଶଙ୍କ ଝିଅ ତଥା ବିଶିଷ୍ଟ ସାହିତ୍ୟିକ ରମା ଦେବୀ, ନାତି ପୂର୍ଣ୍ଣେନ୍ଦୁ ଦାସ, ସାହିତ୍ୟିକ ହରିହର ମିଶ୍ର ଏବଂ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଡ. ଜୟନ୍ତୀ ଶତପଥୀ ଯୋଗ ଦେଇଥିଲେ। ବକ୍ତୃତାର ବିଷୟବସ୍ତୁ ଥିଲା 'ସଂସ୍କୃତିର ନାଭି ପଦ୍ମରେ ବିଶ୍ୱରୂପ'। ନୀଳକଣ୍ଠ ଦାସଙ୍କ ବିଷୟରେ କହିବାକୁ ଯାଇ ଡ. ରାୟ କହିଥିଲେ ଯେ, ସାରସ୍ୱତ ଭାବେ ମୁଁ ନୀଳକଣ୍ଠଙ୍କ ଦାୟାଦ। ତାଙ୍କର ଦୂରଦୃଷ୍ଟି ବିଶ୍ୱସ୍ତରୀୟ ଥିଲା। ସଂକୀର୍ଣ୍ଣତା ଭିତରେ ଆଲୋଚନା ନ କରି ବିଶ୍ୱସ୍ତରରେ ନୀଳକଣ୍ଠ ଦାସଙ୍କୁ ପରିଚିତ କରିବାର ଆବଶ୍ୟକତା ଅଛି। ତାତ୍ତ୍ୱିକ ମିଥ୍ୟା କିଭଳି ଭାବରେ ଆମ ସମାଜରେ ବୁଡି ରହିଥିଲା ତାକୁ ସେ ତାଙ୍କ ସାହିତ୍ୟରେ ସ୍ଥାନ ଦେଉଥିଲେ। ତାଙ୍କ ଚିନ୍ତନରେ ଆଧ୍ୟାତ୍ମିକତାର ଗଭୀର ଅନ୍ତର୍ଦୃଷ୍ଟି ଓ ମାନବିକତାକୁ ସ୍ୱତନ୍ତ୍ର ସ୍ଥାନ ଦେଇଥିଲେ। ବର୍ତ୍ତମାନ ସମୟ ଆସିଛି ପୂରା ବିଶ୍ୱ ନୀଳକଣ୍ଠଙ୍କ ସାହିତ୍ୟକୁ ଅନୁସରଣ କରିବାକୁ ବୋଲି ଡ. ରାୟ ବକ୍ତୃତାରେ ବତାଇଥିଲେ। କାର୍ଯ୍ୟକ୍ରମରେ ଅନେକ ସାହିତ୍ୟିକଙ୍କ ସହ ଯୁବ ସାହିତ୍ୟ ପ୍ରେମୀ ଯୋଗ ଦେଇଥିଲେ।




ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।





ଗିରଫ ଅଭିଯୁକ୍ତ ଓ ଜବତ ମାରଣାସ୍ତ୍ର।

# ଡକାୟତି ଯୋଜନା: ଗିରଫ ହେଲେ ୭ ଅଭିଯୁକ୍ତ

**ବାରଙ୍ଗ,୨୧।୭(ଡି.ଏନ୍.ଏ.)**

ବାରଙ୍ଗ ଥାନା ଅଞ୍ଚଳରେ ଶନିବାର ରାତିରେ ଡକାୟତି ପାଇଁ ଯୋଜନା ଚାଲିଥିବାବେଳେ ପୋଲିସ ହାବୁଡରେ ୭ଜଣ ଧରାପଡିଛି। ରବିବାର ସେମାନଙ୍କ ବିରୋଧରେ ୧୧୮/୧୯ନଂରେ ଏକ ମାମଲା ରୁଜୁକରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ମଧୁପୁର ଗ୍ରାମର ସନ୍ଦିପ ପାଲ ଓ ସୁନୀଲ ମଲ୍ଲିକ, ନିଆଳି ଥାନା ଅଧୀନ କୁଲକୋରକୋର ଗ୍ରାମର ଅଶୋକ ସ୍ୱାଇଁ, ଡିଆସିଂପାଟଣା ଗ୍ରାମର ଅଜିତ ସିଂ ଏବଂ ସହରଜପୁର ଗ୍ରାମର ସମ୍ବିତ କୁମାର ଦାସ, କାକଟପୁର ଥାନା ଅଧୀନ ପଥରପକା ଗ୍ରାମର ଲିଙ୍କୁ ନାୟକ, ନୁଆଗାଁଥାନା ଅଧୀନ ଡେରକି ଗ୍ରାମର ମୁକେଶ ସ୍ୱାଇଁ। ପୋଲିସ ସେମାନଙ୍କଠାରୁ ଦୁଇଟି ଜୀବନ୍ତ ବୋମା, ଗୋଟିଏ କଟୁରି, ୫ଟି ଲୁହାରଡ, ୬ଟି ମୋବାଇଲଫୋନ, ଟର୍ଚ୍ଚ, ଓଆର୦୨–ୟୁ–୩୯୭୭, ଓଡି୦୫–ଏଏଚ–୮୭୪୮ ଓ ଅନ୍ୟ ଏକ ନମ୍ବରବିହୀନ ଗାଡିକୁ ମିଶାଇ ତିନୋଟି ବାଇକ୍, ଦୁଇ ପ୍ୟାକେଟ ଲଙ୍କାଗୁଣ୍ଡ ଜବତ କରିଛି।

ସୂଚନା ଅନୁଯାୟୀ, ଶନିବାର ରାତିରେ ବାରଙ୍ଗ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ମଧୁପୁର ଗ୍ରାମର ଏକ ପଡିଆପାଖରେ ସନ୍ଦିପଙ୍କ ନେତୃତ୍ୱରେ ୬ଜଣ ଯୁବକ ଡକାୟତି ପାଇଁ ଏକାଠି ବସି ଯୋଜନା କରୁଥିବାର କୌଣସିସୂତ୍ରରୁ ଖବରପାଇ ପୋଲିସ ଜାଣିପାରିଥିଲା। ଏ ବିଷୟରେ ପାଟ୍ରୋଲିଂରେ ଥିବା ଅଫିସର ବାରଙ୍ଗ ଥାନା ଅଧିକାରୀ ଶଶିକାନ୍ତ ରାଉତଙ୍କୁ ସୂଚନା ଦିଆଯାଇଥିଲା। ପରେ ଥାନାଧିକାରୀ ସଂଘବଦ୍ଧ ହୋଇ ଉକ୍ତ ପଡିଆ ପାଖରେ ପହଞ୍ଚି ପ୍ରଥମେ ସନ୍ଦିପଙ୍କୁ କାବୁ କରିଥିଲେ। ଏହାପରେ ଅନ୍ୟ ୬ଜଣ ଅଭିଯୁକ୍ତଙ୍କୁ ପୋଲିସ ଧରିଥିଲେ। ଘଟଣାସ୍ଥଳରୁ ବହୁ ସାମଗ୍ରୀ ଜବତ କରିଥିଲା। ପରେ ଥାନାକୁ ଆଣି ପଚରାଉଚରା ବେଳେ ସେମାନେ ମଦଦୋକାନ ମାଲିକ ଦେଉଳି ଗ୍ରାମର ହରିହର ସ୍ୱାଇଁଙ୍କ ଘରେ ଡକାୟତି ପାଇଁ ଯୋଜନା କରିଥିବାର ପୋଲିସ ଆଗରେ ସ୍ୱୀକାର କରିଥିବାର ଥାନାଧିକାରୀ ଶଶିକାନ୍ତ ରାଉତ କହିଛନ୍ତି। ଅଜିତଙ୍କ ନାମରେ ବାରଙ୍ଗ ଓ ନୂଆଗାଁ ଥାନାରେ ୨ଟି ମାମଲା, ସନ୍ଦିପଙ୍କ ନାମରେ ବାରଙ୍ଗ ଥାନାରେ ୩ଟି ମାମଲା, ଅଶୋକଙ୍କ ନାମରେ ବିଭିନ୍ନ ଥାନାରେ ୧୯ଟି ମାମଲା ଥିବାର ପୋଲିସ ପକ୍ଷରୁ ଜଣାପଡ଼ିଛି।

# ପାର୍କରେ ଡକାୟତି ଯୋଜନା, ୩ ଗିରଫ

**କଟକ ରୋଡ,୨୧।୭(ଡି.ଏନ୍.ଏ.):** ପାର୍କରେ ଡକାୟତି ଯୋଜନା ବେଳେ ବଡ଼ଗଡ଼ ଥାନା ପୋଲିସ ଏକ ଗ୍ୟାଙ୍ଗର ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ସଦର ଥାନା ଅଧୀନ ତୁଲସୀପୁର ଗ୍ରାମର ପଦ୍ମନାଭ ପ୍ରଧାନ, କଟକ ଜିଲା ବାଙ୍କୀ ଥାନା ସଁପୁର ଅଞ୍ଚଳର ସୁକାନ୍ତ ବେହେରା ଓ ବଡ଼ଗଡ଼ ଥାନା ମହିଁଷାଖାଲ ବସ୍ତିରେ ରହୁଥିବା ରମେଶ ସେଠୀ। ସୂଚନା ମୁତାବକ, ଶନିବାର ରାତି ୧୦ଟାରେ ଭାସ୍କରେଶ୍ୱର ମନ୍ଦିର ପାର୍କରେ ୫ ଅଭିଯୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଏକ ଡକାୟତି ପାଇଁ ପ୍ରସ୍ତୁତି ଚଳାଇଥିବା ପୋଲିସ ଖବରପାଇଥିଲା। ସେଠାରେ ଚଢ଼ାଉ ପରେ ୩ଅଭିଯୁକ୍ତ ଧରାପଡିଥିବାବେଳେ ୨ଜଣ ଫେରାର ହୋଇଯାଇଥିଲେ। ପୋଲିସ ସେମାନଙ୍କଠାରୁ ଏକ ବାଇକ, ୨ଲୁହାରଡ ଓ ଏକ ହାତୁଡି ଜବତ କରିଛି। ଗତ ୧୪ତାରିଖରେ ହାତିଆଶୁଣି ଅଞ୍ଚଳରୁ ଚୋରି ବାଇକକୁ ସେମାନେ ବ୍ୟବହାର କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଫେରାର ଅନ୍ୟ ୨ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ଥାନାର ଜଣେ ଅଧିକାରୀ କହିଛନ୍ତି। ଏ ନେଇ ଥାନାରେ ମାମଲା ନଂ ୧୭୩/୧୯ରେ ରୁଜୁ ହୋଇଛି।

## ■ ପ୍ରଣାମ ମହାନଦୀ କାର୍ଯ୍ୟକ୍ରମ ଆରମ୍ଭ

# ମହାନଦୀ ଓଡ଼ିଶାର ଜୀବନ ରେଖା




ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଙ୍କ ଦ୍ୱାରା ସଚେତନତା ବାର୍ତ୍ତା।

**କଟକ ଅଫିସ, ୨୧।୭**

କଟକସ୍ଥିତ ଯୋବ୍ରାଠାରେ ମହାନଦୀ ବଞ୍ଚାଅ ଅନ୍ଦୋଳନ ପକ୍ଷରୁ ରବିବାର ପ୍ରଣାମ ମହାନଦୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ସ୍କୁବା ଡାଇଭର ସବିର ବକ୍ସ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ଯୋବ୍ରା ଘାଟରେ ନଦୀରୁ ସଫେଇ କରାଯାଇଥିଲା। ଏହି ଅବସରରେ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମହାନଦୀ ସୁରକ୍ଷା ଓ ପ୍ରଦୂଷଣ ମୁକ୍ତ କରିବା ପାଇଁ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ସେହିପରି ବ୍ରହ୍ମପୁର ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନର ସଦସ୍ୟମାନେ ଜଳ ପ୍ରଦୂଷଣ ରୋକିବା ବାର୍ତ୍ତା ନେଇ ପଦଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରବାଟୀ–କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, ମହାନଦୀ ହେଉଛି ଓଡ଼ିଶାର ଜୀବନ ରେଖା। ରାଜ୍ୟର ପ୍ରାୟ ୧୦ରୁ ଅଧିକ ଜିଲା ଏହା ଉପରେ ନିର୍ଭର କରନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ)କୁ ପାଣି ଯୋଗାଇ ଦିଆଯାଇଛି। ଯଦ୍ଦ୍ୱାରା ନଦୀ ଶୁଷ୍କ ହେବାରେ ଲାଗିଛି। ଦିଲ୍ଲୀରେ ରାଜ୍ୟ ସରକାର ମହାନଦୀକୁ ନେଇ ଅନେକ ପ୍ରସଙ୍ଗ ଉଠାଇଛନ୍ତି। କିନ୍ତୁ ମହାନଦୀର ଜଳକୁ କିପରି ପ୍ରଦୂଷଣ ମୁକ୍ତ କରାଯାଇପାରିବ ସେଥିପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ଉଭୟ ସରକାର ଓ ଜନସାଧାରଣଙ୍କୁ ଏଥିପ୍ରତି ସଚେତନ କରିବାର ଆବଶ୍ୟକତା ରହିଛି। ସେହିପରି ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଥିଲେ, ଛତିଶଗଡ ମହାନଦୀରେ ବ୍ୟାରେଜ ନିର୍ମାଣ କରିବା ପରେ ଓଡ଼ିଶାରେ ଏହାର ବହୁତ ପ୍ରଭାବ ପଡିଛି। ନଦୀଶଯ୍ୟାରେ ଅନେକ ଆବର୍ଜନା ପଡିରହିଛି। ସହରର ଆବର୍ଜନା ଜଳକୁ କିପରି ନଦୀକୁ ଛଡା ନ ଯିବ, ସେଥିପ୍ରତି କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଧୀର ରାଉତ, ପ୍ରବାସୀ ଓଡ଼ିଆ ପ୍ରଣବ ପ୍ରକାଶ ପାଣି, ଶୋଭନୀୟ ଶିକ୍ଷାଶ୍ରମର ଅଧକ୍ଷା ବନଲତା ଦେବୀ, ବିଜୟ ପ୍ରଧାନ, ନୀରଦ ଖୁଣ୍ଟିଆ, ପ୍ରସନ୍ନ ବିଶୋଇ, ଦେବେନ୍ଦ୍ର ସୂତାର ପ୍ରମୁଖ ଯୋଗଦେଇଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ନରକଙ୍କାଳ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୨୧।୭**

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ଇଭିଏମ୍ ଷ୍ଟ୍ରଙ୍ଗ ରୁମ୍ ସମ୍ମୁଖ ଡ୍ରେନରୁ ରବିବାର ମଧ୍ୟାହ୍ନରେ ନରକଙ୍କାଳ ଉଦ୍ଧାର ହୋଇଛି। ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଉକ୍ତ ନରକଙ୍କାଳ ଉଦ୍ଧାର କରି ତଦନ୍ତ କରୁଛି। ଏଠାରେ ଡ୍ରେନର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାବେଳେ ହଠାତ ଏକ ନର କଙ୍କାଳ ପଡିବା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି।

ପ୍ରକାଶଥାଉ କି ଖୋର୍ଦ୍ଧା ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖୋର୍ଦ୍ଧା ମ୍ୟୁନିସିପାଲିଟି ପକ୍ଷରୁ ଅସ୍ଥାୟୀ ଡମ୍ପିଂୟାର୍ଡ ରହିଛି। ଅସ୍ଥାୟୀ ଡମ୍ପିଂୟାର୍ଡ ଅଞ୍ଚଳ ଖାଲଖମା ହେବା ସହ ଆବର୍ଜନା ଗଦାରେ ପୋତି ହୋଇ ଦୁର୍ଗନ୍ଧ ବାହାରୁଛି। ଏଠାରେ ଯଦି କେହି ମୃତଦେହ ପୋତିଥିବ ଅଥବା ଫୋପାଡି ଥାଇ ପାରନ୍ତି। ଯଦି ଅନ୍ୟତ୍ର ମୃତଦେହ ପୋତା ଯାଇଥାଏ ତେବେ କୁକୁର, ବିଲୁଆ ଟାଣି ଆଣି ଏଠାରେ ପକାଇ ଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। କାରଣ ବିଭିନ୍ନ ଅଞ୍ଚଳରେ ହତ୍ୟା କରି ମୃତଦେହ ଫୋପାଡିବା ଓ ପୋତିବା ଖୋର୍ଦ୍ଧା ଜିଲା ପାଇଁ ନୂଆ ନୁହେଁ। ନିକଟରେ ନୟାଗଡ ଜିଲା ଶରଣକୁଳ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇ ନିରାକାରପୁର ଥାନା ଅଞ୍ଚଳରେ ଫୋପାଡି ଦିଆଯାଇଥିଲା। ପରେ ପେଟ୍ରୋଲ ପକାଇ ଟାୟାର ଜାଳି ନିଆଁ ଲଗା ଯାଇଥିଲା। କେହି ବ୍ୟକ୍ତି ମୃତଦେହକୁ ଏଠାକୁ ଆଣି ପକାଇଥାଇ ପାରନ୍ତି ବୋଲି ମଧ୍ୟ ସନ୍ଦେହ ଉପୁଜୁଛି। ସେହିଭଳି ଡ୍ରେନର ଯେଉଁ ଅଂଶରେ ନର କଙ୍କାଳ ପଡିଛି ତାହା ତଳ ସିମେଣ୍ଟ ରହିଛି। ଏ ନେଇ ଆଇଆଇସି ଉମାପ୍ରସାଦ ସିଂଙ୍କ ସୂଚନା ଅନୁସାରେ ନରକଙ୍କାଳ ଏଠାକୁ କେମିତି ଆସିଲା ତଦନ୍ତ ଜାରି ରହିଛି। ନରକଙ୍କାଳ ସମ୍ବନ୍ଧରେ ତଥ୍ୟ ଜାଣିବାକୁ ଏହାର ନମୁନା ଫୋରେନ୍‌ସିକ୍ ମେଡିକାଲ ଟେକ୍ନୋଲୋଜି (ଏଫ୍‌ଏମ୍‌ଟି)କୁ ପଠାଯିବ ବୋଲି ସେ କହିଛନ୍ତି।



ଉଦ୍ଧାର ନରକଙ୍କାଳ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ୨୧ କେଜି ଗଞ୍ଜେଇ ଜବତ: ୨ ଗିରଫ

**କଟକ ଅଫିସ, ୨୧।୭:** ଗଞ୍ଜେଇ ବିକ୍ରି ଅଭିଯୋଗରେ ରବିବାର କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଅଞ୍ଚଳର ଶାହା ଜମଲ୍ ମଣ୍ଡଳ ଓ ସେକ୍ ରହିଦୁଲ। ସେମାନଙ୍କଠାରୁ ୨୧ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବିଭାଗର ଇନ୍ସପେକ୍ଟର ଯଗଦୀଶ ସାମଲ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଗାନ୍ଧୀପଲ୍ଲି ଅଞ୍ଚଳରେ ରୁହନ୍ତି। ରବିବାର ସକାଳେ ସେମାନେ ବସ୍‌ରେ ଗଞ୍ଜେଇ ନେଇ ଆସୁଥିବା ଅବକାରୀ ଗୋଇନ୍ଦା ବିଭାଗ ସୂଚନା ପାଇଥିଲା। ଇନ୍ସପେକ୍ଟର ଯଗଦୀଶଙ୍କ ନେତୃତ୍ୱରେ ଏକ ଟିମ୍ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ଚଢାଉ କରି ଉକ୍ତ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେମାନେ କନ୍ଧମାଳରୁ ଗଞ୍ଜେଇ ଆଣି କଟକର ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିବା ମାନିଥିଲେ ବୋଲି ଯଗଦୀଶ କହିଛନ୍ତି।

### ଚେନ୍ ଲୁଟ୍: ୨ ଗିରଫ

**କଟକ ଅଫିସ,୨୧।୭:** କଟକ ରେଲଷ୍ଟେଶନରୁ ରବିବାର ଜଣେ ଯାତ୍ରୀଙ୍କଠାରୁ ଚେନ୍ ଲୁଟ୍ କରିବା ଅଭିଯୋଗରେ ଆରପିଏଫ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ରତନପୁର ଅଞ୍ଚଳର କାଳିଆ ଗୌଡ଼ା ଓ ମଙ୍ଗଳାବାଗ ଥାନା ଅନ୍ତର୍ଗତ ରାଣୀହାଟ ଅଞ୍ଚଳର ଅଜୟ ନାୟକ। ପୋଲିସ ସେମାନଙ୍କଠାରୁ ଲୁଟ୍ ସୁନାଚେନ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ସକାଳେ କଟକ ଜିଲା ମାହାଙ୍ଗା ଅଞ୍ଚଳର ସତ୍ୟଜିତ ମହାନ୍ତି ହାଇଦ୍ରାବାଦରୁ କଟକ ଆସିଥିଲେ। କଟକ ରେଲଷ୍ଟେଶନରେ ଓହ୍ଲାଇ ସେ ଓଏମ୍‌ପି ଆଡ଼କୁ ଚାଲିଚାଲି ଯାଉଥିବା ବେଳେ ଅଭିଯୁକ୍ତ ଦ୍ୱୟ ଏକ ବାଇକରେ ଆସି ତାଙ୍କ ସୁନାଚେନ ଝାମ୍ପି ନେଇଥିଲେ। ଫଳରେ ସେ ପାଟି କରିବାରୁ ସେଠାରେ ଥିବା ଆର୍‌ପିଏଫ୍ ଏସ୍ଆଇ ଆର.ସି. ବିଶ୍ୱାଳ ଏବଂ କନଷ୍ଟେବଳ ସତୀଶ ଚନ୍ଦ୍ର ଲୁଟେରାଙ୍କୁ ପିଛା କରି ଧରିଥିଲେ।

### ୧ ଲକ୍ଷ ଟଙ୍କା ଦାଦାବଟି ମାଗି ଜଣେ ଗିରଫ

**କଟକ ଅଫିସ, ୨୧।୭:** ୧ ଲକ୍ଷ ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ସ୍ଥାନୀୟ ଗତିରାଉତପାଟଣା ଅଞ୍ଚଳର ଧନଞ୍ଜୟ ରାଉତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଗେଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ପ୍ରୋଜେକ୍ଟ ଗତିରାଉତପାଟଣା ଅଞ୍ଚଳରେ ଚାଲିଛି। ଏହି କାର୍ଯ୍ୟକୁ କଣ୍ଟ୍ରାକ୍ଟର ଦେବଦାସ ରାୟ ନେଇ କାର୍ଯ୍ୟ କରୁଛନ୍ତି। ରବିବାର ସକାଳେ ଧନଞ୍ଜୟ ସେଠାକୁ ଯାଇ ଦେବଦାସଙ୍କୁ ୧ ଲକ୍ଷ ଟଙ୍କା ଦାଦାବଟି ଦେବାକୁ କହିଥିଲେ। ଦେବଦାସ ଟଙ୍କା ନ ଦେବାରୁ ଧନଞ୍ଜୟ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ପଳାଇ ଆସିଥିଲେ। ଏ ନେଇ ଦେବଦାସ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୨୪/୧୯) ରୁଜୁ କରିଛି।

### ଠିକାଦାରଙ୍କ କ୍ୟାମ୍ପରୁ କେବୁଲ ଚୋରି

**ଖୁଣ୍ଟୁଣୀ, ୨୧।୭(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ମୁଖୁଲିଆ ଗ୍ରାମ ନିକଟରେ ରେଙ୍ଗାଲି କେନାଲ କାମ କରୁଥିବା ଠିକାଦାରଙ୍କ କ୍ୟାମ୍ପରୁ ଶନିବାର ରାତିରେ ୧୦୦ ମିଟର ଦାମୀ କେବୁଲ ଚୋରି ହୋଇଯାଇଥିବା ଖୁଣ୍ଟୁଣୀ ଥାନାରେ ଅଭିଯୋଗ ହୋଇଛି। ଚୋରି କେବୁଲର ଦାମ୍ ୨୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ସୁପରଭାଇଜର ମଥୁରାମ ବେହେରା କହିଛନ୍ତି। କେବୁଲଟି ଡିଜି ମେଶିନରୁ ପମ୍ପ ପର୍ଯ୍ୟନ୍ତ ଲାଗିଥିଲା। ରାତି ୧୦ଟା ପରେ ସମସ୍ତ କର୍ମଚାରୀ ଶୋଇବା ପରେ କ୍ୟାମ୍ପ ଭିତରୁ ଏହି କେବୁଲ ଚୋରି ହୋଇଥିବା ମଥୁରାମ ଥାନାରେ ଅଭିଯୋଗ କରିଛନ୍ତି। ଥାନା ଆଇଆଇସି ସୁଚିତ୍ରିବୀର୍ଯ୍ୟ ଦାସ ଘଟଣାର ତଦନ୍ତ କରୁଛନ୍ତି।

# ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା

- ନିଆଳି ନିର୍ମାଣ ମଞ୍ଚ ପକ୍ଷରୁ ଧାରଣା
- ବାସଭବନରେ ରୋଗୀ ଦେଖୁଛନ୍ତି ଡାକ୍ତର
- ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ

**ନିଆଳି,୨୧।୭(ଡି.ଏନ୍.ଏ.)**

ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଅଚଳାବସ୍ଥା ଲାଗିରହିଛି। ଏ ନେଇ ଅନେକଥର ଅଭିଯୋଗ ହୋଇଥିଲେ ମଧ୍ୟ ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାକୁ ନେଇ ପୂର୍ବରୁ ଜନଅସନ୍ତୋଷ ଦେଖାଦେଇଥିବାବେଳେ ରବିବାର ନିଆଳି ନିର୍ମାଣ ମଞ୍ଚ ପକ୍ଷରୁ ମେଡିକାଲ ପରିସରରେ ଗଣଧାରଣା ଦିଆଯାଇଥିଲା। ଏଥିସହ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ନିକଟରେ ଅଭିଯୋଗ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାତ୍ର ତିନିଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ ମୁଖ୍ୟ ଚିକିତ୍ସାଧିକାରୀ ବହୁ ସମୟ ଅନୁପସ୍ଥିତ ରହୁଛନ୍ତି। ଅନ୍ୟ ଦୁଇଜଣ ଡାକ୍ତର ଠିକ୍ ସମୟରେ ଆଉଟ୍‌ଡୋରକୁ ନ ଆସି ସରକାରୀ ବାସଭବନରେ ରହି ରୋଗୀ ଦେଖି ଅର୍ଥ ଆଦାୟ କରୁଥିବା ନେଇ ଅଭିଯୋଗ ହୋଇଛି। ଏଭଳି ବାରମ୍ବାର ଚାଲୁଥିବାରୁ ବାଧ୍ୟ ହୋଇ ଗ୍ରାମବାସୀ ଓ ମଞ୍ଚ ପକ୍ଷରୁ ରବିବାର ସକାଳ ୮ଟା ୩୦ରୁ ଧାରଣା ଦିଆଯାଇଥିଲା। ସ୍ଥାନୀୟ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଭୂତି ଭୂଷଣ ନାୟକ, ନିଆଳି ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଏସ୍. ନବୀନ୍ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ବହୁ ସମୟ ଧରି ଆଲୋଚନା କରିଥିଲେ। ସୋମବାରଠାରୁ ଦୁଇଟି ଆଉଟ୍‌ଡୋର ଖୋଲିବା ସହ ମୁଖ୍ୟ ଚିକିତ୍ସାଧିକାରୀ ଉପସ୍ଥିତ ରହିବା, ପାଳି କରି ସେବା କରିବା ବନ୍ଦ କରିବା, ବାହାରୁ ଔଷଧ ନ ଲେଖି ସରକାରୀ ଔଷଧ ଲେଖିବା ପାଇଁ ପରାମର୍ଶ ଦେବା, ଆଗାମୀ ଦିନରେ ମେଡିକାଲରେ ସର୍ବସାଧାରଣ ବୈଠକ ଡକାଯାଇ ସ୍ୱାସ୍ଥ୍ୟସେବାକୁ ଠିକ ରୂପେ ପରିଚାଳନା କରାଯିବା ଏବଂ ଆବଶ୍ୟକୀୟ ଡାକ୍ତର ତୁରନ୍ତ ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦେବା ପରେ ରାତି ୮ଟା ୩୦ରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ନିଆଳି ନିର୍ମାଣ ମଞ୍ଚର ସଭାପତି ଆଦିତ୍ୟ ପାଣି, ଜିଲା ପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ସିଂହ, ନିର୍ମାଣ ମଞ୍ଚର ଆବାହକ ପ୍ରଦୀପ ଦାସ, ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ, ଓଡ଼ିଶା ବାୟା ଚଢେଇ ଅଭିଯାନର ଆବାହକ ପୀତାମ୍ବର ରାଉତ, ବିଷ୍ଣୁଚରଣ ସ୍ୱାଇଁ, ଉମେଶ ସିଂହ, ଚିତ୍ତରଂଜନ ପ୍ରଧାନଙ୍କ ସହ ଶତାଧିକ ଜନସାଧାରଣ ଧାରଣାରେ ସାମିଲ୍ ହୋଇଥିଲେ।



କଟକ ବାରବାଟୀ ଷ୍ଟାଡ଼ିୟମ ହର୍ଷ ଗେଟ୍ ସମ୍ମିଳନୀ କକ୍ଷରେ ରାଜ୍ୟ ହଜ୍ କମିଟି ପକ୍ଷରୁ ରବିବାର ଅନୁଷ୍ଠିତ ହଜ କର୍ମଶାଳାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

## କୁକୁର କାମୁଡ଼ାରେ ମହିଳା ଗୁରୁତର

**କଟକ ଅଫିସ, ୨୧।୭**

ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ଅଞ୍ଚଳରେ ଏକ ପାଗଳ କୁକୁର ରବିବାର ରାତିରେ ଆତଙ୍କ ସୃଷ୍ଟି କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କୁକୁରଟି ସାର୍ତ୍ତୋଳ ଅଞ୍ଚଳର ମହିଳା ବୈଦେହୀ ବେହେରାଙ୍କ ସମେତ ୧୦ ବର୍ଷର ଜଣେ ଶିଶୁଙ୍କୁ କାମୁଡ଼ିଛି। ମହିଳା ଜଣକ ଗୁରୁତର ଓ ଶିଶୁ ଆହତ ହୋଇଥିବା ବେଳେ ଉଭୟଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ସିଏମ୍‌ସି କର୍ମଚାରୀ ପହଞ୍ଚି କୁକୁରଟିକୁ ଆୟତ୍ତ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ରାତି ସାଢେ ୯ଟାରେ ସିଏମ୍‌ସି ଡଗ୍ ହାଉସ୍‌ରେ ଥିବା ଏକ ପାଗଳ କୁକୁର କୌଣସି ପ୍ରକାରରେ ବାହାରକୁ ପଳାଇ ଆସିଥିବା ସ୍ଥାନୀୟ ଲୋକେ କହିଛନ୍ତି। ନୂଆପଡ଼ା ଅଞ୍ଚଳର ଉକ୍ତ ଶିଶୁଙ୍କୁ କୁକୁର କାମୁଡ଼ିବାକୁ ଯାଉଥିଲା। ସେହି ସମୟରେ ବୈଦେହୀ ତାଙ୍କୁ ରକ୍ଷା କରିବାକୁ ଯାଇ କୁକୁର କାମୁଡାର ଶିକାର ହୋଇଥିଲେ। କୁକୁର ମହିଳାଙ୍କର ଶରୀରର ବିଭିନ୍ନ ସ୍ଥାନକୁ କାମୁଡ଼ି ରକ୍ତାକ୍ତ କରିଦେବା ସହ ଶିଶୁଙ୍କୁ ମଧ୍ୟ କାମୁଡ଼ିଥିଲା। ସ୍ଥାନୀୟ ଲୋକେ ବାଡ଼ି ଧରି ଗୋଡ଼ାଇବାରୁ କୁକୁରଟି ପଳାଇଥିଲା।

## ■ ମହାନଦୀରୁ ବେଆଇନ ବାଲି ଚାଲାଣ
## ଟ୍ରକ, ହାଇୱା ଜବତ: ୯ ଗିରଫ


ଗିରଫ ଅଭିଯୁକ୍ତମାନେ।

**କଟକ ଅଫିସ, ୨୧।୭**

ମହାନଦୀରୁ ବେଆଇନ ବାଲି ଚାଲାଣ ହେଉଥିବାବେଳେ ଲାଲବାଗ ପୋଲିସ ରବିବାର ଚଢାଉ କରି ୫ଟି ଟ୍ରକ, ୩ ହାଇୱା ଜବତ କରିଛି। ଏଥିସହିତ ଉକ୍ତ ଗାଡି ଚଳାଉଥିବା ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ଅଞ୍ଚଳର ଅରବିନ୍ଦ ରାଉତ, ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ଭଞ୍ଜ ପ୍ରଧାନ, ବୁଗୁଡ଼ା ଅଞ୍ଚଳର ମାନସ ରଞ୍ଜନ ସାହୁ, ଖୋର୍ଦ୍ଧା ଜିଲା ଟମାଣ୍ଡୋ ଅଞ୍ଚଳର ଆଲୋକ ପରିଡ଼ା, ଜଙ୍କିଆ ଅଞ୍ଚଳର ଆକାଶ ବେହେରା, ବାଙ୍କୀ ଥାନା ଭଗିଆପୁର ଅଞ୍ଚଳର ଚନ୍ଦନ ରାଉତ, ନେମାଳ ଥାନା ଅଧୀନ ତରତଶାସନ ଅଞ୍ଚଳର ଗୋଲେଖ ଚନ୍ଦ୍ର ଦାସ, ନୟାଗଡ଼ ଜିଲା କେନ୍ଦୁପୁଡି ଅଞ୍ଚଳର ବଳଭଦ୍ର ପାଇକରାୟ ଓ ଦଶପଲ୍ଲା ଅଞ୍ଚଳର ନିରଞ୍ଜନ ସେଠୀ। ଏ ନେଇ ପୋଲିସ ଏକ ମାମଲା (ନଂ.୧୫୧/୧୯) ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଟ୍ରକ ଓ ହାଇୱାଗୁଡ଼ିକ ସିଡିଏ ସେକ୍ଟର-୭ ଅଞ୍ଚଳରୁ ବେଆଇନ ବାଲି ନେଇ ଆସୁଥିବା ପୋଲିସ ସୂଚନା ପାଇଥିଲା। ଲାଲବାଗ ଥାନା ଅଧିକାରୀ ଆଶୁତୋଷ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ମହାନଦୀ ରିଂବନ୍ଧ ଉପରେ ଗାଡ଼ିଗୁଡ଼ିକ ଅଟକାଇଥିଲା। ଯାଞ୍ଚ କରିବାରୁ ବାଲି ନେବା ପାଇଁ ସେମାନଙ୍କ ପାଖରେ କୌଣସି କାଗଜପତ୍ର ନ ଥିଲା। ଫଳରେ ପୋଲିସ ଗାଡ଼ିଗୁଡ଼ିକୁ ଜବତ କରି ଥାନାକୁ ଆଣିବା ସହ ଚାଳକମାନଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେମାନେ ଏଠାରୁ ବାଲି ନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତକୁ ଯାଉଥିବା ମାନିଥିଲେ। ପୋଲିସ ପକ୍ଷରୁ ଏହି ଘଟଣାର ଅଧିକ ତଦନ୍ତ ପାଇଁ ତହସିଲଦାରଙ୍କୁ ଅବଗତ କରାଯାଇଛି।

# ସରିଲା ସ୍ନାତକ ପ୍ରଥମ ପର୍ଯ୍ୟାୟ ନାମଲେଖା

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**
- ଜୁଲାଇ ଶେଷ ସପ୍ତାହରୁ ପାଠପଢା

**କଟକ ଅଫିସ,୨୧।୭**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ପାଇଁ ସ୍ନାତକ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ରବିବାର ଶେଷ ହୋଇଯାଇଛି। ଗତ ୧୬ରୁ ଏହି ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବିଭିନ୍ନ ବିଭାଗର ମୋଟ ୧୮୬୦ ସିଟ ପାଇଁ ୭୩୧୯ ଜଣ ବିଦ୍ୟାର୍ଥୀ ଆବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୧୩୧୬ ଜଣ ବିଦ୍ୟାର୍ଥୀ ନାମ ଲେଖାଇଛନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ସମସ୍ତ ବିଭାଗରେ କଟଅଫ୍ ମାର୍କ ଅଧିକ ରହିଥିଲା। କଳା ପାଇଁ ୭୧.୨%, ବିଜ୍ଞାନ ପାଇଁ ୭୯.୩ %, ବାଣିଜ୍ୟ ପାଇଁ ୮୦ % , ଆଇଏସ୍‌ସି ଓ ଆଇଟିଏମ ପାଇଁ ୬୩.୮ % ଓ ବିବିଏ ବିଭାଗ ପାଇଁ ୬୩.୩ କଟ୍‌ଅଫ ମାର୍କ ରହିଥିଲା। ତେବେ ଜୁଲାଇ ଶେଷ ସୁଦ୍ଧା ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢା ଆରମ୍ଭ ହେବ। ଏହା ପୂର୍ବରୁ ଆବେଦନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ହଷ୍ଟେଲ୍ ଯୋଗାଇ ଦିଆଯିବ। ପ୍ରଥମ ସେମିଷ୍ଟର ପରୀକ୍ଷା ନଭେମ୍ବର ଦ୍ୱିତୀୟ ସପ୍ତାହରେ ଆରମ୍ଭ ହେବାର ଯୋଜନା ରହିଛି। ସେହିପରି ସ୍ନାତକୋତ୍ତର ବିଭାଗଗୁଡ଼ିକର ପ୍ରବେଶିକା ପରୀକ୍ଷା ଫଳାଫଳ ଗତ ୧୮ରେ ପ୍ରକାଶ ପାଇଥିଲା। ଆସନ୍ତା ୨୬, ୨୭ ଓ ୨୯ରେ ଏହାର ଆଡମିଶନ ପ୍ରକ୍ରିୟା ଆରମ୍ଭ ହେବ। ଆସନ୍ତା ୩୦ ଓ ୩୧ ତାରିଖରେ ବିଭାଗର ପ୍ରକୋଷ୍ଠରେ ଏମ୍‌ଫିଲ ଓ ପିଏଚ୍‌ଡି ନାମଲେଖା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ସମନ୍ୱୟ ପକ୍ଷରୁ ଆଲୋଚନାଚକ୍ର

**କଟକ ଅଫିସ, ୨୧।୭**

ସାହିତ୍ୟ ଓ ସାଂସ୍କୃତିକ ସଂଗଠନ ସମନ୍ୱୟ ପକ୍ଷରୁ ସ୍ଥାନୀୟ ମାନସିଂପାଟଣାସ୍ଥିତ ମଠରେ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ଦୁଃଖିଶ୍ୟାମ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପ୍ରମୋଦ କୁମାର ନନ୍ଦ ଯୋଗଦେଇ କହିଥିଲେ, ଓଡ଼ିଆ ସାହିତ୍ୟ ଦିନକୁ ଦିନ ହଜିଯିବାରେ ଲାଗିଛି। ସମନ୍ୱୟ ଏହାକୁ ବଞ୍ଚାଇ ରଖିବା ପାଇଁ ପ୍ରୟାସ ଜାରି ରଖିଛି। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ପ୍ରଶାନ୍ତ ଦାସ ଯୋଗଦେଇ ରାଜକବି ରଘୁନାଥ ଭଞ୍ଜଙ୍କର ପ୍ରବନ୍ଧମାଳା ଉପରେ ଆଲୋକପାତ କରିଥିଲେ। ଅବିନାଶ ପରିଡା ପ୍ରାରମ୍ଭିକ ସୂଚନା, ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ରିଟେଲର ପଏଣ୍ଟରେ ଅନିୟମିତତା ଅଭିଯୋଗ

**କଟକ ସଦର,୨୧।୭(ଡି.ଏନ୍.ଏ.)**

ଜାତୀୟ ଖାଦ୍ୟ ନିରାପତା ଯୋଜନାରେ ସାମିଲ ହିତାଧିକାରୀଙ୍କୁ କଟକ ସଦର ବ୍ଲକର ୮୭ଟି ରିଟେଲର ପଏଣ୍ଟ ଜରିଆରେ ଚାଉଳ, ଗହମ ଓ କିରୋସିନ ଯୋଗାଇ ଦିଆଯାଉଛି। ଏହି ଯୋଜନା ଲାଗୁ ହେବାର ସାଢେ ୩ ବର୍ଷ ବିତିଯାଇଥିଲେ ମଧ୍ୟ ଅଧିକାଂଶ ପଏଣ୍ଟରେ ସୂଚନାଫଳକ ନ ଲାଗିବା, ଓଜନ ଯନ୍ତ୍ର ବଦଳରେ ମାପ ପାଇଁ ଟିଣଡବାର ବ୍ୟବହାର, ମୁଦ୍ରିତ ରସିଦ ନ ଦେବା ଭଳି ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହାର ବିଧିବଦ୍ଧ ତଦନ୍ତ ପାଇଁ କଟକ ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ନିର୍ଦ୍ଧାରିତ କୋଟାଠାରୁ କମ୍ ପରିମାଣର ସାମଗ୍ରୀ ହିତାଧିକାରୀମାନେ ପାଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ପ୍ରତି ରିଟେଲର ପଏଣ୍ଟ କାନ୍ଥରେ ସୂଚନାଫଳକ ଲଗାଯାଇ କାର୍ଡସଂଖ୍ୟା, ବିଭିନ୍ନ ସାମଗ୍ରୀର ଷ୍ଟକ ପରିମାଣ ଓ ଦର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉଲ୍ଲେଖ ରହିବା କଥା। ଏହାବ୍ୟତିତ ପଏଣ୍ଟ ଅଫ ସେଲ ମେଶିନରୁ ବାହାରୁଥିବା ମୁଦ୍ରିତ ରସିଦ ମଧ୍ୟ ହିତାଧିକାରୀଙ୍କୁ ସାମଗ୍ରୀ ବଣ୍ଟନବେଳେ ଦିଆଯିବା ବ୍ୟବସ୍ଥା ରହିଛି। ଅଧିକାଂଶ ରିଟେଲର ଏହା ନ କରି ସୂଚନାଫଳକୁ ଘର ଭିତରେ ରଖିଥିବା କୁହାଯାଉଛି। ଅଭିଯୋଗ ସମ୍ପର୍କରେ କଟକ ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ରଙ୍କୁ ପଚାରିବାରୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି କହିଥିଲେ।

## ମରଣାନ୍ତକ ଆକ୍ରମଣ ଘଟଣା: ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ

**କଟକ ସଦର,୨୧।୭(ଡି.ଏନ୍.ଏ.)**

୪୨ ମୌଜା ଫାଣ୍ଡି ଅଧୀନ ଶ୍ରୀରାମ ଗ୍ରାମର ସୁବ୍ରତ ପଣ୍ଡାଙ୍କ ଉପରେ ଗତ ୧୫ରେ ୩ ଜଣ ବ୍ୟକ୍ତି ଦ୍ୱିବାଟୀ ଛକରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଏତଲା ଦିଆଯିବା ପରେ କଟକ ସଦର ଥାନାରେ ଏକ ମାମଲା(ନଂ.୩୧୧/୧୯) ରୁଜୁ ହୋଇଛି। ଇତିମଧ୍ୟରେ ୬ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି। ଫଳରେ ବାରମ୍ବାର ଧମକ ଦିଆଯାଉଥିବା ନେଇ ସୁବ୍ରତ ପୋଲିସ ଅଧିକାରୀଙ୍କୁ ଜଣାଇବା ସହ ଅଭିଯୁକ୍ତଙ୍କ ବିରୋଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ୪୨ ମୌଜା ଫାଣ୍ଡି ଅଧିକାରୀ ତୁଷାର ସେଠୀଙ୍କୁ ପଚାରିବାରୁ ଆଇନ ଅନୁଯାୟୀ ଅଭିଯୁକ୍ତମାନଙ୍କୁ ନୋଟିସ ଦିଆଯାଇଛି ବୋଲି କହିଥିଲେ।

## ଚୌଦ୍ୱାର-କଟକ କଂଗ୍ରେସର କର୍ମୀ ସମ୍ମିଳନୀ

**କଟକ ଅଫିସ, ୨୧।୭**

ଚୌଦ୍ୱାର-କଟକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଶିଖରପୁର ମହାନଦୀବିହାରସ୍ଥିତ ସେଲିବ୍ରେସନ ମଣ୍ଡପରେ ରବିବାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ଜିତେନ୍ଦ୍ର କୁମାର ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଆସନ୍ତା ପୌର ନିର୍ବାଚନ ପାଇଁ କଂଗ୍ରେସ କର୍ମୀମାନେ ନିଜ ୱାର୍ଡ ଅଞ୍ଚଳ ବୁଲି ଭୋଟରଙ୍କ ନିକଟତର ହେବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ପୌର ନିର୍ବାଚନରେ ସ୍ଥାନୀୟ ଜନସାଧାରଣଙ୍କ ମତାମତ ଓ ପସନ୍ଦକୁ ଗ୍ରହଣ କରି ୱାର୍ଡର କର୍ପୋରେଟର ପ୍ରାର୍ଥୀ ଚୟନ କରାଯିବାକୁ ବିଧାୟକ ମୋକିମ ଗୁରୁତ୍ୱ ଦେଇଥିଲେ। କଟକ ନଗର ୬, ୭ ଓ ୮ ନମ୍ବର ୱାର୍ଡ କଂଗ୍ରେସ କମିଟି ସଭାପତି ସୁଭାଶିଷ ପଟ୍ଟନାୟକ, ସୁରଜିତ ସାହୁ ଓ ରଶ୍ମି ରଞ୍ଜନ ମିଶ୍ରଙ୍କ ଆହ୍ୱାନକ୍ରମେ ଏହି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭ୍ୟ ମାନସ କୁମାର ପରିଡା ସମ୍ମିଳନୀ ପରିଚାଳନା କରିଥିଲେ। ଏଥିରେ ପିସିସି ସାଧାରଣ ସମ୍ପାଦିକା ଗିରିବାଳା ବେହେରା, ନିକୁଞ୍ଜ ପଶାୟତ, ସନାତନ ପୃଷ୍ଟି, ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, ଯୁବ କଂଗ୍ରେସ ସଭାପତି ସୁକାନ୍ତ ସାହାଣି, ଛାତ୍ର କଂଗ୍ରେସ ରାଜ୍ୟ ସଂଯୋଜକ ନିରଞ୍ଜନ ଦାସ, ପୂର୍ବତନ କର୍ପୋରେଟର ନମିତା ମଞ୍ଜରି ସାହୁ, ୱାର୍ଡ କଂଗ୍ରେସ ସଭାପତି ଦିଲ୍ଲୀପ ଦଳେଇ, ଅଜୟ ରାଉତ, ରବୀନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ନଗର କଂଗ୍ରେସ ସମ୍ପାଦକ ପ୍ରତାପ ଚନ୍ଦ୍ର ପରିଡା ଧନ୍ୟବାଦ ଦେଇଥିଲେ।

## ଓପନ ମାଇକ କାର୍ଯ୍ୟକ୍ରମ

**କଟକ ଅଫିସ,୨୧।୭**

କଟକ କଲେଜଛକସ୍ଥିତ ଏକ ହୋଟେଲରେ ଟିମ ବାଇପେଡ୍‌ସ ଫର ଫ୍ୟୁଚର ପକ୍ଷରୁ ଓପନ ମାଇକ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ଜଣ ଯୁବ ପ୍ରତିଯୋଗୀ ଅଂଶଗ୍ରହଣ କରି ସମାଜର ବିଭିନ୍ନ ଦିଗକୁ ନେଇ ସୃଜନମୂଳକ କବିତା ପାଠ କରିଥିଲେ। ଏଥିସହ ଷ୍ଟାଣ୍ଡଅପ କମେଡ଼ି ଓ ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସୌରଭ ପତି, ସାର୍ଥକ ପ୍ରଧାନ ଅତିଥି ଭାବେ ଯୋଗଦେଇଥିବାବେଳେ ସଙ୍ଗଠନର ପ୍ରତିଷ୍ଠାତା ଅଭିଜିତ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ଆଜି ଶ୍ରାବଣର ପ୍ରଥମ ସୋମବାର

# ବୋଲବମ୍ ଧ୍ୱନିରେ ପ୍ରକମ୍ପିତ ନଦୀପଠା

**କଟକ ଅଫିସ,୨୧।୭**

ବୁଧବାରଠାରୁ ଆରମ୍ଭ ହୋଇଛି ଶ୍ରାବଣ ମାସ। ମନସ୍କାମନା ପୂରଣ ଉଦ୍ଦେଶ୍ୟରେ ମାସର ପ୍ରଥମ ସୋମବାରରେ ବୋଲବମ୍ ଭକ୍ତମାନେ ବିଭିନ୍ନ ଶୈବପୀଠରେ ଠାକୁରଙ୍କୁ ଜଳଲାଗି କରିବେ। ଏଥିପାଇଁ ରବିବାର କଟକର ବିଭିନ୍ନ ନଦୀପଠାରେ ବୋଲବମ୍ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଗଡ଼ଗଡ଼ିଆ ଘାଟ, ପୁରୀଘାଟ, ଗଣେଶଘାଟ, ନରାଜ ଅଞ୍ଚଳର ନଦୀପଠାରେ ବୋଲବମ୍ ଭକ୍ତମାନେ ବାଲୁକା ପୂଜା କରିଥିଲେ। ପରେ ନଦୀରୁ ପାଣି ଉଠାଇ ବିଭିନ୍ନ ଶୈବପୀଠକୁ ଯାଇଥିଲେ। ବୋଲବମ୍ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ନଦୀପଠା। ଶ୍ରାବଣ ମାସରେ ସହରର ସମସ୍ତ ଶୈବ ପୀଠରେ ଆଲୋକମାଳାରେ ସଜାହୋଇଛି। ବୋଲବମ୍ ଭକ୍ତଙ୍କ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀ ଇମାନ କଲ୍ୟାଣୀ ନାୟକ କହିଛନ୍ତି।


କଟକ ମହାନଦୀ ଗଡ଼ଗଡ଼ିଆ ଘାଟରୁ ବୋଲବମ୍ ଭକ୍ତମାନେ ଜଳ ନେଇ ବିଭିନ୍ନ ଶୈବପୀଠକୁ ଯାଉଛନ୍ତି।

### ଏମାନେ କ'ଣ କୁହନ୍ତି...



ମୋର ମାନସିକ ପୂର୍ଣ୍ଣ ପାଇଁ ୫ ବର୍ଷ ହେବ ପ୍ରତ୍ୟେକ ଶ୍ରାବଣ ମାସରେ ଭିନ୍ନ ଭିନ୍ନ ଶୈବପୀଠକୁ ଜଳଲାଗି କରିବାକୁ ଯାଏ। ଚଳିତବର୍ଷ ପ୍ରଥମଥର ପାଇଁ ଗଡଗଡିଆ ଘାଟ ପାଣି ଉଠାଇ ଧବଳେଶ୍ୱରଙ୍କୁ ଜଳଲାଗି କରିବାକୁ ଯାଉଛି।

**-ସୀମାଞ୍ଚଳ ରାଉଳ, ଗଞ୍ଜାମ**



ମାନସିକ ପୂର୍ଣ୍ଣ ପାଇଁ ଧବଳେଶ୍ୱରଙ୍କୁ ଜଳଲାଗି କରିବାକୁ ଭୁବନେଶ୍ୱରରୁ ଆସିଛି। ଗଡଗଡିଆ ଘାଟରୁ ପାଣିନେଇ ଧବଳେଶ୍ୱରଙ୍କୁ ଜଳଲାଗି କରିବା ପାଇଁ ବାହାରିଛି। ଅନେକଥର ଭାବିଛି ଜଳଲାଗି କରିବା ପାଇଁ ହେଲେ ମୋର ଭାଗ୍ୟରେ ନ ଥିଲା। ଏଥର ମହାଦେବଙ୍କ ଆଶୀର୍ବାଦରୁ ଜଳଲାଗି କରିବା ପାଇଁ ଯାଉଛି। ଏଥିପାଇଁ ମୁଁ ବହୁତ ଖୁସି।

**-ନୀଳକଣ୍ଠ ମିଶ୍ର, ପଟିଆ, ଭୁବନେଶ୍ୱର**



ମୋର କୌଣସି ମାନସିକ ନାହିଁ। ମହାଦେବଙ୍କ ଭଲ ପାଇବା ଏହିଠାକୁ ଟାଣିଆଣିଛି। ପ୍ରଥମବର୍ଷ ମୁଁ ଗଡଗଡିଆ ଘାଟରୁ ଧବଳେଶ୍ୱର ପାଣି ନେଇ ଯାଉଛି। ମହାଦେବ ମୋତେ ଆଶୀର୍ବାଦ ଦିଅନ୍ତୁ, ମୁଁ ପ୍ରତିବର୍ଷ ଜଳଲାଗି କରିବାକୁ ଯିବାରେ ସକ୍ଷମ ହୋଇପାରିବି।

**-ଦୀପକ କୁମାର, ମାଛୁଆବଜାର, କଟକ**



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ବୟୋଜ୍ୟେଷ୍ଠ ନାଗରିକ ସଂଘ ପକ୍ଷରୁ ଚାରାରୋପଣ

**ବାଙ୍କୀ,୨୧।୭(ସ୍ୱ.ପ୍ର.):** ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ପକ୍ଷରୁ ଏନଏସି ଅନ୍ତର୍ଗତ ବେଦପୁର ଖମାରଙ୍ଗ ଉ.ପ୍ରା.ବିଦ୍ୟାଳୟରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିରଞ୍ଚି ଦାଶ, ସମ୍ପାଦକ କୃତିବାସ ପଣ୍ଡା, ସଭ୍ୟ ଗଗନ ବିହାରୀ ପଣ୍ଡା, ବିପିନି ବିହାରି ପଣ୍ଡା, ଡା. ଜଗଦିଶ ପଣ୍ଡା, ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ନାରୀ ନେତ୍ରୀ ସେବତୀ ଦେବତା ଓ କବି ଶରତ ଚନ୍ଦ୍ର ମହାପାତ୍ରଙ୍କ ସମେତ ଗ୍ରାମର ବହୁବ୍ୟକ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କବି ଶରତ ଚନ୍ଦ୍ର ମହାପାତ୍ର ଛାତ୍ରୀଛାତ୍ରଙ୍କୁ କଲମ, ପେନ୍ସିଲ୍, ରବର ଓ ଚକୋଲେଟ୍ ବଣ୍ଟନ କରି ମାନବ ସମାଜକୁ ବୃକ୍ଷର ଅବଦାନ ବିଷୟରେ ଏକ ସ୍ୱରଚିତ କବିତା ପାଠ ମାଧମରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ଦିବାକର ସାହୁ, ଶିକ୍ଷକ ଅଜୟ ଦୀକ୍ଷିତ୍ ଏବଂ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ।

### ଇଦ୍ ମିଳନ ଉତ୍ସବ

**ମାହାଙ୍ଗା,୨୧।୭(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୌଡ଼ପଡ଼ା ଡାକବଙ୍ଗଳା ପରିସରରେ ମାହାଙ୍ଗା ସଂଖ୍ୟା ଲଘୁ ସମ୍ପ୍ରଦାୟ କମିଟି ପକ୍ଷରୁ ଇଦ୍ ମିଳନ ଉତ୍ସବ ରବିବାର ପାଳିତ ହୋଇଯାଇଛି। ମୁନ୍ ଖାଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ସମସ୍ତଙ୍କୁ ଇଦ୍ ମୁବାରକ ଜଣାଇବା ସହ ଅଞ୍ଚଳର ବିକାଶ ପାଇଁ ଭାଇଚାରା ମାଧମରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ମୌଲାନା ଫୟାଦ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷ ଶରତ ନାୟକ, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଉପାଧକ୍ଷା ରଶିଦା ବେଗମ, ଜିଲା ପରିଷଦ ସଭ୍ୟା ହରପ୍ରିୟା ପାଣି, ହୃଷୀକେଶ ସ୍ୱାଇଁ, ରିୟାଜୁଲ ହୋଦା, ସେକ୍ ଜଇନୁର ମହମ୍ମଦ, ସେକ୍ ନଜିର ମହମ୍ମଦ, ସେକ ସଇଫ ଉଦ୍ଦିନ, ସେକ ମହେବୁବ, ସେକ ସଲାମ, ସେକ ଜିଆଉଦ୍ଦିନ, ରିଆଜୁଲ ରେହେମାନ, ତଫିସ ଉଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ। ସେକ୍ ମୌଲାନା ୱଦୁତ୍ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।।

### ଶିକ୍ଷକ ପରିବାର ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

**ସାଲେପୁର,୨୧।୭(ଡି.ଏନ.ଏ.):** ସାଲେପୁର ଶିକ୍ଷାମଣ୍ଡଳ ଅଧୀନ ଶିକ୍ଷକ ପରିବାର ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହାଇସ୍କୁଲ୍‌ର ଅଡିଟୋରିୟମ୍ ପରିସରରେ ଆୟୋଜିତ ଉତ୍ସବରେ ସାଲେପୁର ମଣ୍ଡଳ ଶିକ୍ଷାଅଧିକାରୀ ପ୍ରେମଲତା ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଶିକ୍ଷା, ଶିକ୍ଷକ ଓ ଶୈକ୍ଷିକ ବ୍ୟବସ୍ଥାରେ ମୋର ପୂର୍ଣ୍ଣ ସହଯୋଗ ରହିବ ବୋଲି କହିବା ସହିତ ଆଗାମୀ ଦିନରେ ଗୁରୁପୂଜନ ବ୍ୟବସ୍ଥା ସହ କୋମଳମତି ଛାତ୍ରୀଛାତ୍ରଙ୍କ ସୃଜନଶୀଳତାର ବିକାଶ ପାଇଁ ଶିଶୁ ମହୋତ୍ସବ ପାଳନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଶିକ୍ଷାକ୍ଷେତ୍ରରେ ସାଲେପୁର ବ୍ଲକକୁ ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚାଇବା ପାଇଁ ସମସ୍ତ ଶିକ୍ଷକମାନଙ୍କ ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାଶ, ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ଜେନା, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅତିଥିଭାବେ ଏବିଇଓ କୃଷ୍ଣଚନ୍ଦ୍ର ଦାସ, ବିଳାସୀନି ବାହିନିପତି, ରାଇସୁଙ୍ଗୁଡ଼ା ଏକ୍ରାମ ରସୁଲ୍ ହାଇସ୍କୁଲ୍ ପ୍ରଧାନଶିକ୍ଷକ ସୁକାନ୍ତ ସ୍ୱାଇଁ, ବହୁଗ୍ରାମ ବିବେକାନନ୍ଦ ବିଦ୍ୟାପୀଠ ପ୍ରଧାନଶିକ୍ଷୟିତ୍ରୀ କୁନ୍ତଳା କୁମାରୀ ଖଟୁଆ, ସାଲେପୁର ହାଇସ୍କୁଲ୍ ପ୍ରଧାନଶିକ୍ଷୟିତ୍ରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷାବ୍ୟବସ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ପରିବାର ପକ୍ଷରୁ ବିଧାୟକ ବେହେରା ଓ ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷାଅଧିକାରୀ ରଜନୀକାନ୍ତ ଦାଶଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ମଣ୍ଡଳ ଶିକ୍ଷାଅଧିକାରୀ ଜଗବନ୍ଧୁ ଶତପଥୀ ମଞ୍ଚ ପରିଚାଳନା କରିଥିବା ବେଳେ ଗୌରଚରଣ ଭୂୟାଁ ସ୍ୱାଗତ ଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ବିଶ୍ୱମୋହନ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଚାଓମିନ୍ ଫ୍ୟାକ୍ଟ୍ରିରେ ଶିଶୁ ଶ୍ରମିକଙ୍କୁ ନିର୍ଯାତନା

# କାମ ନ କରିବାରୁ ହେଡ୍ ମିସ୍ତ୍ରିଙ୍କ ମାଡ଼

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

ଏୟାରଫିଲ୍ଡ ଥାନା ସୁନ୍ଦରପଦା, ବୋତଣ୍ଡା, ଆଦିତ୍ୟନଗରରେ ଥିବା ଏକ ଚାଉମିନ୍ ଫ୍ୟାକ୍ଟ୍ରିରେ ଜଣେ ୧୨ ବର୍ଷର ନାବାଳକଙ୍କୁ ନିର୍ଯାତନା ଦିଆଯାଉଥିଲା। ଏପରିକି ସେ କାମ ନ କରିବାରୁ ତାଙ୍କୁ ଫ୍ୟାକ୍ଟ୍ରିରେ କାମ କରୁଥିବା ଜଣେ ହେଡ୍‌ମିସ୍ତ୍ରୀ ନିର୍ଘାତ ମାଡ ମାରିଥିଲେ। ମାଡରେ ଶିଶୁଟିର ପିଠି ଫାଟି ଯାଇଥିବା ଦେଖିବାକୁ ମିଳିଛି। ଖବରପାଇ ସିଡବ୍ଲ୍ୟୁସିର ସଦସ୍ୟମାନେ ଶିଶୁଟିକୁ ଉଦ୍ଧାର କରି ଏୟାରଫିଲ୍ଡ ଥାନାକୁ ହସ୍ତାନ୍ତର କରିଛନ୍ତି। ଥାନାରେ ପୋଲିସ ଓ ସିଡବ୍ଲ୍ୟୁସି ନାବାଳକଙ୍କୁ କାଉନସେଲିଂ କରୁଛନ୍ତି। କିଏ ତାଙ୍କୁ କାହିଁକି ମାଡ ମାରିଲେ ଓ ଏଠାକୁ ସେ କିଭଳି ଆସିଲେ ଏଭଳି ଅନେକ ପ୍ରଶ୍ନ ପଚାରୁଛନ୍ତି।

ମିଳିଥିବା ସୂଚନା ଅନୁଯାୟ, ନାବାଳକଙ୍କ ଘର ଝାଡଖଣ୍ଡ। ଦଲାଲ ପରିବାର ଲୋକଙ୍କୁ ମିଛ କହି ତାଙ୍କୁ ରାଜଧାନୀକୁ ନେଇ ଆସିଥିଲେ। ଏଠାରେ ବୋତଣ୍ଡାରେ ଥିବା ଚାଉମିନ୍ ଫ୍ୟାକ୍ଟ୍ରିରେ କାମ କରାଉଥିଲେ। ଏପରିକି ଖାଇବାକୁ ଠିକ୍ ଭାବେ ଦେଉ ନ ଥିବା ବେଳେ କାମ ନ କଲେ ମାଡ ମାରୁଥିଲେ। ଏଭଳି ରବିବାର ସନ୍ଧ୍ୟାରେ ଶିଶୁଟି କୌଣସି କାମ ଟିକେ ଭୁଲ କରି

**ଉଦ୍ଧାର କଲା ସିଡବ୍ଲ୍ୟୁସି**

ଦେଇଥିଲେ। ତାଙ୍କୁ ହେଡ୍‌ମିସ୍ତ୍ରି ଏକ ବାଡିରେ ବାଡେଇଥିଲେ। ଏପରିକି ମାଡରେ ତାଙ୍କ ପିଠି ଫାଟି ଯାଇଥିବା ଦେଖିବାକୁ ମିଳିଥିଲା। ନାବାଳକଙ୍କ ପାଟି ଶୁଣି ସ୍ଥାନୀୟ ଲୋକ କେହି ଜଣେ ସିଡବ୍ଲ୍ୟୁସିକୁ ଖବର ଦେଇଥିଲେ। ରାତି ପ୍ରାୟ ୧୦ଟାରେ ସିଡବ୍ଲ୍ୟୁସି ସେଠାରେ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ନିଆଯିବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଉକ୍ତ ଫ୍ୟାକ୍ଟ୍ରିରେ ଅନ୍ୟ ନାବାଳକମାନେ କାମ କରୁଥିବା ସିଡବ୍ଲ୍ୟୁସି ଖବର ପାଇଛି। ରାତି ହୋଇଯାଇଥିବାରୁ ସେଠାରେ ପୁଣି ସିଡବ୍ଲ୍ୟୁସି ଚଢାଉ କରିବା ସମ୍ଭବ ନୁହେଁ। ତେଣୁ ରାତି ପାହିଲେ ଏ ନେଇ ସେମାନେ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ସହ ପୋଲିସ ସହ ସେଠାରେ ଚଢାଉ କରି ଅନ୍ୟ ନାବାଳକମାନଙ୍କୁ ଉଦ୍ଧାର କରାଯିବ ବୋଲି ସିଡବ୍ଲ୍ୟୁସି ଅଧିକାରୀମାନେ କହିଛନ୍ତି। ଏଥିସହ ଉକ୍ତ ଚାଉମିନ୍ ଫ୍ୟାକ୍ଟ୍ରିର ମାଲିକ କିଏ ସେନେଇ ମଧ୍ୟ ପୋଲିସ ଖୋଳତାଡ କରିବ ବୋଲି ଜଣାପଡିଛି।

### ମନ୍ତ୍ରୀଙ୍କ ଦ୍ୱାରା ଭତ୍ତା, ପରିବାର ମଙ୍ଗଳ ସହାୟତା ଓ ପକ୍କା ଘର କାର୍ଯ୍ୟାଦେଶ ପ୍ରଦାନ

# ପିସି ଦେଲେ କିମ୍ବା ନେଲେ ହେବ କାର୍ଯ୍ୟାନୁଷ୍ଠାନ

**ମାହାଙ୍ଗା, ୨୧।୭(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ପରିସରରେ ରବିବାର ୭୪୪ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ, ୪୦ ଜଣଙ୍କୁ ୨୦ ହଜାର ଲେଖାଏଁ ପରିବାର ମଙ୍ଗଳ ସହାୟତା ଓ ୧୪୧ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ ଏ ସବୁ ସହାୟତା ପ୍ରଦାନ କରିଛନ୍ତି। ଏଥିସହିତ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବସ ହେଉ କିମ୍ବା ବିଜୁ ପକ୍କା ଘର ଯୋଜନା ଯଦି କୌଣସି ହିତାଧିକାରୀ ପିସି ଦେଲେ କିମ୍ବା କେହି ଅଧିକାରୀ ପିସି ନେଲେ ଜଣାପଡ଼େ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଗ୍ରାମାଞ୍ଚଳରେ ବାକି ଥିବା ଚାଳ ଛପର ଘର ପରିବାରକୁ ପକ୍କା ଘର ଦିଆଯିବ ଏବଂ ସେମାନଙ୍କ ଜୀବନଜୀବିକା ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ବର୍ଜ୍ୟବସ୍ତୁ ପରିଚାଳନା, ପରିବେଶ ସୁରକ୍ଷା ପାଇ ପ୍ରତ୍ୟେକ ପରିବାରକୁ ବିଭିନ୍ନ କିସମର ଚାରା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧକ୍ଷ ଶରତ ନାୟକ, ରାଜକିଶୋର ଜେନା, ଭିକାରି ଚରଣ ସ୍ୱାଇଁ, ବ୍ଲକ ଉପାଧକ୍ଷା ରଶିଦା ବେଗମ, ଏବିଡିଓ ମହେଶ୍ୱର ସେଠୀ, ଜିଲା ପରିଷଦ ସଭ୍ୟା ହରପ୍ରିୟା ପାଣି, ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ଏପିଓ ରାମାନୁଜ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ପ୍ରତାପ ଜେନା ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

### ଜିଲାସ୍ତରୀୟ ବନ ମହୋତ୍ସବ

**ମାହାଙ୍ଗା, ୨୧।୭(ସ୍ୱ.ପ୍ର.):** କଟକ ବନଖଣ୍ଡ ଅଧୀନ ଡାଳି ଯୋଡ଼ା ବନାଞ୍ଚଳ ପକ୍ଷରୁ ରବିବାର ମାହାଙ୍ଗା ବ୍ଲକ ନାହାଙ୍ଗ ପଞ୍ଚାୟତ ବାଲିପଡାସ୍ଥିତ ଶ୍ରୀଧର କୁଅଁର ନୋଡାଲ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଛି। ନାହାଙ୍ଗ ସରପଞ୍ଚ ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଜଳବାୟୁ ପରିବର୍ତ୍ତନକୁ ରୋକିବାର ଏକମାତ୍ର ମାଧ୍ୟମ ହେଉଛି ବ୍ୟାପକ ବନାଞ୍ଚଳ ସୃଷ୍ଟି କରିବା। ତେଣୁ ପ୍ରତ୍ୟେକ ବ୍ୟକ୍ତି ଚାରାରୋପଣ କରିବା ସହ ତା'ର ରକ୍ଷଣାବେକ୍ଷଣ କରିବାକୁ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷ ମାହାଙ୍ଗା ଅଞ୍ଚଳରେ ୩୦ ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯିବା ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୨୬କିମି ରାସ୍ତାପାର୍ଶ୍ୱ ଚାରାରୋପଣ କରାଯିବାସହ ପ୍ରତ୍ୟେକ ପରିବାରକୁ ଚାରା ବଣ୍ଟନ କରାଯିବା ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା କଟକ ବନ ଅଧିକାରୀ ଏସଏନଟି ରେହେମାନ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷ ଶରତ ନାୟକ, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଯତୀନଜୟ କୁଅଁର, ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ବିବେକାନନ୍ଦ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଭାଗବତ ସେଠୀ, ବିଜୟ ବାରିକ, ଶରତ ସେଠୀ, ପ୍ରଧାନଶିକ୍ଷକ ନରହରି ସାହୁ, ସନ୍ତୋଷ ମହାନ୍ତି, ପୂର୍ଣ୍ଣ ଦାସ, ପ୍ରହ୍ଲାଦ ପଣ୍ଡା ଓ ଶ୍ରୀନିବାସ ସେନାପତି ପ୍ରମୁଖ ସହଯୋଗ କରିଥିଲେ। ଗୌତମ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଅଜୟ ନାୟକ ଧନ୍ୟବାଦ ଦେଇଥିଲେ। ଶେଷରେ ବିଦ୍ୟାଳୟ ପରିସରେ ଚାରାରୋପଣ କରାଯିବା ସହ ଜନସାଧାରଣଙ୍କୁ ଚାରାବଣ୍ଟନ କରାଯାଇଥିଲା।

# ମୁଖ୍ୟ କେନାଲରେ ଭର୍ତ୍ତି କଳିକତି ଦଳ



ଦଳ ଭର୍ତ୍ତି ହୋଇ ରହିଥିବା କେନାଲ।

**ରଘୁନାଥପୁର, ୨୧।୭ (ଡି.ଏନ.ଏ.)**

- ଜଳ ପ୍ରବାହରେ ବାଧା
- ମୃତ ଜୀବଜନ୍ତୁ ଲାଗି ଦୁର୍ଗନ୍ଧ

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁରସ୍ଥିତ ତାଳଦଣ୍ଡା ମୁଖ୍ୟ କେନାଲ ଉପରେ ନିର୍ମିତ ବ୍ରିଜଠାରୁ ପ୍ରାୟ ଏକ ଶହ ମିଟର ଦୂରତ୍ୱ ପର୍ଯ୍ୟନ୍ତ ଭିଡି ହୋଇ ରହିଛି କୁଢ କୁଢ କଳିକତି ଦଳ। ଫଳରେ ଜଳ ପ୍ରବାହରେ ବାଧକ ସାଜିବା ସହ, ଦଳ ମଧ୍ୟରେ ମୃତ ଜୀବଜନ୍ତୁ ଲାଗି ପରିବେଶ ଦୂଷିତ ହେଉଛି। ଉତ୍କଟ ଗନ୍ଧ ଯୋଗୁ ସେହି ବାଟ ଦେଇ ଯାଉଥିବା ଲୋକେ ନାକ ଟେକୁଛନ୍ତି। କେନାଲ ଅପରପାର୍ଶ୍ୱରେ ଥିବା ନଦୀପଠାକୁ ଚାଷକାର୍ଯ୍ୟ କରିବାକୁ ଯାଉଥିବା ଲୋକେ ପଚାଶଢା ଗନ୍ଧରେ ଅତିଷ୍ଠ ହୋଇ ପଡୁଛନ୍ତି। ଗୋରୁ ଚରିବାରେ ମଧ୍ୟ ଅସୁବିଧା ହେଉଛି। ଜଳସମ୍ପଦ ବିଭାଗ ମଣିଜଙ୍ଗା ଏସ୍‌ଡିଓ ତଥା ଜଇପୁର କନିଷ୍ଠ ଯନ୍ତ୍ରୀ ଉକ୍ତ କେନାଲ ଦାୟିତ୍ୱରେ ରହିଥିଲେ ସୁଦ୍ଧା ବିଭାଗୀୟ ଯନ୍ତ୍ରୀ ତଥା ଖଲାସିଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଦୀର୍ଘ ୧୦ ଦିନ ଧରି ଦଳଗୁଡିକ ବ୍ରିଜ ପିଲରରେ ଜାମ ହୋଇ ଜଳ ପ୍ରବାହରେ ବାଧା ଉପୁଜୁଛି। ଫଳରେ ମୁଖ୍ୟ କେନାଲରୁ ଆଉଟ୍‌ଲେଟ ଦେଇ ମାଇନର କେନାଲକୁ ଜଳସେଚନ ନିମନ୍ତେ ପାଣି ଉଠି ନ ପାରିବାରୁ ବିଲବାଡିରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବର୍ଷା ଦାଉ ସାଧୁଥିବାବେଳେ ଜଳସେଚିତ କେନାଲରେ ଆବଶ୍ୟକ ମୁତାବକ ପାଣି ନିଷ୍କାସିତ ହେଉ ନ ଥିବାରୁ ଚାଷୀ ମନରେ ନୈରାଶ୍ୟ ସୃଷ୍ଟି କରିଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଥିବା ବେଳେ ଏସ୍‌ଡିଓ ଚିନ୍ମୟ ମହନ୍ତି ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟ

# ସରିଲା ସ୍ନାତକ ପ୍ରଥମ ପର୍ଯ୍ୟାୟ ନାମଲେଖା

**କଟକ ଅଫିସ, ୨୧।୭**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ପାଇଁ ସ୍ନାତକ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ରବିବାର ଶେଷ ହୋଇଛି। ଗତ ୧୬ରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବିଭିନ୍ନ ବିଭାଗର ମୋଟ ୧୮୬୦ ସିଟ ପାଇଁ ୭୩୯୯ ଜଣ ବିଦ୍ୟାର୍ଥୀ ଅବଦେନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୧୩୯୬ ଜଣ ବିଦ୍ୟାର୍ଥୀ ନାମ ଲେଖାଇଛନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ସମସ୍ତ ବିଭାଗରେ କଟଅଫ୍ ମାର୍କ ଅଧିକ ରହିଥିଲା। କଳା ପାଇଁ ୭୧.୨%, ବିଜ୍ଞାନ ପାଇଁ ୭୯.୩ %, ବାଣିଜ୍ୟ ପାଇଁ ୮୦ % , ଆଇଏସ୍‌ସି ଓ ଆଇଟିଏମ ପାଇଁ ୬୩.୮ % ଓ ବିବିଏ ବିଭାଗ ପାଇଁ ୬୩.୩ କଟ୍‌ଅଫ ମାର୍କ ରହିଥିଲା। ତେବେ ଜୁଲାଇ ଶେଷ ସୁଦ୍ଧା ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢା ଆରମ୍ଭ ହେବ। ଏହା ପୂର୍ବରୁ ଆବେଦନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ହଷ୍ଟେଲ୍ ଯୋଗାଇ ଦିଆଯିବ। ପ୍ରଥମ ସେମିଷ୍ଟର ପରୀକ୍ଷା ନଭେମ୍ବର ଦ୍ୱିତୀୟ ସପ୍ତାହରେ ଆରମ୍ଭ ହେବାର ଯୋଜନା ରହିଛି। ସେହିପରି ସ୍ନାତକୋତ୍ତର ବିଭାଗଗୁଡିକର ପ୍ରବେଶିକା ପରୀକ୍ଷା ଫଳାଫଳ ଗତ ୧୮ରେ ପ୍ରକାଶ ପାଇଥିଲା। ଆସନ୍ତା ୨୬, ୨୭ ଓ ୨୯ରେ ଏହାର ଆଡମିଶନ ପ୍ରକ୍ରିୟା ଆରମ୍ଭ ହେବ। ଆସନ୍ତା ୩୦ ଓ ୩୧ ତାରିଖରେ ବିଭାଗର ପ୍ରକୋଷ୍ଠରେ ଏମ୍‌ଫିଲ ଓ ପିଏଚ୍‌ଡି ନାମଲେଖା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ଲାଷ୍ଟିକ ଅଣ୍ଡା ବିକି ବ୍ୟବସାୟୀ ଅଟକ

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

ପ୍ଲାଷ୍ଟିକ ଅଣ୍ଡା ବିକ୍ରି କରୁଥିବା ଅଭିଯୋଗରେ ନୟାପଲୀ ଥାନା ପୋଲିସ ଜଣେ ବ୍ୟବସାୟୀଙ୍କୁ ଅଟକ ରଖିଛି। ତାଙ୍କୁ ପଚରାଉଚରା କରିବା ସହ ସେ ବିକ୍ରି କରୁଥିବା ଅଣ୍ଡାକୁ ଜବତ କରି ତଦନ୍ତ କରୁଛି। ଯୁବକ ବିକ୍ରି କରୁଥିବା ଅଣ୍ଡା ପ୍ଲାଷ୍ଟିକ କି ନାହିଁ ତାହା ଜାଣିବାକୁ ପୋଲିସ ପରୀକ୍ଷା ପାଇଁ ପଠାଇଛି। ଯଦି ଅଣ୍ଡା ପ୍ଲାଷ୍ଟିକ ହୋଇଥିବା ଜଣାପଡେ ଉକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

### ମହାନଦୀରୁ ବେଆଇନ ବାଲି ଚାଲାଣ

# ୫ ଟ୍ରକ୍, ୩ ହାଇୱା ଜବତ: ୯ ଗିରଫ

**କଟକ ଅଫିସ, ୨୧।୭**

ମହାନଦୀରୁ ବେଆଇନ ବାଲି ଚାଲାଣ ହେଉଥିବାବେଳେ ଲାଲବାଗ ପୋଲିସ ରବିବାର ଚଢାଉ କରି ୫ଟି ଟ୍ରକ, ୩ ହାଇୱା ଜବତ କରିଛି। ଏଥିସହିତ ଉକ୍ତ ଗାଡି ଚଳାଉଥିବା ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ଅଞ୍ଚଳର ଅରବିନ୍ଦ ରାଉତ, ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ଭଞ୍ଜ ପ୍ରଧାନ, ବୁଗୁଡ଼ା ଅଞ୍ଚଳର ମାନସ ରଞ୍ଜନ ସାହୁ, ଖୋର୍ଦ୍ଧା ଜିଲା ଟମାଣ୍ଡୋ ଅଞ୍ଚଳର ଆଲୋକ ପରିଡ଼ା, ଜଙ୍କିଆ ଅଞ୍ଚଳର ଆକାଶ ବେହେରା, ବାଙ୍କୀ ଥାନା ଭଗିଆପୁର ଅଞ୍ଚଳର ଚନ୍ଦନ ରାଉତ, ନେମାଳ ଥାନା ଅଧୀନ ତରତଶାସନ ଅଞ୍ଚଳର ଗୋଲେଖ ଚନ୍ଦ୍ର ଦାସ, ନୟାଗଡ଼ ଜିଲା କେନ୍ଦୁପୁଡି ଅଞ୍ଚଳର ବଳଭଦ୍ର ପାଇକରାୟ ଓ ଦଶପଲ୍ଲା ଅଞ୍ଚଳର ନିରଞ୍ଜନ ସେଠୀ। ଏ ନେଇ ପୋଲିସ ଏକ ମାମଲା (ନଂ.୧୫୧/୧୯) ରୁଜୁ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଟ୍ରକ ଓ ହାଇୱାଗୁଡ଼ିକ ସିଡିଏ ସେକ୍ଟର-୭ ଅଞ୍ଚଳରୁ ବେଆଇନ ବାଲି ନେଇ ଆସୁଥିବା ପୋଲିସ ସୂଚନା ପାଇଥିଲା। ଲାଲବାଗ ଥାନା ଅଧିକାରୀ ଆଶୁତୋଷ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ମହାନଦୀ ରିଂବନ୍ଧ ଉପରେ ଗାଡ଼ିଗୁଡ଼ିକ ଅଟକାଇଥିଲା। ଯାଞ୍ଚ କରିବାରୁ ବାଲି ନେବା ପାଇଁ ସେମାନଙ୍କ ପାଖରେ କୌଣସି କାଗଜପତ୍ର ନ ଥିଲା। ଫଳରେ ପୋଲିସ ଗାଡ଼ିଗୁଡ଼ିକୁ ଜବତ କରି ଥାନାକୁ ଆଣିବା ସହ ଚାଳକମାନଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେମାନେ ଏଠାରୁ ବାଲି ନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତକୁ ଯାଉଥିବା ମାନିଥିଲେ। ପୋଲିସ ଏହି ଘଟଣାର ଅଧିକ ତଦନ୍ତ ପାଇଁ ତହସିଲଦାରଙ୍କୁ ଅବଗତ କରାଯାଇଛି।

# ରେଗେଡ଼ାକୁ ମଦମୁକ୍ତ ପାଇଁ ଅଣ୍ଟାଭିଡ଼ିଲେ ମହିଳା



ମଦମୁକ୍ତ ପଞ୍ଚାୟତ ଗଠନ ପାଇଁ ସାମିଲ ହୋଇଥିବା ମହିଳା।

**ନରସିଂହପୁର,୨୧।୭(ସ୍ୱ.ପ୍ର.)**

ନରସିଂହପୁର ବ୍ଲକ ଅନ୍ତର୍ଗତ ରେଗେଡ଼ା ଗ୍ରାମ ପଞ୍ଚାୟତକୁ ମଦମୁକ୍ତ କରିବା ପାଇଁ ସ୍ଥାନୀୟ ମହିଳାମାନେ ଅଣ୍ଟା ଭିଡ଼ିଛନ୍ତି। ଦୀର୍ଘଦିନ ହେବ ଏହି ପଞ୍ଚାୟତରେ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। ଫଳରେ ମଦ୍ୟପ ମଦ୍ୟପାନ କରି ବିଭିନ୍ନ ଗ୍ରାମରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଚୋରା ମଦ ବ୍ୟବସାୟୀଙ୍କୁ ଧରିବା ପାଇଁ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗକୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ଏଥିରେ କୌଣସି ପରିବର୍ତ୍ତନ ଅସୁନାହିଁ। ଶେଷରେ ନିରାଶ ହୋଇ ପଞ୍ଚାୟତ ଅଧୀନ ୯ଟି ଗ୍ରାମର ମହିଳାମାନେ ମଦମୁକ୍ତ ପଞ୍ଚାୟତ ଗଠନ ପାଇଁ ନିଷ୍ପତ୍ତି ନେଇଛନ୍ତି। ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଏ ନେଇ ଏକ

**ମିଳିଲା ସମର୍ଥନ**

ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ସାମିଲ ହୋଇଥିଲେ। ମହିଳାମାନେ ଚୋରାମଦ ବ୍ୟବସାୟୀଙ୍କୁ ଗିରଫ କରିବା ଓ ମଦ ବିକ୍ରି ବନ୍ଦ କରିବା ପାଇଁ ପ୍ରଥମେ ଜିଲା ଅବକାରୀ ଅଧୀକ୍ଷକ, ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହାସତ୍ତ୍ୱେ ମଦବିକ୍ରି ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ମହିଳା ସଂଘର ଉଦ୍ୟୋକ୍ତା ପ୍ରଣତି ପ୍ରଧାନ, ରୁନୁ ପଟ୍ଟନାୟକ ଓ ସଙ୍ଗୀତା ନନ୍ଦ ପ୍ରମୁଖ ଚେତାବନୀ ଦେଇଛନ୍ତି। ସରପଞ୍ଚ ସନ୍ତୋଷ କୁମାର ବେହେରା, ବରିଷ୍ଠ ନାଗରିକ ନରସିଂହ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରାଜକିଶୋର ଦାଶ, ବିଘ୍ନେଶ ପ୍ରଧାନ ପ୍ରମୁଖ ବହୁ ଗ୍ରାମବାସୀ ଏହାକୁ ସମର୍ଥନ ଜଣାଇଛନ୍ତି।

### ଆଜି ଶ୍ରାବଣର ପ୍ରଥମ ସୋମବାର

# ବୋଲବମ୍ ଧ୍ୱନିରେ ପ୍ରକମ୍ପିତ ନଦୀପଠା

**କଟକ ଅଫିସ,୨୧।୭**

ବୁଧବାରଠାରୁ ଆରମ୍ଭ ହୋଇଛି ଶ୍ରାବଣ ମାସ। ମନସ୍କାମନା ପୂରଣ ଉଦ୍ଦେଶ୍ୟରେ ମାସର ପ୍ରଥମ ସୋମବାରରେ ବୋଲବମ୍ ଭକ୍ତମାନେ ବିଭିନ୍ନ ଶୈବପୀଠରେ ଠାକୁରଙ୍କୁ ଜଳଲାଗି କରିବେ। ଏଥିପାଇଁ ରବିବାର କଟକର ବିଭିନ୍ନ ନଦୀପଠାରେ ବୋଲବମ୍ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଗଡ଼ଗଡ଼ିଆ ଘାଟ, ପୁରୀଘାଟ, ଗଣେଶଘାଟ, ନରାଜ ଅଞ୍ଚଳର ନଦୀପଠାରେ ବୋଲବମ୍ ଭକ୍ତମାନେ ବାଲୁକା ପୂଜା କରିଥିଲେ। ପରେ ନଦୀରୁ ପାଣି ଉଠାଇ ବିଭିନ୍ନ ଶୈବପୀଠକୁ ଯାଇଥିଲେ। ବୋଲବମ୍ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ନଦୀପଠା। ଶ୍ରାବଣ ମାସରେ ସହରର ସମସ୍ତ ଶୈବ ପୀଠରେ ଆଲୋକମାଳାରେ ସଜାହୋଇଛି। ବୋଲବମ୍ ଭକ୍ତଙ୍କ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀ ଇମାନ କଲ୍ୟାଣୀ ନାୟକ କହିଛନ୍ତି।



କଟକ ମହାନଦୀ ଗଡ଼ଗଡ଼ିଆ ଘାଟରୁ ବୋଲବମ୍ ଭକ୍ତମାନେ ଜଳ ନେଇ ବିଭିନ୍ନ ଶୈବପୀଠକୁ ଯାଉଛନ୍ତି।

### ଏମାନେ କ'ଣ କୁହନ୍ତି...



ମୋର ମାନସିକ ପୂର୍ଣ୍ଣ ପାଇଁ ୫ ବର୍ଷ ହେବ ପ୍ରତ୍ୟେକ ଶ୍ରାବଣ ମାସରେ ଭିନ୍ନ ଭିନ୍ନ ଶୈବପୀଠକୁ ଜଳଲାଗି କରିବାକୁ ଯାଏ। ଚଳିତବର୍ଷ ପ୍ରଥମଥର ପାଇଁ ଗଡଗଡିଆ ଘାଟ ପାଣି ଉଠାଇ ଧବଳେଶ୍ୱରଙ୍କୁ ଜଳଲାଗି କରିବାକୁ ଯାଉଛି।

**-ସୀମାଞ୍ଚଳ ରାଉଳ, ଗଞ୍ଜାମ**



ମାନସିକ ପୂର୍ଣ୍ଣ ପାଇଁ ଧବଳେଶ୍ୱରଙ୍କୁ ଜଳଲାଗି କରିବାକୁ ଭୁବନେଶ୍ୱରରୁ ଆସିଛି। ଗଡଗଡିଆ ଘାଟରୁ ପାଣିନେଇ ଧବଳେଶ୍ୱରଙ୍କୁ ଜଳଲାଗି କରିବା ପାଇଁ ବାହାରିଛି। ଅନେକଥର ଭାବିଛି ଜଳଲାଗି କରିବା ପାଇଁ ହେଲେ ମୋର ଭାଗ୍ୟରେ ନ ଥିଲା। ଏଥର ମହାଦେବଙ୍କ ଆଶୀର୍ବାଦରୁ ଜଳଲାଗି କରିବା ପାଇଁ ଯାଉଛି। ଏଥିପାଇଁ ମୁଁ ବହୁତ ଖୁସି।

**-ନୀଳକଣ୍ଠ ମିଶ୍ର, ପଟିଆ, ଭୁବନେଶ୍ୱର**



ମୋର କୌଣସି ମାନସିକ ନାହିଁ। ମହାଦେବଙ୍କ ଭଲ ପାଇବା ଏହିଠାକୁ ଟାଣିଆଣିଛି। ପ୍ରଥମବର୍ଷ ମୁଁ ଗଡଗଡିଆ ଘାଟରୁ ଧବଳେଶ୍ୱର ପାଣି ନେଇ ଯାଉଛି। ମହାଦେବ ମୋତେ ଆଶୀର୍ବାଦ ଦିଅନ୍ତୁ, ମୁଁ ପ୍ରତିବର୍ଷ ଜଳଲାଗି କରିବାକୁ ଯିବାରେ ସକ୍ଷମ ହୋଇପାରିବି।

**-ଦୀପକ କୁମାର, ମାଛୁଆବଜାର, କଟକ**



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ । - ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଟାଙ୍ଗୋଲରେ ବଧୂହତ୍ୟା, ସ୍ୱାମୀ ଅଟକ

**ଖୋର୍ଦ୍ଧା ଅଫିସ,୨୧।୭:** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଟାଙ୍ଗୋଲରେ ଲକ୍ଷ୍ମୀପ୍ରିୟା ପରମାଣିକ(୨୩) ବଧୂଙ୍କୁ ରବିବାର ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଦଫା ୪୯୮(ଏ), ୩୦୨, ୩୦୪(ବି), ୩୪ ଆଇପିସିରେ ନଂ. ୧୧୫/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସୋମବାର ବ୍ୟବଚ୍ଛେଦ ହେବ। ସେହିପରି ହତ୍ୟା ଅଭିଯୋଗରେ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ବିରେନ(୨୬) ଅଟକ ରହିଛନ୍ତି। ପାରିବାରିକ ବିବାଦ କାରଣରୁ ଲକ୍ଷ୍ମୀପ୍ରିୟାଙ୍କୁ ମାରପିଟ୍ କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି।

### ଟ୍ରେନ୍‌ରେ କଟି ଜଣେ ମୃତ

**ବୋଲଗଡ଼,୨୧।୭(ଡି.ଏନ.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ପୂର୍ବତଟ ରେଳପଥ, ବୋଲଗଡ଼ ନିକଟ ରେଲ୍‌ୱେ ଲେଭଲ୍ କ୍ରସିଂ ଧାରଣାରେ ଟ୍ରେନ୍‌ରେ କଟି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ବୋଲଗଡ଼ ଥାନା ମଣ୍ଡଳସିଂହ ଗ୍ରାମର ଅଭିମନ୍ୟୁ ନାଏକ(୪୮)। ପୋଲିସ ସୂତ୍ରରୁ ପ୍ରକାଶ, ୫୭ ନଂ ଜାତୀୟ ରାଜପଥସ୍ଥିତ ବୋଲଗଡ଼, ପଞ୍ଚକୋଟ ମଧ୍ୟବର୍ତ୍ତୀ ରେଳଧାରଣା ଉପରୁ ଅଭିମନ୍ୟୁଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଜବତ ମୃତଦେହକୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପୋଲିସ ପକ୍ଷରୁ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ଘଟଣା ନେଇ ବୋଲଗଡ଼ ଥାନାରେ କେସ୍ ନଂ. ୩/୧୯ରେ ଅପମୃତ୍ୟୁ ମାମଲା ରୁଜୁପୂର୍ବକ ତଦନ୍ତ ଜାରି ରହିଛି।

### ୭ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୨୧।୭:** ବ୍ରାଉନସୁଗାର ଜବତ ଅଭିଯୋଗରେ ଖୋର୍ଦ୍ଧା ଜିଲାର ଜଙ୍କିଆ ଥାନା ପୋଲିସ ଛଣଗିରିର ଅଜୟ ମହାପାତ୍ର(୩୯)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଅଜୟଙ୍କୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆଯାଇଛି। ଅଜୟଙ୍କଠାରୁ ୭ ଗ୍ରାମ ବ୍ରାଉନସୁଗାର ଶନିବାର ସନ୍ଧ୍ୟାରେ ଛଣଗିରି ଶିବ ମନ୍ଦିରଠାରୁ ଜବତ ହୋଇଥିଲା। ଏ ନେଇ ନଂ. ୧୧୪/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲା।

### ଡ୍ରେନ ଓ ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ ହେଉନି

**ଖୋର୍ଦ୍ଧା ଅଫିସ,୨୧।୭:** ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଗଜପତି ଛକ ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ କାର୍ଯ୍ୟ ଚାଲୁ ରହିଛି। ତେବେ କାର୍ଯ୍ୟ କଚ୍ଛପ ଗତିରେ ଚାଲୁଥିବାବେଳେ ଧୂଳି ଉଡୁଥିଲେ ମଧ ପାଣି ପକାଯାଉନି। ରାସ୍ତାର ଉଭୟପାର୍ଶ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ଜିଲାସ୍ତରୀୟ କାର୍ଯ୍ୟାଳୟ ରହିଥିବାବେଳେ ଭଳିକି ଭଳି କାର୍ଯ୍ୟ ନେଇ ପ୍ରତ୍ୟହ ସାଧାରଣ ଲୋକ ଆସୁଛନ୍ତି। ଏଣୁ ରାସ୍ତା କାର୍ଯ୍ୟରେ ତ୍ୱରାନ୍ୱିତ ଆଣିବା ପାଇଁ ସାଧାରଣରେ ଦାବି ହେଉଛି।

# ବ୍ରାଉନସୁଗାର ସାମ୍ରାଜ୍ୟ ଧ୍ୱଂସ ହେବ

**ଖୋର୍ଦ୍ଧା ଅଫିସ,୨୧।୭**

ବ୍ରାଉନସୁଗାର କାରବାରର ମାଷ୍ଟରମାଇଣ୍ଡ ତଥା ଖୋର୍ଦ୍ଧା ପଥରଖଣି ଉପତ୍ୟକାରେ ରାଜ କରୁଥିବା ସୁଧାଂଶୁ ପରିଡା ଓରଫ ଛୋଟା ଖୋର୍ଦ୍ଧା ସବ୍‌ଜେଲରେ ଅଛନ୍ତି। କ୍ରାଇମବ୍ରାଞ୍ଚର ରିମାଣ୍ଡ ସମୟରେ ଛୋଟା କ'ଣ କ'ଣ ଗୁମର ଖୋଲିଛନ୍ତି ଏସ୍‌ଟିଏଫ୍ ପକ୍ଷରୁ କିଛି ସୂଚନା ମିଳୁନି। ତେବେ ଖୋର୍ଦ୍ଧାରୁ ବ୍ରାଉନସୁଗାର କାରବାରର ସାମ୍ରାଜ୍ୟକୁ ଧ୍ୱଂସ କରିବାକୁ ଏସ୍‌ଟିଏଫ୍ ତ୍ୱରିତ ପଦକ୍ଷେପ ନେଇଛି ବୋଲି କୁହାଯାଉଛି। କିଛିଦିନ ତଳେ ଏସ୍‌ଟିଏଫ ଛୋଟାଙ୍କ ଡ୍ରାଇଭରଙ୍କୁ ଅଟକ ରଖି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜାଣି ପାରିଥିଲା। ପରେ ଛୋଟାଙ୍କୁ ରିମାଣ୍ଡରେ ନେଇ ଅବଶିଷ୍ଟ ତଥ୍ୟ ସଂଗ୍ରହ କରିଛି। ଏଥିରେ ଅପରାଧକୁ ପ୍ରୋତ୍ସାହିତ ଓ ସହଯୋଗ କରୁଥିବା ଅନେକଙ୍କ ନାଁ ଜଣାପଡିଥିବାବେଳେ ସେଥିରେ କେତେ

### ଫସିବେ ସହଯୋଗକାରୀ

ସତ୍ୟାସତ୍ୟ ରହିଛି ତା'ର ଅନୁଧ୍ୟାନ ଚାଲୁ ରହିଛି। ତେବେ ଛୋଟାଙ୍କ ଡ୍ରାଇଭର ଡକାୟତି ଉଦ୍ୟମ ଅଭିଯୋଗରେ ଜଙ୍କିଆ ଥାନା ପୋଲିସ ଦ୍ୱାରା କୋର୍ଟ ଚାଲାଣ ହୋଇ ଜେଲରେ ଛୋଟା ସହ ରହିଛନ୍ତି। ଏସ୍‌ଟିଏଫର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ, ଛୋଟାଙ୍କ ସହଯୋଗୀମାନେ ଫସିବେ। କାରଣ ପ୍ରମାଣ ସଂଗୃହୀତ ହୋଇସାରିଛି। ଆହୁରି କିଛି ବି ସଂଗ୍ରହ ଚାଲିଛି। ବ୍ରାଉନସୁଗାର କାରବାରକୁ ବନ୍ଦ କରିବାକୁ ତ୍ୱରିତ ପଦକ୍ଷେପ ନିଆଯାଉଛି।

### ମହିଳା ଗୋଷ୍ଠୀ ନିୟୋଜିତ ଥିଲେ

ଛୋଟାଙ୍କ ବ୍ୟବସାୟକୁ ମହିଳା ଗୋଷ୍ଠୀ ବଢ଼ାଇଥିଲେ। ସ୍ଥାନୀୟ ଅଞ୍ଚଳରେ ମହିଳାମାନଙ୍କୁ ଏକାଠି କରି ସେମାନଙ୍କ ପାଇଁ ସରକାରୀ ସ୍ତରରେ ସହାୟତା ପାଇବାକୁ ଛୋଟା ସହଯୋଗ କରିଥିଲେ। ଅନ୍ୟପକ୍ଷେ ପରିବାର ଗୁଜୁରାଣ ପାଇଁ କିଛି ଆବଶ୍ୟକତାକୁ ଛୋଟା ପୂରଣ କରିଥିଲେ। ସେହି ଆର୍ଥିକ ସହାୟତା ଛୋଟା ଫେରାଇ ନେଉ ନ ଥିଲେ। ଯଦ୍ୱାରା ମହିଳାମାନେ ଛୋଟାଙ୍କ ଅନୁଗତ ହୋଇଯାଇଥିଲେ। ମହିଳାମାନଙ୍କୁ ହାତ କରି ଛୋଟା ପରିବାରର ସଦସ୍ୟମାନଙ୍କ ହାତରେ ଅତିରିକ୍ତ ବ୍ୟବସାୟୀ ଭାବେ ବ୍ରାଉନସୁଗାର ଲଦି ଦେଇଥିଲେ। ପରେ ଏ ବ୍ୟବସାୟ ବଢ଼ିଥିଲା। ଛୋଟା ଲାଭବାନ ହେବା ସହ ମହିଳାଙ୍କ ପରିବାରକୁ ଗୁରୁତ୍ୱ ଦିଆଯାଉଥିଲା । ପ୍ରତିମାସରେ ଭଲ ଦରମା ବି ଦେଉଥିଲେ।

### ଭୟଭୀତ କରୁଛନ୍ତି ବ୍ରାଉନସୁଗାର ବ୍ୟବସାୟୀ

ମହିଳାଙ୍କ ବିରୋଧକୁ ବ୍ରାଉନସୁଗାର ବ୍ୟବସାୟୀ ନାଲି ଆଖି ଦେଖାଇ ଭୟଭୀତ କରାଇବା ଆରମ୍ଭ କରିଛନ୍ତି। ଏପରିକି ଚୁପ ରହିବାକୁ ରବିବାର ଆକ୍ରମଣ କରିବାକୁ ପଛାଇ ନାହାନ୍ତି। ବୁଢ଼ୀ ବଗିଚାର ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କ ନିଶା ବନ୍ଦ ଅଭିଯାନ ନେତ୍ରୀ ସ୍ୱପ୍ନେଶ୍ୱରସାହିର ରଜନୀ ବାରିକଙ୍କ ପୁଅ ସାଗର (୧୮)ଙ୍କୁ ରବିବାର ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ମହିଳାମାନେ ପୋଲିସକୁ ଅଭିଯୋଗ କରିବାକୁ ଆସୁଥିବାବେଳେ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। ତେବେ ଅଭିଯୋଗ ପାଇ ପାଟ୍ରୋଲିଂ ଗାଡି ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ ଚାପା ଉତ୍ତେଜନା ହଟି ନାହିଁ। ମହିଳାମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ସ୍ୱପ୍ନେଶ୍ୱରଲେନର ମହିଳାମାନେ ନିଶା ନିବାରଣ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରତିଦିନ କେତେଜଣ ନିଶା ବେପାରୀ ଓ ସେବନକାରୀଙ୍କୁ ଧରି ପୋଲିସ ଜିମା ଦେଉଛନ୍ତି, ଯଦ୍ୱାରା ବ୍ରାଉନସୁଗାର ବ୍ୟବସାୟୀ ଏକଜୁଟ୍ ହୋଇ ମହିଳାଙ୍କୁ ଭୟଭୀତ କରିବାକୁ ଉଦ୍ୟମ ଆରମ୍ଭ କରି ଦେଇଛନ୍ତି।

# କର୍ମଜୀବୀ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ



ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

**ଖୋର୍ଦ୍ଧା ଅଫିସ,୨୧।୭**

ଜିଲା ସଂସ୍କୃତି ଭବନ ପରିସରରେ ରବିବାର ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲା ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦାୟିତ୍ୱ, କର୍ତ୍ତବ୍ୟ ଓ ସମ୍ବାଦ ସଂଗ୍ରହ କରୁଥିବା ସମୟରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୁରକ୍ଷା ପ୍ରଦାନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ପ୍ରକାଶ କୁମାର ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ସୌମ୍ୟ ରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ରୂପେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ସମ୍ମାନିତ ଅତିଥି ରୂପେ ଜଟଣୀ ବିଧାୟକ ସୁରେଶ ରାଉତରାୟ, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଯୋଗ ଦେଇଥିଲେ। ଖବରଦାତାମାନଙ୍କୁ ଆକ୍ରମଣ ନେଇ ବକ୍ତାମାନେ ନିନ୍ଦା କରିଥିଲେ। ଏଥିରେ ଧରିତ୍ରୀର ଜିଲା ପ୍ରତିନିଧି ଲୋକନାଥ ମିଶ୍ର, ଖବରଦାତା ସନ୍ତୋଷ ବାରିକ ଓ ଗୀତାଞ୍ଜଳି ସାହୁଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ୭ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମିଡିଆ କନଭେନର ଲଳିତ ମହାପାତ୍ର ସଂଯୋଜନା ଓ ଧନ୍ୟବାଦ ଦେଇଥିଲେ।

# ନଳକୂପ ଅଚଳ, ବ୍ୟବସାୟୀ ହନ୍ତସନ୍ତ

**ବେଗୁନିଆ, ୨୧।୭ (ଡି.ଏନ.ଏ.)**

ବେଗୁନିଆ ବ୍ଲକ ଦୁର୍ଗା ବଜାର ପରିସରରେ ଥିବା ନଳକୂପଟି ଦୀର୍ଘଦିନ ହେଲା ଅଚଳ ହୋଇପଡିଛି। ଏଥିଯୋଗୁ ବ୍ୟବସାୟୀମାନେ ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି। ମରାମତି ପାଇଁ ଅଭିଯୋଗ କଲେ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ସୋମବାର ହେବାକୁ ଥିବା ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଶେଷ ଗୁହାରୀ କରିବା ପରେ ୨ ଦିନ ଅପେକ୍ଷା କରି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବ୍ୟବସାୟୀମାନଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ବଜାରରେ ଥିବା ଏହି ନଳକୂପ ଉପରେ ୮୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ନିର୍ଭର କରନ୍ତି। ଏଥିସହ ସାପ୍ତାହିକ ହାଟ ୨ ପାଳିରେ ପରିବା ବିକ୍ରି କରିବାକୁ ଆସୁଥିବା ଉଠା ଦୋକାନୀ ମଧ୍ୟ ନିର୍ଭର କରନ୍ତି। ୪୫ ଦିନ ହେଲା ଏହି ନଳକୂପର ପାଇପ ଫାଟି ଅଚଳ ହୋଇଥିଲା। ଅଭିଯୋଗ ପରେ ଏବେ ୧୫ ଦିନ ହେଲା ବିଭାଗ ପକ୍ଷରୁ ମରାମତି କରାଯିବ ବୋଲି କହି ନଳକୂପ ର ଉପରି ଭାଗ ପାଇପ କାଢି ନେଇ ଯିବା ପରେ ଆଉ କାହାର ଦେଖା ଦର୍ଶନ ମିଳୁନାହିଁ। ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ମରାମତି ପାଇଁ କର୍ମଚାରୀ ଅଭାବ ବୋଲି



ଅଚଳ ନଳକୂପର ହ୍ୟାଣ୍ଡେଲ୍ କାଢ଼ିନିଆଯାଇଛି।

ସଫେଇ ଦିଆଯାଉଛି। ଏଥିସହ ଗତ ୧୫ ତାରିଖରେ ଜଣେ ବ୍ୟବସାୟୀ କମ୍ପ୍ଲେନ ହେଲ୍ପ ଲାଇନ ନମ୍ବରରେ ଅଭିଯୋଗ କରିଥିଲେ। ୩ ଦିନ ମଧ୍ୟରେ ଅଚଳ ନଳକୂପ ସଚଳ ହୋଇଯିବ ବୋଲି ଉତ୍ତର ମିଳିଥିଲା। ମାତ୍ର ଏଯାବତ ମରାମତି ହେଲାନାହିଁ। ପାଣି ପାଇଁ ବ୍ୟବସାୟୀମାନେ ଅଧ କିମି ଦୂର ଏକ ବସ୍ତିର ନଳକୂପ ଉପରେ ନିର୍ଭର କରୁଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ଜଳଯୋଗାଣ ଯନ୍ତ୍ରୀଙ୍କ ମୋବାଇଲ ନଂ. ୮୨୮୦୪୦୮୭୭୭କୁ ବାରମ୍ବାର ଯୋଗାଯୋଗ କଲେ ସେ ଫୋନ୍ ଉଠାଉ ନାହାନ୍ତି।

### ପୋଖରୀ ନିଲାମକୁ ନେଇ ବିବାଦ: ଦୁଇ ଗାଁରେ ଉତ୍ତେଜନା

**ଖୋର୍ଦ୍ଧା ଅଫିସ/ବାଲୁଗାଁ, ୨୧।୭ (ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ନିମିକ୍ଷେତା ପଞ୍ଚାୟତର ଏକ ପୋଖରୀ ନିଲାମକୁ ନେଇ ବୀରପାଟଣା ଓ ଚାଷଙ୍ଗରା ଗାଁ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଘଟଣାକୁ ନେଇ ଶନିବାର ଅପରାହ୍ନରୁ ନିମକ୍ଷେତା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଚାଷଙ୍ଗରା ବାସିନ୍ଦା ପୋଖରୀ ପୁନଃ ନିଲାମ ଦାବି କରି ପ୍ରତିବାଦ ଜଣାଇଛନ୍ତି । ରବିବାର ମଧ୍ୟାହ୍ନରେ ଖୋର୍ଦ୍ଧା ଉପଜିଲାପାଳ, ଚିଲିକା ତହସିଲଦାର ଓ ଚିଲିକା ଏବିଡିଓ ପହଞ୍ଚି ବୁଝାଶୁଝା କରିଥିଲେ। ବୁଧବାର ବୈଠକ କରାଯାଇ ସମାଧାନ କରାଯିବାକୁ ନିଷ୍ପତ୍ତି ହେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଉଭୟ ଗାଁର ସୀମାନ୍ତରେ ଥିବା ପୋଖରୀରେ ଚାଷଙ୍ଗରା ଲୋକ ଦୀର୍ଘବର୍ଷ ଧରି ମାଛଚାଷ କରିଆସୁଥିଲେ । ପୋଖରୀ ନିଲାମ ନେଇ ଚଳିତବର୍ଷ ପଞ୍ଚାୟତ ତରଫରୁ ବୀରପାଟଣା ଗ୍ରାମବାସୀଙ୍କୁ ନିଲାମଜନିତ ନୋଟିସ ହୋଇଥିବାବେଳେ ଚାଷଙ୍ଗରା ବାସିନ୍ଦା ପ୍ରତିବାଦ କରିଥିଲେ। ଫଳରେ ନିଲାମକୁ ପଞ୍ଚାୟତ ତରଫରୁ ବାତିଲ କରାଯାଇଥିଲା। ଏଭଳିସ୍ଥଳେ ବୀରପାଟଣା ଗ୍ରାମବାସୀ ବାତିଲକୁ ଅଣଦେଖା କରି ପୋଖରୀରେ ଯାଆଁଳ ଛାଡିବା ପରେ ବିବାଦ ଘନୀଭୂତ ହୋଇଥିଲା ।

### କୃଷକ ନେତାଙ୍କ ପରଲୋକ

**ଜଟଣୀ,୨୧।୭(ଡି.ଏନ.ଏ.):** ଜଟଣୀ ନିର୍ବାଚନମଣ୍ଡଳୀ ପାଇକରାପୁର କାଟେଣୀ ଗ୍ରାମର ବିଶିଷ୍ଟ କୃଷକ ନେତା ନଟବର ମହାରଣା(୬୩)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ଭାଗଚାଷୀଙ୍କ ହକ ପାଇଁ ମୃତ୍ୟୁ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲେ। ତାଙ୍କ ପରଲୋକ ଖବର ଶୁଣି ବାମପନ୍ଥୀ ନେତା ମୁରଲୀଧର ଜେନା, ସାମାଜିକ କର୍ମୀ ବିନୟ କୁମାର ସାହୁ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ମହିଳା ରେଳଯାତ୍ରୀଙ୍କ ସୁରକ୍ଷା ଦେବ ସୁଭଦ୍ରା ବାହିନୀ

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

ରେଳ ଷ୍ଟେଶନ ଓ ଟ୍ରେନରେ ଯାତ୍ରା ସମୟରେ ମହିଳାମାନଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ଖୋର୍ଦ୍ଧା ରୋଡ୍ ରେଳ ଡିଭିଜନ୍ ଅତିରିକ୍ତ ପଦକ୍ଷେପ ନେଇଥିଲା। ମହିଳା ଯାତ୍ରୀ ଷ୍ଟେଶନକୁ ପ୍ରବେଶ କରିବା ସମୟଠାରୁ ଟ୍ରେନରେ ଚଢ଼ିବା ଓ ଓହ୍ଲେଇବା ପର୍ଯ୍ୟନ୍ତ ସେମାନଙ୍କ ସୁରକ୍ଷାକୁ ପାଦେ ପାଦେ ଜଗିବ ରେଳ ସୁରକ୍ଷା ବଳର ସ୍ୱତନ୍ତ୍ର ମହିଳା ଦଳ 'ସୁଭଦ୍ରା ବାହିନୀ'। ପୂର୍ବରୁ ଥିବା ଏହି ବାହିନୀ ମଝିରେ ମଝିରେ କାର୍ଯ୍ୟ କରି ପରେ ବନ୍ଦ ହୋଇ ଯାଉଥିଲା। ହେଲେ ଏବେ ଶୁକ୍ରବାରଠାରୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇଛି। ୫ ଜଣ ମହିଳା ଆରପିଏଫ ଷ୍ଟାଫ୍‌ଙ୍କୁ ନେଇ ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ୍ ଏହି ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଏସ୍‌ଆଇ ସଚଳା ପ୍ରଧାନଙ୍କ ନେତୃତ୍ୱରେ ହେଡ କନଷ୍ଟେବଲ ପ୍ରତିମାରାଣୀ ଲେଙ୍କା, ହେଡ କନଷ୍ଟେବଲ ଆରତୀ ରାଣୀ ପଣ୍ଡା, କନଷ୍ଟେବଲ ବିଜୟିତା ପାତ୍ର ଓ କନଷ୍ଟେବଲ ଅନସ୍ମିତା ବିଶ୍ୱାଳଙ୍କୁ ନେଇ ଏହି ଟିମ୍ ଗଠନ ହୋଇଛି। ୫ ଜଣ ଦକ୍ଷ ଆରପିଏଫ ଷ୍ଟାଫ୍‌ଙ୍କୁ ନେଇ କେବଳ ମହିଳାଙ୍କ ସୁରକ୍ଷା ଓ ଅନ୍ୟ ସହାୟତା ଯୋଗାଇବା ଲାଗି ଏହି ଟିମ୍ ଗଠନ ହୋଇଛି ବୋଲି ଭୁବନେଶ୍ୱର ରେଳ ସୁରକ୍ଷା ବଳ ଥାନା ଅଧିକାରୀ କାଳୁ ସେଠୀ କହିଛନ୍ତି।

ଅଧିକାଂଶ ସମୟରେ ରାତିରେ ମହିଳା ଯାତ୍ରୀମାନେ ଟ୍ରେନ୍‌ରେ ଚଢ଼ିବା କିମ୍ବା ଓହ୍ଲେଇବା ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ମହିଳା କୋଚ୍‌ରେ ପୁରୁଷମାନେ ବି ଜବରଦସ୍ତ ଯାତ୍ରା କରୁଥାନ୍ତି, ଶୌଚାଳୟ, ଅପେକ୍ଷା ଗୃହ ଆଦି ସ୍ଥାନରେ ମହିଳାମାନଙ୍କୁ ଅକଥନୀୟ ସମସ୍ୟା ଉପୁଜେ। ସୁଭଦ୍ରା ବାହିନୀର ସଦସ୍ୟ ମହିଳାମାନଙ୍କୁ ହଇରାଣ କରୁଥିବା ଦୁର୍ବୃତ୍ତଙ୍କୁ ସାବାଡ଼୍ କରିବ। ଅସୁବିଧା ଏବଂ ଅସହାୟ ମହିଳାଙ୍କୁ ସହାୟତା ଦେବାକୁ ଏହି ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଯଦି କୌଣସି ମହିଳାଙ୍କୁ ନେଇ ସନ୍ଦେହ ଉପୁଜେ ତେବେ ଏମାନେ ତାଙ୍କୁ ତନଖି ମଧ୍ୟ କରିବେ। ତେବେ ଏହି ବାହିନୀ ଟ୍ରେନରେ ଏସ୍କର୍ଟିଂ ପାଇଁ ମଧ୍ୟ ଯିବେ। ପୁରୀ, ଖୋର୍ଦ୍ଧା, ଭଦ୍ରକ, ଢେଙ୍କାନାଳ ପର୍ଯ୍ୟନ୍ତ ଯାଇ ମହିଳା କୋଚ୍ ଓ ମହିଳାଙ୍କ ନାମରେ ସଂରକ୍ଷିତ ସିଟ୍‌କୁ ଯେମିତି କେହି ବ୍ୟବହାର ନ କରିବେ ତାକୁ ନିଶ୍ଚିତ କରାଇବେ। ସୁଭଦ୍ରା ବାହିନୀ ମହିଳାଙ୍କ ସହ ଶିଶୁମାନଙ୍କ ସୁରକ୍ଷାକୁ ନଜର ଦେବ। ଏଥିସହ ସାହାଯ୍ୟ ଯୋଗାଇବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ରେଳ ସୁରକ୍ଷା ବଳ ଥାନା ଅଧିକାରୀ କେ. ସେଠୀ କହିଛନ୍ତି।



ସୁଭଦ୍ରା ବାହିନୀର ସଦସ୍ୟମାନେ।

# ଟ୍ରେନ୍ ଧକ୍କାରେ ରେଳ କର୍ମଚାରୀଙ୍କ ମୃତ୍ୟୁ

**ଜଟଣୀ, ୨୧।୭ (ଡି.ଏନ.ଏ.):** ଟ୍ରେନ୍ ଧକ୍କାରେ ରେଳ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସଞ୍ଜୟ କର(୫୮)। ଖୋର୍ଦ୍ଧାରୋଡ ଷ୍ଟେଶନରୁ ୨ କିମି ଦୂର ୟାର୍ଡ କାର୍ଯ୍ୟାଳୟ ନିକଟ ଧାରଣାରେ ରବିବାର ରାତି ୧୦ଟାରେ ଘଟିଛି। ସେ ୟାର୍ଡ ମାଷ୍ଟର ଭାବେ କାମ କରୁଥିଲେ। ଏକ ମାଲବାହୀ ଟ୍ରେନ୍ ଡ୍ରାଇଭରଙ୍କୁ ପାସିଂ ମେମୋ ଦେଇ ଫେରୁଥିବା ବେଳେ ଅପରପାର୍ଶ୍ୱରୁ ଆସୁଥିବା କରମଣ୍ଡଳ ଏକ୍ସପ୍ରେସ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ରେଳପଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ଉପଜିଲାପାଳ, ଡିଆଇପିଆରଓ ପଦବୀ ଖାଲି

**ଖୋର୍ଦ୍ଧା ଅଫିସ,୨୧।୭**

ଖୋର୍ଦ୍ଧା ଜିଲା ସଦର ମହକୁମାରେ ଖୋର୍ଦ୍ଧା ଉପଜିଲାପାଳ ଓ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆରଓ) ପଦବୀ ଖାଲିପଡିଛି। ଖୋର୍ଦ୍ଧା ତହସିଲଦାର ଅତିରିକ୍ତ ଦାୟିତ୍ୱ ଭାବେ ଉପଜିଲାପାଳ ପଦବୀ ସମ୍ଭାଳୁଥିବାବେଳେ ଭୁବନେଶ୍ୱର ଡିଆଇପିଆରଓ ଖୋର୍ଦ୍ଧା ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଅନ୍ୟପକ୍ଷେ ଜଣେ ଅଧିକାରୀ ଡିଆଇପିଆରଓ ଜିଲା ସଂସ୍କୃତି ଅଧିକାରୀ ଦାୟିତ୍ୱ ତୁଲାଇଥାନ୍ତି। ଏଭଳିସ୍ଥଳେ ଖୋର୍ଦ୍ଧାରେ ଡିଆଇପିଆରଓ କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାରର କାର୍ଯ୍ୟରେ ବାଧା ଉପୁଜୁଛି। ସେହିଭଳି ତହସିଲଦାର ଦୁଇ ପଦବୀ ପାଇଁ କାର୍ଯ୍ୟ କରୁଥିବାରୁ ଲୋକଙ୍କର ସମସ୍ୟା ହେଲାଣି। ଉଭୟ ପଦବୀ ଶୀଘ୍ର ପୂରଣ କରିବାକୁ ଦାବି ହେଉଛି।

# ଦିନିକିଆ ଟ୍ୟାକ୍ସ ସେମିନାର: ବଜେଟ ଉପରେ ଆଲୋଚନା




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

**ଜଟଣୀ,୨୧।୭(ଡି.ଏନ.ଏ.)**

ଜଟଣୀ ଅଗ୍ରୱାଲା ଧର୍ମଶାଳା ପରିସରରେ ଟ୍ୟାକ୍ସ ଉପରେ ଏକ ଦିନିକିଆ ସେମିନାର ରବିବାର ଅନୁଷ୍ଠିତ ହୋଇଥିଲା। ଅଲଇଣ୍ଡିଆ ଫେଡେରେଶନ ଅଫ୍ ଟ୍ୟାକ୍ସ ପ୍ରାକ୍ଟିଶନର (ଇଷ୍ଟର୍ନ ଜୋନ୍) ଓ ଖୋର୍ଦ୍ଧା ଟ୍ୟାକ୍ସ ବାର୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ସେମିନାର ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶା ହାଇକୋର୍ଟର ଜଷ୍ଟିସ ଡ. ବି.ଆର. ଷଡଙ୍ଗୀ ଓ ରାଜ୍ୟ ମୁଖ୍ୟ ଆୟକର କମିଶନର ପ୍ରଣବ କୁମାର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ବିଭିନ୍ନ ଅଧିବେଶନରେ ଚଳିତବର୍ଷ ବଜେଟ୍‌ରେ ଫାଇନାନ୍ସ ବିଲ୍ ଉପରେ ନୂଆ ରିଟର୍ନ ଫର୍ମ, ଜିଏସ୍‌ଟିରେ କର ନିର୍ଦ୍ଧାରଣ ନୀତି ଆଦି ଉପରେ ଆଲୋଚନା ହୋଇଥିଲା। ସୁପ୍ରିମକୋର୍ଟ ଆଇନଜୀବୀ ଭି.ପି. ଗୁପ୍ତା, କୋଲକାତାରୁ ଆସିଥିବା ଆଇନଜୀବୀ ସୁବାସ ଚନ୍ଦ୍ର ଅଗ୍ରୱାଲା, ଭୁବନେଶ୍ୱର ଆୟକର ବିଭାଗର ମୁଖ୍ୟ କମିଶନର ସୁବ୍ରତ କୁମାର ମିଶ୍ର ପ୍ରମୁଖ ଅନୁଷ୍ଠିତ ଆଲୋଚନାରେ ଭାଗ ନେଇ ଫାଇନାନ୍ସ ବିଲ୍ ଉପରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଖୋର୍ଦ୍ଧା ଟ୍ୟାକ୍ସ ବାର୍ ଆସୋସିଏଶନର ସଭାପତି କୈଳାସ ଶର୍ମା, ସମ୍ପାଦକ ସୁବାସ ରଞ୍ଜନ ଆଚାର୍ଯ୍ୟ, ଅଲ୍‌ଇଣ୍ଡିଆ ଫେଡେରେଶନର ଚେୟାରମ୍ୟାନ୍ ନନ୍ଦ ଦୁଲାଲ ସାହା, ସେମିନାରର ଚେୟାରମ୍ୟାନ ରଶ୍ମି ରଞ୍ଜନ ଦାସ, ଧର୍ମେନ୍ଦ୍ର ଯୋଶୀ ଓ ଅନ୍ୟ ଟ୍ୟାକ୍ସ କନ୍‌ସଲ୍‌ଟାଣ୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା।

# ବେସରକାରୀ ଆମ୍ବୁଲାନ୍ସରେ ବୁହା ଚାଲିଛି ମୃତଦେହ

**ଖୋର୍ଦ୍ଧା ଅଫିସ,୨୧।୭**

- କାମରେ ଲାଗୁନି ମହାପ୍ରୟାଣ ଗାଡି
- ଅବସରପ୍ରାପ୍ତ ଡ୍ରାଇଭର ହସ୍ତାନ୍ତର କରୁନାହାନ୍ତି ଚାର୍ଜ

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ମହାପ୍ରୟାଣ ଗାଡି କାମରେ ଲାଗୁନି। ଜୁନରେ ଅବସର ନେଇଥିବା ଡ୍ରାଇଭର ଚାର୍ଜ ହସ୍ତାନ୍ତର କରୁ ନ ଥିବାବେଳେ ବେସରକାରୀ ଆମ୍ବୁଲାନ୍ସ ଡ୍ରାଇଭରମାନେ ମୃତକଙ୍କ ପରିବାରଙ୍କ ଲୋକଙ୍କଠାରୁ ଅଧିକ ଟଙ୍କା ଦାବି କରି ମୃତଦେହ ନେଉଥିବା ଅଭିଯୋଗ ହେଉଛି। ମହାପ୍ରୟାଣ ଦାୟିତ୍ୱରେ ନିୟୋଜିତ ଡ୍ରାଇଭର କାମ ନ କରି ବସି ବସି ଯାଉଛନ୍ତି। ସେପଟେ ମୃତକ ପରିବାର କ୍ଷତିର ସମ୍ମୁଖୀନ ହୋଇ ବେସରକାରୀ ଆମ୍ବୁଲାନ୍ସକୁ ଭରସା କରିବାକୁ ବାଧ୍ୟ ହେଉଛନ୍ତି। ଏଭଳିସ୍ଥଳେ ମହାପ୍ରୟାଣ ଚିକିତ୍ସାଳୟରେ ରଖି ଲାଭ କ'ଣ ବୋଲି ପ୍ରଶ୍ନ ଉଠିଛି। ଶନିବାର ୧୬ ନଂ. ଜାତୀୟ ରାଜପଥର ବଡପୋଖରିଆ ଛକ ନିକଟରେ କାର ଧକ୍କାରେ ବାଇକ୍ ଆରୋହୀ ଟାଙ୍ଗୀ ଥାନା ବଡପାରୀ ପଞ୍ଚାୟତ ପଥରବନ୍ଧଗାଁର ରବୀନ୍ଦ୍ର ଦାସ(୫୮)ଙ୍କ ମୃତ୍ୟୁ ହୋଇଥିଲା। ରବୀନ୍ଦ୍ରଙ୍କ ମୃତଦେହ ମହାପ୍ରୟାଣ ଗାଡିରେ ନେବାକୁ ଚେଷ୍ଟା କରାଯାଇଥିଲା। ହେଲେ ଡ୍ରାଇଭର ସମସ୍ୟା ଜାଣିବା ପରେ ବେସରକାରୀ ଆମ୍ବୁଲାନ୍ସରେ ମୃତଦେହ ଯାଇଥିଲା। ଉଲ୍ଲେଖଥାଉ କି ୦ରୁ ୧୫ କିମି ଭିତରେ ମହାପ୍ରୟାଣ ଗାଡି ଗଲେ ୩୦୦ ଟଙ୍କା ଭଡା ଦେବାକୁ ପଡେ। ୧୫ କିମିରୁ ଅଧିକ ହେଲେ କିମି ପିଛା ୧୦ ଟଙ୍କା ହିସାବରେ ଦେବାକୁ ପଡେ। ଯଦି ବେସରକାରୀ ଆମ୍ବୁଲାନ୍ସରେ ମୃତଦେହ ଯାଏ ତେବେ ସରକାରୀ ଦରଠାରୁ ୩ ଗୁଣା ଅଧିକ ଦେବାକୁ ପଡିଥାଏ।

### ରେଫର ରୋଗୀ ମଧ ଶୋଷଣ

କଟକ ଓ ଭୁବନେଶ୍ୱରକୁ ରେଫର ହେଉଥିବା ରୋଗୀ ମଧ୍ୟ ଶୋଷଣ ହେଉଥିବା ଅଭିଯୋଗ ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ଟି ଆମ୍ବୁଲାନ୍ସ ରହିଥିବାବେଳେ ଜଣେ ସ୍ଥାୟୀ ଡ୍ରାଇଭର ଅଛନ୍ତି। ଡେପୁଟେଡ ହୋଇଥିବା ଡ୍ରାଇଭର କେତେବେଳେ ଆସନ୍ତି ଓ ଯାଆନ୍ତି କେହି ଜାଣନ୍ତି ନାହିଁ। ପଚାରିଲେ ଠିକ୍ ଉତ୍ତର ବି ମିଳିନି। ଏଭଳିସ୍ଥଳେ ବେସରକାରୀ ଆମ୍ବୁଲାନ୍ସ ଏହାର ଫାଇଦା ନେଇ ରେଫର ରୋଗୀଙ୍କୁ କରାୟତ କରି ଫାଇଦା ଉଠାନ୍ତି। ରେଫର ରୋଗୀଙ୍କ ପାଇଁ ଭୁବନେଶ୍ୱର ଭଡା ୫୦୦ ଟଙ୍କା ହୋଇଥିବାବେଳେ କଟକ ୮୦୦ ଟଙ୍କା ରହିଛି। କିନ୍ତୁ ବେସରକାରୀ ଭାବେ ଦୁଇରୁ ଅଢ଼େଇ ଗୁଣ ଦେବାକୁ ପଡେ।

### ଲାଗୁ ହେଉ ରେଟଚାର୍ଟ୍

ସରକାରୀ ଆମ୍ବୁଲାନ୍ସ ପାଇଁ ଯେପରି ରେଟଚାର୍ଟ୍ ରହିଛି ସେହିପରି ବେସରକାରୀ ଆମ୍ବୁଲାନ୍ସ ପାଇଁ ରେଟ୍ ଚାର୍ଟ ରହୁ। ରୋଗୀଙ୍କ ସୁବିଧା ପାଇଁ ଜିଲାପାଳ ଏ ଦିଗରେ ହସ୍ତକ୍ଷେପ କରି ପଦକ୍ଷେପ ନିଅନ୍ତୁ ବୋଲି ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବେସରକାରୀ ଆମ୍ବୁଲାନ୍ସ ରଖା ନ ଯାଉ ବୋଲି ଅଭିଯୋଗ ଉଠିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବେସରକାରୀ ଆମ୍ବୁଲାନ୍ସ ରଖାଯାଇ ପରିବେଶକୁ ବିଶୃଙ୍ଖଳିତ କରାଯାଉଥିବା କୁହାଯାଉଛି। ସେହିଭଳି କେତେଜଣ ସିକ୍ୟୁରିଟି ଗାର୍ଡଙ୍କର ଆମ୍ବୁଲାନ୍ସ ରହିଛି। ସେମାନେ ନିଜର ଆମ୍ବୁଲାନ୍ସ କିପରି ଭଲ ଭଡା ପାଇବ ସେନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଲୁଟୁଛନ୍ତି। ଅନ୍ୟ କେତେଜଣ ସିକ୍ୟୁରିଟି ଗାର୍ଡ ବେସରକାରୀ ଆମ୍ବୁଲାନ୍ସକୁ ଭଡା ଯୋଗାଇବାର ବ୍ୟବସ୍ଥା କରି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି। ଏ ନେଇ ସିଡିଏମଓ ଡା. ବିଜୟ ମହାପାତ୍ର କୁହନ୍ତି, ସରକାରୀ ଆମ୍ବୁଲାନ୍ସ ରେଟ ଚାର୍ଟ୍ ଲାଗୁ ହେଲେ ରୋଗୀ ଉପକୃତ ହେବେ। ଏ ନେଇ ଜିଲାପାଳଙ୍କ ସହ ଆଲୋଚନା କରାଯିବ। ମହାପ୍ରୟାଣର ଅବସରପ୍ରାପ୍ତ ଡ୍ରାଇଭର ଚାର୍ଜ ହସ୍ତାନ୍ତର କରି ସାରିଲେଣି। ଖୁବ୍‌ଶୀଘ୍ର ଅନ୍ୟ ଜଣେ ଏହାର ଦାୟିତ୍ୱ ନେବେ। ତେବେ ମହାପ୍ରୟାଣ ଗାଡିର ସ୍ଥାୟୀ ଡ୍ରାଇଭର ନାହାନ୍ତି। ଡେପୁଟେଡରେ କାମଚଳା ଚାଲିଛି। ବେସରକାରୀ ଆମ୍ବୁଲାନ୍ସ ଜିଲା ମୁଖ୍ୟ ଚିକିତ୍ସାଳୟ ଭିତରେ ରହିବେ କି ନାହିଁ ଆଲୋଚନା କରି ପଦକ୍ଷେପ ନିଆଯିବ। ମହାପ୍ରୟାଣ ଯାନ ମୃତଦେହ ବୋହିବାରେ ଯେପରି ଅସୁବିଧା ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି।



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ଘରୋଇ ଦୁଗ୍ଧ କମ୍ପାନୀରୁ ଚୋରି, ୩ ଗିରଫ

ଗୋପ, ୨୧।୭(ଡି.ଏନ୍.ଏ.): ଗୋପ-କୋଣାର୍କ ରାସ୍ତାର ସାରଡ଼ା ଛକ ନିକଟରେ ଥିବା ଏକ ଘରୋଇ ଦୁଗ୍ଧ କମ୍ପାନୀରୁ ଗତ ୧୬ ତାରିଖ ରାତିରେ ୩୦ ହଜାର ଟଙ୍କାର ମିଲ୍କ ପାଉଡର ଚୋରି ଅଭିଯୋଗରେ ପୋଲିସ ତିନିଜଣଙ୍କୁ ଅଟକ ରଖିଥିଲା। ପରେ କମ୍ପାନୀର ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିବାରୁ ଏହି ଯୁବକମାନେ ଚୋରି କରିଥିବା ଜଣାପଡ଼ିବାରୁ ସେମାନଙ୍କୁ ଗିରଫ କରିଥିଲା। ରବିବାର ଥାନା ମକଦ୍ଦମା ନଂ.୯୬/୧୯ରେ ରୁଜୁକରି ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ପ୍ରିୟା ପ୍ରଧାନଙ୍କୁ ପଚାରିବାରେ ଘରୋଇ ଦୁଗ୍ଧ କମ୍ପାନୀ ସହକାରୀ ପରିଚାଳନା ନିର୍ଦ୍ଦେଶକ କେତନ କୁମାର ମିଶ୍ରଙ୍କ ଏତଲାକୁ ଭିତ୍ତିକରି ୩ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ଚୋରି ମିଲ୍କ ପାଉଡର ପ୍ୟାକେଟ ଜବତ କରାଯାଇଥିବା ସେ ସୂଚନା ଦେଇଥିଲେ।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ ଅଫିସ, ୨୧।୭ : କୁମ୍ଭାରପଡ଼ା ଥାନାଠାରୁ ମାତ୍ର ୫୦ ମିଟର ଦୂର ପୁରୁଣା ଜେଲ ପରିସରରେ ଜଣେ ଯୁବକଙ୍କୁ ରବିବାର ମରଣାନ୍ତକ ଆକ୍ରମଣ କରାଯାଇଛି। ଦୁର୍ବୃତ୍ତମାନେ ବ୍ଲେଡରେ ଯୁବକଙ୍କ ବିଭିନ୍ନ ଅଙ୍ଗକୁ କାଟିଦେବା ସହ ଖଣ୍ଡାରେ ହାଣିଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ କୁମ୍ଭାରପଡ଼ା ଅଞ୍ଚଳର ଶେଖ୍ ସୋଏବ ଖାଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

### କାର୍ଯ୍ୟକ୍ରମକୁ ଆସିଲେନି ମନ୍ତ୍ରୀ: ନିରାଶରେ ଫେରିଲେ ଲୋକେ

ଗୋପ, ୨୧।୭(ଡି.ଏନ୍.ଏ.)-କାକଟପୁର ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଆଇଟି, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ରବିବାର ଅପରାହ୍ନରେ ଏକ କାର୍ଯ୍ୟକ୍ରମକୁ ନ ଆସିବାରୁ କର୍ମୀମାନେ ନିରାଶ ହୋଇ ଫେରିବା ସହ ଅସନ୍ତୁଷ୍ଟ ହୋଇଛନ୍ତି। ଗୋପ ବ୍ଲକର ୧୪ଟି ଗ୍ରାମପଞ୍ଚାୟତ କାକଟପୁର ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ। ବିଧାନସଭା ନିର୍ବାଚନ ପରେ ମନ୍ତ୍ରୀ ଏହି ପଞ୍ଚାୟତ ଗୁଡ଼ିକୁ ଥରୁଟିଏ ବି ଆସି ନ ଥିବାରୁ ଲୋକେ ଅସନ୍ତୁଷ୍ଟ ଅଛନ୍ତି। ୧୫ଦିନ ପୂର୍ବରୁ ଶାରଦା ଗ୍ରାମ ନିକଟରେ ରାମ ମନ୍ଦିର ପ୍ରତିଷ୍ଠା ଲାଗି କାର୍ଡ ଛପାଯାଇ ବଣ୍ଟନ କରାଯାଇଥିଲା। ମନ୍ତ୍ରୀମଧ ଉକ୍ତ କାର୍ଯ୍ୟକ୍ରମକୁ ଆସିବାକୁ ସ୍ୱିକୃତି ପ୍ରଦାନ କରିଥିଲେ। ଏଥିପାଇଁ ଶତାଧିକ ଲୋକେ ସେଠାରେ ରୁଣ୍ଡ ହୋଇଥିଲେ। ମାତ୍ର ମନ୍ତ୍ରୀଙ୍କ ସହ ଅତିଥିମାନେ ନ ଆସିବାରୁ ଲୋକମାନେ ବିରକ୍ତି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ମନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ। ସେହିପରି କୋଣାର୍କ ନଗର ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ମନ୍ତ୍ରୀ ନ ଆସିବାରୁ ମୁଁ ଯାଇ ନ ଥିଲି ବୋଲି କହିଥିଲେ।

### ସମାଜକୁ ବାଟ ଦେଖାଉଛି କବିତା

ପୁରୀ ଅଫିସ, ୨୧।୭: ସ୍ଥାନୀୟ ଚନ୍ଦ୍ରଶେଖର ପାଠାଗାରରେ ଗୁରୁବାର ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦର ଭକ୍ତିମୂଳକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପ୍ରତିମା ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି କବି ହରିହର ମିଶ୍ର ଯୋଗଦେଇ କହିଥିଲେ, କବିତା ଆଜିର ସମାଜକୁ ବାଟ ଦେଖାଉଛି। ବିଶେଷ ଭାବେ ଭକ୍ତି କବିତା ପାଠକ ମନରେ ଭକ୍ତି ଭାବ ସୃଷ୍ଟି କରିବା ସହିତ ସମାଜକୁ ଆଗେଇ ନେବାରେ ପଥ ପ୍ରଦର୍ଶନ କରେ। ମୁଖ୍ୟବକ୍ତା ଭାବେ ଦୟାନିଧି ତ୍ରିପାଠୀ ଯୋଗଦେଇ ସମାଜକୁ ପରିଷଦର ଅବଦାନ ବିଷୟରେ କହିଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦକ ସତ୍ୟନାରାୟଣ ମିଶ୍ର ସମ୍ପାଦକୀୟ ପାଠ କରିଥିଲେ। ସଭା ପରେ ମଞ୍ଜୁଶ୍ରୀ ମିଶ୍ର ଓ ମନ୍ଦାକିନୀ ପଟ୍ଟନାୟକଙ୍କ ସଂଯୋଜନାରେ ବହୁ କବୟିତ୍ରୀ ଓ କବି କବିତା ପାଠ କରିଥିଲେ। କବି ଆର୍ତ୍ତତ୍ରାଣ ମାନସିଂହ ଧନ୍ୟବାଦ ଦେଇଥିଲେ ।

■ ଶୌଚାଳୟ ନିର୍ମାଣ କାର୍ଯ୍ୟ କାଗଜପତ୍ରରେ ଜାଲିଆତି

# ପୁରୁଣା ଶୌଚାଳୟ ଦେଖାଇ ହେଉଛି ନୂଆ ବିଲ୍

ଗୋପ,୨୧।୭(ଡି.ଏନ୍.ଏ.)

■ ୪୧, ୫୨୬ରୁ ନିର୍ମାଣ ହୋଇଛି ୨୮,୩୧୫

■ ଧାର୍ଯ୍ୟ ସମୟରେ ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା

ପୁରୀ ଜିଲାରେ ଗୋପ ବ୍ଲକ ଶୌଚାଳୟ ନିର୍ମାଣରେ ପଛରେ ପଡ଼ିଛି। ମାତ୍ର ସରକାରଙ୍କୁ ରିପୋର୍ଟ ଦେବାବେଳେ କାଗଜପତ୍ରରେ ବ୍ୟାପକ ଜାଲିଆତି କରାଯାଇଥିବା ଜଣାପଡ଼ିଛି। ଏପରିକି ଗ୍ରାମରେ ଥିବା ଅଧିକାଂଶ ପୁରୁଣା ଶୌଚାଳୟ ଗୁଡ଼ିକରେ ରଙ୍ଗ ଦିଆଯାଇ ନୂଆ ବିଲ୍ କରାଯାଉଥିବା ଅଭିଯୋଗ ହୋଇଛି। ଏହିଭଳି ନିର୍ମାଣ କାର୍ଯ୍ୟ ହେଲେ ବ୍ଲକରେ ଏହି ଯୋଜନାର ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ଦେଖାଦେଇଛି। ଗୋପ ବ୍ଲକ୍‌ର ଧୂମାଳ, ସୁତନ, ଶୋରଭା ଗ୍ରାମପଞ୍ଚାୟତକୁ ବାହ୍ୟ ମଳମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରାଯାଇଥିବାବେଳେ ପ୍ରକୃତରେ ଏହି ପଞ୍ଚାୟତରେ ୪୦ ଭାଗ ହିତାଧିକାରୀଙ୍କ ବାଡ଼ିରେ ପାଇଖାନା ନ ଥିବା ଅଭିଯୋଗ ରହିଛି। ଏଭଳିସ୍ଥଳେ ବ୍ଲକ୍ ଜଳ ପରିମଳ ବିଭାଗ କେବଳ ନିଜର ପାରିବାପଣିଆକୁ ଦେଖାଇବା ପାଇଁ ଏପରି କରୁଛନ୍ତି। ଗୋପ ବ୍ଲକରେ ତାଲିକା ପ୍ରସ୍ତୁତ କରାଯାଇ ଶୌଚାଳୟ ନ ଥିବା ୪୧ ହଜାର ୫୨୬ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ମାତ୍ର ଏହି ଯୋଜନା ସରିବାକୁ କିଛିମାସ ଥିବାବେଳେ ଏପର୍ଯ୍ୟନ୍ତ ମାତ୍ର ୨୮ ହଜାର ୩୧୫ଟି ଶୌଚାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତେବେ ବ୍ଲକ୍‌ରେ ୬୮.୧୯ ପ୍ରତିଶତ ଶୌଚାଳୟ ନିର୍ମାଣ କାର୍ଯ୍ୟ ସରିଥିବାବେଳେ ବାକି୩୧.୮୧ ପ୍ରତିଶତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସରିବା ନେଇ ଆଶଙ୍କା ଦେଖାଦେଇଛି। ଅଚ୍ୟୁତପୁର ପଞ୍ଚାୟତରେ ୯୬୦ରୁ ଏଯାବତ ୭୬୧ଟି ଶୌଚାଳୟ ସମ୍ପୂର୍ଣ୍ଣ ହୋଇଛି। ସେହିପରି ଅଣ୍ଡରା ଇଚ୍ଛାପୁର ପଞ୍ଚାୟତରେ ୧୧୦୧ରୁ ୪୮୨ଟି, ବଡ଼ଗାଁ ପଞ୍ଚାୟତରେ ୧୦୯୨ରୁ ୬୨୯ଟି, ବଡ଼ତରା ପଞ୍ଚାୟତରେ ୧୩୬୭ରୁ ୮୯୨ଟି ଶୌଚାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବନାଖଣ୍ଡି ପଞ୍ଚାୟତରେ ୧୩୯୭ ମଧ୍ୟରୁ ୧୧୦୭ଟି ଶୌଚାଳୟ ନିର୍ମାଣ ହୋଇଥିବାବେଳେ ବଣିଆସାହି ୧୧୩୬ରୁ ୫୬୩, ବନ୍ତଳୀଗ୍ରାମ ୧୨୯୩ରୁ ୩୯୮, ଏରବଙ୍ଗ ୧୫୯୯ରୁ ୭୫୫, ଗଡ଼ଭିଙ୍ଗୁରା ୬୭୩ରୁ ୩୧୬, ଗଣେଶ୍ୱରପୁର ୨୧୮୬ରୁ ୧୬୨୩, ଗୋପ ୩୦୭୭ରୁ ୨୩୭୨, ଇଶାଣପୁର ୮୯୨ରୁ ୭୨୭, ଇଟିଭୂଆଁ ୬୬୪ରୁ ୫୨୪, ଜଙ୍ଗଲବୋରି ୧୫୫୩ରୁ ୧୨୦୬, କୁଆଁପଡ଼ା ୧୪୧୫ରୁ ୬୫୦, ମହଲପଡ଼ା ୧୩୮୩ରୁ ୧୧୭୮, ନାଗପୁର ୨୬୩୯ରୁ ୧୭୦୪, ନୂଆଖୋଲମରା ୯୨୪ରୁ ୫୧୬, ପୟରା ୧୦୬୫ରୁ ୬୫୦, ରାହାଙ୍ଗଗୋରଡ଼ା ୯୭୯ରୁ ୩୬୩, ବେଦପୁର ୧୪୦୮ରୁ ୯୪୯, ବୀରତୁଙ୍ଗ ୧୬୫୧ରୁ ୧୨୩୫, ବଉଲାଙ୍ଗ ୧୫୧୦ରୁ ୧୨୨୦, ଛଇତନା ୧୨୦୫ ମଧ୍ୟରୁ ୭୧୩, ଡଭାର ୬୩୮ରୁ ୪୨୩, ଦେଓ୍ୱଳୀ ୧୨୪୬ରୁ ୬୧୦, ତରକୋର ଗ୍ରାମ ପଞ୍ଚାୟତରେ ୧୨୪୮ ନିର୍ମାଣ କରିବାକୁ ଥିବାବେଳେ ୮୫୦ଟି ଶୌଚାଳୟ ସମ୍ପୂର୍ଣ୍ଣ ହୋଇଛି। ଏହି କାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ପଞ୍ଚାୟତସ୍ତରରେ ୪୧ଜଣ ମୋଟିଭେଟରଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ବ୍ଲକ କାର୍ଯ୍ୟାଳୟରେ ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ପାଇଁ କର୍ମଚାରୀ ନିଯୁକ୍ତି କରାଯାଇଛି। ଶୌଚାଳୟ ହେବାପରେ ହିତାଧିକାରୀଙ୍କ ଜମାଖାତାକୁ ପ୍ରୋତ୍ସାହନ ବାବଦ ୧୨ହଜାର ଟଙ୍କା ଦିଆଯାଉଥିବାବେଳେ କେତେକ କ୍ଷେତ୍ରରେ ହିତାଧିକାରୀ ଶୌଚାଳୟ ନିର୍ମାଣ ସାରି ଦୀର୍ଘଦିନ ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ୁଥିଲେ ମଧ ଅର୍ଥ ମିଳୁ ନ ଥିବା ଅଭିଯୋଗ ରହିଛି। ଏହାସହ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ବାରମ୍ବାର ବୈଠକ କରାଯାଉଥିଲେ ବି କୌଣସି ସୁଫଳ ମିଳୁ ନାହିଁ। ଏଥିପାଇଁ ଛତିଶଗଡ଼ରୁ ଏକ ଟିମ୍ ଅଣାଯାଇ ପାଇଖାନା ନିର୍ମାଣ କରାଯାଉଛି। ଗୋପ ବ୍ଲକ୍‌ରେ ଆହୁରି ୩୧ ପ୍ରତିଶତ କାର୍ଯ୍ୟ ବାକିଥିବାବେଳେ ଅକ୍ଟୋବର ୨ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ଗୋପ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ବ୍ଲକ୍‌ରେ ପାଇଖାନା ନିର୍ମାଣ କାର୍ଯ୍ୟ ଅଗ୍ରଗତି କରିବା ଲାଗି ଉଦ୍ୟମ ଚାଲିଛି। କିପରି ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ସେଥିପ୍ରତି ଦୃଷ୍ଟି ଦିଆଯାଉଛି।



ଆଇନ ସଚେତନତା ଶିବିରରେ ଯୋଗଦେଇଥିବା ଅତିଥିମାନେ ।

# ଜିଲାସ୍ତରୀୟ ଆଇନ ସଚେତନତା ଶିବିର

ବ୍ରହ୍ମଗିରି, ୨୧।୭(ଡି.ଏନ୍.ଏ.)

ଜିଲା ଆଇନ ସେବା ପ୍ରାଧିକରଣ ସଂସ୍ଥା ତରଫରୁ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ହରିଶ୍ୱରଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଜିଲାସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପୁରୀ ଜିଲାଜଜ୍ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଜିଲାରେ କୌଣସି ଶିଶୁ ଅବହେଳିତ ରହିବେ ନାହିଁ । ଏଥି ପାଇଁ ଜିଲାପ୍ରଶାସନ ବିଚାର ବିଭାଗ ସଚେତନ ରହିଛି। ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ମତଦେଇଥିଲେ। ଶିଶୁ ସୁରକ୍ଷା, ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିମନ୍ତେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରରେ ସିଡବ୍ଲୁସି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ଏସ୍‌ଡିଜେମ୍ ଅନୁସ୍ମୃତି ଚୌଧୁରୀ, ଜେଏମ୍‌ଏଫସି ଶୁଭଙ୍କର ମହାପାତ୍ର, ପ୍ରୋଟୋକଲ ଅଫିସର ଦେବାଶିଷ ମହାନ୍ତି, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର, ସିଡବ୍ଲୁସି ସଦସ୍ୟ ରମାଶଙ୍କର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ସଚେତନତା ଶିବିରରେ ଯୋଗ ଦେଇଥିବା ୫ଶହରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁ ମାନଙ୍କୁ ଶିଶୁ ସୁରକ୍ଷା ନେଇ ଶପଥ ପାଠ କରାଯାଇଥିଲା।

# ସମସ୍ତଙ୍କ ସହଯୋଗରେ ସମାଜର ଉନ୍ନତି ସମ୍ଭବ

ପୁରୀ ଅଫିସ, ୨୧।୭:



ଯୁବ ଶିବିରରେ ଯୋଗଦେଇଥିବା ଯୁବତୀ ଯୁବକ ।

ଯୁବ ଶକ୍ତି ହେଉଛି ରାଷ୍ଟ୍ରଶକ୍ତି। ଯୁବ ସମାଜ ଜାଗ୍ରତ ହେଲେ ରାଷ୍ଟ୍ରର ବିକାଶ ହେବ। ତେଣୁ ଯୁବ ସମାଜ ଚାକିରି ପଛରେ ଧାଇଁବା ପରିବର୍ତ୍ତେ ନିଜ ଦକ୍ଷତା ଓ ପ୍ରତିଭା ବିକାଶ ଲାଗି ଉଦ୍ୟମ କରିବା ଆବଶ୍ୟକ। ସେହିପରି ସମସ୍ତଙ୍କ ସହଯୋଗରେ ସମାଜର ଉନ୍ନତି ହୋଇପାରିବ। ବଳିଆପଣ୍ଡା ବସ୍ତିସ୍ଥିତ ଧବଳେଶ୍ୱର ମନ୍ଦିର ପରିସରରେ ରବିବାର ମା' ମଙ୍ଗଳା ଯୁବକ ସଂଘ ପକ୍ଷରୁ ଆୟୋଜିତ ଯୁବ ସମ୍ମିଳନୀରେ ଏହି ମତ ପ୍ରକାଶ ପାଇଛି।

ସଂଘ ସମ୍ପାଦକ ତଥା ଯୁବ ସଙ୍ଗଠକ ମନୋଜ ମଣ୍ଡଳଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସିଡବ୍ଲୁସି ଚେୟାରମ୍ୟାନ ସିଦ୍ଧାର୍ଥ ରାୟ ଯୋଗଦେଇ ଶିଶୁ ଅଧିକାର ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ରାଷ୍ଟ୍ରର ପ୍ରଗତିରେ ଯୁବ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବାତ୍ୟା ଫନୀରେ ପୁରୀ ସହରରେ ବ୍ୟାପକ ଗଛ ନଷ୍ଟ ହୋଇଛି। ସଂଘର ସଦସ୍ୟମାନେ ଏକାଠି ହୋଇ ବ୍ୟାପକ ଚାରାରୋପଣ କରିବା ସହ ଏଥିପାଇଁ ଅନ୍ୟକୁ ପ୍ରେରିତ କରିବା ଉଚିତ। ଛୋଟ ଛୋଟ କାମ ଦ୍ୱାରା ସମାଜର ବିକାଶ ସାଧନ ହୋଇଥାଏ। ସମସ୍ତଙ୍କ ସହଯୋଗ ରହିଲେ ନିଶ୍ଚିତ ସଫଳତା ମିଳିବ। ସେହିପରି ନିଜ ଅଞ୍ଚଳର ବିକାଶ ଏବଂ ବସ୍ତିରେ ରହୁଥିବା ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ବିକାଶ ପ୍ରତି ଧ୍ୟାନ ଦେବାକୁ ସେ କହିଥିଲେ।

ଯୁବ ସାମାଜିକ କର୍ମୀ ବିପିନ ମହାନ୍ତି ଯୋଗଦେଇ କହିଥିଲେ, ସମାଜ ପ୍ରତି ପ୍ରତ୍ୟେକ ଯୁବକଙ୍କ ଉତ୍ତର ଦାୟିତ୍ୱ ରହିଛି। ସବୁବେଳେ ସରକାରଙ୍କୁ ଦୋଷ ନ ଦେଇ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେବା ଉଚିତ। ଯୁବପିଢ଼ି ନିଜ ଅଞ୍ଚଳର ବିକାଶ ତଥା ସ୍ୱଚ୍ଛ ଓ ସୁନ୍ଦର ପରିବେଶ ଗଠନ ଲାଗି ଅଣ୍ଟା ଭିଡ଼ନ୍ତୁ। କୌଣସି ସମସ୍ୟାର ସମାଧାନ ଆପେ ଆପେ ହୋଇଯିବ ନାହିଁ। ଏଥିଲାଗି ସମସ୍ତଙ୍କୁ ମିଳିମିଶି ଉଦ୍ୟମ କରିବାକୁ ପଡ଼ିବ। ସେହିପରି ସଂଘ ସମ୍ପାଦକ ମଣ୍ଡଳ କହିଥିଲେ, ଆଗାମୀ ଦିନରେ ସଂଘ ପକ୍ଷରୁ ଚାରାରୋପଣ, ମାଗଣା ସ୍ୱାସ୍ଥ୍ୟସେବା, ସଂସ୍କାର କେନ୍ଦ୍ର ଆୟୋଜନ ଲାଗି ପଦକ୍ଷେପ ନିଆଯିବ। ଏହି ସମ୍ମିଳନୀରେ ବିକ୍ରମ ନାୟକ, ରାମଚନ୍ଦ୍ର ବେହେରା, ମାମା ପ୍ରଧାନ, ପିଣ୍ଟୁ ପାଲ, ସୁଷମା ମଲିକ, ବିକ୍ରମ ପ୍ରଧାନଙ୍କ ସମେତ ସ୍ଥାନୀୟ ବସ୍ତିର ଯୁବକମାନେ ଯୋଗଦେଇଥିଲେ।

# ଅକ୍ଟୋବର ୧୪ରୁ ତିନିଦିନିଆ କୁମାର ଉତ୍ସବ

ପୁରୀ ଅଫିସ, ୨୧।୭:

କୁମାର ଉତ୍ସବ ସମିତି ଆନୁକୂଲ୍ୟରେ ୫୨ତମ କୁମାରୋତ୍ସବ ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ସ୍ଥାନୀୟ ଶ୍ରୀଲୋକନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମିତି ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ୨୦୧୮ ଉତ୍ସବର ଆୟ ବ୍ୟୟ ବିବରଣୀ ରଖିଥିଲେ। ଚଳିତ ବର୍ଷ ଅକ୍ଟୋବର ୧୪, ୧୫ ଓ ୧୬ ତିନିଦିନ ବ୍ୟାପୀ ମୁକ୍ତାକାଶ ରଙ୍ଗମଞ୍ଚରେ କୁମାରୋତ୍ସବ ପାଳନ କରାଯିବ। ଏହି ଅବସରରେ ବିଭିନ୍ନ ଜିଲାସ୍ତରୀୟ ପ୍ରତିଯୋଗିତା ଆୟୋଜନ ସହ ଅନୁଷ୍ଠାନର ମୁଖପତ୍ର ଉନ୍ମୋଚନ ହେବ। ଅଗଷ୍ଟ ୧୮ରେ ବିଭିନ୍ନ ଅନୁଷ୍ଠାନ ସହଯୋଗରେ ମେଗା ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଚଳିତ ଉତ୍ସବର ଅଧ୍ୟକ୍ଷ ଭାବେ ଉମାବଲ୍ଲଭ ରଥ ଓ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଭାବେ ଅମିତାଭ କର ମନୋନୀତ ହୋଇଛନ୍ତି।

# ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଅପରାଧ ବଢ଼ୁଛି

ପୁରୀ ଅଫିସ,୨୧।୭:

ଅଶାନ୍ତ ହୋଇପଡ଼ିଛି ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ। ଏହି ଜାତୀୟରାଜପଥରେ ଦିନ ଦ୍ୱିପହରରେ ଲୁଟ, ରାହାଜାନି, ଗୁଳିମାଡ଼, ବୋମାମାଡ଼, ହତ୍ୟା ଘଟଣା ଘଟୁଛି। ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ପୋଲିସ ହାତ ବାନ୍ଧି ବସିଛି। ଗତ ରବିବାର ସତ୍ୟବାଦୀ ଥାନା ଅଧୀନ ପଟ୍ଟନାୟିକିଆ ଛକରେ ୩ଜଣଙ୍କୁ ଦୁର୍ବୃତ୍ତମାନେ ଅତି ନୃଶଂସ ଭାବେ ଗୋଡାଇ ଗୋଡାଇ ହାଣି ହତ୍ୟା କରିଥିଲେ। ସେହିପରି ବିଭିନ୍ନ ସମୟରେ ରାହାଜାନୀ, ଲୁଟ୍ ହେଉଛି। ବିଳମ୍ବିତ ରାତିରେ ବିଭିନ୍ନ ଗାଡ଼ି ଅଟକାଇ ବନ୍ଧୁକ ମୁନରେ ଟଙ୍କା, ଗହଣା ଆଦି ଲୁଟି ନିଆଯାଉଛି। ଗତ ୨୦୧୬ରେ ପଟ୍ଟନାୟିକିଆ ଛକରେ ଜଣେ ଦମ୍ପତିଙ୍କୁ ଗୁଳିମାଡ଼ ହୋଇଥିଲା। ଏଥିରେ ସ୍ୱାମୀ ପ୍ରାଣ ହରାଇଥିବା ବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଥିଲେ। ୨୦୧୭ରେ ସତ୍ୟବାଦୀ ଥାନା ନିକଟ ଓଭରବ୍ରିଜ ଉପରେ ପୁରୀରୁ ବାଇକ୍ ଯୋଗେ ଭୁବନେଶ୍ୱର ଯାଉଥିବା ଦୁଇଜଣ ଯୁବକଙ୍କୁ ଅଟକାଇ ଟଙ୍କା ଲୁଟି ନିଆଯାଇଥିଲା। ଚଳିତ ବର୍ଷର ରଥଯାତ୍ରା ସମୟରେ ମଧ ରାତିରେ ଅନେକ ଯାତ୍ରୀଙ୍କୁ ଦୁର୍ବୃତ୍ତମାନେ ଜାତୀୟ ରାଜପଥରେ ଅଟକାଇ ଲୁଟ୍ କରିଥିବା ଜଣାପଡ଼ିଛି। ପଟ୍ଟନାୟିକିଆ ଛକ ଏବେ ଅପରାଧୀମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଥିଯୋଗୁ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନେ ଭୟାବସ୍ଥାରେ ରହୁଛନ୍ତି। କେତେଜଣ ଅପରାଧୀ ଗ୍ୟାଙ୍ଗ କରି ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଉଠାଦୋକାନୀଙ୍କ ଠାରୁ ବଟି ଆଦାୟ କରୁଛନ୍ତି। ନ ଦେଲେ ହଇରାଣ କରୁଛନ୍ତି। ଏପରିକି ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ପୂର୍ବ ଶତ୍ରୁତାରୁ ପଟ୍ଟନାୟିକିଆ ଛକ ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ପୂର୍ବ ମାମଲାରେ ଅପରାଧୀମାନେ ଜେଲରୁ ଜାମିନ୍‌ରେ ଆସିବା ପରେ ବି ସେମାନଙ୍କ ଉପରେ ପୋଲିସ ନଜର ରଖି ନ ଥିଲା। ତେଣୁ ହତ୍ୟାକାଣ୍ଡ ଘଟିଲା ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ଏ ନେଇ ଏସ୍‌ପି ଡା. ଉମାଶଙ୍କର ଦାଶଙ୍କୁ ପଚାରିବାରେ କହିଛନ୍ତି ଯେ, ଉକ୍ତ ଘଟଣା ପରଠାରୁ ଜାତୀୟ ରାଜପଥ ଏବଂ ସଦାନନ୍ଦପୁର ଗ୍ରାମରେ ପୋଲିସ ମୁତୟନ ରହିଛନ୍ତି। ସେହିପରି ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି।

# ଇତିହାସକୁ ଭୁଲିଲେ ସଂସ୍କୃତି ହଜିଯିବ

ପୁରୀ ଅଫିସ, ୨୧।୭ :

ଭାରତ ଏକ ପ୍ରାଚୀନ ଗୌରବମୟ ରାଷ୍ଟ୍ର। ଏହାର ସଂସ୍କୃତି, ପରମ୍ପରା ବିଶ୍ୱକୁ ଦିଗ୍‌ଦର୍ଶନ ଦେଇଆସିଛି। ମାତ୍ର ଭାରତୀୟମାନେ ଆଜି ନିଜ ସଂସ୍କୃତି, ପରମ୍ପରାକୁ ଭୁଲି ବିଦେଶୀ ସଂସ୍କୃତି ପଛରେ ଧାଇଁଛନ୍ତି। ପ୍ରାଚୀନ ଐତିହ୍ୟ ଗୌରବମୟ ଇତିହାସକୁ ଛାଡ଼ି ଆଧୁନିକ ପାଶ୍ଚାତ୍ୟ ସଂସ୍କୃତି ପଛରେ ପଡ଼ିଛନ୍ତି। ଭୋଗବାଦୀ ସଂସ୍କୃତିକୁ ସର୍ବସ୍ୱ ଭାବି ନେଇଛନ୍ତି। ଯେଉଁ ସଂସ୍କୃତି ଦିନେ ବିଦେଶକୁ ଦିଗ୍‌ଦର୍ଶନ ଦେଉଥିଲା ସେହି ସଂସ୍କୃତି ଧୀରେ ଧୀରେ ହଜିଯିବାକୁ ବସିଛି। ସଂସ୍କୃତି ଓ ପରମ୍ପରା ହେଉଛି ଗୋଟିଏ ରାଷ୍ଟ୍ରର ପରିଚୟ। ଏହା ହଜିଲେ, ତାହା ସହିତ ସେହି ରାଷ୍ଟ୍ରର ଅସ୍ମିତା ମଧ ହଜିଯିବ। ଇତିହାସକୁ ଭୁଲିଗଲେ ସଂସ୍କୃତି ଲୋପପାଇଯିବ। ରବିବାର ସ୍ଥାନୀୟ ରାଣୀସତୀ ଭବନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଶ୍ରୀ ଗୁରୁ ଦକ୍ଷିଣା ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁରୀ ବିଭାଗର ସହ ସଂଘଚାଳକ ଶିକ୍ଷାବିତ୍ ରମେଶ ଚନ୍ଦ୍ର ମାଝି ଏହା କହିଛନ୍ତି। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ରାଉତ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ସାହୁ, ଜିଲା ବ୍ୟବସ୍ଥା ପ୍ରମୁଖ ବାମଦେବ ନାୟକ, କାର୍ଯ୍ୟବାହ ସର୍ବେଶ୍ୱର ବିଶୋଇ, ବିଜୟ ସାମଲ ପ୍ରମୁଖ ଯୋଗଦେଇଥିଲେ। ସ୍ୱୟଂସେବକମାନେ ଗୁରୁ ଗୈରିକ ପତାକା ପ୍ରତି ସମର୍ପଣ ଭାବ ପ୍ରକାଶ କରିଥିଲେ।

# ୨୩ ହଜାର ୪୭୧ ବିପନ୍ନଙ୍କୁ ମିଳିଲା ଘରଭଙ୍ଗା ସହାୟତା

ନିମାପଡ଼ା,୨୧।୭(ଡି.ଏନ୍.ଏ.)

ବାତ୍ୟା ଫନୀରେ ନିମାପଡ଼ା ବ୍ଲକର ୩୨ଟି ଗ୍ରାମପଞ୍ଚାୟତ, ଏନଏସିର ୧୧ଟିୱାର୍ଡବିଧ୍ୱସ୍ତ ହୋଇପଡିଥିବାବେଳେ ପ୍ରାୟ ୨ଲକ୍ଷରୁ ଊର୍ଦ୍ଧ୍ୱ ବିପନ୍ନଙ୍କ ଘର ଭାଙ୍ଗି ମାଟିରେ ମିଶିଯାଇଛି। ପରେ ପ୍ରାଥମିକ ତଦନ୍ତ ହେବାରୁ ୩୦ହଜାର ଲୋକଙ୍କ ଘର ନଷ୍ଟ ହୋଇଥିବା ରାଜସ୍ୱ ବିଭାଗ ପକ୍ଷରୁ ଜଣାପଡିଛି। ତେବେ ତହସିଲ ଅଞ୍ଚଳରେ ୪ହଜାର ୧୧୨ଜଣ ବିପନ୍ନଙ୍କ ଘର ଅଧିକ ନଷ୍ଟ ହୋଇଥିବାବେଳେ ୧୯ହଜାର ୩୫୯ ବିପନ୍ନଙ୍କ ଆଂଶିକ ଭାବେ କ୍ଷତି ହୋଇଥିବା ରାଜସ୍ୱ ବିଭାଗ ଜଣାଇଛି। ଏହି ପରିପ୍ରେକ୍ଷୀରେ ନିମାପଡ଼ା ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨୩ହଜାର ୪୭୧ଜଣ ବିପନ୍ନଙ୍କ ଆକାଉଣ୍ଟକୁ ୧୧କୋଟି ୨ଲକ୍ଷ ଟଙ୍କା ଘରଭଙ୍ଗା ସହାୟତା ଦିଆଯାଇଥିବା ତହସିଲଦାର କମଳଜିତ ଦାସ କହିଛନ୍ତି। ଅନ୍ୟପଟେ ରାଜସ୍ୱ ନିରୀକ୍ଷକ, ଜିଆର୍‌ଏସମାନଙ୍କ ପକ୍ଷରୁ ହୋଇଥିବା ଘରଭଙ୍ଗା ତଦନ୍ତରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ୧୩ହଜାର ବିପନ୍ନ ଅଭିଯୋଗ କରିବା ସହ ପଞ୍ଚାୟତ ଅଫିସ ଓ ତହସିଲ ଅଫିସରେ ଏନେଇ ଏକ ଦରଖାସ୍ତ ଆବେଦନ କରିଥିଲେ। ଏହି ଅଭିଯୋଗ ହେବା ପରେ ତହସିଲଦାର ଓ ଅତିରିକ୍ତ ତହସିଲଦାରମାନେ ଯୁଦ୍ଧକାଳୀନ ଭିତ୍ତିରେ ପୁନଃତଦନ୍ତ ଚଳାଇଛନ୍ତି। ଅଦ୍ୟାବଧି ଶତକଡ଼ା ୫୦ପ୍ରତିଶତ ତଦନ୍ତ ସରିଥିବାବେଳେ ଅବଶିଷ୍ଟ ତଦନ୍ତ ଖୁବଶୀଘ୍ର ଶେଷ କରାଯାଇ ଘରଭଙ୍ଗା ସମସ୍ତ ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ଦାସ କହିଛନ୍ତି।

# ଘରଭଙ୍ଗା ତାଲିକା ସଂଶୋଧନ ପାଇଁ ଦାବିପତ୍ର

କୋଣାର୍କ, ୨୧।୭(ଡି.ଏନ୍.ଏ.)



ଜଣେ ବିଧବା ନିରାଶ୍ରୟା ମହିଳା ଘରଭଙ୍ଗା ତାଲିକା ସଂଶୋଧନ ପାଇଁ ଗୋପ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ମେ ୩ ତାରିଖ ପ୍ରଳୟଙ୍କରୀ ସାମୁଦ୍ରିକ ଝଡ଼ ଫନୀରେ ମହଲପଡା ପଞ୍ଚାୟତ ଅଧିନସ୍ଥ ଆମ୍ବିଳିଗାଁ ଗ୍ରାମର ବିଧବା ମହିଳା ପ୍ରମିଳା ପାତ୍ରଙ୍କ ଘରଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି କ୍ଷତିଗ୍ରସ୍ତ ହୋଇଥିଲା। ସ୍ଥାନୀୟ ରାଜସ୍ୱ ବିଭାଗ ପକ୍ଷରୁ ଘରଭଙ୍ଗା ସର୍ଭେ ସମୟରେ ସମ୍ପୂର୍ଣ୍ଣ ବଦଳରେ ଆଂଶିକ ଭାବରେ କ୍ଷତିଗ୍ରସ୍ତ ହୋଇଥିବା ବିଭାଗ ପକ୍ଷରୁ ତାଲିକା ପ୍ରକାଶ ପାଇଛି। ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ପ୍ରମିଳା ଦୟନୀୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି। ଏ ନେଇ ରାଜସ୍ୱ ବିଭାଗ ପକ୍ଷରୁ ପୁନଃ ତଦନ୍ତ କରାଯାଇ ଆଂଶିକ ବଦଳରେ ସମ୍ପୂର୍ଣ୍ଣ ଘରଭଙ୍ଗା ସହାୟତା ପ୍ରଦାନ କରିବା ପାଇଁ ଗୋପ ତହସିଲଦାରଙ୍କୁ ପ୍ରମିଳା ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ବନ୍ଧରେ ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କୁ ପଚାରିବାରେ ଏହି ଘଟଣାକୁ ଗୁରୁତର ସହ ବିଚାର କରାଯାଇ ରାଜସ୍ୱ ନୀରିକ୍ଷକଙ୍କ ମାଧ୍ୟମରେ ପୁନଃ ତଦନ୍ତ କରାଯାଇ ଘରଭଙ୍ଗା ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ।

■ କଂସାରି ସମାଜର ରାଜ୍ୟସ୍ତରୀୟ ସାଙ୍ଗଠନିକ ବୈଠକ

# 'ଏକାଠି ହେଲେ ସ୍ୱର ସୁଦୃଢ଼ ହେବ'

ପୁରୀ ଅଫିସ, ୨୧।୭:

**ନିଖିଳ ଉତ୍କଳ କଂସାରି ମହାସଂଘ ଗଠିତ**




କଂସାରି ସମାଜ ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ ।

ହକ୍ ପାଇବାକୁ ହେଲେ ମିଳିତ ସ୍ୱର ଉଠାଇବାକୁ ପଡ଼ିବ। ଜଣେ ଜଣେ କରି ସ୍ୱର ଉଠାଇବା ଅପେକ୍ଷା ମିଳିତ ସ୍ୱର ଅଧିକ ସୁଦୃଢ଼ ହେବ ଏବଂ ଆମର ଲକ୍ଷ୍ୟ ହାସଲ ମଧ ହାସଲ ହୋଇପାରିବ। ପୁରୀଠାରେ ଆୟୋଜିତ କଂସାରି ସମାଜର ରାଜ୍ୟସ୍ତରୀୟ ସାଙ୍ଗଠନିକ ବୈଠକରେ ଏହି ମତ ପ୍ରକାଶ ପାଇଛି।

ବଡ଼ଶଙ୍ଖସ୍ଥିତ ଏଚ୍‌ଆର୍ ଲଜ୍ ପରିସରରେ ରବିବାର ଅନୁଷ୍ଠିତ ବୈଠକରେ ନିଖିଳ ଉତ୍କଳ କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖା ସଭାପତି ଅଖିଳ କୁମାର ମହାରଣା ଅଧ୍ୟକ୍ଷତା କରିଥିଲେ। ପ୍ରଭୁନାରାୟଣ ମହାପାତ୍ରଙ୍କ ଦ୍ୱାରା ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟିକା ରୀତା ସାହୁ ଯୋଗଦେଇଥିଲେ। ସରକାରୀ ପ୍ରୋତ୍ସାହନ ଅଭାବରୁ ହଜାର ହଜାର କଂସା ପିତ୍ତଳ କାରିଗର ଏବେ କୌଳିକ ବୃତ୍ତି ଛାଡ଼ି ଅନ୍ୟ ପନ୍ଥାର ଆଶ୍ରୟ ନେଉଛନ୍ତି। କଂସା ପିତ୍ତଳ ଶିଳ୍ପ ପ୍ରତି ସରକାରଙ୍କ ଉଦାସୀନତା ଯୋଗୁ ଇଚ୍ଛା ଥିଲେ ବି ଅନେକ କାରିଗର ଏହି ବୃତ୍ତିରୁ ମୁହଁ ଫେରାଇବାକୁ ଏକପ୍ରକାର ବାଧ ହେଉଛନ୍ତି। ଅନ୍ୟପକ୍ଷରେ ଏହି ବୃତ୍ତିକୁ ଜାବୁଡ଼ି ଧରିଥିବା ଅଧିକାଂଶ ପରିବାର ଏବେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ରାଜ୍ୟର ବିଭିନ୍ନ ଜିଲାରେ କଂସା ପିତ୍ତଳ କାରିଗରମାନେ ଆଞ୍ଚଳିକ ସଙ୍ଗଠନ କରି ସେମାନଙ୍କ ସମସ୍ୟା ସମାଧାନ ନିମନ୍ତେ ପ୍ରୟାସ ଚଳାଇଥିଲେ ମଧ ସଫଳତା ପାଇପାରୁନାହାନ୍ତି। ତେଣୁ ସମସ୍ତ କଂସାରି କାରିଗର ମିଳିତ ଭାବେ ନିଜ ଦାବିକୁ ସରକାରଙ୍କ ପାଖରେ ଉପସ୍ଥାପନ କରିପାରିଲେ ନିଶ୍ଚିତ ସଫଳତା ମିଳିବ ବୋଲି ଏହି ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ନିଖିଳ ଉତ୍କଳ କଂସାରି ମହାସଂଘ ଓଡ଼ିଶା ଗଠନ କରାଯାଇଥିଲା। ସଭାପତି ଭାବେ ପୂର୍ବତନ ବିଧାୟିକା ରୀତା ସାହୁ, କାର୍ଯ୍ୟକାରୀ ସଭାପତି ଭାବେ ଅଖିଳ କୁମାର ମହାରଣା ଏବଂ କୋଷାଧ୍ୟକ୍ଷ ଭାବେ କୈଳାସ ଚନ୍ଦ୍ର ସାହୁଙ୍କୁ ଚୟନ କରାଯାଇଛି। ସେହିପରି ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୬ଜଣ ଉପସଭାପତି, ୬ଜଣ ସହ ସମ୍ପାଦକ, ଜଣେ ସମ୍ପାଦକ ଓ ୩୦ଜଣଙ୍କୁ କମିଟି ସଦସ୍ୟ ଭାବେ ଚୟନ କରାଯାଇଥିବା ଜଣାପଡ଼ିଛି। ଗିରିଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିବାବେଳେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କଂସାରି କାରିଗର ଉକ୍ତ ବୈଠକରେ ଉପସ୍ଥିତ ଥିଲେ।